ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, February 2/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 70 | ମୂଲ୍ୟ ₹୭/-



**ସବୁ ଫର୍ମାଟରେ ଗିଲ୍‌ଙ୍କ ଶତକ**
ଭାରତର ପଞ୍ଚମ ବ୍ୟାଟରଭାବେ କ୍ରିକେଟର ତିନୋଟି ଯାକ ଫର୍ମାଟରେ ଶତକ ହାସଲ କରିଛନ୍ତି ଶୁବମନ ଗିଲ୍। ୧୬

୧୩ **ଇବ୍ରାହିମ୍‌ଙ୍କ ବଲିଉଡ୍ ଡେବ୍ୟୁ**
ବଲିଉଡ୍ ଅଭିନେତା ସୈଫ୍ ଅଲି ଖାଁଙ୍କ ପୁଅ ଇବ୍ରାହିମ୍ ଅଲି ଖାଁ କରନ ଜୋହରଙ୍କ ନୂତନ ପ୍ରୋଜେକ୍ଟ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି।



# ବଜେଟରେ ନିର୍ବାଚନୀ ଥୋପ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୨(ବ୍ୟୁରୋ)**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଚଳିତବର୍ଷ ହେବାକୁ ଥିବା ମେଘାଳୟ, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ, କର୍ନାଟକ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ବିଧାନସଭା ଏବଂ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପଞ୍ଚମ ପୂର୍ଣ୍ଣାଙ୍ଗ ବଜେଟ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହୋଇଥିବା ଦେଖିବାକୁ ମିଳିଛି। ଆସନ୍ତା ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଶେଷ ପୂର୍ଣ୍ଣାଙ୍ଗ ବଜେଟ ହୋଇଥିବାରୁ ଏଥିରେ ବିଶେଷକରି ମଧ୍ୟବିତ୍ତ ଓ ମହିଳାଙ୍କୁ ଅଧିକ ଫୋକସ୍ କରାଯାଇଛି। ବଜେଟରେ ଆୟକର ଟିକସ ସ୍ଲାବରେ ପରିବର୍ତ୍ତନ ଓ ସରଳୀକରଣ କରାଯାଇ ମଧ୍ୟବିତ୍ତ ବର୍ଗଙ୍କୁ ସନ୍ତୁଷ୍ଟ କରିବା ଲାଗି ପ୍ରୟାସ ହୋଇଛି। କୃଷିକ୍ଷେତ୍ରରେ ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇରେ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ସହାୟତା, ରେଲ୍‌ୱେ ଓ ପ୍ରତିରକ୍ଷାକୁ ଅଧିକ ବ୍ୟୟବରାଦ କରାଯାଇଛି।

ବଜେଟରେ କେଉଁ ସାମଗ୍ରୀ ଶସ୍ତା ଓ ମହଙ୍ଗା ହୋଇଥାଏ, ତାହା ଉପରେ ସମାଜର ପ୍ରତ୍ୟେକ ବର୍ଗର ଲୋକେ ଅନାଇ ରହିଥାଆନ୍ତି। ଏଥର ବଜେଟରେ ମୋବାଇଲ ଫୋନ୍, ଟେଲିଭିଜନ, ଗବେଷଣାଗାରରେ ପ୍ରସ୍ତୁତ ହୀରା, ଚିଙ୍ଗୁଡ଼ି ଖାଦ୍ୟ, ଲିଥିୟମ ଆୟନ ବ୍ୟାଟେରି ବ୍ୟବହୃତ ମେଶିନ ଏବଂ ଇଲେକ୍ଟ୍ରିକ୍ ଯାନ ପାଇଁ ବ୍ୟବହୃତ କଞ୍ଚାମାଲ ଆଦି ଦ୍ରବ୍ୟ ଶସ୍ତା କରାଯାଇଛି। ଅନ୍ୟପକ୍ଷରେ ସିଗାରେଟ, ସୁନା, ରୁପା, ଇମିଟେଶନ ଜୁଏଲେରି, ଆମଦାନୀ ହେଉଥିବା ସାଇକେଲ ଓ ଖେଳଣା, ରୋଷେଇ ଲାଗି ଇଲେକ୍ଟ୍ରିକାଲ ଚିମିନି, ବିଳାସପୂର୍ଣ୍ଣ କାର ଓ ଇମ୍ପୋର୍ଟେଡ୍ ବିଦ୍ୟୁତ୍ ଚାଳିତ ଯାନ ମହଙ୍ଗା ହେବ ବୋଲି ଜଣାପଡ଼ିଛି।

'ସପ୍ତରଷି' ନାମରେ ୭ଟି ବିନ୍ଦୁ-ସମାବେଶୀ ବିକାଶ (ଇନ୍‌କ୍ଲୁସିଭ୍ ଡେଭଲପ୍‌ମେଣ୍ଟ), ଶେଷ ଲକ୍ଷ୍ୟସ୍ଥଳରେ ପହଞ୍ଚିବା (ରିଚିଙ୍ଗ୍ ଦି ଲାଷ୍ଟ ମାଇଲ୍), ଭିତ୍ତିଭୂମି ଓ ପୁଞ୍ଜିନିବେଶ (ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ), ସାମର୍ଥ୍ୟର ଉପଯୋଗ (ଅନ୍‌ଲିସିଙ୍ଗ୍ ଦି ପୋଟେନ୍‌ସିଆଲ୍), ସବୁଜ ଅଭିବୃଦ୍ଧି (ଗ୍ରୀନ୍ ଗ୍ରୋଥ୍), ଯୁବଶକ୍ତି (ୟୁଥ୍ ପାୱାର) ଓ ଆର୍ଥିକ କ୍ଷେତ୍ର (ଫାଇନାନ୍ସ ସେକ୍ଟର) ଉପରେ ବଜେଟକୁ କେନ୍ଦ୍ରିତ କରାଯାଇଛି। ବଜେଟରେ ଋଣକୁ ବାଦ୍‌ଦେଇ ମୋଟ ପ୍ରାପ୍ତି ୨୭.୨ ଲକ୍ଷ କୋଟି ଓ ସମୁଦାୟ ବ୍ୟୟ ୪୫ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି। ତେବେ ନେଟ୍ ଟିକସ ପ୍ରାପ୍ତି ୨୩.୩ ଲକ୍ଷ କୋଟି ଟଙ୍କା ରହିବା ଅନୁମାନ କରାଯାଇଥିବା ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି।




- **ଫୋକସ୍‌ରେ ମଧ୍ୟବିତ୍ତ, ମହିଳା**
- **'ସପ୍ତରଷି'ରେ ୭ ବିନ୍ଦୁ ଉପରେ ଗୁରୁତ୍ୱ**
- **ବ୍ୟକ୍ତିଗତ ଆୟକର ସୀମା ବୃଦ୍ଧି**
- **ଋଣକୁ ବାଦ୍‌ଦେଇ ମୋଟ ପ୍ରାପ୍ତି ୨୭.୨ ଲକ୍ଷ କୋଟି**
- **ସମୁଦାୟ ବ୍ୟୟ ୪୫ ଲକ୍ଷ କୋଟି**
- **ପ୍ରତିରକ୍ଷା କ୍ଷେତ୍ରକୁ ୫.୯୪ ଲକ୍ଷ କୋଟି**
- **ରେଲୱେ ପାଇଁ ସର୍ବାଧିକ ୨.୪୦ ଲକ୍ଷ କୋଟି**
- **ନେଟ୍ ଟିକସ ପ୍ରାପ୍ତି ୨୩.୩ ଲକ୍ଷ କୋଟି ଟଙ୍କା ରହିବା ଅନୁମାନ**



ବାଦାମୀ ରଙ୍ଗର ଶାଢ଼ି ପିନ୍ଧି ଅର୍ଥମନ୍ତ୍ରୀ ସୀତାରାମନ ବଜେଟ ଉପସ୍ଥାପନ କରିଥିଲେ। ୧ ଘଣ୍ଟା ୨୫ ମିନିଟ୍ ଅବଧି ବିଶିଷ୍ଟ ଅଭିଭାଷଣର ପ୍ରାରମ୍ଭରେ ଏହାକୁ ଅମୃତକାଳର ପ୍ରଥମ ବଜେଟ ବୋଲି ଅଭିହିତ କରିଛନ୍ତି। ସ୍ୱାଧୀନତାର ୭୫ବର୍ଷ ପୂର୍ଣ୍ଣ କରିଥିବାରୁ ବିଶ୍ୱରେ ଭାରତୀୟ ଅର୍ଥନୀତି ଉଜ୍ଜ୍ୱଳ ତାରକା ସଦୃଶ ଜାଜ୍ୱଲ୍ୟମାନ ହୋଇଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ୭ ପ୍ରତିଶତ ଆକଳନ କରାଯାଇଛି, ଯାହା ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଅଗ୍ରଣୀ ସ୍ଥାନ ହାସଲ କରିଛି। କୋଭିଡ୍-୧୯ ଓ ଯୁଦ୍ଧ ଯୋଗୁ ବୈଶ୍ୱିକ ସ୍ତରରେ ମାନ୍ଦାବସ୍ଥା ଦେଖାଦେଇଥିବା ସତ୍ତ୍ୱେ ଭାରତୀୟ ଅର୍ଥନୀତି ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଗତି କରୁଛି ବୋଲି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଅଭିଭାଷଣରେ କହିଛନ୍ତି। ଆମେ ଏକ ସମୃଦ୍ଧ ଓ ସମାବେଶୀ ଭାରତ ଗଠନର ଲକ୍ଷ୍ୟ ରଖିଛୁ, ଯେଉଁଠି ବିକାଶର ଲାଭ ସମସ୍ତ ନାଗରିକ ଓ ସବୁ ଅଞ୍ଚଳରେ ପହଞ୍ଚି ପାରିବ। ମୁଖ୍ୟତଃ କୃଷକ, ମହିଳା, ଯୁବବର୍ଗ, ତଫସିଲଭୁକ୍ତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ ଯେପରି ଉପକୃତ ହୋଇପାରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଲକ୍ଷ୍ୟ ପୂରଣ ପାଇଁ ଉଦ୍ଦିଷ୍ଟ ଅର୍ଥନୈତିକ କାର୍ଯ୍ୟସୂଚୀ ୩ଟି ଅଗ୍ରାଧିକାର କ୍ଷେତ୍ର ଉପରେ କେନ୍ଦ୍ରିତ କରାଯାଇଛି। ସେଗୁଡ଼ିକ ହେଲା ଯୁବବର୍ଗ ସମେତ ନାଗରିକଙ୍କ ଆଶାଆକାଂକ୍ଷା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ, ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୃଷ୍ଟି କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ ଏବଂ ସ୍ଥୂଳ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା। ଏହି ଅବସରରେ ଅର୍ଥମନ୍ତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଉପରେ ପ୍ରାଧାନ୍ୟ ଦେଇଛନ୍ତି। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ଗ୍ରାମୀଣ ଜୀବିକା ମିଶନ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ଉଲ୍ଲେଖ କରି ସୀତାରାମନ କହିଛନ୍ତି ଯେ, ଗ୍ରାମାଞ୍ଚଳର ମହିଳାଙ୍କୁ ଏକଜୁଟ୍ କରାଯାଇ ୮୧ ଲକ୍ଷ ଏସ୍ଏଚ୍‌ଜି ଗଠନ କରାଯାଇଛି। ବର୍ତ୍ତମାନ ଏହି ମହିଳାମାନଙ୍କୁ ଆର୍ଥିକ ସଶକ୍ତୀକରଣର ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ। ସେହିପରି ପିଏମ୍ ବିଶ୍ୱକର୍ମା କୌଶଳ ସମ୍ମାନ ଯୋଜନା ବିଷୟରେ ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି, ଦେଶର ପାରମ୍ପରିକ କାରିଗରମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ।

ଭାରତରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି। ତାହାର ଲାଭ ଉଠାଇ ଅଧିକରୁ ଅଧିକ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ମିଶନ ମୋଡ୍‌ରେ ପର୍ଯ୍ୟଟକ ପ୍ରୋତ୍ସାହନ ନାମରେ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କ୍ଷେତ୍ରରେ କର୍ମନିଯୁକ୍ତି ଓ ରୋଜଗାରର ପ୍ରଚୁର ସମ୍ଭାବନା ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏଥିରେ ରାଜ୍ୟଗୁଡ଼ିକର ସକ୍ରିୟ ସହଯୋଗ ରହିବ। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ସମ୍ମିଶ୍ରଣ କରାଯିବା ସହିତ ସରକାରୀ-ଘରୋଇ ସହଭାଗିତାରେ ଏହି କ୍ଷେତ୍ର କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ☞ପୃଷ୍ଠା-୪

## ଶସ୍ତା

- ବୈଦ୍ୟୁତିକ ଯାନ ଲାଗି ବ୍ୟବହୃତ କଞ୍ଚାମାଲ
- ଖେଳନା
- ସାଇକେଲ
- ଅଟୋମୋବାଇଲ
- ସ୍ୱଦେଶୀ ମୋବାଇଲ
- କ୍ୟାମେରା ଲେନ୍ସ
- ଲିଥିୟମ ଆୟନ ବ୍ୟାଟେରି
- ଷ୍ଟିଲ୍, ଏଲ୍ଇଡି ଟିଭି




## ମହଙ୍ଗା

- ସୁନା, ରୁପା
- ମଦ, ସିଗାରେଟ
- ପୋଷାକ, ଛତା
- ପ୍ଲାଟିନମ
- ହେଡ୍ ଫୋନ
- ବୈଦ୍ୟୁତିକ କିଚେନ ଚିମିନି
- ଆମଦାନୀ ହୋଇଥିବା ସାଇକେଲ




## ଆୟକରଃ ନୂଆ ଟ୍ୟାକ୍ସ ରେଜିମ୍

ଛାଡ଼ ସୀମା ବର୍ଷକୁ ୫ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି

| | |
|---|---|
| ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ଟ୍ୟାକ୍ସ ନାହିଁ |
| ୩-୬ ଲକ୍ଷ ଟଙ୍କା | ୫% ଟ୍ୟାକ୍ସ |
| ୬-୯ ଲକ୍ଷ ଟଙ୍କା | ୧୦% ଟ୍ୟାକ୍ସ |
| ୯-୧୨ ଲକ୍ଷ ଟଙ୍କା | ୧୫% ଟ୍ୟାକ୍ସ |
| ୧୨-୧୫ ଲକ୍ଷ ଟଙ୍କା | ୨୦% ଟ୍ୟାକ୍ସ |
| ୧୫ ଲକ୍ଷରୁ ଅଧିକ | ୩୦% ଟ୍ୟାକ୍ସ |

- ବେତନଭୋଗୀ, ପେନ୍‌ସନଭୋଗୀ ନୂଆ ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ଲାଭ ପାଇବେ

(ସବିଶେଷ ରିପୋର୍ଟ: ପୃଷ୍ଠା-୮/୯)

## ବଜେଟ ସବୁ ବର୍ଗର ଲୋକଙ୍କ ସ୍ୱପ୍ନ ପୂରା କରିବ: ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧।୨:** ଚଳିତବର୍ଷର ପୂର୍ଣ୍ଣ ଆର୍ଥିକ ବଜେଟ ଦେଶର ମଧ୍ୟବିତ୍ତ, ବଞ୍ଚିତ ବର୍ଗ ଏବଂ କୃଷକଙ୍କ ସ୍ୱପ୍ନକୁ ପୂରା କରିବ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ ଭଳି ବିକାଶଶୀଳ ରାଷ୍ଟ୍ରର ଉନ୍ନତି ଦିଗରେ ମଧ୍ୟବିତ୍ତ ବର୍ଗଙ୍କ ପ୍ରମୁଖ ଭୂମିକା ରହିଛି। ସେମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ଭାଜପା ସରକାର ବହୁମୁଖୀ ପଦକ୍ଷେପମାନ ନେଉଥିବା ଅଭିଭାଷଣରେ ସେ କହିଛନ୍ତି। ଦେଶରେ ଡିଜିଟାଲ୍ ☞ପୃଷ୍ଠା-୪

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ୟୟ ହ୍ରାସ ଚିନ୍ତାଜନକ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧।୨ (ବ୍ୟୁରୋ):** କେନ୍ଦ୍ର ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଆଣିଛନ୍ତି। ଏହା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ବଜେଟରେ କିଛି ଭଲ ବିଷୟ ରହିଛି, ଯାହାକୁ ପ୍ରଶଂସା କରାଯାଇ ପାରିବ। ଆଉ କିଛି ବିଷୟ ରହିଛି ଯାହା କି ଚିନ୍ତାର କାରଣ ହୋଇଛି। ପୁଞ୍ଜି ନିବେଶ ବୃଦ୍ଧି, ପାନୀୟ ଜଳ, ଗ୍ରାମୀଣ ଗୃହ ନିର୍ମାଣ ପାଇଁ ବଜେଟରେ କରାଯାଇଥିବା ବ୍ୟବସ୍ଥା ଏକ ଭଲ ପଦକ୍ଷେପ। ☞ପୃଷ୍ଠା-୪

# ରେଲୱେ ପାଇଁ ୨.୪ ଲକ୍ଷ କୋଟି ବ୍ୟୟବରାଦ

**ନୂଆଦିଲ୍ଲୀ,୧।୨**

- **ମୋଟ ଆୟ ୨,୬୫,୦୦୦ କୋଟି**
- **ମୋଟ ବ୍ୟୟ ଆକଳନ ୨,୬୦,୨୦୦ କୋଟି**



୨୦୨୩-୨୪ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରେଲୱେ ପାଇଁ ସର୍ବାଧିକ ୨.୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷର ବ୍ୟୟବରାଦ ତୁଳନାରେ ଏହା ୯ ଗୁଣ ଅଧିକ ବୋଲି ଲୋକ ସଭାରେ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ କହିଥିଲେ। କୋଇଲା, ସାର ଏବଂ ଖାଦ୍ୟଶସ୍ୟ ସେକ୍ଟରଗୁଡ଼ିକ ପାଇଁ ଆରମ୍ଭ ଓ ଶେଷ ମାଇଲ୍ ସଂଯୋଗ ନିମନ୍ତେ ୧୦୦ଟି ଗୁରୁତ୍ୱପୂର୍ଣ୍ଣ ପରିବହନ ଭିତ୍ତିଭୂମି ପ୍ରକଳ୍ପକୁ ଚିହ୍ନଟ କରାଯାଇଛି। ୭୫,୦୦୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ବିକଶିତ କରାଯିବ। ଏଥିରେ ଘରୋଇ ସୂତ୍ରରୁ ୧୫,୦୦୦ କୋଟି ଟଙ୍କା ବିନିଯୋଗ ହେବ। ବଜେଟ ଆକଳନ ଅନୁଯାୟୀ ୨୦୨୩-୨୪ ବର୍ଷରେ ରେଲୱେର ମୋଟ ରାଜସ୍ୱ ବ୍ୟୟ ପରିମାଣ ୨,୬୫,୦୦୦ କୋଟି ଟଙ୍କା ହେବ। ୨୦୨୨-୨୩ ବର୍ଷରେ ସଂଶୋଧିତ ବ୍ୟୟ ଆକଳନ ୨,୪୨,୮୯୨.୭୭ କୋଟି ଟଙ୍କା ଥିଲା। ଆସନ୍ତା ଆର୍ଥିକ ବର୍ଷରେ ଷ୍ଟ୍ରାଟେଜିକ୍ ଲାଇନଗୁଡ଼ିକର କାର୍ଯ୍ୟକାରିତାରେ ହେବାକୁ ଥିବା କ୍ଷତି ଭରଣା ପାଇଁ ୪୮୭.୫୧ କୋଟି ଟଙ୍କା ରଖାଯାଇଛି, ଯାହାକି ୨୦୨୨-୨୩ ବର୍ଷରେ ୨,୪୬୧.୯୦ କୋଟି ଟଙ୍କା ଥିଲା। ଜାତୀୟ ପ୍ରକଳ୍ପଗୁଡ଼ିକ ନିମନ୍ତେ ବଜାର ଋଣର ସୁଧ ଇତ୍ୟାଦି ପରିଶୋଧ ବାବଦକୁ ୭୮୦ କୋଟିଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଛି।

ରେଲୱେ ପାଇଁ ବଜେଟରେ ମୋଟ ପୁଞ୍ଜି ବ୍ୟୟ ଆକଳନ ୨,୬୦,୨୦୦ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୨,୪୦,୦୦୦ କୋଟି ସାଧାରଣ ରାଜସ୍ୱରୁ, ୨୦୦ କୋଟି ନିର୍ଭୟା ପାଣ୍ଠିରୁ, ୩,୦୦୦ କୋଟି ଆଭ୍ୟନ୍ତରୀଣ ସମ୍ବଳରୁ ଏବଂ ୧୭ ହଜାର କୋଟି ଆଭ୍ୟନ୍ତରୀଣ ଏବଂ ଅତିରିକ୍ତ ବଜେଟାରି ସମ୍ବଳରୁ ଭରଣା କରାଯିବ। ୨୦୨୩-୨୪ ବର୍ଷରେ ରେଲୱେର ମୋଟ ଆୟ ୨,୬୫,୦୦୦ କୋଟି ଟଙ୍କା ହେବ, ଯାହାକି ବିଦାୟୀ ଆର୍ଥିକ ବର୍ଷରେ ୨,୪୨,୮୯୨.୭୭ କୋଟି ଟଙ୍କା ଥିଲା। ଯାତ୍ରୀମାନଙ୍କ ଆଶା ଆକାଂକ୍ଷା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ରେଲୱେ ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ, ହମ୍‌ସଫର ଏବଂ ତେଜସ ଭଳି ପ୍ରିମିୟର ଟ୍ରେନ୍‌ଗୁଡ଼ିକର ଆଉ ୧,୦୦୦ରୁ ଉର୍ଦ୍ଧ୍ୱ କୋଚ୍‌କୁ ନବୀକରଣ କରିବା ଲାଗି ଯୋଜନା କରିଛି। ସେଗୁଡ଼ିକର ଇଣ୍ଟେରିୟରକୁ ଆଧୁନିକ ଲୁକ୍ ଦିଆଯିବା ସହ ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ଅନୁଭୂତି ପ୍ରଦାନ କରିବ। ସେହିପରି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ଆଉ ୧୦୦ଟି ଭିଷ୍ଟାଡୋମ୍ କୋଚ୍ ନିର୍ମାଣ ଲାଗି ରେଲୱେ ଯୋଜନା କରିଛି। ୩୫ଟି ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍, ୪,୫୦୦ଟି ନୂଆ ଡିଜାଇନର ଅଟୋମୋବାଇଲ କ୍ୟାରିୟର କୋଚ୍, ୫,୦୦୦ ଏଲ୍ଏଚ୍‌ବି କୋଚ ଏବଂ ୫୮ ହଜାର ୱାଗନ ନିର୍ମାଣ ଲାଗି ବଜେଟରେ ପ୍ରସ୍ତାବ ରହିଛି। ବନ୍ଦେ ଭାରତ ହାଇସ୍ପିଡ୍ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିବାରୁ ଟ୍ରାକ୍ ନବୀକରଣ ବାବଦରେ ଚଳିତ ବର୍ଷ ୧୭,୨୯୬.୮୪ କୋଟି ଟଙ୍କା ବ୍ୟୟ ହେବ, ଯାହାକି ୨୦୨୨-୨୩ ବର୍ଷରେ ୧୫,୩୮୮.୦୫ କୋଟି ଟଙ୍କା ଥିଲା। ପୂର୍ବ ବଜେଟରେ ରେଲୱେ ପାଇଁ ୧.୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା।

**ଆଜିର ସମ୍ପାଦକୀୟ** ପ୍ରେମଦେବଙ୍କ ପ୍ରତ୍ୟାବର୍ତ୍ତନ

# ଭାଷଣ ସର୍ବସ୍ୱ କୃଷି ବଜେଟ




●ଏପ୍ରିଲ ୧ରେ ଆରମ୍ଭ ହେବାକୁ ଥିବା ନୂଆ ଆର୍ଥିକ ବର୍ଷରେ ୨୦ ଲକ୍ଷ କୋଟି ଟଙ୍କା କୃଷି ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି।

●ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ନାମରେ ସରକାର ଏକ ନୂଆ ସ୍କିମ୍ ଆରମ୍ଭ କରିବାକୁ ଯାଉଛନ୍ତି। ମୂଲ୍ୟ ଶୃଙ୍ଖଳ ଦକ୍ଷତା ବୃଦ୍ଧି ଏବଂ ମାଛ ବଜାରର ପରିବର୍ଦ୍ଧନ ପାଇଁ ଏହି ଯୋଜନାରେ ୬,୦୦୦ କୋଟି ଟଙ୍କା ନିବେଶ କରାଯିବ।

●ଉଦ୍ୟାନ ଫସଲକୁ ରୋଗମୁକ୍ତ କରିବା ସହ ଗୁଣବତ୍ତାସମ୍ପନ୍ନ ରୋପଣ ସାମଗ୍ରୀ ଉପଲବ୍ଧ କରାଇବା ପାଇଁ ସରକାର 'ଆତ୍ମନିର୍ଭର କ୍ଲିନ୍ ପ୍ଲାଣ୍ଟ ପ୍ରୋଗ୍ରାମ ଆରମ୍ଭ କରିବେ। ଏଥିରେ ୨,୨୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି।

●ଗ୍ରାମାଞ୍ଚଳରେ ଯୁବ ଏଣ୍ଟରପ୍ରେନ୍ୟୁରମାନଙ୍କ ଏଗ୍ରି-ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ଏଗ୍ରିକଲ୍‌ଚର ଏକ୍ସିଲିରେଟର ଫଣ୍ଡ୍ (ଏଏଏଫ୍) ଗଠନ କରାଯିବ।

**ନୂଆଦିଲ୍ଲୀ,୧।୨:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ମୋଦି ୨.୦ ସରକାରଙ୍କ ଶେଷ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ସୀତାରାମନ ଏହାକୁ 'ଅମୃତ କାଳ'ର ପ୍ରଥମ ବଜେଟ ବୋଲି ଅଭିହିତ କରିବା ସହ ଭାରତୀୟ ଅର୍ଥନୀତି ଉପଯୁକ୍ତ ଟ୍ରାକ୍‌ରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଗତି କରୁଥିବା କହିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର ବଜେଟରୁ ସମାଜର ସବୁ ବର୍ଗ କିଛି ନା କିଛି ଆଶା କରିଥିଲେ। ତେବେ ଆୟକରରେ ରିହାତି ଦୃଷ୍ଟିରୁ କେବଳ ମଧ୍ୟବିତ୍ତମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। କୃଷି କ୍ଷେତ୍ରକୁ ବଜେଟରେ ବିଶେଷ ଦୃଷ୍ଟି ଦିଆଯାଇ ନ ଥିବାରୁ ଚାଷୀକୁଳ ନିରାଶ ହୋଇଛନ୍ତି। ସେହିପରି ଗ୍ରାମାଞ୍ଚଳର ବିକାଶ ଓ ଗ୍ରାମ୍ୟ ଅର୍ଥନୀତିକୁ ମଜଭୁତ କରିବା ଦିଗରେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଅର୍ଥମନ୍ତ୍ରୀ ଲୋକ ସଭାରେ ନିଜ ପଞ୍ଚମ ବଜେଟ ଅଭିଭାଷଣରେ କହିଛନ୍ତି, ଗ୍ରାମାଞ୍ଚଳର ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ପାଇଁ କୃଷି କ୍ଷେତ୍ରକୁ ଜୋର୍ ଦିଆଯାଇଛି। ଆଗାମୀ ୫ ବର୍ଷରେ ସରକାର ଗାଁଗୁଡ଼ିକରେ ବହୁସଂଖ୍ୟକ ବହୁମୁଖୀ ସମବାୟ ସମିତି, ପ୍ରାଥମିକ ମତ୍ସ୍ୟ ସମିତି ଓ ଡେଏରି କୋ-ଅପରେଟିଭ୍ ସୋସାଇଟି ପ୍ରତିଷ୍ଠା କରିବେ। ଏହି ସୋସାଇଟିଗୁଡ଼ିକ ଜୈବିକ କୃଷି, ବିହନ ଓ ରପ୍ତାନିକୁ ପ୍ରୋତ୍ସାହିତ କରିବ। 'ସହକାର ଜରିଆରେ ସମୃଦ୍ଧି' ପରିଯୋଜନାକୁ ସାକାର କରିବାରେ ଏହା ବେଶ୍ ସହାୟକ ହେବ। ସେହିପରି ଦେଶବ୍ୟାପୀ ସମବାୟ ସମିତିଗୁଡ଼ିକର ମ୍ୟାପିଙ୍ଗ୍ ପାଇଁ ଏକ ନ୍ୟାଶନାଲ ଡେଟାବେସ୍ ପ୍ରସ୍ତୁତ କରାଯିବ। ଏହା ଜରିଆରେ ସମବାୟ ଉପରେ ପ୍ରସ୍ତାବିତ ଜାତୀୟ ନୀତିକୁ କାର୍ଯ୍ୟକାରୀ କରାଯାଇପାରିବ।

***କୃଷିକ୍ଷେତ୍ରରେ ଭାରତର ପ୍ରଦର୍ଶନ ଉତ୍ତମ ଥିବା ନେଇ ପାର୍ଲାମେଣ୍ଟରେ ସୋମବାର ଉପସ୍ଥାପିତ ୨୦୨୨-୨୩ ଆର୍ଥିକ ବର୍ଷର ଇକୋନୋମିକ୍ ସର୍ଭେରେ କୁହାଯାଇଛି। ତେବେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ସାଙ୍ଗକୁ ଚାଷ କାର୍ଯ୍ୟରେ ଖର୍ଚ୍ଚ ବୃଦ୍ଧି ଭଳି ଚ୍ୟାଲେଞ୍ଜର ମୁକାବିଲା ଲାଗି ଏହି ସେକ୍ଟର ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି ମଧ୍ୟ ଜୋର୍ ଦିଆଯାଇଛି। ଏହା ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟରେ କୃଷି କ୍ଷେତ୍ରକୁ ଆଶାନୁରୂପ ଅର୍ଥ ଆବଣ୍ଟନ କରାଯାଇ ନ ଥିବାରୁ ଚାଷୀମାନେ ନିରାଶ ହୋଇଛନ୍ତି।***



କୃଷକଙ୍କ ଆୟ ବୃଦ୍ଧି ପାଇଁ ଏକ ନିରବଚ୍ଛିନ୍ନ ଯୋଗାଣ ଶୃଙ୍ଖଳକୁ ଏହାଦ୍ୱାରା ନିଶ୍ଚିତ କରାଯାଇପାରିବ। ଫଳରେ କୃଷିଜାତ ସାମଗ୍ରୀର ଅଭାବୀ ବିକ୍ରି ହେବ ନାହିଁ। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଉଚିତ ମୂଲ୍ୟ ପାଇପାରିବେ। ଷ୍ଟୋରେଜ କ୍ଷମତାରେ ବଡ଼ ଧରଣର ବିକେନ୍ଦ୍ରୀକରଣ କରାଯାଇଛି। ଏଥିଯୋଗୁ ଚାଷୀମାନେ ନିଜ ସାମଗ୍ରୀଗୁଡ଼ିକୁ ସଂରକ୍ଷିତ କରି ଉପଯୁକ୍ତ ସମୟରେ ବିକ୍ରି କରିପାରିବେ। ଖାଦ୍ୟଶସ୍ୟକୁ ନଷ୍ଟହେବାରୁ ରୋକାଯାଇପାରିବ ବୋଲି ସୀତାରାମନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ସମବାୟ ମନ୍ତ୍ରଣାଳୟ ଜରିଆରେ କେନ୍ଦ୍ର ସରକାର ସମବାୟଭିତ୍ତିକ ଅର୍ଥନୈତିକ ବିକାଶର ମଡେଲକୁ ପ୍ରୋତ୍ସାହନ ଦେଉଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ୨,୫୧୬ କୋଟି ଟଙ୍କା ବ୍ୟୟରେ ୬୩,୦୦୦ ପ୍ରାଇମେରି ଏଗ୍ରିକଲ୍‌ଚର କ୍ରେଡିଟ୍ ସୋସାଇଟି (ପିଏସିଏସ୍)ର କମ୍ପ୍ୟୁଟରୀକରଣ କରାଯାଇଛି। ପିଏସିଏସ୍‌ଗୁଡ଼ିକୁ ବହୁମୁଖୀ କରିବାରେ ସହାୟକ ହେବା ଭଳି ମଡେଲ ବାଇ-ଲ ମଧ୍ୟ ପ୍ରଣୟନ କରାଯାଇଛି। ଫସଲ ଯୋଜନା ଓ ଷ୍ଟୋରେଜ ଭଳି କୃଷକ-କୈନ୍ଦ୍ରିକ ସମସ୍ୟାର ସମାଧାନ ପାଇଁ ଏକ ଡିଜିଟାଲ ସାଧାରଣ ଭିତ୍ତିଭୂମି ଢାଞ୍ଚା ତିଆରି କରାଯିବ। ଏଗ୍ରିକଲ୍‌ଚର ଆକ୍ସିଲିରେଶନ୍ ଫଣ୍ଡ ଜରିଆରେ ଏଗ୍ରି ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ମିଳିବ। ଆଗାମୀ ୩ ବର୍ଷ ମଧ୍ୟରେ ୧ କୋଟି ଚାଷୀଙ୍କୁ ଜୈବିକ କୃଷି ଆପଣାଇବା ପାଇଁ ପ୍ରୋତ୍ସାହନ ଦିଆଯିବ। ୧୦,୦୦୦ ବାୟୋ ଇନ୍‌ପୁଟ୍ ରିସୋର୍ସ ସେଣ୍ଟର ପ୍ରତିଷ୍ଠା କରାଯିବ। ବିକଳ୍ପ ସାର ବ୍ୟବହାର ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପିଏମ୍ ପ୍ରଣାମ ଯୋଜନାର ଶୁଭାରମ୍ଭ କରାଯିବ। ପ୍ରାଣୀ ସମ୍ପଦ, ଡେଏରି ଓ ମତ୍ସ୍ୟ ପାଳନକୁ ଗୁରୁତ୍ୱ ଦେବାକୁ ଯାଇ ୨୦୨୪ ପାଇଁ କୃଷି ଋଣ ଟାର୍ଗେଟକୁ ୨୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏଥିରୁ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ପାଳନ ପାଇଁ ଋଣ ଦିଆଯିବ। ୨୦୨୦-୨୧ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ଏହାର ପରିମାଣ ଯଥାକ୍ରମେ ୧୬.୫୦ ଲକ୍ଷ କୋଟି ଓ ୧୮ ଲକ୍ଷ କୋଟି ଟଙ୍କା ଥିଲା। ସରକାର ଆରମ୍ଭ କରିଥିବା ନ୍ୟାଶନାଲ ମନିଟାଇଜେଶନ୍ ପାଇପ୍‌ଲାଇନ୍‌ରେ ୯ ଲକ୍ଷ କୋଟି ଟଙ୍କା ନିବେଶର ସମ୍ଭାବନା ରହିଥିବା ସୀତାରାମନ କହିଛନ୍ତି।

ପ୍ରକାଶ ଯେ, ଇକୋନୋମିକ୍ ସର୍ଭେ ଅନୁଯାୟୀ ଗତ ୬ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ହାରାହାରି ୪.୬% ଅଭିବୃଦ୍ଧି ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ କୃଷି ଅଭିବୃଦ୍ଧି ୩% ଥିବାବେଳେ ୨୦୨୧-୨୨ରେ ଏହା ୩% ବଢ଼ିଛି। ଗତ କିଛି ବର୍ଷ ଧରି ଭାରତରେ କୃଷି ସାମଗ୍ରୀ ରପ୍ତାନିରେ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୨୧-୨୨ରେ ଏହି ରପ୍ତାନି ୫୦.୨ ବିଲିୟନ ଡଲାରକୁ ଛୁଇଁ ସର୍ବକାଳୀନ ରେକର୍ଡ କରିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୨% ହ୍ରାସ




କେନ୍ଦ୍ର ସରକାର ସବୁବେଳେ ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ଲଗାତର ଭାବେ ଅଣଦେଖା କରିଆସୁଛନ୍ତି। ଗ୍ରାମାଞ୍ଚଳର ଉନ୍ନତି ପାଇଁ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗାଁର ପ୍ରତ୍ୟେକ ଗରିବ ପରିବାରର ଅନ୍ୟୂନ ଜଣେ ସଦସ୍ୟଙ୍କୁ ଆର୍ଥିକ ବର୍ଷରେ ୧୦୦ ଦିନର କାମ ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥାଆନ୍ତି। ଏହି ଯୋଜନା ଅଧୀନରେ ନିୟୋଜିତ ଶ୍ରମିକଙ୍କ ମଧ୍ୟରୁ ଏକ-ତୃତୀୟାଂଶ ହେଉଛନ୍ତି ମହିଳା। ତେବେ ଏଥର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିତ୍ତୀୟ ଆବଣ୍ଟନକୁ ପ୍ରାୟ ଏକ-ତୃତୀୟାଂଶ ହ୍ରାସ କରାଯାଇଛି। ଆବଣ୍ଟିତ ଅର୍ଥର ପରିମାଣ ହେଉଛି ୬୦,୦୦୦ କୋଟି, ଯାହାକି ଗତ ଆର୍ଥିକ ବର୍ଷଠାରୁ ୩୨% କମ୍। ୨୦୨୨-୨୩ରେ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ୭୩,୦୦୦ କୋଟି ଟଙ୍କା ଦେଇଥିବାବେଳେ ସମୀକ୍ଷା ପରେ ଏହି ବାବଦ ଖର୍ଚ୍ଚ ୮୯,୦୦୦ କୋଟି ଟଙ୍କାକୁ ଛୁଇଁଥିଲା।

ପ୍ରକାଶ ଯେ, ସୋମବାର ଉପସ୍ଥାପିତ ଇକୋନୋମିକ୍ ସର୍ଭେ ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟ ଦାବି କରୁଥିବା ଲୋକଙ୍କ ସଂଖ୍ୟା ୨୦୨୨ ଜୁଲାଇରୁ ନଭେମ୍ବର ମଧ୍ୟରେ ମହାମାରୀ ପୂର୍ବ ସ୍ତରକୁ ଫେରିଆସିଥିଲା। ଗ୍ରାମାଞ୍ଚଳର ଅର୍ଥନୀତି ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା ଏବଂ କୋଭିଡ୍ ଲକ୍‌ଡାଉନ୍‌ରୁ ରିକଭର୍ କରୁଥିବା କୁହାଯାଇଥିଲା।




## ଗ୍ରାମାଞ୍ଚଳକୁ ଅଣଦେଖା

ଏଥର କେନ୍ଦ୍ରୀୟ ବଜେଟରେ ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ ଦିଆଯାଇ ନାହିଁ। ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧,୫୭,୫୪୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଆକଳନ ତୁଳନାରେ ଏହି ପରିମାଣ ୧୩% କମ୍। ୨୦୨୨-୨୩ ବଜେଟରେ ମନ୍ତ୍ରଣାଳୟକୁ ୧,୩୫,୯୪୪.୨୯ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ସୀତାରାମନ କହିଥିଲେ। ପରବର୍ତ୍ତୀ ସମୟରେ ସମୀକ୍ଷା ପରେ ଏହି ପରିମାଣ ୧,୮୧,୧୨୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଥିଲା। ୨୦୨୧-୨୨ରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ବ୍ୟୟ ୧,୬୦,୪୩୩.୪ କୋଟି ଟଙ୍କା ରହିଥିଲା।

## ପିଏମ୍-ପ୍ରଣାମରେ ବିକଳ୍ପ ସାରକୁ ପ୍ରୋତ୍ସାହନ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ-ପ୍ରମୋଶନ ଅଫ୍ ଅଲ୍‌ଟର୍ନେଟିଭ୍ ନ୍ୟୁଟ୍ରିଶନ୍ ଫର୍ ଏଗ୍ରିକଲ୍‌ଚର ମ୍ୟାନେଜମେଣ୍ଟ ଯୋଜନା (ପିଏମ୍-ପ୍ରଣାମ)ର ଶୁଭାରମ୍ଭ କରାଯିବ ବୋଲି ଘୋଷଣା କରିଛନ୍ତି। ବିକଳ୍ପ ସାରକୁ ପ୍ରୋତ୍ସାହନ ଦେବା ଲାଗି ଏହି ଯୋଜନାରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯିବ। ଫଳରେ ସାର ଉପରେ ରାଜ୍ୟଗୁଡ଼କର ନିର୍ଭରଶୀଳତା ହ୍ରାସ ପାଇବ। ସେହିପରି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ୪.୦ ମଧ୍ୟ ଲଞ୍ଚ କରାଯିବ। ଏହି ଯୋଜନାରେ ୩୦ ସ୍କିଲ୍ ଇଣ୍ଡିଆ ଅନ୍ତର୍ଜାତୀୟ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଦେଶର ଯୁବବର୍ଗଙ୍କୁ ନିଯୁକ୍ତିଯୋଗ୍ୟ କରି ଗଢ଼ି ତୋଳିବା ଉଦ୍ଦେଶ୍ୟରେ ୩୦୦ ଦକ୍ଷତା ବିକାଶ ପାଠ୍ୟକ୍ରମ ଉପଲବ୍ଧ କରିବା ପାଇଁ ୨୦୨୧ରେ ଏହି ଯୋଜନା କରାଯାଇଥିଲା।

## ଗ୍ରାମ ସଡ଼କ ଯୋଜନା
## ନାମକୁ ମାତ୍ର ବୃଦ୍ଧି

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନୂଆ ଆର୍ଥିକ ବର୍ଷ ପାଇଁ ଆବଣ୍ଟିତ ଅର୍ଥର ପରିମାଣ ବୃଦ୍ଧି କରାଯାଇ ନାହିଁ। ପୂର୍ବ ବର୍ଷର ବଜେଟରେ ଏହି ପରିମାଣ ୧୯,୦୦୦ କୋଟି ଟଙ୍କା ଥିଲା। ପୂର୍ବ ବଜେଟରେ ଜାତୀୟ ଜୀବିକା ମିଶନ 'ଆଜିବୀକା' ପାଇଁ ୧୩,୩୩୬.୪୨ କୋଟି ଟଙ୍କା ଦିଆଯାଇ ଥିବା ବେଳେ ଏଥର ୧୪,୧୨୯.୧୭ କୋଟି ଆବଣ୍ଟନ କରାଯାଇଛି।

## ପିଏମ୍‌ଏୱାଇ ପାଇଁ ୬୫% ବୃଦ୍ଧି




୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ରୁରାଲ ଅଧୀନରେ ୮୪ ଲକ୍ଷ ଘର ନିର୍ମାଣ ପାଇଁ ୪୮,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ଏଥର ପାଇଁ ଏଥର ୬୫% ଅଧିକ ଅର୍ଥାତ୍ ୭୯,୦୦୦ କୋଟି ଟଙ୍କା ଦିଆଯାଇଥିବା ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଅନ୍ୟପକ୍ଷେ ଶ୍ୟାମା ପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନକୁ ଏଥର ଆଦୌ ଅବଣ୍ଟନ କରାଯାଇ ନାହିଁ। ୨୦୨୨-୨୩ରେ ଏହି ମିଶନ ପାଇଁ ୫୫୦ କୋଟି ଟଙ୍କା ଦିଆଯାଇଥିଲା। ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକ ଲାଗି ୨୦୧୬ରେ ଏହି ମିଶନ ଆରମ୍ଭ କରାଯାଇଥିଲା।

ST. XAVIER INTERNATIONAL SCHOOL
(Affiliated to CBSE, New Delhi)
Invites Application for
SPOT ADMISSION TEST-2023
For Students Appearing Class X Board Exams of CBSE/ICSE/BSE Board
Admission from KG to Class-XI Science/Commerce
Along with 2 years Special Guaranted Programme for Medical & Engineering
A/c Class Rooms / A/c Bus / A/c Hostel
PAY ONCE till STD XII (One time Scheme Valid upto 31st March 2023)
•Patia •Gangapada •Malipada •Satyavihar •Daruthenga •Satyanagar
Admission Forms will be available for the Academic Session 2023-24 in the school Office from 1st February 2023 between 9.00 a.m. to 4.00 p.m.
H.O.: 12, Janpath, Satyanagar, Bhubaneswar
Ph.: 7009090200, 9776633003, 9861099999

# ମହିଳାଙ୍କ ପାଇଁ ନୂଆ ସଞ୍ଚୟ ଯୋଜନା

ଏହି ବଜେଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ୨୫,୪୪୮.୭୫ କୋଟି ଟଙ୍କା ଦିଆଯିବ, ଯାହାକି ଗତ ଆର୍ଥିକ ବର୍ଷରେ ଆବଣ୍ଟିତ ୨୫,୧୭୨.୨୮ କୋଟି ଟଙ୍କାଠାରୁ ମାତ୍ର ୨୬୭ କୋଟି ଅଧିକ। ତେବେ ନିର୍ମଳା ସୀତାରାମନଙ୍କ ବଜେଟ ଅଭିଭାଷଣର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହେଉଛି 'ମହିଳା ସମ୍ମାନ ସେଭିଂ ସାର୍ଟିଫିକେଟ୍'। ଏହି ନୂଆ ଯୋଜନାରେ ମହିଳାମାନେ ୨ ବର୍ଷ ପାଇଁ ସଞ୍ଚୟ କଲେ ୭.୫% ସୁଧ ପାଇବେ। 'ମହିଳା ସମ୍ମାନ ସେଭିଂ ପାତ୍ର'ରେ ଜଣେ ମହିଳା କିମ୍ବା ଶିଶୁକନ୍ୟାଙ୍କ ନାମରେ ଏକକାଳୀନ ଅର୍ଥ ଜମା କରାଯିବ। ସର୍ବାଧିକ ଜମାରାଶି ୨ ଲକ୍ଷ ଟଙ୍କାରେ ସୀମିତ ରହିବ, ଯହିଁରୁ ଆଂଶିକ ଅର୍ଥ ଉଠାଣ କରିହେବ। ଅନ୍ୟପକ୍ଷେ ମହିଳାଙ୍କୁ ଆର୍ଥିକ ଦିଗରୁ ସଶକ୍ତ କରିବା ପାଇଁ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ନ୍ୟାଶନାଲ ରୁରାଲ ଲିଭ୍‌ଲିହୁଡ୍ ମିଶନ ଅଧୀନରେ ୮୧ ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ପ୍ରତିଷ୍ଠା କରାଯାଇଛି। ଏହି ଗ୍ରୁପ୍‌ଗୁଡ଼ିକୁ ଆର୍ଥିକ ସଶକ୍ତୀକରଣର ପରବର୍ତ୍ତୀ ସ୍ତରରେ ପହଞ୍ଚାଇବା ପାଇଁ ବୃହତ୍ ଉତ୍ପାଦକ ଏଣ୍ଟରପ୍ରାଇଜେସ୍ ବା କଲେକ୍ଟିଭ୍ସ ଗଠନ କରାଯିବ। ପ୍ରତ୍ୟେକ ଗୋଷ୍ଠୀରେ ଅନେକ ହଜାର ମହିଳା ସଦସ୍ୟ ରହିବେ।



## ପିଏମ୍-କିଷାନ: ୩ କୋଟି ମହିଳା କୃଷକ ପାଇଛନ୍ତି ୫୪ ହଜାର କୋଟି ଟଙ୍କା




ଅର୍ଥମନ୍ତ୍ରୀ କହିଛନ୍ତି, ପିଏମ୍-କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ କ୍ଷୁଦ୍ର ଚାଷୀମାନଙ୍କୁ ୨.୨୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଇଛି। ପ୍ରାୟ ୩ କୋଟି ମହିଳା କୃଷକଙ୍କୁ ଏଥିରୁ ୫୪,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସର୍ବାଧିକ ଆବଣ୍ଟନ ସକ୍ଷମ ଅଙ୍ଗନୱାଡି ଏବଂ ପୋଷଣ ୨.୦ (ଅମ୍ବ୍ରେଲା ଆଇସିଡିଏସ୍-ଅଙ୍ଗନୱାଡି ସେବା, ପୋଷଣ ଅଭିଯାନ ) ପାଇଁ କରାଯାଇଛି। ଏହି ବାବଦରେ ମୋଟ ୨୦,୫୫୪.୩୧ କୋଟି ଟଙ୍କା। ସେହିପରି ମିଶନ ବାତ୍ସଲ୍ୟ (ଶିଶୁ ସୁରକ୍ଷା ସେବା ଓ ଶିଶୁ ମଙ୍ଗଳ ସେବା)କୁ ୧,୪୭୨ କୋଟି ଟଙ୍କା ଦିଆଯାଇଛି। ମିଶନ ଶକ୍ତି (ମହିଳା ସଶକ୍ତୀକରଣ)କୁ ୨୦୨୨-୨୩ରେ ୩,୧୮୪ କୋଟି ଟଙ୍କା ଦିଆଯାଇଥିବାବେଳେ ଏଥର ୩,୧୪୩ କୋଟି ଆବଣ୍ଟନ କରାଯାଇଛି।





## ୫୦୦ 'ବର୍ଜ୍ୟରୁ ସମ୍ପଦ' ପ୍ଲାଣ୍ଟ ପ୍ରତିଷ୍ଠା ହେବ

ଗୋବରଧନ (ଗାଲ୍‌ଭାନାଇଜିଂ ଅର୍ଗାନିକ ବାୟୋ-ଆଗ୍ରୋ ରିସୋର୍ସ ଧନ) ଯୋଜନାରେ ଦେଶରେ ୫୦୦ ନୂଆ 'ବର୍ଜ୍ୟରୁ ସମ୍ପଦ' ପ୍ଲାଣ୍ଟ ପ୍ରତିଷ୍ଠା ହେବ। ସେଥିରେ ୨୦୦ କମ୍ପ୍ରେସ୍‌ଡ ବାୟୋଗ୍ୟାସ (ସିବିଜି) ପ୍ଲାଣ୍ଟ ରହିବ। ସହରାଞ୍ଚଳରେ ୭୫ଟି ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ଥିବାବେଳେ ୩୦୦ କମ୍ୟୁନିଟି ବା କଷ୍ଟର ଭିତ୍ତିକ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିରେ ମୋଟ ୧୦ ହଜାର କୋଟି ଟଙ୍କା ବ୍ୟୟ ହେବ।

## ଗରିବ ବନ୍ଦୀଙ୍କୁ ଆର୍ଥିକ ସହାୟତା

ଜରିମାନା ଏବଂ ଜାମିନ ଅମାନତ ଅର୍ଥ ଜମା କରିବାରେ ଅକ୍ଷମ ଗରିବ ବନ୍ଦୀମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାର କହିଛନ୍ତି। ଜେଲରେ ଯେଉଁମାନେ ଦୀର୍ଘଦିନ ଧରି ବିଚାରାଧୀନ କଏଦୀ ଭାବେ ରହିଛନ୍ତି, ସେମାନଙ୍କ ମାମଲାଗୁଡ଼ିକର ତୁରନ୍ତ ବିଚାର କରି ମାନବିକତା ଆଧାରରେ ସେମାନଙ୍କୁ ମୁକ୍ତ କରିଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ମିଳିତ ସମ୍ମିଳନୀରେ ଅନୁରୋଧ କରିଥିଲେ। ଉକ୍ତ ମାମଲାଗୁଡ଼ିକର ସମୀକ୍ଷା ପାଇଁ ପ୍ରତି ଜିଲାରେ ଜିଲା ଜଜ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀ କହିଥିଲେ।

# ଏସ୍‌ଏଚ୍‌ଜି ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ



ଗ୍ରାମାଞ୍ଚଳରେ ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା, ଗ୍ରାମୀଣ ଜୀବିକା ମିଶନ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ୍ ଅଭିଭାଷଣରେ କହିଛନ୍ତି। ଗ୍ରାମାଞ୍ଚଳ ମହିଳାମାନଙ୍କୁ ଏକଜୁଟ କରାଯାଇ ୮୧ ଲକ୍ଷ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏସ୍‌ଜି) ଗଠନ କରାଯାଇଛି। ଏବେ ଏହି ମହିଳାମାନଙ୍କୁ ଆର୍ଥିକ ସଶକ୍ତୀକରଣର ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ। ସମ୍ପୃକ୍ତ ଗୋଷ୍ଠୀମାନଙ୍କୁ ବୃହତ୍ତର ଉତ୍ପାଦକ ବା ଉଦ୍ୟୋଗୀ ଗୋଷ୍ଠୀରେ ପରିଣତ କରାଯିବ। ଏଥିରେ ସହସ୍ରାଧିକ ମହିଳାଙ୍କୁ ସଦସ୍ୟଭାବେ ରଖାଯିବ ଏବଂ ଏହି ଉତ୍ପାଦକ ଗୋଷ୍ଠୀକୁ ପେସାଦାରୀ ଢଙ୍ଗରେ ପରିଚାଳିତ କରାଯିବ। ସେମାନଙ୍କୁ କଞ୍ଚାମାଲ ସମେତ ଭଲ ଡିଜାଇନ, ମାନକ ସହାୟକ ଉପକରଣ, ବ୍ରାଣ୍ଡିଂ ଓ ବିପଣନ ସୁବିଧା ସରକାର ଯୋଗାଇଦେବେ।




# ପୁରୁଣା ସରକାରୀ ଗାଡ଼ି ରଦ୍ଦ ଲାଗି ପାଣ୍ଠି ବରାଦ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଥିବା ପୁରୁଣା ପ୍ରଦୂଷଣଯୁକ୍ତ ଗାଡ଼ି ଓ ଆମ୍ବୁଲାନ୍ସଗୁଡ଼ିକୁ ରଦ୍ଦ କରି ତା' ସ୍ଥାନରେ ନୂଆ ଗାଡ଼ି ପ୍ରଚଳନ କରିବା ନିମନ୍ତେ ବଜେଟରେ ପର୍ଯ୍ୟାପ୍ତ ପାଣ୍ଠି ବ୍ୟବସ୍ଥା କରାଯାଇଛି। ପ୍ରଦୂଷଣ ହ୍ରାସ କରିବାକୁ ହେଲେ ପୁରୁଣା ଗାଡ଼ିଗୁଡ଼ିକୁ ହଟାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ସେହିପରି ଉପକୂଳ ଅଞ୍ଚଳରେ ଯାତାୟାତ ଓ ମାଲ ପରିବହନ ଲାଗି ପିପିପି ମୋଡ୍‌ରେ ଉପକୂଳ ଶିପିଂ ବ୍ୟବସ୍ଥାକୁ ପ୍ରୋତ୍ସାହନ କରାଯିବ। ଏଥିରେ ଶକ୍ତି ବଞ୍ଚିବା ସହ ଖର୍ଚ୍ଚ କମ୍ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ୯ ଲକ୍ଷରୁ ଅଧିକ ସରକାରୀ ଗାଡ଼ି ଆଗାମୀ ଏପ୍ରିଲ ୧ରୁ ରାସ୍ତାରୁ ହଟିବ ବୋଲି ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ ନିକଟରେ କହିଥିଲେ।




# ଏମ୍‌ଏସ୍‌ଏମ୍‌ଇ ପାଇଁ ୯୦୦୦ କୋଟିର ଋଣ ଗ୍ୟାରେଣ୍ଟି ଯୋଜନା



ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ପାଇଁ ନୂଆ ଋଣ ଗ୍ୟାରେଣ୍ଟି ଯୋଜନା ନିମନ୍ତେ ବଜେଟରେ ୯,୦୦୦ କୋଟି ଟଙ୍କା ରଖାଯାଇଛି। ମଙ୍ଗଳବାର ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିବା ୨୦୨୨-୨୩ ବର୍ଷର ଆର୍ଥିକ ସର୍ଭେ ରିପୋର୍ଟ ଅନୁଯାୟୀ ଭାରତରେ ଏମ୍‌ଏସ୍‌ଏମ୍‌ଇ ଅବସ୍ଥାରେ ସୁଧାର ଆସୁଛି। କ୍ଷୁଦ୍ର ବ୍ୟବସାୟ ଉପରୁ ଚାପ ହ୍ରାସ କରିବା ଲାଗି ଅର୍ଥମନ୍ତ୍ରୀ ନୂଆ ଋଣ ଗ୍ୟାରେଣ୍ଟି ଯୋଜନା ନିମନ୍ତେ ୯,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଏହା ଆସନ୍ତା ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ।

# ପିଲାଙ୍କ ପାଇଁ ହେବ ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି

ପିଲା ଓ କିଶୋରମାନଙ୍କ ଲାଗି ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି ସ୍ଥାପନ ହେବ। ସେଠାରେ ବିଭିନ୍ନ ଭାଷା, ଭୂଗୋଳଠାରୁ ଆରମ୍ଭ କରି ସବୁ ପିଢ଼ି ଏବଂ ସବୁ ସ୍ତରର ଉନ୍ନତ ମାନର ପୁସ୍ତକ ଏବଂ ଡିଭାଇସ୍ ଆଗ୍ନୋଷ୍ଟିକ୍ ଆସେସିବିଲିଟି ଉପଲବ୍ଧ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସେହିପରି ରାଜ୍ୟଗୁଡ଼ିକୁ ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ ଲାଇବ୍ରେରି ଖୋଲିବା ପାଇଁ ପ୍ରୋତ୍ସାହିତ କରାଯିବା ସହ ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି ସୁବିଧା



ଉପଲବ୍ଧ ପାଇଁ ଭିତ୍ତିଭୂମି ଯୋଗାଇ ଦିଆଯିବ। ପିଲାଙ୍କ ମଧ୍ୟରେ ବହି ପଢ଼ିବା ସଂସ୍କୃତି ଗଢ଼ିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ଚିଲ୍‌ଡ୍ରେନ୍ସ ବୁକ୍ ଟ୍ରଷ୍ଟ ଏବଂ ଅନ୍ୟାନ୍ୟ ଉତ୍ସରୁ ବହି ସଂଗ୍ରହ ଲାଗି ପ୍ରୋତ୍ସାହିତ କରାଯିବ।

## ଇ-କୋର୍ଟ ପ୍ରକଳ୍ପ ପାଇଁ ୭,୦୦୦ କୋଟି

ନ୍ୟାୟପାଳିକାରେ ଦକ୍ଷ ପ୍ରଶାସନ ଲାଗି ଇ-କୋର୍ଟର ତୃତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଏଥିପାଇଁ ୭,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ ବେଳେ କହିଛନ୍ତି। ଏହା ଦ୍ୱାରା ନ୍ୟାୟ ଚାହୁଁଥିବା ପ୍ରତ୍ୟେକଙ୍କ ନିକଟରେ ସହଜରେ ତୁରନ୍ତ ଏବଂ ସମାନ ଭାବରେ ଶୀଘ୍ର ଉପଲବ୍ଧ ହେବା ଭଳି ନ୍ୟାୟିକ ବ୍ୟବସ୍ଥା ପରିକଳ୍ପନା କରାଯାଇପାରିବ। ଫେଜ୍-୩ ଇକୋର୍ଟ ବ୍ୟବସ୍ଥାରେ ଯେକୌଣସି ବାଦୀ କିମ୍ବା ଓକିଲ ଯେକୌଣସି ସ୍ଥାନରୁ ଯେକୌଣସି ସମୟରେ ମାମଲା ଦାଏର କରିପାରିବେ। ଏଥିପାଇଁ ଆଉ କୋର୍ଟ କଚେରି ଦୌଡ଼ିବାକୁ ପଡ଼ିବ ନାହିଁ।

# ପିଏମ୍ ବିଶ୍ୱକର୍ମା କୌଶଳ ସମ୍ମାନ (ପିଏମ୍ ବିକାଶ)

ଏହି ନୂଆ ଯୋଜନା ବିଷୟରେ ଘୋଷଣା କରି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଦେଶର ପାରମ୍ପରିକ କାରିଗରମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ। ସେମାନେ ନିଜର କର୍ମ କୁଶଳତା ପାଇଁ ସାଧାରଣତଃ କାରିଗର ବା ବିଶ୍ୱକର୍ମାଭାବେ ପରିଚିତ। ସେମାନେ ପ୍ରସ୍ତୁତ କରୁଥିବା ହାତ ତିଆରି ସାମଗ୍ରୀ ଓ କଳାକୃତି ଆତ୍ମନିର୍ଭର ଭାରତର ଯଥାର୍ଥ ଚେତନା ପ୍ରକାଶ କରେ। ପ୍ରଥମ ଥର ପାଇଁ ଏହି କାରିଗରମାନଙ୍କ ନିମନ୍ତେ ସହାୟତା ପ୍ୟାକେଜ ପ୍ରଦାନ କରିବା କଥା ଚିନ୍ତା କରାଯାଇଛି। ଏହି ନୂଆ ଯୋଜନା ଦ୍ୱାରା ସମ୍ପୃକ୍ତ କାରିଗର ନିଜର ଉତ୍ପାଦିତ ସାମଗ୍ରୀର ମାନ ଓ ପରିମାଣ ବଢ଼ାଇ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିପାରିବେ। ସେମାନେ ନିଜର ଉତ୍ପାଦନ ବଢାଇ ଏମ୍‌ଏସ୍‌ଏମ୍‌ଇ ଯୋଗାଣ ଶୃଙ୍ଖଳ ସହିତ ସାମିଲ ହେବାର ସୁଯୋଗ ପାଇବେ। ଯୋଜନାରେ ସମ୍ପୃକ୍ତ କାରିଗରଙ୍କୁ ଆର୍ଥିକ ସହାୟତା ସହିତ ଉନ୍ନତ ଦକ୍ଷତା ବିକାଶ ତାଲିମ, ଆଧୁନିକ ଡିଜିଟାଲ ଟେକ୍ନୋଲୋଜି ଜ୍ଞାନ, ଦକ୍ଷ ଗ୍ରୀନ ଟେକ୍ନୋଲୋଜି, ବ୍ରାଣ୍ଡ ପ୍ରମୋଶନ, ସ୍ଥାନୀୟ ଓ ବିଶ୍ୱବଜାର ସହିତ ସଂଯୁକ୍ତ ହେବାର ସୁଯୋଗ, ଡିଜିଟାଲ ପେମେଣ୍ଟ ଓ ସାମାଜିକ ସୁରକ୍ଷା ସୁବିଧା ଯୋଗାଇ ଦିଆଯିବ। ଯୋଜନା ଦ୍ୱାରା ତଫସିଲଭୁକ୍ତ ଜାତି, ଜନଜାତି, ଓବିସି, ମହିଳା ଏବଂ ସମାଜର ଦୁର୍ବଳ ଶ୍ରେଣୀର ଲୋକେ ଅଧିକ ଉପକୃତ ହେବେ।

## ଆର୍ଦ୍ରଭୂମି ପାଇଁ ଅମୃତ ଧରୋହର ଯୋଜନା

ଆର୍ଦ୍ରଭୂମି ବ୍ୟବହାର ବଢ଼ାଇବା ଏବଂ ଜୈବ ବିଭିଧତା ବୃଦ୍ଧିକୁ ପ୍ରୋତ୍ସାହିତ କରିବା ନିମନ୍ତେ ସରକାର ଅମୃତ ଧରୋହର ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଆର୍ଦ୍ରଭୂମିଗୁଡ଼ିକ ସ୍ଥାୟୀ ଜୈବ ବିବିଧତା ଏବଂ ପରିବେଶର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ସଂରକ୍ଷଣରେ ସ୍ଥାନୀୟ ସମ୍ପ୍ରଦାୟ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଏହାର ବ୍ୟବହାର ବଢ଼ାଇବା ଲାଗି ଆଗାମୀ ୩ ବର୍ଷରେ ଅମୃତ ଧରୋହର ଯୋଜନା କାର୍ଯ୍ୟକାରୀ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ଆଦିବାସୀଙ୍କ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଯୋଜନା

ସମାଜର ଦୁର୍ବଳ ବର୍ଗର ଆଦିବାସୀ ସମ୍ପ୍ରଦାୟଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଲାଗି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତରାମନ ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଅନୁସୂଚିତ ଜନଜାତି ଉନ୍ନୟନ କାର୍ଯ୍ୟ ଯୋଜନାରେ ଆଗାମୀ ୩ ବର୍ଷରେ ପ୍ରଧାନମନ୍ତ୍ରୀ ନିର୍ଦ୍ଦିଷ୍ଟ ଦୁର୍ବଳ ଆଦିବାସୀ ଗୋଷ୍ଠୀ (ପିଏମ୍-ପିଭିଟିଜି) ବିକାଶ ମିଶନ କାର୍ଯ୍ୟକାରିତା ଲାଗି ୧୫,୦୦୦ କୋଟି ଟଙ୍କା ଉପଲବ୍ଧ ହେବ। ୨.୫ ଲକ୍ଷ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୭୪୯ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ୩୮,୮୦୦ ଶିକ୍ଷକ ଓ ସହାୟକ କର୍ମଚାରୀଙ୍କୁ ୩ ବର୍ଷ ମଧ୍ୟରେ ନିଯୁକ୍ତି ଦିଆଯିବ ବୋଲି ସୀତାରାମନ କହିଛନ୍ତି।

## ବଜେଟ ଉପସ୍ଥାପନବେଳେ ପାର୍ଲାମେଣ୍ଟରେ ହାସ୍ୟରୋଳ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାର ପଞ୍ଚମଥର ପାଇଁ ପୂର୍ଣ୍ଣକାଳୀନ ବଜେଟ ଉପସ୍ଥାପନ କରିବା ସମୟରେ ପାର୍ଲାମେଣ୍ଟରେ ହସର ଲହରି ଛୁଟିଥିଲା। ବଜେଟକୁ ନେଇ ଅଭିଭାଷଣ ରଖୁଥିବାବେଳେ ନିର୍ମଳା ଭୁଲ୍‌ବଶତଃ 'ପଲ୍ୟୁଟିଙ୍ଗ' ବଦଳରେ 'ପଲିଟିକାଲ' ଶବ୍ଦ ଉଚ୍ଚାରଣ କରି ଦେଇଥିଲେ। ଲୋକ ସଭାରେ ଉପସ୍ଥିତ ଭାଜପା ଓ ଏନ୍‌ଡିଏ ସଦସ୍ୟମାନେ ହସିବା ଆରମ୍ଭ କରିଥିଲେ। ଏହାପରେ ନିର୍ମଳା ନିଜ ତ୍ରୁଟି ଜାଣିପାରି ହସିକରି ଓହ, ସରି ବୋଲି କହିଥିଲେ ଏବଂ ମୁଁ ଜାଣିଛି! କହି ସେ ଏକାଧିକ ଥର 'ପଲ୍ୟୁଟିଙ୍ଗ' ଶବ୍ଦକୁ ଉଚ୍ଚାରଣ କରି ନିଜ ଅଭିଭାଷଣ ରଖିଥିଲେ। ଏହାର ଏକ ଭିଡିଓ ସଂସଦ ଟିଭି ପ୍ରସାରଣ କରିଥିବାବେଳେ ଏ ନେଇ ବିରୋଧୀଙ୍କ ପ୍ରତିକ୍ରିୟା କିପରି ଥିଲା ତାହା ପ୍ରସାରଣ କରାଯାଇ ନାହିଁ।

## ଲୋକ ସଭା ଗ୍ୟାଲେରିରେ ନିର୍ମଳାଙ୍କ ଝିଅ

ବୁଧବାର ପାର୍ଲାମେଣ୍ଟ ଗ୍ୟାଲେରିର ସବୁ ସିଟ୍ ପୂର୍ଣ୍ଣ ହୋଇଯାଇଥିଲା। ଦେଶର ଷଷ୍ଠତମ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରୁଥିବାବେଳେ ଗ୍ୟାଲେରିରେ ଝିଅ ଭଙ୍ଗମୟୀ ପରକାଲା ଏବଂ କେତେଜଣ ସମ୍ପର୍କୀୟ ଉପସ୍ଥିତଥିଲେ। ରେଳମନ୍ତ୍ରୀ ଅଶ୍ୱୀନି ବୈଷ୍ଣବ ଏବଂ ଅନ୍ୟ ରାଜ୍ୟ ସଭା ସଦସ୍ୟ ଗ୍ୟାଲେରିରେ ବସି ନିର୍ମଳା ଦେଉଥିବା ଅଭିଭାଷଣକୁ ନୋଟ୍ କରୁଥିବାର ଦେଖିବାକୁ ମିଳିଥିଲା।



"୨୦୨୩-୨୪ ଆର୍ଥିକ ବଜେଟରେ ଆୟକରରେ କରାଯାଇଥିବା ଛାଡ଼ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଜରିଆରେ ମଧ୍ୟବିତ୍ତ ବର୍ଗଙ୍କ ସଞ୍ଚୟରେ ବୃଦ୍ଧି ଘଟିବା ସମ୍ଭାବନା ରହିଛି।

**-ଶିବରାଜ ସିଂ ଚୌହାନ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଚଳିତବର୍ଷର ବଜେଟ ଦେଶର ଗରିବ, ମୌଳିକ ଆବଶ୍ୟକତାରୁ ବଞ୍ଚିତ ବର୍ଗ ଏବଂ ମଧ୍ୟବିତ୍ତଙ୍କ ସ୍ୱପ୍ନ ସାକାର କରିବ। ଯୁବପିଢ଼ିଙ୍କୁ ନୂଆ ସୁଯୋଗ ଏବଂ ଦେଶ ବିକାଶ କ୍ଷେତ୍ରରେ ସହାୟକ ହେବ।

**-ଭୂପେନ୍ଦ୍ର ପଟେଲ, ଗୁଜରାଟ ମୁଖ୍ୟମନ୍ତ୍ରୀ**



"ଚଳିତବର୍ଷର ଆର୍ଥିକ ବଜେଟ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ଅନ୍ତର୍ଗତ ପ୍ରସ୍ତୁତ କରାଯାଇଛି। ଏହା ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ଆଶା ପୂରଣ କରିବ। ସରକାର ବିଶେଷ ଭାବେ ଷ୍ଟାର୍ଟଅପ୍ ଏବଂ ନିର୍ମାଣ କ୍ଷେତ୍ରରେ ବିକାଶର ଲକ୍ଷ୍ୟ ରଖିଛନ୍ତି।

**-ପ୍ରମୋଦ ସାୱନ୍ତ, ଗୋଆ ମୁଖ୍ୟମନ୍ତ୍ରୀ**

## ନେତାଙ୍କ ମତ



"କେନ୍ଦ୍ର ସରକାର ବଡ଼ ଘୋଷଣା କରି ଲୋକଙ୍କୁ କମ୍ ସୁବିଧା ଯୋଗାଇ ଆସୁଛନ୍ତି। ୨୦୨୩-୨୪ ବଜେଟରେ ସାଧାରଣ ନାଗରିକରଙ୍କ ଜୀବନଯାପନ କଷ୍ଟକର ହୋଇପଡ଼ିବ। ଦରଦାମ୍ ବୃଦ୍ଧି କରି ମୋଦି ସରକାର ଦେଶବାସୀଙ୍କୁ ଲୁଟିବାରେ ଲାଗିଛନ୍ତି।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଭାପତି**



"ଦେଶର ଉତ୍ତମ ଭବିଷ୍ୟତ ଦିଗରେ ଚଳିତବର୍ଷ ବଜେଟରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏହା ଏକ 'ମିତ୍ର କାଳ' ବଜେଟ। ଦେଶରେ ନିଯୁକ୍ତି ସୃଷ୍ଟି, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣକୁ ଆଣିବା ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



"ଚଳିତବର୍ଷର ବଜେଟ ଜନବିରୋଧୀ। ଅନେକ ସୁବିଧାରୁ ଏହା ଗରିବ ଶ୍ରେଣୀକୁ ବଞ୍ଚିତ କରିବ। ଟ୍ୟାକ୍ସ ସ୍ଲାବ୍‌ରେ ପରିବର୍ତ୍ତନ ନିରର୍ଥକ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ଗତବର୍ଷ କେନ୍ଦ୍ର ସରକାର ବଜେଟ ଉପସ୍ଥାପନ ବେଳେ ଜନସାଧାରଣଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପୂରା କରିବାରେ ଅସଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖବରରେ ରହିବା ଲାଗି ଏପରି କରୁଛନ୍ତି।

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**



"ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଭଳି ଦେଶର ଦୁଇ ବଡ଼ ସମସ୍ୟା ଦୂରକରିବା ଦିଗରେ ଚଳିତବର୍ଷର ଆର୍ଥିକ ବଜେଟ ସହାୟକ ନୁହେଁ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟବରାଦରେ ରିହାତି ଅତ୍ୟନ୍ତ କ୍ଷତିକାରକ।

**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



"କେନ୍ଦ୍ର ଅର୍ଥମନ୍ତ୍ରୀ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିବା ୨୦୨୩-୨୪ ବଜେଟରେ ଦେଶର କୃଷକ, ଯୁବପିଢ଼ି ଏବଂ ଯବାନଙ୍କ ଲାଗି କୌଣସି ପ୍ରାବଧାନ ନାହିଁ। 'ଅମୃତ କାଳ'ଠାରୁ ବହୁ ଦୂରରେ ଅଛନ୍ତି ସାଧାରଣ ଲୋକେ।

**-ସଞ୍ଜୟ ସିଂ, ଏଏପିର ରାଜ୍ୟ ସଭା ସଦସ୍ୟ**



"୨୦୨୩-୨୪ ବଜେଟ ନିରାଶାଜନକ। କର୍ନାଟକରେ ଇରିଗେଶନ ପ୍ରୋଜେକ୍ଟ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହଯୋଗ ପ୍ରଦାନ ନେଇ ଘୋଷଣା କରିଥିବାବେଳେ ରାଜସ୍ଥାନକୁ ଅଣଦେଖା କରାଯାଇଛି।

**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



"ଦେଶବାସୀଙ୍କୁ ଚଳିତବର୍ଷର ବଜେଟ ଆଶା ଦେବା ବଦଳରେ ନିରାଶ କରିଛି। ଏହାଦ୍ୱାରା ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ବୃଦ୍ଧି ପାଇବ।

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**



"ଚଳିବର୍ଷର ଆର୍ଥିକ ବଜେଟ ଭାଜପା ନିଜ ସ୍ୱାର୍ଥ ରକ୍ଷା ପାଇଁ ନ କରି ଦେଶର ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କରିଥିଲେ ଲୋକେ ଉପକୃତ ହୋଇଥାନ୍ତେ।

**-ମାୟାବତୀ, ବହୁଜନ ସମାଜ ପାର୍ଟି ମୁଖ୍ୟ**



"କେତେଜଣ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଦୃଷ୍ଟିରେ ରଖି ଚଳିତବର୍ଷର ଆର୍ଥିକ ବଜେଟ ପ୍ରସ୍ତୁତ କରାଯାଇଛି। ଏହା ଆଦୌ ସାଧାରଣ ନାଗରିକଙ୍କ ପାଇଁ ନୁହେଁ।

**-ମେହବୁବା ମୁଫ୍‌ତି, ପିଡିପି ମୁଖ୍ୟ**



"୨୦୨୩-୨୪ ବଜେଟ ଦେଶର ସାଧାରଣ ନାଗରିକଙ୍କ ଆଶାକୁ ତଳିତଳାନ୍ତ କରିଦେବ। ଏହା ଏକ କଠୋର ବଜେଟ। କେନ୍ଦ୍ର ସରକାର ଧନୀ ଓ ଗରିବଙ୍କ ମଧ୍ୟରେ ଅସମାନତାକୁ ବଢ଼ାଇବାରେ ଲାଗିଛନ୍ତି।

**-ପି.ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା**



"ଦେଶରେ ମୁଣ୍ଡ ଟେକିଥିବା ଅର୍ଥନୈତିକ ଅସମାନତା ଉପରେ ଚଳିତବର୍ଷର ନିରାଶାଜନକ ବଜେଟ କୌଣସି ପ୍ରଭାବ ପକାଇବ ନାହିଁ। କେରଳରେ ଏମ୍ସ ସ୍ଥାପନ ଏବଂ ରେଳ କ୍ଷେତ୍ରରେ ବିକାଶ ଦାବିକୁ ବଜେଟରେ ସ୍ଥାନିତ କରାଯାଇନାହିଁ।

**-ପିନାରାୟୀ ବିଜୟନ, କେରଳ ମୁଖ୍ୟମନ୍ତ୍ରୀ**



"ଉପସ୍ଥାପିତ ବଜେଟ କେବଳ କେନ୍ଦ୍ର ସରକାରଙ୍କ ଜୁମଲା (ବାକ୍‌ଚାତୁରି)। ମୁଦ୍ରାସ୍ଫୀତି କିମ୍ବା ବେକାରି ଯୁବପିଢ଼ି ଏହାଦ୍ୱାରା ଲାଭବାନ ହେବେ ନାହିଁ। ଏହି ବଜେଟ କେତେଜଣ ପୁଞ୍ଜୀପତିଙ୍କ ପାଇଁ।

**-ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**



"କେନ୍ଦ୍ରୀୟ ବଜେଟ ଐତିହାସିକ ପଦକ୍ଷେପ। ପିଏମ୍ ବିକାଶ ଜରିଆରେ ନୂତନ ନିଯୁକ୍ତି ସୃଷ୍ଟି ହେବା ସହ ନୂଆ ଭାରତ ଗଠନରେ ଚଳିତବର୍ଷର ବଜେଟ ଦେଶକୁ ସଶକ୍ତ କରିବ।

**-ହିମନ୍ତ ବିଶ୍ୱ ଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**



"ଚଳିତବର୍ଷର ଆର୍ଥିକ ବଜେଟ ନିର୍ମଳାଜୀଙ୍କ 'ନିର୍ମମ' ବଜେଟ। ଦେଶର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ଦିଗରେ ସରକାର କୌଣସ ପଦକ୍ଷେପ ନେଇନାହାନ୍ତି।

**-ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ ଆଉ ତା' ଠଉଁ ନାହିଁ,**
**କୁଟାକୁ ଦି' ଖଣ୍ଡ କରଇ ନାହିଁ ।**

ଅତି ଅଳସୁଆ । ଏତେ ଅଳସୁଆ ଯେ କୁଟାକୁ ଦି' ଖଣ୍ଡ କରିବାକୁ ମଧ ଇଚ୍ଛା ନାହିଁ। କିଛି ବ୍ୟକ୍ତି କାମଦାମ ନ କରି ଖାଇପିଇ ଅୟସରେ ଦିନ ବିତାଇଥାନ୍ତି। କାମ କରିବା କଥା କହିଲେ ନାନା ବାହାନା ଦେଖାଇ କାମରୁ ମୁହଁ ଫେରାଇ ନେଇଥାନ୍ତି । କୌଣସି କାମରେ ଦେହ ନ ହଲେଇବା ଲୋକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅଡ଼ି ବସିଛନ୍ତି ଗେହ୍ଲା ପୁଅ,**
**ବାଘ ଦୁଧ ଆଣି ଟୋପାଏ ଦିଅ।**

ପୁଅ ହେଉକି ଝିଅ ପରିବାର ମଧ୍ୟରେ ଥିବା ଗୋଟିଏ ସନ୍ତାନ ଅଧିକ ଗେଲବସର ହୋଇଥାଏ । ଏପରି ସ୍ଥିତିରେ ତା'ର ଅଳି ନିର୍ବିଘ୍ନରେ ପୂରଣ ହୋଇଯାଉଥିବାରୁ ସେ ଟିକିଏ ଏକଜିଦିଆ ହୋଇଯାଇଥାଏ। ବେଶ୍ ଅଲିଅଳରେ ବଢ଼ିଆସିଥିବା ପୁଅ ଦୁର୍ମୂଲ୍ୟ ଦ୍ରବ୍ୟକୁ ହାତେଇବା ନେଇ ଅଡ଼ି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୦ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

## ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ

ଭୁବନେଶ୍ୱର, ୧।୨(ବ୍ୟୁରୋ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏନେଇ ବୁଧବାର ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ମୁର୍ମୁ ଉକ୍ତଦିନ ପୂର୍ବାହ୍ନ ୧୧ଟା ୪୫ରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ। ଗସ୍ତ କାଳରେ ସେ ରାଜଭବନରେ ଅବସ୍ଥାନ କରିବେ। ଅପରାହ୍ନ ୪ଟା ୧୫ରେ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ପରଦିନ ଅର୍ଥାତ୍ ୧୧ ତାରିଖ ସକାଳ ୯ଟା ୧୫ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବେ। ୨୦୨୨ ଜୁଲାଇ ୨୫ରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱିତୀୟ ଓଡ଼ିଶା ଗସ୍ତ। ଗତବର୍ଷ ନଭେମ୍ବର ୧୧ରେ ସେ ପ୍ରଥମଥର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ସମୟରେ ରାଷ୍ଟ୍ରପତି ମୁର୍ମୁ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ।


ଦ୍ରୌପଦୀ ମୁର୍ମୁ

# ରୁଚିକୁ ଗୁରୁତ୍ୱ ଦେଲେ ଲୋକେ ଖବରକାଗଜ ପଢ଼ିବେ: ତଥାଗତ



ରାୟଗଡ଼ା ପ୍ରେସ୍ ୟୁନିୟନର ସାଧାରଣ ସମ୍ପାଦକ ଶିବାଜୀ ଦାସ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀଙ୍କୁ ମାଁ ମଝିଘରିଆଣୀଙ୍କ ଫଟୋଚିତ୍ର ଦେଇ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗଣେଶ ସେଠୀ, ୟୁନିୟନର ସଭାପତି ମାଉଡ଼ି ବାରିକ, ସାଧ୍ୱୀ ସଞ୍ଜୁକ୍ତା।

## ରାୟଗଡ଼ା ପ୍ରେସ୍ ୟୁନିୟନର ବାର୍ଷିକ ଉତ୍ସବ

### ପୋଷ୍ଟମର୍ଟମ ଖବର ବଦଳରେ ବିକାଶ ମୂଳକ ଖବରକୁ ଗୁରୁତ୍ୱ

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୧।୨

ରାୟଗଡ଼ା ପ୍ରେସ୍ ୟୁନିୟନର ୭ମ ବାର୍ଷିକ ଉତ୍ସବ ବୁଧବାର ସ୍ଥାନୀୟ ତେଜସ୍ୱୀ ଇଣ୍ଟରନ୍ୟାଶନାଲ ହୋଟେଲଠାରେ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଗଣମାଧ୍ୟମରେ ପୋଷ୍ଟମର୍ଟମ ରିପୋର୍ଟର ନ ହୋଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଓ ବିକାଶ ଘଟିବା ଭଳି ଖବର ପ୍ରକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। କରୋନା ପରେ ଖବରକାଗଜ ବିକ୍ରି କମିଥିଲେ ମଧ କପି ପେଷ୍ଟ ନ୍ୟୁଜ୍ ନ କରି ପାଠିକା ପାଠକଙ୍କ ରୁଚିକୁ ଗୁରୁତ୍ୱ ଦେଲେ ଲୋକେ କାଗଜକୁ ପଢ଼ିବେ। ଗଣମାଧ୍ୟମ ପ୍ରଥମ ସ୍ତମ୍ଭ। ସତ୍ୟ ଓ ନିର୍ଭୁଲ୍ ଖବର ପ୍ରକାଶ କରିବା ସହ 'ନ୍ୟୁଜ୍ ୟୁ କ୍ୟାନ୍ ୟୁଜ୍'କୁ ଲକ୍ଷ୍ୟ ଭାବେ ଗ୍ରହଣକଲେ ଆମେ ନିଶ୍ଚୟ ଭଲ ଗଣମାଧ୍ୟମ ହୋଇପାରିବା ବୋଲି ତଥାଗତ ଏଠାରେ କହିଛନ୍ତି। ଏବେ ଅନେକ ଗଣମାଧ୍ୟମ ଆସିଲାଣି। ଆଧୁନିକୀକରଣ ସହ ତାଳଦେଇ ଗଣମାଧ୍ୟମର ସ୍ୱିଡ୍, ଚରିତ୍ର ଏବଂ ଆଭିମୁଖ୍ୟ ବଦଳୁଛି। ତେଣୁ ଏହାସହ ତାଳଦେଇ ଖବର ପରିବେଷଣ କରିବାକୁ ପଡ଼ିବ। ନିଜର ଲେଖା ମାଧ୍ୟମରେ ହିଁ ଆଗାମୀ ଦିନ ପାଇଁ ଇତିହାସ ସୃଷ୍ଟି କରିବା ବୋଲି ତଥାଗତ କହିଛନ୍ତି।

ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଫେସର ଗଣେଶ ସେଠୀ ସତ୍ୟ ଏବଂ ନିର୍ଭୁଲ୍ ଖବର ପରିବେଷଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗଣମାଧ୍ୟମ ନିର୍ଯାତିତ ଓ ନିଷ୍ପେଷିତଙ୍କ ମାଧ୍ୟମ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ୱର୍ଣ୍ଣ ସେତୁ ଆଶ୍ରମର ସାଧ୍ୱୀ ସଞ୍ଜୁକ୍ତା କହିଛନ୍ତି, ଲୋକେ ଗଣମାଧମକୁ ବିଶ୍ୱାସ କରନ୍ତି, ତେଣୁ ଏହି ବିଶ୍ୱାସ ବଜାୟ ରଖିବା ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ପ୍ରେସ୍ ୟୁନିୟନର ସଭାପତି ମାଉଡ଼ି ବାରିକ ଓ ସାଧାରଣ ସମ୍ପାଦକ ଶିବାଜୀ ଦାସ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଲ୍ୟାଣସିଂହପୁରର ସାମାଜିକ କର୍ମୀ ମହମ୍ମଦ କାସିମ୍ ଏବଂ ଆପଲସ୍ୱାମୀ କାଡ୍ରାକାଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ରାୟଗଡ଼ା ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡି.କେ. ମହାନ୍ତି, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିନୋଦ ପଣ୍ଡା, ଜେକେ କାଗଜକଳର ଲୋକ ସମ୍ପର୍କ ବିଭାଗ ଅଧିକାରୀ ହରିହର ଖମାରି, ମିଳନ ଲେଙ୍କା, ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦିଶା ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ପ୍ରେସ୍ ୟୁନିୟନର ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାସ, ସଦସ୍ୟ ରଶ୍ମିରଞ୍ଜନ ଦୋରା ଏବଂ ୟୁନିୟନର ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶୁଭଚନ୍ଦ୍ର ଏକାଧାରାରେ ଅର୍ଥ, ସମ୍ମାନ ଓ ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପ୍ରଦାନ କରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି କିମ୍ବା ନିଜ ଲୋକ ବିରୁଦ୍ଧାଚରଣ କରିପାରନ୍ତି। ଦ୍ୱିଜା ନକ୍ଷତ୍ର ସାମଗ୍ରିକ ଦୃଷ୍ଟିକୋଣରୁ ଶୁଭଫଳ ପାଇବେ। ହୋଟେଲ ଶିଳ୍ପ, ଛୋଟ ଦୋକାନ, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ**
ତୃତୀୟାଧିପତି ଧନ ସ୍ଥାନରେ ଥିବାରୁ ଆର୍ଥିକ ଉନ୍ନତି ଓ ସମ୍ପର୍କୀୟଙ୍କ ସହ ମିତ୍ରତା ବୃଦ୍ଧି ଘଟିବ। ମଧୁର ବ୍ୟବହାର ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ପ୍ରିୟପାତ୍ର ହେବେ। ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିପାରନ୍ତି। କୌଣସି ବୟସ୍କ ବ୍ୟକ୍ତିଙ୍କ ଶାରୀରିକ ଅସୁସ୍ଥତା ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ମିଥୁନ**
ରାଶିକୁ ବୁଧ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା କମିଯିବାରୁ ଆଶ୍ୱସ୍ତି ଲାଭ କରିବେ। ନିଜ ପରିସରରେ ସ୍ୱଳ୍ପବୟସ୍କ ବାଳକ ସକାଶେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ କରିବେ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ ପାଇଁ ଖର୍ଚ୍ଚାନ୍ତ ହେବେ।

**କର୍କଟ**
ରାଶ୍ୟାଧିପ ଦ୍ୱାଦଶସ୍ଥ ହେତୁ ଘରଠାରୁ ଦୂରେଇ ରହିବାକୁ ପଡ଼ିପାରେ। ଭୁଲ୍ ନିଷ୍ପତ୍ତି ଗ୍ରହଣ କରି କିମ୍ବା ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିବେ। ଅର୍ଥ ସମ୍ପର୍କିତ ଆଲୋଚନାରେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**
ପାରିବାରିକ ସମସ୍ୟା ବୃଦ୍ଧି ସାଙ୍ଗକୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ଚନ୍ଦ୍ର ଧନ ଏକାଦଶାଧିପତିଙ୍କ ଦୃଷ୍ଟିରେ ଥିବାରୁ ଆର୍ଥିକ ଅଭିବୃଦ୍ଧିରୁ ଖୁସି ହେବେ। ବ୍ୟବସାୟ ଓ ପରିବହନରେ ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ପରିସ୍ଥିତି ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କନ୍ୟା**
ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପ୍ରରୁ ଖୁସି ରହିବେ। ବୁଧ ଗୁରୁଙ୍କ ରାଶିରେ ଥିବାରୁ ଶୁଭ ଖବର ଶୁଣି ଖୁସି ହେବା ସାଙ୍ଗକୁ ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ଆଶଙ୍କା ରହିଛି।

**ତୁଳା**
ରାଶିରେ କେତୁ ଥିଲେ ମଧ ଉଚ୍ଚାରୋହୀ ଶୁକ୍ର ପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବ। ପାରିବାରିକ ସମସ୍ୟାକୁ ସମ୍ପର୍କୀୟଙ୍କ ସହାୟତାରେ ସୁଧାରିନେବେ। ଧର୍ମକାର୍ଯ୍ୟର ଆଲୋଚନା କିମ୍ବା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ।

**ବିଛା**
ରାଶିର ଉଭୟ ପାର୍ଶ୍ୱରେ ପାପଗ୍ରହଜନିତ ଅତୀତ ଘଟଣା ସମୂହକୁ ମନେପକାଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଅବଶ୍ୟ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି କାରଣରୁ ସାମାଜିକ ପ୍ରତିଷ୍ଠା ବଢ଼ିବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କୌଣସି ଏକ ସାଧାରଣ କଥା ନେଇ ପରିବହନ କ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି।

**ଧନୁ**
ଅପୂରଣୀୟ ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପାପଗ୍ରହ ମଧ୍ୟସ୍ଥ ଚତୁର୍ଥଭାବ ହେତୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ମଧୁର ସଂପର୍କ କାମଗୁଡ଼ିକ ସୁବିଧାରେ ହେବା ଦିଗରେ ସାହାଯ୍ୟ କରିବ। ମାଙ୍ଗଳିକ କାମ ଲାଗି ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର**
ସମ୍ପର୍କୀୟଙ୍କ ସହଯୋଗକ୍ରମେ ଆନୁଷ୍ଠାନିକ କାମ ପ୍ରତି ମନ ବଳାଇବେ। ଅଷ୍ଟମାଧିପତି ରାଶିସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିବେ। ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପ୍ରରୁ ଖୁସି ରହିବେ।

**କୁମ୍ଭ**
କର୍ମାଧିପ ସ୍ୱକ୍ଷେତ୍ରକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ପ୍ରିୟକଥା କହି ସମସ୍ୟା ସୁଧାରିନେବେ। ନିର୍ମାଣ କାମ ଧିମେଇ ଯିବାରୁ ବ୍ୟସ୍ତତା ଅନୁଭବ କରିବେ। ବ୍ୟବସାୟିକ ସଫଳତା ସନ୍ତୋଷଜନକ ହେବନାହିଁ। ଆଜିର ଯାତ୍ରାରେ ପ୍ରତିବନ୍ଧକର ସାମ୍ନା କରିବେ। ଜମିଜମା କାରବାରରେ ବିଳମ୍ବ ହେତୁ ସମସ୍ୟା ଦେଖାଦେଇପାରେ।

**ମୀନ**
ମୁଖସ୍ଥ ରାହୁ ହେତୁ ଆଜି ଦିନ ମଧ୍ୟରେ ଯାହା କହିବେ କିମ୍ବା କରିବେ ତାହା ଆପଣଙ୍କ ବିପକ୍ଷରେ ଯାଇପାରେ। ସାମାଜିକ ସ୍ତରରେ କିମ୍ବା ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଆଜିର ଅଫିସ୍ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ମାଘ ଶୁକ୍ଳ ଦ୍ୱାଦଶୀ ଗୁରୁବାର, ଫେବୃୟାରୀ ୨ ତାରିଖ, ବିଶ୍ୱ ଆର୍ଦ୍ରଭୂମି ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୫ ଗତେ ଘ.୦୭।୫୫ ମଧ୍ୟେ, ଘ.୧୦।୫୩ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୪ ଗତେ ଘ.୦୨।୪୭ ମଧ୍ୟେ ରାହୁକାଳ।

## ବଜେଟ୍‌ରେ ନିର୍ବାଚନୀ ...

ସରକାର ଗ୍ରୀନ୍ ଗ୍ରୋଥ୍ ଉପରେ ଅଗ୍ରାଧିକାର ଦେଉଛନ୍ତି। ଅଙ୍ଗାରକାମ୍ଳ ନିର୍ଗମନକୁ ଯଥାସମ୍ଭବ ହ୍ରାସ କରି ପରିବେଶକୁ ନିର୍ମଳ ରଖିବା ତଥା ଅଙ୍ଗାରମୁକ୍ତ ଅର୍ଥନୀତି ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ସରକାର ସବୁଜ ଇନ୍ଧନ, ସବୁଜ ଶକ୍ତି, ପ୍ରଦୂଷଣମୁକ୍ତ ଚାଷ, ପ୍ରଦୂଷଣମୁକ୍ତ ଗମନାଗମନ, ସବୁଜ ଉପକରଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରଦୂଷଣର ପ୍ରଭାବ ଯେପରି ନ ରୁହେ, ସେଥିଲାଗି ସରକାର ପ୍ରୟାସଶୀଳ ବୋଲି ବଜେଟରେ ଅବତାରଣା କରାଯାଇଛି। ୨୦୩୦ ସୁଦ୍ଧା ଦେଶରେ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ୫ ନିୟୁତ ଟନ୍‌ରେ ପହଞ୍ଚାଇବା ଲାଗି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ନ୍ୟାଶନାଲ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନରେ ପ୍ରାଥମିକ ପର୍ଯ୍ୟାୟରେ ୧୯,୭୪୪ କୋଟି ଟଙ୍କା ବ୍ୟୟ କରାଯିବ। ଲଦାଖରୁ ଅକ୍ଷୟଶକ୍ତି ଗ୍ରୀଡ୍ ସଂଯୋଗ ଓ ସ୍ଥାନାନ୍ତର ଲାଗି ୨୦,୭୦୦ କୋଟି ଟଙ୍କାର ନିବେଶ ନିମନ୍ତେ ବଜେଟରେ ବ୍ୟବସ୍ଥା କରାଯାଇଛି।

ଗ୍ରାମାଞ୍ଚଳର ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ପାଇଁ କୃଷିକ୍ଷେତ୍ରକୁ ଜୋର୍ ଦିଆଯାଇଛି। ଆଗାମୀ ୫ ବର୍ଷରେ ସରକାର ଗାଁଗୁଡ଼ିକରେ ବହୁସଂଖ୍ୟକ ବହୁମୁଖୀ ସମବାୟ ସମିତି, ପ୍ରାଥମିକ ମତ୍ସ୍ୟ ସମିତି ଓ ଡାଏରି କୋ-ଅପରେଟିଭ୍ ସୋସାଇଟି ପ୍ରତିଷ୍ଠା କରିବେ। 'ସହକାର ଜରିଆରେ ସମୃଦ୍ଧି' ପରିଯୋଜନାକୁ ସାକାର କରିବାରେ ଏହା ସହାୟକ ହେବ। ସମବାୟ ମନ୍ତ୍ରଣାଳୟ ପକ୍ଷରୁ ୨,୫୧୬ କୋଟି ଟଙ୍କା ବ୍ୟୟରେ ୬୩,୦୦୦ ପ୍ରାଇମେରି ଏଗ୍ରିକଲ୍ଚର କ୍ରେଡିଟ୍ ସୋସାଇଟି (ପିଏସିଏସ୍)ର କମ୍ପ୍ୟୁଟରୀକରଣ କରାଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୧ କୋଟି ଚାଷୀଙ୍କୁ ଜୈବିକ କୃଷି ଆପଣାଇବା ପାଇଁ ପ୍ରୋତ୍ସାହନ ଦିଆଯିବ। ୨୦୨୪ ପାଇଁ କୃଷି ଋଣ ଟାର୍ଗେଟକୁ ୨୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି।

ପ୍ରତିରକ୍ଷା ବାବଦ ବ୍ୟୟବରାଦ ୫.୯୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ୧୩% ଅଧିକ। ଗତବର୍ଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ବଜେଟରେ ୫.୨୫ ଲକ୍ଷ କୋଟି ଟଙ୍କା ରଖାଯାଇଥିଲା। ଅନୁରୂପ ଭାବେ ରେଲୱେ ପାଇଁ ସର୍ବାଧିକ ୨.୪୦ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୧୩-୧୪ ଆର୍ଥିକ ବର୍ଷର ବ୍ୟୟବରାଦ ତୁଳନାରେ ଏହା ୯ ଗୁଣ ଅଧିକ। କୋଇଲା, ସାର ଏବଂ ଖାଦ୍ୟଶସ୍ୟ ସେକ୍ଟରଗୁଡ଼ିକ ପାଇଁ ଆରମ୍ଭ ଓ ଶେଷ ମାଇଲ୍ ସଂଯୋଗ ନିମନ୍ତେ ୧୦୦ଟି ଗୁରୁତ୍ୱପୂର୍ଣ୍ଣ ପରିବହନ ଭିତ୍ତିଭୂମି ପ୍ରକଳ୍ପକୁ ଚିହ୍ନଟ କରାଯାଇଛି।

କେନ୍ଦ୍ର ସରକାର ବଜେଟରେ ବହୁପ୍ରତୀକ୍ଷିତ ବ୍ୟକ୍ତିଗତ ଆୟକର ସୀମା ବୃଦ୍ଧି କରିଛନ୍ତି। ଏଣିକି ବାର୍ଷିକ ୭ ଲକ୍ଷ ଟଙ୍କା ଆୟ ପର୍ଯ୍ୟନ୍ତ ଟାକ୍ସ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଆୟକର ଛାଡ଼ ସୀମା ୫ ଲକ୍ଷ ଟଙ୍କା ଥିଲା। ତେବେ ଏଥିପାଇଁ ଏକ ସର୍ତ୍ତ ରହିଛି। ଯେଉଁମାନେ ୨୦୨୦ରେ ପ୍ରବର୍ତ୍ତିତ ନୂଆ ଟାକ୍ସ ବ୍ୟବସ୍ଥା ଚୟନ କରିବେ, ସେମାନଙ୍କ ପାଇଁ ଏହି ପରିବର୍ତ୍ତିତ ରିହାତି ଲାଗୁ ହେବ। ନୂଆ ଟାକ୍ସ ବ୍ୟବସ୍ଥାରେ ଏଣିକି ୫ ଥାକିଆ ଢାଞ୍ଚା ଲାଗୁହେବା ସହ ନୋ-ଟାକ୍ସ ସ୍ଲାବ୍‌କୁ ୫୦,୦୦୦ ଟଙ୍କା ବଢ଼ାଯାଇଛି। ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଆଦୌ ଟିକସ ଦେବାକୁ ପଡ଼ିବ ନାହିଁ।

ଜରିମାନା ଏବଂ ଜାମିନ ଅମାନତ ଅର୍ଥ ଜମା କରିବାରେ ଅକ୍ଷମ ଗରିବ ବନ୍ଦୀମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଦେଶରେ ଆଉ ୫୦ଟି ବିମାନବନ୍ଦର, ହେଲିପୋର୍ଟ, ୱାଟର ଏରୋଡ୍ରମ୍ ଏବଂ ଅଗ୍ରିମ ଲ୍ୟାଣ୍ଡିଂ ଗ୍ରାଉଣ୍ଡକୁ ପୁନଃବିକଶିତ କରାଯିବ। ୨୦୧୪ ପରଠାରୁ ନିର୍ମାଣ ହୋଇଥିବା ୧୫୭ ମେଡିକାଲ କଲେଜ ପାଖରେ ୧୫୭ଟି ନର୍ସିଂ କଲେଜ ପ୍ରତିଷ୍ଠା କରାଯିବ। ଦେଶରେ ଥିବା ୭୪୦ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ୩.୫ ଲକ୍ଷରୁ ଅଧିକ ଜନଜାତି ଛାତ୍ରୀଛାତ୍ର ପଢୁଛନ୍ତି। ଆଗାମୀ ୩ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏସବୁ ସ୍କୁଲରେ ୩୮,୯୦୦ ଶିକ୍ଷକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେବେ ବୋଲି ବଜେଟରେ ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ଅଟକଳ ପରମାଣକୁ ୬୬% ବଢ଼ାଇ ୭୯ ହଜାର କୋଟି ଟଙ୍କା କରାଯାଇଛି। ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାରେ ଜମାରାଶି ସୀମାକୁ ଦୁଇଗୁଣ ବଢ଼ାଇ ୩୦ ଲକ୍ଷ ଟଙ୍କା କରିବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ଏହି ଯୋଜନାରେ ସର୍ବାଧିକ ଜମାରାଶି ସୀମା ୧୫ ଲକ୍ଷ ଟଙ୍କା ରହିଥିଲା। ଦେଶରେ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ବ୍ୟୟକୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ଜିଡିପିର ୩.୩ ପ୍ରତିଶତ। ଏହା ପୂର୍ବ ବର୍ଷ ତୁଳନାରେ ୩୩ ପ୍ରତିଶତ ଅଧିକ। ପିଲା ଓ କିଶୋରମାନଙ୍କ ଲାଗି ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି ସ୍ଥାପନ ହେବ। ରାଜ୍ୟଗୁଡ଼ିକୁ ପଞ୍ଚାୟତ ଏବଂ ୱାର୍ଡସ୍ତରରେ ଲାଇବ୍ରେରି ଖୋଲିବା ପାଇଁ ପ୍ରୋତ୍ସାହିତ କରାଯିବ।

ଭାରତକୁ 'ଶ୍ରୀ ଅନ୍ନ'ର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ଲାଗି ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ ରସର୍ଚ୍ଚକୁ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରାଯିବ। ଭାରତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ କାର୍ଯ୍ୟ କରିବା ସକାଶେ ଦେଶର ଶୀର୍ଷ ଅନୁଷ୍ଠାନରେ ୩ଟି ଉତ୍କୃଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯିବ। ବ୍ୟକ୍ତିମାନଙ୍କୁ ଚିହ୍ନଟ ଓ ଠିକଣା ମିଳାଇବା ଲାଗି ୱାନ୍ ଷ୍ଟପ୍ ସମାଧାନ ବ୍ୟବସ୍ଥା କରାଯିବ, ଯେଉଁଥିରେ ଡିଜି ଲକର ସେବା ଓ ଆଧାରକୁ ଅସଲି ପରିଚୟ ରୂପେ ପ୍ରୟୋଗ କରାଯିବ। ନିର୍ଦ୍ଦିଷ୍ଟ ସରକାରୀ ଏଜେନ୍ସିର ସମସ୍ତ ଡିଜିଟାଲ ବ୍ୟବସ୍ଥା ଲାଗି ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସାଧାରଣ ପରିଚୟପତ୍ର ରୂପେ ପ୍ରୟୋଗ କରାଯିବ। ଏହାଦ୍ୱାରା ବ୍ୟବସାୟ ସହଜ ହେବ।

ଅନ୍ୟପକ୍ଷରେ ବଜେଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ଅଣଦେଖା କରାଯାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ଏଥିରେ ୩୨% କମ୍ ବ୍ୟୟବରାଦ ହୋଇଛି।

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଏକକ ନୂଆ ଲଘୁ ସଞ୍ଚୟ ଯୋଜନା, ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର ଆରମ୍ଭ କରାଯିବ। ମହିଳା କିମ୍ବା କିଶୋରୀଙ୍କ ନାମରେ ଆଂଶିକ ଉଠାଣ ବିକଳ୍ପ ସହିତ ୨ବର୍ଷର ଅବଧି ଲାଗି ୭.୫% ନିୟମିତ ସୁଧ ଦରରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ସୁବିଧା ପାଇଁ ବଜେଟରେ ପ୍ରସ୍ତାବ ରହିଥିବା ଅର୍ଥମନ୍ତ୍ରୀ କହିଛନ୍ତି।

ରାଜ୍ୟଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ୫୦ ବର୍ଷୀୟ ଋଣକୁ ୨୦୨୩-୨୪ ମଧ୍ୟରେ ପୁଞ୍ଜିଗତ ବ୍ୟୟ ଉପରେ ଖର୍ଚ୍ଚ କରାଯିବ। ଏଥିରୁ ଅଧିକାଂଶ ଋଣ ବ୍ୟୟ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରିବ। କିନ୍ତୁ ଏହି ଋଣର ଗୋଟିଏ ଭାଗ ସେମାନଙ୍କ ଦ୍ୱାରା ବାସ୍ତବ ପୁଞ୍ଜି ବ୍ୟୟକୁ ବଢ଼ାଇବା ସର୍ତ୍ତରେ ଦିଆଯିବ। ରାଜ୍ୟଗୁଡ଼ିକୁ ଜିଏସ୍‌ଡିପିର ୩.୫%ର ରାଜକୋଷୀୟ ନିଅଣ୍ଟ ପାଇଁ ଅନୁମତି ମିଳିବ, ଯାହାର ୦.୫% ବିଦ୍ୟୁତ୍ କ୍ଷେତ୍ରରେ ସୁଧାର ସହିତ ଯୋଡ଼ାଯିବ। ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟୟ ଆବଶ୍ୟକତା ପୂରଣ କରିବା ନିମନ୍ତେ କେନ୍ଦ୍ର ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ୧୫.୪ଲକ୍ଷକୋଟିଟଙ୍କାଋଣକରିବାକୁଯୋଜନାକରିଛନ୍ତି।



ବଜେଟ ଉପସ୍ଥାପନର ସିଧାପ୍ରସାରଣକୁ ଲୋକମାନେ ଟିଭି ସ୍କ୍ରିନ୍‌ରେ ଦେଖୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଜେଟ ସବୁ ବର୍ଗର...

ପେମେଣ୍ଟର ଚାହିଦା ବଢ଼ିଥିବାବେଳେ କୃଷି କ୍ଷେତ୍ରରେ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚରର ବ୍ୟବହାର କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଯୋଗୁ ଗ୍ରାମାଞ୍ଚଳ ଅର୍ଥନୀତିକୁ ଉନ୍ନତୀକରଣ କରାଯାଇପାରିବ। ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ସରକାର ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିବେ। ଦେଶର 'ଅମୃତ କାଳ' ପାଇଁ ଏହା ପ୍ରଥମ ବଜେଟ ହୋଇଥିବାବେଳେ ସମାଜ ବଞ୍ଚିତ ବର୍ଗଙ୍କ ବିକାଶ ଦିଗରେ ମଧ ଦୃଷ୍ଟି ଦିଆଯାଉଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ତାଙ୍କ ଟିମ୍ ଏ ପ୍ରକାର ଐତିହାସିକ ବଜେଟ ପ୍ରସ୍ତୁତ କରିବା ନେଇ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଏମ୍‌ଜିଏନ୍‌ଆରଇଜିଏସ୍ ...

ଏହା ଗ୍ରାମାଞ୍ଚଳରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ସାମାଜିକ କ୍ଷେତ୍ରକୁ ପ୍ରଭାବିତ କରିବ। ମିଲେଟ ମିଶନ ଉପରେ ଗୁରୁତ୍ୱ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ ଜଣାଇଛନ୍ତି। ଦେଶରେ ଓଡ଼ିଶାର ମିଲେଟ ମିଶନ ଏକ ଯୁଗାନ୍ତକାରୀ ପଦକ୍ଷେପ। କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ବଜେଟରେ ବିଶ୍ୱର ନୂଆ ବୈଷୟିକ ଜ୍ଞାନକୌଶଳ ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଆଦିକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଆଦିମ ଜନଜାତିଙ୍କୁ ଗୁରୁତ୍ୱ ଦିଆଯାଇଥିବା ଏକ ଭଲ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ ବଜେଟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟୟ ହ୍ରାସକୁ ନେଇ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ଏହା ଗରିବ ଲୋକମାନଙ୍କୁ ପ୍ରଭାବିତ କରିବା ସହ ବଜେଟରେ ଖାଦ୍ୟ ନିରାପତ୍ତା ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ବ୍ୟୟ ବରାଦକୁ ହ୍ରାସ ଗରିବ ଲୋକ ଓ ଚାଷୀଙ୍କୁ ପ୍ରଭାବିତ କରିବ। ୨୦୨୧-୨୨ କେନ୍ଦ୍ର ବଜେଟରେ ଧାନ ସଂଗ୍ରହ ପାଇଁ ପ୍ରାୟ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଚଳିତ ବଜେଟରେ ମାତ୍ର ୬୦ ହଜାର କୋଟି ରଖାଯାଇଛି। ଶସ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଯୋଗାଇବା କ୍ଷେତ୍ରରେ ଏହା ଏକ ବଡ଼ ସମସ୍ୟା ହେବ। ସେହିପରି ୨୦୨୧-୨୨ରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ବଜେଟରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବଜେଟରେ ମାତ୍ର ୧.୩୭ ଲକ୍ଷ କୋଟି ଟଙ୍କା କରାଯାଇଛି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବଜେଟରେ ବ୍ୟୟବରାଦ ଆଶାନୁରୂପ ହୋଇ ନାହିଁ। ଓଡ଼ିଶା ଭାଜପା ନେତା ସର୍ବଦା ଆୟୁଷ୍ମାନ ଭାରତକୁ ନେଇ ହୋହଲ୍ଲା କରୁଛନ୍ତି। ରାଜ୍ୟ ସରକାର ଘରୋଇ ହସ୍ପିଟାଲଗୁଡ଼ିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ପାଇଁ ୨୪୦୦ କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ କେନ୍ଦ୍ର ବଜେଟରେ ସମଗ୍ର ଦେଶ ପାଇଁ ମାତ୍ର ୭ ହଜାର ୨୦୦ କୋଟି ଟଙ୍କା କରାଯାଇଛି। ଯଦି ସରକାରୀ ହସ୍ପିଟାଲ ସୁବିଧାକୁ ଯୋଡ଼ା ଯିବ ତେବେ ବିଏସ୍‌କେୱାଇର ବାର୍ଷିକ ବ୍ୟୟ ପ୍ରାୟ ୬ ହଜାର କୋଟିରେ ପହଞ୍ଚିବ। ଆମ ରାଜ୍ୟ ପାଇଁ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ଆମେ ପୁଞ୍ଜିନିବେଶ କରିବାକୁ ଗୁରୁତ୍ୱ ଦେଇଆସିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବଜେଟ ଗରିବଙ୍କୁ ସଶକ୍ତ କରିବ



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ଉପସ୍ଥାପିତ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ସର୍ବବ୍ୟାପୀ ଓ ବିକଶିତ ଭାରତ ପାଇଁ ବଜେଟ। ଚଳିତବର୍ଷ ମୋଟ ୧,୧୬,୪୧୭ କୋଟି ଟଙ୍କା ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପାଇଁ ବ୍ୟବବରାଦ କରାଯାଇଛି। ଜାତୀୟ ଶିକ୍ଷାନୀତିକୁ କ୍ରିୟାନ୍ୱୟନ କରିବା ପାଇଁ ଚଳିତବର୍ଷ ପ୍ରଥମ ଥର ଶିକ୍ଷା ବିଭାଗରେ ସର୍ବାଧିକ ୧,୧୨, ୮୯୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହାବ୍ୟତୀତ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ପାଇଁ ୩ ହଜାର ୫୧୭ କୋଟି ଟଙ୍କା ଆବଣ୍ଟନ ହୋଇଛି। ଶିକ୍ଷକଙ୍କୁ ଗୁଣାତ୍ମକ ଶିକ୍ଷା ଓ ଦକ୍ଷତାବୃଦ୍ଧି ତାଲିମ ଦିଆଯିବା ଭଳି ଡାଏଟ(ଡିଷ୍ଟ୍ରିକ୍ଟ ଇନ୍ଷ୍ଟିଚ୍ୟୁଶନ ଫର୍ ଏଜ୍ୟୁକେଶନ ଆଣ୍ଡ ଟ୍ରେନିଂ)କୁ ଅପ୍‌ଗ୍ରେଡେସନ କରାଯାଇଛି। ଶିଶୁଙ୍କ ଜ୍ଞାନ ବଢ଼ାଇବା ପାଇଁ ଜାତୀୟ ଡିଜିଟାଲ ଲାଇବ୍ରେରିର କଳ୍ପନା କରାଯାଇଛି। ୩୦ ସ୍କିଲ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ପ୍ରତିଷ୍ଠା କରାଯାଇ ଯୁବକଙ୍କୁ ଦକ୍ଷ କରାଯିବ। ୧୫୭ ମେଡିକାଲ କଲେଜରେ ୧୫୭ ନର୍ସିଂ କଲେଜ ସ୍ଥାପନ ହେବ। ଦେଶରେ ୭୪୦ଟି ଏକଲବ୍ୟ ସ୍କୁଲରେ ୩୮ ହଜାର ୮୦୦ ଶିକ୍ଷକ ଓ ସହାୟକଙ୍କୁ ନିଯୁକ୍ତି ଦିଆଯିବ। ଏହି ବଜେଟ ଗରିବଙ୍କୁ ସଶକ୍ତ କରିବ ।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

## ପିଭିଟିଜି ଦ୍ୱାରା ରାଜ୍ୟର ୧୪ ଆଦିମ ଜନଜାତି ଲାଭବାନ୍ ହେବେ



ଚଳିତ ବଜେଟ ଏକ ଐତିହାସିକ ଏବଂ ଯୁଗାନ୍ତକାରୀ । ଉକ୍ତ ବଜେଟ ଦେଶର ଗରିବ, ମଧ୍ୟବିତ୍ତ,କିଷାନ,ଦଳିତ, ଜନଜାତି ତଥା ସାଧାରଣ ଜନତାଙ୍କ ପାଇଁ ବେଶ୍ ଲାଭପ୍ରଦ ହେବା ସହିତ ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାର ପଥକୁ ସୁଗମ କରିବ। ସ୍ୱାଧୀନତାର ୭୫ ବର୍ଷ ପରେ ପ୍ରଥମ ଥର ପାଇଁ ଦେଶରେ ଥିବା ୭୫ ସ୍ୱତନ୍ତ୍ର ଆଦିମ ଜନଜାତି (ପିଭିଟିଜି)ଙ୍କ ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ପ୍ରଧାନମନ୍ତ୍ରୀ ପିଭିଟିଜି ଡେଭଲପମେଣ୍ଟ ଫଣ୍ଡ ଶୁଭାରମ୍ଭ କରାଯାଇଛି; ଯେଉଁଥିରେ ଆମ ରାଜ୍ୟରେ ୧୪ ଆଦିମ ଜନଜାତି ଲାଭବାନ୍ ହୋଇପାରିବେ। ସେହିପରି ଜନଧନ ବିକାଶ କେନ୍ଦ୍ର ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅର୍ଥର ବ୍ୟବସ୍ଥା କରାଯାଇଛି, ଯାହା ବେଶ୍ ପ୍ରଶଂସନୀୟ।

- ବିଶ୍ୱେଶ୍ୱର ଟୁଡୁ, କେନ୍ଦ୍ରମନ୍ତ୍ରୀ

## ଶ୍ରମିକ, କୃଷକ ବିରୋଧୀ ବଜେଟ



କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ବଜେଟ ଶ୍ରମିକ ଓ କୃଷକ ବିରୋଧୀ, ମଧ୍ୟବିତ୍ତଙ୍କ ପାଇଁ ନୈରାଶ୍ୟଜନକ। ବେକାରି ସମସ୍ୟା ଦୂରୀକରଣ ପାଇଁ କିମ୍ବା ଦରଦାମ ବୃଦ୍ଧି ବନ୍ଦ କରିବା ପାଇଁ ବଜେଟରେ କିଛି ସୂଚନା ନାହିଁ। ଯଦିଓ କ୍ୟାପିଟାଲ ଏକ୍ସପେଣ୍ଡିଚର ଏବଂ ରେଳବାଇର ବିକାଶ ପାଇଁ ଅଧିକ ଅର୍ଥ ବରାଦ ହୋଇଛି ତାହା ଖର୍ଚ୍ଚ ହେବା ସମ୍ଭାବନା ନାହିଁ। ଗତ ବର୍ଷ ବଜେଟରେ ଅଧିକ ଅର୍ଥ ବ୍ୟୟ ବରାଦ ହୋଇଛି, କିନ୍ତୁ ଖର୍ଚ୍ଚ ହୋଇନି। ମୋଟାମୋଟି କହିବାକୁ ଗଲେ ଏହା ଶ୍ରମିକ, କୃଷକ ବିରୋଧୀ ବଜେଟ।

- ନରସିଂହ ମିଶ୍ର,
କଂଗ୍ରେସ ବିଧାୟକ ଦଳ ନେତା

## ହତାଶ କରିଛି ବଜେଟ



ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାର ସବୁ ରାଜ୍ୟର ସମ ବିକାଶ ପାଇଁ ବଜେଟ ଅନୁଦାନ ଦେବା କଥା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ଭାବନା ଛାଡ଼ି ଦଳୀୟ ଭାବନାରେ କାମ କରୁଛନ୍ତି। ରାଜ୍ୟର ଅନେକ ନ୍ୟାଯ୍ୟ ଦାବିକୁ ଉପେକ୍ଷା କରାଯାଉଛି। ଏହି ବଜେଟରୁ ଜନସାଧାରଣ ଅନେକ କିଛି ଆଶା କରୁଥିଲେ, ମାତ୍ର ହତାଶ ହେବାକୁ ପଡ଼ିଛି। ରାଜ୍ୟ ସରକାର ୮ ହଜାର କୋଟି ଟଙ୍କା ରେଳ ପାଇଁ ମାଗିଛନ୍ତି। ବଜେଟରେ କେନ୍ଦ୍ର ସରକାର କେତେ ଦେଉଛନ୍ତି ତାହା ଜଣାନାହିଁ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ରେଳମନ୍ତ୍ରୀ ସବୁବେଳେ କହୁଛନ୍ତି ଆମ ପାଖରେ ଟଙ୍କା ଅଛି, ମାତ୍ର ରାଜ୍ୟ ସରକାର ଜମି ଯୋଗାଇ ଦେଉନାହାନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇ ଦେଉଛନ୍ତି। ତେବେ ପ୍ରକଳ୍ପ ଶେଷ କରିବା ଦାୟିତ୍ୱ କେନ୍ଦ୍ର ସରକାରଙ୍କର। ପରିବେଶ ମଞ୍ଜୁରୀ କେନ୍ଦ୍ର ସରକାର ଆଣିବା କଥା। ମାତ୍ର ତାହା ହେଉ ନାହିଁ।

- ଦାମୋଦର ରାଉତ, ପୂର୍ବତନ ମନ୍ତ୍ରୀ

## ଦରଦାମ୍, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ନାହିଁ



କେନ୍ଦ୍ର ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଡ଼ ବଜେଟ ପ୍ରସ୍ତୁତ କରିଛନ୍ତି। ସବୁ ବର୍ଗକୁ ସନ୍ତୁଷ୍ଟ କରିବାକୁ ବ୍ୟୟ ବରାଦ କରିଛନ୍ତି। ତେବେ ବଜେଟରେ ନିଜସ୍ୱ ଆୟ ଯାହା ବିଗତ ବର୍ଷଗୁଡ଼ିକରେ କେନ୍ଦ୍ର ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ସେହି ଲକ୍ଷ୍ୟରେ ପହଞ୍ଚି ପାରୁନାହାନ୍ତି। ନିଜସ୍ୱ ଟିକସ ସଂଗ୍ରହରେ ସଫଳ ହେବା ନେଇ ସନ୍ଦେହ ରହିଛି। ବିତ୍ତୀୟ ନିଅଣ୍ଟ ସୀମା ବାହାରକୁ ହୋଇଯାଉଛି। ମୁଦ୍ରାସ୍ଫୀତି ରୋକିବା, ଦରଦାମ୍ ନିୟନ୍ତ୍ରଣ, ନିଯୁକ୍ତି ପାଇଁ ବଜେଟରେ ସେପରି କିଛି ବ୍ୟବସ୍ଥା ହୋଇନାହିଁ। ବଡ଼ ବଜେଟ ପାଇଁ ଅର୍ଥ ବ୍ୟବସ୍ଥା କରିବା ସମ୍ଭବ ହେବ କି ନାହିଁ ତାହା ସନ୍ଦେହଜନକ। ଚାଷୀଙ୍କୁ ଖୁସି କରିବାକୁ ଚେଷ୍ଟା କରାଯାଇଥିବା ବେଳେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ କୋହଳ କରାଯାଇଛି।

- ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଅର୍ଥମନ୍ତ୍ରୀ

## ବଜେଟ ଦେଶର ଅର୍ଥନୀତିକୁ ଗତିଶୀଳ କରି ପାରିବ ନାହିଁ



୨୦୧୪ରୁ ଏ ପର୍ଯ୍ୟନ୍ତ ୪୪ କୋଟି ଲୋକ ଗରିବ ଭିତରକୁ ଠେଲି ହୋଇ ଯାଇଛନ୍ତି। ସେମାନଙ୍କୁ ଦାରିଦ୍ର୍ୟସୀମା ରେଖା ଉପରକୁ ଉଠାଇବାକୁ ବଜେଟରେ କୌଣସି ବ୍ୟବସ୍ଥା ହୋଇ ନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରେ ପୁଞ୍ଜିବ୍ୟୟ ପ୍ରସ୍ତାବିତ ଖର୍ଚ୍ଚ ଠାରୁ ୨୨ ହଜାର କୋଟି ଟଙ୍କା କମ ଖର୍ଚ୍ଚ ହୋଇଛି। ଏମଜିଏନଆରଇଜିଏସରେ ପୂର୍ବବର୍ଷ ଗୁଡିକରେ ୮୯୪୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଚଳିତ ବଜେଟରେ ୬୦ ହଜାର କୋଟିକୁ ଖସାଇ ଦିଆଯାଇଛି। ଦରଦାମ ମୁଦ୍ରାସ୍ଫୀତି ହ୍ରାସ ଦିଗରେ ବଜେଟରେ ସେପରି କୌଣସି ବ୍ୟବସ୍ଥା ହୋଇ ନାହିଁ। ଚଳିତ ବଜେଟ ଦେଶର ଅର୍ଥନୀତିକୁ ଗତିଶୀଳ କରି ପାରିବ ନାହିଁ।

- ଶରତ ପଟ୍ଟନାୟକ, ପିସିସି ସଭାପତି

## ଗରିବ, କିଷାନ, ମଜଦୁରଙ୍କୁ ନିରାଶ କରିଛି



୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଗାଁର ଗରିବ, କିଷାନ, ମଜଦୁରଙ୍କୁ ନିରାଶ କରିଛି। ଏବର୍ଷ ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ବଜେଟ ଗତବର୍ଷ ତୁଳନାରେ କମାଇ ଦିଆଯାଇଛି। ୪୭ ଲକ୍ଷ ଯୁବପିଢ଼ିଙ୍କୁ ଦକ୍ଷତା ତାଲିମ ଦେବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ବଜେଟ ରଖାଯାଇଥିବା ବେଳେ ବେକାର ସମସ୍ୟାର ସମାଧାନ ହେବ ନାହିଁ। ସମବାୟ ବିଭାଗକୁ ତ୍ୱରାନ୍ୱିତ କରିବା ଲାଗି ଗୁରୁତ୍ୱ ଦିଆଯାଇଥିବା ବେଳେ କୃଷି କ୍ଷେତ୍ରକୁ ଅଣଦେଖା କରାଯାଇଛି। ମୋଟ ଉପରେ ଏହି ବଜେଟରେ ଗରିବ ଲୋକଙ୍କୁ ଓ ବେକାର ଯୁବକଙ୍କୁ ନିରାଶ କରିଥିବା ବେଳେ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରଦାମ୍ ବୃଦ୍ଧି ରୋକିବା ପାଇଁ ବଜେଟରେ କୌଣସି ପଦକ୍ଷେପ ନିଆଯାଇନାହିଁ।

- ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି

## ଜନବିରୋଧୀ, ସଙ୍କୋଚନ ସୃଷ୍ଟିକାରୀ ବଜେଟ



ଏହା ଜନବିରୋଧୀ ଏବଂ ସଙ୍କୋଚନ ସୃଷ୍ଟିକାରୀ ବଜେଟ। ଉକ୍ତ ବଜେଟରେ ଉଚ୍ଚବର୍ଗ ଲୋକଙ୍କୁ ଯେଉଁଭଳି ରିହାତି ଦେଇଛନ୍ତି ଏହାଦ୍ୱାରା କେନ୍ଦ୍ର ସରକାର ୩୫ ହଜାର କୋଟି ଟଙ୍କା ହରାଇବେ। ଦେଶରେ ଆର୍ଥିକ ମାନ୍ଦାବସ୍ଥା ବଢୁଥିବା ବେଳେ ଲୋକଙ୍କ ଆର୍ଥିକ ସ୍ଥିତି ବୃଦ୍ଧି ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଖାଦ୍ୟ ସବ୍‌ସିଡିରେ ୯୦ ହଜାର କୋଟି ଟଙ୍କା କମ୍ କରାଯାଇଛି। ସବୁ ଦିଗକୁ ଦେଖିଲେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛନ୍ତି।

- ଅଳି ପଟ୍ଟନାୟକ, ସିପିଆଇଏମ୍ ରାଜ୍ୟ ସମ୍ପାଦକ

## ସନ୍ତୁଳିତ ବଜେଟ



ସୁଧାର ପାଇଁ ସରକାର ଏକ ସମତୁଲ ବଜେଟ ବ୍ୟବସ୍ଥା କରିଥିବା ବେଳେ ମଧ୍ୟମ ବର୍ଗଙ୍କ ପାଇଁ ସେଭଳି କିଛି ନ ଥିଲେ ମଧ୍ୟ ଅନେକ ପ୍ରକାର ସୁବିଧା କରାଯାଇଛି। ସେହିଭଳି ସରକାର ସବୁ କ୍ଷେତ୍ରକୁ ସ୍ପର୍ଶ କରିଥିବା ବେଳେ କରଦାତାଙ୍କଠାରୁ ନେଇ ଉତ୍ପାଦନ ପର୍ଯ୍ୟନ୍ତ ସବୁଥିରେ ପରିବର୍ତ୍ତନ କରାଯାଇଛି। ଆଗାମୀ ଦିନରେ ସରକାର ଯଦି ଏହାକୁ ଠିକ ଭାବେ କାର୍ଯ୍ୟକାରୀ କରିବେ ତା'ହେଲେ ସବୁ ବର୍ଗଙ୍କୁ ସୁଫଳ ମିଳିବ। ସେହିପରି ବ୍ୟବସାୟୀ ଓ ବ୍ୟବସାୟ ପାଇଁ ଅନେକ ପ୍ରକାର ସୁବିଧା ସାଙ୍ଗକୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବେଶ୍ ଗୁରୁତ୍ୱ ଦିଆଯାଇଛି।

- ସୁଧାକର ପଣ୍ଡା,
ଲଓଡ଼ିଶା ବ୍ୟବସାୟ ମହାସଂଘର ମହାସଚିବ

## ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ



ଦେଶର ବିକାଶ ପାଇଁ ସରକାର ଚଳିତ ଥର ଏକ ଅଭିବୃଦ୍ଧି ଭିତ୍ତିକ ବଜେଟ ଉପସ୍ଥାପନ କରିଛନ୍ତି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ସରକାର ଯୁବକ, ମହିଳା, ଓବିସି ଏବଂ କୃଷକଙ୍କ ସଶକ୍ତୀକରଣ ଉପରେ ବିଶେଷ ଧ୍ୟାନ ଦେଇଛନ୍ତି। ସେହିଭଳି ଅର୍ଥନୀତିର ଅଭିବୃଦ୍ଧି ପାଇଁ ଭିତ୍ତିଭୂମିକୁ ବେଶ୍ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଆଗାମୀ ଦିନରେ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଏନ୍‌ଏଚ୍‌ବିକୁ ୧୦,୦୦୦ କୋଟି ଆବଣ୍ଟନ କରିଥିବା ବେଳେ ରେଲୱେ କ୍ଷେତ୍ରକୁ ୨.୪୦ ଲକ୍ଷ କୋଟି ସହ ୫୦ ଅତିରିକ୍ତ ବିମାନ ବନ୍ଦର ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ ବ୍ୟୟ ବରାଦ କରାଯାଇଛି।

- ସ୍ୱଦେଶ କୁମାର ରାଉତରାୟ, କ୍ରେଡାଇ ଓଡ଼ିଶା ସଭାପତି

## ଶିକ୍ଷାକୁ ବିଶେଷ ଧ୍ୟାନ ଦିଆଯାଇଛି



ଚଳିତ ବଜେଟ୍‌ରେ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ୧.୧୨ ଲକ୍ଷ କୋଟିର ବ୍ୟୟ ବରାଦ କରାଯାଇଛି, ଯାହାକି ଶେଷବର୍ଷ ତୁଳନାରେ ୮.୪% ଅଧିକ। ଏଥିରେ ବିଦ୍ୟାଳୟ ଭିତ୍ତିଭୂମିର ସମ୍ପ୍ରସାରଣ, ବୈଷୟିକ ଜ୍ଞାନକୌଶଳ ବୃଦ୍ଧି, ଶିକ୍ଷକ ପ୍ରଶିକ୍ଷଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସେହିପରି ଶିଶୁ ଓ ଯୁବପିଢ଼ୀଙ୍କ ପାଇଁ ପଞ୍ଚାୟତ ସ୍ତରରେ ଡିଜିଟାଲ୍ ଲାଇବ୍ରେରି ଖୋଲାଯିବ। ଏକ ଯୁଗାନ୍ତକାରୀ ଶିକ୍ଷା ରିଫର୍ମ ଆଣିବା ପାଇଁ ଡିଜିଟାଇଜେଶନ୍‌କୁ ବ୍ୟାପକ କରାଯିବା ସହ ନୂତନ ଫ୍ରେମ୍‌ୱର୍କ ଓ ଡାକ୍ତରୀ ତଥା ବୈଷୟିକ ଜ୍ଞାନ କୌଶଳ ଏବଂ ଆର୍ଥିକ ସ୍ୱାକ୍ଷରତା ବହୁମୁଖୀ ଶିକ୍ଷା ପାଇଁ ପ୍ରେରଣା ପ୍ରଦାନ କରିବ। ଚଳିତ ବଜେଟ୍ ଭାରତର ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ ରୂପେ ସୁଦୃଢ଼ କରିବ।

- ଡ. ଶିଳ୍ପୀ ସାହୁ, ଚେୟାରପର୍ସନ,
ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍

## ବିତ୍ତୀୟ ନିଅଣ୍ଟ ଏବେ ବି ଚିନ୍ତାର ବିଷୟ



ଅମୃତ କାଳର ପ୍ରଥମ ବଜେଟ୍‌ରେ ସମାବେଶୀ ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଛି। ବିଶେଷକରି ଖାଦ୍ୟ ଓ ଯୋଗାଣ ବ୍ୟବସ୍ଥା, ମଧ୍ୟମବର୍ଗର ସୁଖ ସୁବିଧା, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରୋତ୍ସାହନ ଉପରେ ଅଗ୍ରାଧିକାର ଦିଆଯାଇଛି। ଅପରପକ୍ଷେ ଗ୍ରାମୀଣ ବିକାଶ, ନୂଆ ରୋଜଗାର ପନ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଉ ଟିକେ ଅଧିକ ଧ୍ୟାନ ଦିଆଯାଇ ପାରିଥାନ୍ତା। ବିତ୍ତୀୟ ନିଅଣ୍ଟ ଏବେ ବି ଚିନ୍ତାର ବିଷୟ। ଏହାଦ୍ୱାରା ସାମଗ୍ରିକ ଆର୍ଥିକ ସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ଅଛି ଏବଂ ଯାହା ମୁଦ୍ରାସ୍ଫୀତିକୁ ବଢ଼ାଇପାରେ। କିନ୍ତୁ ଚଳିତ ବଜେଟ୍‌ରେ ଏ ଦିଗରେ ଧ୍ୟାନ ଦିଆଯାଇ ନାହିଁ। ୨୦୦୩ ମସିହାରୁ ଏହା ୩% ହେବା କଥା. କିନ୍ତୁ ଏବେ ସୁଦ୍ଧା ୩% ଉପରେ ଚାଲିଛି।

- ପ୍ରଫେସର ଅମିୟ କୁମାର ମହାପାତ୍ର,
ଅର୍ଥନୀତିଜ୍ଞ ତଥା ନୀତି ବିଶେଷଜ୍ଞ

## ସନ୍ତୁଳିତ ଓ ଲୋକାଭିମୁଖୀ ବଜେଟ୍



ଚଳିତ ବଜେଟ୍‌ରେ ଗ୍ରାମୀଣ ଉତ୍‌ଥାନ, ସାମାଜିକ ସୁରକ୍ଷା, ଭିତ୍ତିଭୂମି ବିନିଯୋଗ ତଥା ମଧ୍ୟବିତ୍ତବର୍ଗଙ୍କ ପାଇଁ ବହୁତ କିଛି ପ୍ରାବଧାନ କରାଯାଇଛି। ଏହାଏକ ସନ୍ତୁଳିତ ଓ ଲୋକାଭିମୁଖୀ ବଜେଟ୍। କୃଷି କ୍ଷେତ୍ରରେ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ଏହାର ଉନ୍ନତିର ମାଧ୍ୟମ ହେବ। ସେହିପରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ରେ ୯ହଜାର କୋଟି ଟଙ୍କାର ପ୍ରାବଧାନ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ସାହାଯ୍ୟ କରିବ। ଅତିକ୍ଷୁଦ୍ର ବ୍ୟବସାୟ ସଂସ୍ଥାର କାରବାରର ସୀମା ୨କୋଟି ତଥା ବୃତ୍ତିଗତ ବ୍ୟବସାୟୀଙ୍କ କାରବାର ସୀମା ୫୦ଲକ୍ଷକୁ ବୃଦ୍ଧି କରାଯାଇଛି, ଯାହା ଫଳରେ ପ୍ରିଜମଟିଭ୍ ଟାକ୍ସେସନର ସୁବିଧା ଉଠାଇପାରିବେ।

- ପ୍ରଫେସର କିଶୋର କୁମାର ଦାସ, ବାଣିଜ୍ୟ ବିଭାଗ,
ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ

## ନୂତନତା ନାହିଁ, ସକାରାତ୍ମକ ଧାରଣା ସୃଷ୍ଟି



ବଜେଟରେ କୌଣସି ନୂତନତା ନାହିଁ। କେବଳ ଆୟକର ସୀମାକୁ ୫ ଲକ୍ଷ ଓ ୭ ଲକ୍ଷକୁ ବୃଦ୍ଧି କରି ଏକ ସକାରାତ୍ମକ ଧାରଣା ସୃଷ୍ଟି କରାଯାଇଛି। ତେବେ ଏଥିରେ ମାତ୍ର ୯୮ ଲକ୍ଷ କର୍ମଚାରୀ ଉପକୃତ ହେବେ। କିନ୍ତୁ ମୁଦ୍ରାସ୍ଫୀତି ଓ ରେପୋ ରେକର୍ଡ କ୍ରମାଗତ ବୃଦ୍ଧି ଫଳରେ ତାହା ମଧ୍ୟ ସେମାନଙ୍କ ହାତଛଡା ହୋଇଯିବ। ଜାତୀୟ ଶିକ୍ଷାନୀତିରେ ଜିଡିପିର ୬ ପ୍ରତିଶତ ଶିକ୍ଷାକ୍ଷେତ୍ର ପାଇଁ ଆବଣ୍ଟିତ ଘୋଷଣା ସତ୍ତ୍ୱେ ଚଳିତ ବଜେଟରେ ୨. ୫୧%ପ୍ରାବଧାନ ରହିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୦.୨୨%, କୃଷି ବିକାଶ କ୍ଷେତ୍ରରେ ୦.୬୪%, ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ୦.୫୨% ବଜେଟ ଆବଣ୍ଟନ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ହ୍ରାସ ହୋଇଛି।

- ଭବାନୀ ଶଙ୍କର ହୋତା,
ପୂର୍ବତନ ସମ୍ବଲପୁର ଲୋକ ସଭା ସଦସ୍ୟ

## ଆଶା ଅପେକ୍ଷା ନିରାଶା ଅଧିକ



କେନ୍ଦ୍ରୀୟ ବଜେଟରେ ଆଶା ଅପେକ୍ଷା ନିରାଶା ଅଧିକ ରହିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅଟା, ଦୁଗ୍ଧଜାତୀୟ, ଚାଉଳ, ମୁଢ଼ି, ଚୁଡା, ଡାଲି ଆଦି ସାମଗ୍ରୀରେ ଜିଏସ୍‌ଟି ବୃଦ୍ଧି କରାଯାଇଛି। ୧ କୋଟି ଜୈବିକ ସାର ବ୍ୟବହାର ପାଇଁ ତାଲିମ ଦେବା, ମତ୍ସ୍ୟଚାଷୀଙ୍କ ପାଇଁ ଅର୍ଥବରାଦ ଥିଲେ ମଧ୍ୟ ବାସ୍ତବରେ ବ୍ୟବସ୍ଥା ନାହିଁ। ତେଣୁ କୃଷି କ୍ଷେତ୍ରରେ ଚାଷୀଙ୍କ ଆୟ ଦୁଇଗୁଣା ହେବା ଯୋଜନା ଫେଲ ମାରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଗ୍ରାମାଞ୍ଚଳରେ ଡିଜିଟାଲ ଲାଇବ୍ରେରି ଖୋଲିବା ସ୍ୱାଗତଯୋଗ୍ୟ। ଚିକିତ୍ସା କ୍ଷେତ୍ରରେ ଉନ୍ନତି ପାଇଁ ହୋଇଥିବା ବଜେଟ ଘରୋଇ ସଂସ୍ଥାମାନଙ୍କୁ ପ୍ରୋତ୍ସାହନ ଦେବ। ସରକାରୀ ଚିକିତ୍ସା ଅବହେଳିତ ହେବ। ବେକାର ଯୁବତୀଯୁବକଙ୍କ ପାଇଁ ବଜେଟରେ କିଛି ବ୍ୟବସ୍ଥା ନାହିଁ।

- ବିଜୟ କୁମାର ମହାନ୍ତି, ସମ୍ବଲପୁର, ପୂର୍ବତନ ରାଜ୍ୟ
ଅର୍ଥ କମିଶନ ସଦସ୍ୟ

## ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭିତ୍ତିଭୂମି ବିକାଶ ହେବ



ଚଳିତ ବଜେଟ ସମସ୍ତ ବର୍ଗର ଲୋକଙ୍କ ହିତସାଧନ କରିପାରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବିଶେଷକରି ଯୁବ ବର୍ଗଙ୍କ ପାଇଁ ନୂତନ ଚାକିରି ସୃଷ୍ଟି, ଭିତ୍ତିଭୂମି ଓ କୃଷିକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ନେଇ ବ୍ୟବସ୍ଥା ରହିଛି। ମହିଳାମାନେ ଯେପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ମହିଳା ସମ୍ମାନ ସଞ୍ଚୟ ପତ୍ର ଖୋଲାଯିବାକୁ ପ୍ରସ୍ତାବ ରହିଛି। ଏଥିରେ ସେମାନେ ୨ଲକ୍ଷ ସଞ୍ଚୟ ଉପରେ ୭.୫ ପ୍ରତିଶତ ସୁଧ ପାଇପାରିବେ। ବଜେଟ ଦ୍ୱାରା ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଭିତ୍ତିଭୂମି ଆହୁରି ବିକଶିତ ହୋଇପାରିବ।

- ପ୍ରଭାତ ମହାପାତ୍ର, ଶିକ୍ଷକ, ସ୍ୱାମୀ ବିବେକାନନ୍ଦ
ବନଭାରତୀ ବିଦ୍ୟାପୀଠ, କୋରାପୁଟ

## ଶିକ୍ଷାର ପ୍ରଗତିରେ ବିଶେଷ ସହାୟକ ହେବ



ବଜେଟରେ ଶିକ୍ଷାକ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ବ୍ୟୟ ଅଟକଳ ୮ ପ୍ରତିଶତ ବୃଦ୍ଧି କରାଯାଇଛି। ଉଚ୍ଚଶିକ୍ଷା, ଗଣଶିକ୍ଷା, ସରକା ସେଣ୍ଟ୍ରାଲ ସେକ୍ଟର ପ୍ରୋଜେକ୍ଟ, ଶିକ୍ଷକଙ୍କୁ ଜାତୀୟ ସମ୍ମାନ, ପ୍ରଧାନମନ୍ତ୍ରୀ ଇନୋଭେଟିଭ ଲର୍ନିଂ ପ୍ରୋଗ୍ରାମ ଓ ନ୍ୟାଶନାଲ ମିନ୍ସ କମ୍ ମେରିଟ ସ୍କଲାରଶିପ୍ ସ୍କିମ, କେନ୍ଦ୍ରୀୟ ବିଦ୍ୟାଳୟ, ନ୍ୟାଶନାଲ କାଉନସେଲିଂ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ, ବିଦ୍ୟାଳୟ ଶିକ୍ଷା ଯୋଜନା, ଡିଜିଟାଲ ଶିକ୍ଷା, ଆଇଆଇଆଟି, ୟୁଜିସି, ଏଆଇସିଟିଇ, ଏନ୍‌ଆଇଟି, ଆଇଆଇଇଏସ୍‌ଟି ସହ ସ୍ୱୟଂଶାସିତ ଅନୁଷ୍ଠାନଗୁଡ଼ିକର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ଶିକ୍ଷାର ପ୍ରଗତି କ୍ଷେତ୍ରରେ ବେଶ ସହାୟକ ହୋଇପାରିବ।

- ଗୋପାଳକୃଷ୍ଣ ଦାସ, ପ୍ରାଧାପକ, ଖୋର୍ଦ୍ଧା

## ବଜେଟ ଦିଶାହୀନ, ନୈରାଶ୍ୟଜନକ



ଚଳିତବର୍ଷର କେନ୍ଦ୍ର ବଜେଟ ଦିଶାହୀନ ଓ ନୈରାଶ୍ୟଜନକ। ଏହା ପୁଞ୍ଜିପତି ଓ କର୍ପୋରେଟମାନଙ୍କ ପାଇଁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ଫସଲ ବୀମା ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଗତବର୍ଷ ଅପେକ୍ଷା ଏବର୍ଷ କମ୍ ବ୍ୟୟ ବରାଦ ହୋଇଛି। ଫଳରେ ଗ୍ରାମାଞ୍ଚଳରେ ବେରୋଜଗାରି ବଢ଼ିବ । ବେକାର ଯୁବକଙ୍କ ପାଇଁ ନୂଆ ନିଯୁକ୍ତି କିମ୍ବା ନୂଆ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ନାହିଁ। କର୍ପୋରେଟମାନଙ୍କ ଉପରେ ଅଧିକ ଟିକସ ଲାଗୁ କରିବା ପରିବର୍ତ୍ତେ ସାଧାରଣ ଲୋକେ ବ୍ୟବହାର କରୁଥିବା ସାମଗ୍ରୀରେ ଜିଏସ୍‌ଟି ଲାଗୁ ଦ୍ୱାରା ସାଧାରଣ ଲୋକଙ୍କ ଆର୍ଥିକ କ୍ଷେତ୍ର ଦୁର୍ବଳ ହେବ।

- ଶରତ ରାୟଗୁରୁ, ସିପିଆଇ(ଏମ୍) ନେତା, ପୁରୀ

## ବ୍ୟୟବରାଦ ଆଶାନୁରୂପ ହୋଇନାହିଁ



ଚଳିତବର୍ଷ ବଜେଟ୍‌ରେ ଭାରତର ଚରମ ଆର୍ଥିକ ଅସମାନତା, ମୁଦ୍ରାସ୍ଫିତୀ, ବେକାରୀ, ଗ୍ରାମାଞ୍ଚଳରେ ନିଯୁକ୍ତି ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ନାହିଁ। ପୁଞ୍ଜି ନିବେଶ ଓ ବ୍ୟୟ ବରାଦ ବୃଦ୍ଧି ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ନିଯୁକ୍ତି ଓ କ୍ରୟ ଶକ୍ତି ବୃଦ୍ଧି ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ। ରେଳ, କଳା, ପ୍ରତିରକ୍ଷା, କୃଷି, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଆର୍ଥିକ ବ୍ୟୟ ବରାଦ ଆଶାନୁରୂପ ହୋଇନାହିଁ। ୨୦୪୭ ସୁଦ୍ଧା ରୋଗ ଦୂରୀକରଣ ଯୋଜନା ସ୍ୱାଗତଯୋଗ୍ୟ, କିନ୍ତୁ ମେଡିକାଲ କଲେଜ ଓ ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ନିବେଶର ଆବଶ୍ୟକତା ଥିଲା।

- ଡ.ମାନସ ବେହେରା, ପ୍ରଧାପକ, ରମାଦେବୀ
ମହିଳା ବିଶ୍ୱବିଦ୍ୟାଳୟ

## ବ୍ୟାଙ୍କିଙ୍ଗ୍ ଜରିଆରେ ବିକାଶକୁ ଗୁରୁତ୍ୱ



ଚଳିତ ଥରର ବଜେଟ ଏକ ସନ୍ତୁଳିତ ବଜେଟ ଭାବେ ବୁଧବାର ସଂସଦରେ ଉପସ୍ଥାପନା କରାଯାଇଛି। ବିଶେଷକରି ବଜେଟରେ ସବୁ ଦିଗ ଓ କ୍ଷେତ୍ର ଏବଂ ବର୍ଗଙ୍କୁ ଆଖି ଆଗରେ ରଖି ସରକାର ଏଭଳି ଏକ ବିକାଶମୁଖୀ ବଜେଟ ବ୍ୟବସ୍ଥା କରିଥିବା ଆଶା କରାଯାଉଛି। ସେହିଭଳି ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଜରିଆରେ ସରକାର ସବୁବର୍ଗଙ୍କୁ ସହଯୋଗ ଯୋଗାଇଦେବାକୁ ଯୋଜନା କରିଛନ୍ତି। ଏପରିକି ଦେଶର କୃଷି, ଗ୍ରାମୀଣ ବିକାଶ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଅଭିବୃଦ୍ଧି ପାଇଁ ସରକାର ଅନେକ ଯୋଜନା ଓ ସୁବିଧା ଯୋଗାଇଦେବାକୁ ଥିବାବେଳେ ଆର୍ଥିକ ସହଯୋଗ ଓ ସହାୟତା ସହ ବ୍ୟାଙ୍କ ଜରିଆରେ ୨ଲକ୍ଷ କୋଟି ଟଙ୍କାର ସହାୟତା କରିବେ ବୋଲି ଜଣାପଡ଼ିଛି।

- ବ୍ରଜକିଶୋର ନାୟକ, ଅର୍ଥନୀତି ବିଶେଷଜ୍ଞ ତଥା
ପୂର୍ବତନ ବରିଷ୍ଠ ବ୍ୟାଙ୍କ ଅଧିକାରୀ

## ସୁନା କିଣିବାକୁ ଜଣେ ବାପାଙ୍କୁ ୩ ଥର ଭାବିବାକୁ ପଡ଼ିବ



ସମତୁଲ ଲୋକାଭିମୁଖୀ ବଜେଟ ଉପସ୍ଥାପନ ହୋଇଛି। ମଧ୍ୟମ ବର୍ଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ନିଆଯାଇଛି। ସ୍ଲାବ ୭ଲକ୍ଷକୁ ବଢ଼ିବା ସ୍ୱାଗତଯୋଗ୍ୟ। ହେଲେ ଝିଅ ବାହାଘର ବେଳେ ବାପା ସୁନା କିଣିବା ପାଇଁ ୩ ଥର ଭାବିବ। ମୋବାଇଲ, ଇଲେକ୍ଟ୍ରି ଗାଡି, ଟିଭି ଶସ୍ତା ହେଲା, ଖୁବ୍ ଭଲ। ଲୋକେ ପେଟ୍ରୋଲ ଡିଜେଲ ଦର ବଜେଟରେ କମିବ ବୋଲି ଆଶା କରୁଥିଲେ। କିନ୍ତୁ ସେନେଇ ବଜେଟରେ ସ୍ଥାନ ନ ମିଳିବା ଲୋକଙ୍କୁ ନିରାଶ କରିଛି।

- ଚନ୍ଦ୍ରଶେଖର ପଣ୍ଡା,
ବରିଷ୍ଠ ଆଇନଜୀବୀ, ଯାଜପୁର ରୋଡ୍

## ନୂତନ ରେଳଲାଇନ୍ ସଂଯୋଗକୁ ଅଣଦେଖା



ଏହି ବଜେଟ୍ ହେଉଛି ମରିଚୀକା ସଦୃଶ୍ୟ। ଏହି ବଜେଟ୍‌ରେ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସାଧାରଣ ଜନତାଙ୍କୁ ସ୍ୱପ୍ନରେ ବିଭୋର କରିବା ପାଇଁ ଶତ ପ୍ରତିଶତ ପ୍ରୟାସ ହୋଇଛି। ଏଥିରେ ଗରିବ, ଖଟିଖିଆ, ମହିଳା, କୃଷକ, ଶିକ୍ଷିତ ଯୁବକମାନଙ୍କ ପାଇଁ କୌଣସି ନୂତନ ବ୍ୟବସ୍ଥା ନାହିଁ। ପାଟଣା, ସାହାରପଡ଼ା କରଞ୍ଜିଆ, ଚମ୍ପୁଆ, ଆନନ୍ଦପୁର ଅଞ୍ଚଳକୁ ନୂତନ ରେଳ ସଂଯୋଗକୁ ଅଣଦେଖା କରାଯାଇଛି। ଭାୟା କେନ୍ଦୁଝର ଦେଇ ଦିଲ୍ଲୀ, କୋଲକାତାକୁ ଯାତ୍ରୀବାହୀ ରେଳ ଚଳାଚଳ ଏଥର ବି ସ୍ୱପ୍ନରେ ରହିଗଲା।

- ଇଂ. ବିନୋଦ ବିହାରୀ ନାଏକ, ପିସିସି ମିଡିଆ ସେଲ ଉପାଧ୍ୟକ୍ଷ

## ଗୃହିଣୀଙ୍କ ପାଇଁ କିଛି ନାହିଁ



କୋଭିଡ୍ ପରଠାରୁ ପରିବାର ଚଳାଇବା ବଡ଼ ସମସ୍ୟା ହୋଇପଡ଼ିଛି। ବିଶେଷକରି ଗ୍ୟାସ୍ ଦର (ଘରୋଇ ଗ୍ୟାସ୍) ହଜାରେ ଉପରେ ରହିଥିବା ବେଳେ ପରିବାଠାରୁ ଆରମ୍ଭକରି ସମସ୍ତ ପ୍ରକାର ଗୃହୋପଯୋଗୀ ଅତ୍ୟାବଶ୍ୟକ ସାମଗ୍ରୀ ଓ ଖାଦ୍ୟପଦାର୍ଥର ଦର ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ରହିଛି। ପରିବାର ପ୍ରତିପୋଷଣ ପାଇଁ ଦରଦାମ ବୃଦ୍ଧି ଏକ ବଡ଼ ସମସ୍ୟା ପାଲଟିଛି। ସରକାର ଯଦି ଗୃହିଣୀମାନଙ୍କୁ ଆଖି ଆଗରେ ରଖି ଦରଦାମ ନିୟନ୍ତ୍ରଣ ଉପରେ କିଛି ନିଷ୍ପତ୍ତି ନେଇଥିଲେ ବହୁତ ଭଲ ହୋଇଥାନ୍ତା।

- ସୌରରଶ୍ମି ଭୋଇ, ଗୃହିଣୀ

## ପୁରୁଣା ଟିକସଦାତାଙ୍କ ପାଇଁ ସୁବିଧା ନାହିଁ



୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ସାମଗ୍ରିକ ଭାବେ ଭଲ ରହିଛି । ବିଶେଷକରି ଚଳିତ ବଜେଟରେ କରଦାତାଙ୍କ ପାଇଁ ଅନେକ ବ୍ୟବସ୍ଥା କରିଥିଲେ ମଧ୍ୟ ପୁରୁଣା କରଦାତା କୌଣସି ପ୍ରକାର ଲାଭ ପାଇବେ ନାହିଁ ବୋଲି ଜଣାପଡୁଛି। ହେଲେ ନୂତନ ଭାବେ ସାମିଲ ହେଉଥିବା କରଦାତା କିଛି ସୁବିଧା ଓ ଲାଭ ପାଇବେ। ସେହିଭଳି ଟିକସ ସ୍ଲାବ୍‌ରେ କିଛି ପରିବର୍ତ୍ତନ କରାଯାଇଥିବା ବେଳେ କର୍ପୋରେଟ କ୍ଷେତ୍ର ପାଇଁ ସେଭଳି କିଛି କରାଯାଇନାହିଁ।

- ଏ.କେ. ସାବତ, ବରିଷ୍ଠ ବଜାର ବିଶେଷଜ୍ଞ ତଥା ସିଏ

## ସବୁ ବର୍ଗଙ୍କୁ ସୁହାଇଲା ଭଳି ବଜେଟ



୨୦୨୩-୨୪ ଆର୍ଥିକ ପାଇଁ ବୁଧବାର ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଥିବା ବଜେଟ ଜନହିତକର ଏବଂ ହୋଲିଷ୍ଟିକ ଓ ସବୁବର୍ଗଙ୍କୁ ସୁହାଇଲା ଭଳି ହୋଇଥିବା ବେଳେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମଧ୍ୟମ ବର୍ଗଙ୍କ ପାଇଁ ସେଭଳି କିଛି ବ୍ୟବସ୍ଥା ନାହିଁ। ଦୀର୍ଘ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସବୁ ଦିଗକୁ ନଜରରେ ରଖି ସରକାର ବଜେଟ ବ୍ୟବସ୍ଥା କରିଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ମଧ୍ୟ ଧ୍ୟାନରେ ରଖି ଚଳିତ ବଜେଟ ଉପସ୍ଥାପନ କରାଯାଇଛି।

- ରାଜୀବ ଶେଖର ସାହୁ, ବରିଷ୍ଠ ଆୟକର ବିଶେଷଜ୍ଞ ତଥା ସିଏ

ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ

# ପ୍ରେମଦେବଙ୍କ ପ୍ରତ୍ୟାବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ଭାରତୀୟ ଏବଂ ପୃଥିବୀର ଅନେକ ନାଗରିକ ଏକ ଅଜବ ପ୍ରେମର ଅପ୍ରୀତିକର ତଥା ଅସ୍ୱୀକୃତ ବିଚାର ସହ ଅତିଶୟ ଆସକ୍ତ ବୋଲି ମୁଁ ମନେକରେ। ଭାରତୀୟ ସମାଜରେ ପ୍ରେମକୁ ଯଦି ଦେଖିବା ତେବେ ଏଠାରେ ଏମିତି ହୁଏ ଯେଉଁଠି ଜଣେ ପୁରୁଷ ଜଣେ ବିବାହିତ ମହିଳା କିମ୍ବା ଜଣେ ମହିଳା ବିବାହିତ ପୁରୁଷଙ୍କୁ ବି ପ୍ରେମ କରେ। ଜଣେ ବିବାହିତ ପୁରୁଷ ଜଣେ ବିବାହିତ ମହିଳା (ଯିଏକି ତା' ସ୍ତ୍ରୀ ନୁହେଁ) ସହ ପ୍ରେମ କରିପାରେ ଏବଂ ଏହାର ବିପରୀତ ବି ଘଟିପାରେ।

ଗ୍ରୀକ୍‌ରେ ପ୍ରେମ ଦେବତା ଏରୋସ ଜଣେ ଦୁଷ୍ଟ ପିଲା ଭାବେ ପ୍ରତୀୟମାନ। ରୋମୀୟମାନେ ତାଙ୍କୁ କୁପିଡ କହନ୍ତି। ସେ ଜଣେ ଉଗ୍ର ଧନୁର୍ଦ୍ଧର। ସେ ଧରିଥିବା ସୁନାଅଗ୍ରଯୁକ୍ତ ତୀର ଲୋକଙ୍କୁ ପ୍ରେମରେ ପକାଏ ଓ ସୀସା ମୁନବାଲା ତୀର ଘୃଣା ଜାତ କରେ। ଭାରତରେ ପ୍ରେମ ଦେବତା ମଧ୍ୟ ଜଣେ ଧନୁର୍ଦ୍ଧର। ତାଙ୍କ ନାମ ମନ୍ମଥ। ତାଙ୍କୁ ବି କାମଦେବ କୁହାଯାଏ। ସେ ଶୁଆ ଉପରେ ବସି ପ୍ରତ୍ୟେକଙ୍କ ଜୀବନରେ ପ୍ରବେଶ କରନ୍ତି। ସେ ଆଖୁରେ ନିର୍ମିତ ଧନୁରେ ଫୁଲ ଶର ବିନ୍ଧିଥାନ୍ତି। ଏହା ମଣିଷ ମନରେ ଏମିତି ପ୍ରେମ ଭାବନା ଜାଗ୍ରତ କରିଥାଏ। ଋଗ୍‌ବେଦରେ କୁହାଯାଇଛି, ସ୍ରଷ୍ଟାଙ୍କ ହୃଦୟରେ କାମ ଭାବ ଉଦ୍ରେକ ହେବା ଯୋଗୁ ସୃଷ୍ଟିର ଅସ୍ତିତ୍ୱ ସମ୍ଭବ ହେଲା। ଅର୍ଥବ ବେଦରେ ଉଲ୍ଲେଖ ରହିଛି ଯେ, ଦେବତାଙ୍କ ପୂର୍ବରୁ କାମ ଦେବ ରହିଛନ୍ତି। ବୃହଦାରଣ୍ୟକ ଉପନିଷେଦ ଅନୁଯାୟୀ, ପ୍ରାରମ୍ଭିକ ସୃଷ୍ଟି ନିମନ୍ତେ ପରମ ପିତାଙ୍କ ଝିଅ ରୂପୀ କାମନା ଯୋଗୁ ବିଶ୍ୱରେ ଛୋଟ ବଡ଼ ଜୀବ ସୃଷ୍ଟି ହେଲେ। ଏହାର ଫଳ ଭଲ ହେଲେ ମଧ୍ୟ ବହୁ ଅନାଚାର ଯୋଗୁ ଋଷି ଓ ମୁନିମାନେ କାମଦେବଙ୍କ କ୍ଷମତାକୁ ନେଇ ସାବଧାନ ହେଲେ। ଏଣୁ ପରମ ତପସ୍ୱୀ ଶିବ କାମ ଦେବଙ୍କୁ ରେଣୁରେ ପରିଣତ କଲେ। କିନ୍ତୁ ରାକ୍ଷସମାନଙ୍କୁ ବଧ କରିବା ସକାଶେ ବୀର ସନ୍ତାନର ଜନକ ହେବା ଲାଗି ଶିବଙ୍କୁ ତପସ୍ୟା ଛାଡ଼ି ମହିଳା ଗ୍ରହଣ କରିବା ସକାଶେ ଯୋଜନା କଲେ। ଏଥିପାଇଁ ଦେବତାମାନେ ପ୍ରେମଦେବଙ୍କୁ ସେମାନଙ୍କ ମଧ୍ୟରେ ସ୍ଥାନ ଦେଲେ ଓ ତାଙ୍କ ସାହାଯ୍ୟ ନେଲେ। ଅନ୍ୟପକ୍ଷରେ ଏହାର ଉଗ୍ର ପ୍ରତିକ୍ରିୟା କାରଣରୁ ସନ୍ନ୍ୟାସ ବିଚାରଧାରାରେ ଦେଖାଦେଲା କାମ ଭାବ। ଅତିଶୟ କାମନା ଆଧ୍ୟାତ୍ମିକ ସୁଧାର ବାଧକ ସାଜିଲା।

ବୌଦ୍ଧ ଧର୍ମରେ କାମଦେବ ହେଉଛନ୍ତି ମାରା। ସେ କାମନାର ରାକ୍ଷସ। ଦୁଃଖ ଓ ଭୌତିକ ଜଗତରୁ ଜଣେ ମୁକ୍ତି ପାଇବା ଲାଗି ତାଙ୍କୁ ବିଜୟ କରିବାକୁ ହୁଏ। ଜୈନ ଧର୍ମରେ ଯେଉଁ ଆଧ୍ୟାତ୍ମିକ ଗୁରୁମାନେ ସେମାନଙ୍କ ଇନ୍ଦ୍ରିୟକୁ ଜୟ କରିଥିଲେ ସେମାନେ ଥିଲେ ମହାବୀର। ହିନ୍ଦୁ ଧର୍ମରେ ସଂଯମୀ ତପସ୍ୱୀ ଏବଂ ନାଥମାନଙ୍କ ମତରେ ସବୁ ମହିଳା କାମଦେବଙ୍କ ଝିଅ। କାଳିଦାସ, ଶୁଦ୍ରକ ଏବଂ ହର୍ଷଙ୍କ ନାଟକଗୁଡ଼ିକରୁ ମଧ୍ୟ କାମଦେବଙ୍କ ବିଷୟରେ ଜାଣିବାକୁ ମିଳେ। ଏମିତି ଏକ ସମୟ ଥିଲା ଯେଉଁ ସମୟରେ କାମଦେବଙ୍କୁ ବସନ୍ତ ଋତୁରେ ବସନ୍ତ ଉତ୍ସବ ଏବଂ ମଦନ ଉତ୍ସବରେ ବଗିଚାରେ ପୂଜା କରାଯାଉଥିଲା। ଉତ୍ସବ ଅବସରରେ ବଗିଚାରେ ମହିଳାମାନଙ୍କ ନାଚ ଓ ଗୀତ ଶୁଣି ବୃକ୍ଷ ପଲ୍ଲବିତ ହେଉଥିଲା। କିନ୍ତୁ ପରେ ସନ୍ନ୍ୟାସ ବିଚାରଧାରା ପ୍ରକାଶ ପାଇବା ପରେ ପ୍ରେମ ଓ କାମ ମାନସିକତାରେ ଅଙ୍କୁଶ ଲାଗିଲା। ବସନ୍ତ ଉତ୍ସବଗୁଡ଼ିକ ସେଗୁଡ଼ିକର କାମୁକ ବା ଶୃଙ୍ଗାରିକ ଆକର୍ଷଣ ହରାଇଲେ। ହେଲେ ପାଖାପାଖି ୨୦୦୦ ବର୍ଷ ପରେ ହଠାତ୍ ଇନ୍ଦ୍ରୀୟ ବା କାମ ସୁଖର ପରମ୍ପରା ଭାଲେଣ୍ଟାଇନ ଡେ' ମାଧ୍ୟମରେ ପୁନର୍ବାର ପ୍ରକାଶ ପାଇଲା।



ପୋପ୍ ଜିଲାସିୟସ ୧୪ ଫେବୃୟାରୀ ୪୯୬ ରେ ସେଣ୍ଟ ଭାଲେଣ୍ଟାଇନଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଲୁପର୍‌କାଲିଆ ଉତ୍ସବକୁ ବନ୍ଦ କରିବା ଲାଗି ଏହା କରିଥିଲେ। ଫେବୃୟାରୀ ୧୪ ଥିଲା ଛୁଟିଦିନ , ଯେଉଁଦିନ ମହିଳା ଓ ବିବାହର ମୁଖ୍ୟ ଜୁନୋଙ୍କୁ ରୋମୀୟମାନେ ସମ୍ମାନିତ କରିଥିଲେ। ଫେବୃୟାରୀ ୧୫ରେ ଲୁପରକାଲିଆ ଉତ୍ସବରେ ପୂଜକ ଜଣେ ଯୁବକ ଓ ଯୁବତୀକୁ ପ୍ରେମ ବନ୍ଧନରେ ବାନ୍ଧି ଦେଇଥିଲେ ଓ ସେମାନେ ଯୋଡ଼ି ଭାବେ ରହିଥିଲେ। ଭାଲେଣ୍ଟାଇନ ଡେ'କୁ ନେଇ ଆଉ ଏକ ଲୋକକଥା ରହିଛି। ରୋମରେ ତୃତୀୟ ଶତାବ୍ଦୀରେ ଶାସନ କରୁଥିବା ରାଜା କ୍ଲାଉଡିୟସ–୨ ସ୍ଥିର କଲେ ଯେ, ସ୍ତ୍ରୀ ଓ ପରିବାର ସହ ରହୁଥିବା ବ୍ୟକ୍ତି ତୁଳନାରେ ଏକୁଟିଆ ଅର୍ଥାତ୍ ଅବିବାହିତ ଲୋକ ଭଲ ସୈନ୍ୟ ହୋଇପାରିବେ। ସେ ତାଙ୍କ ସୈନ୍ୟବାହିନୀରେ ଥିବା ଯୁବ ସୈନ୍ୟଙ୍କ ବିବାହ ବନ୍ଦ କରିଦେଲେ। କିନ୍ତୁ ଭାଲେଣ୍ଟାଇନ କ୍ଲାଉଡିୟସଙ୍କ ରାଜାଙ୍କ କଥା ଅମାନ୍ୟ କରି ଗୁପ୍ତରେ ବିବାହ କଲେ। ଏହା ଜଣାପଡ଼ିଲା ପରେ ତାଙ୍କୁ ଫେବୃୟାରୀ ୧୪ରେ ମୃତ୍ୟୁଦଣ୍ଡ ଦେବା ପାଇଁ ରାଜା ନିର୍ଦ୍ଦେଶ ଦେଲେ। ଆଉ କେତେଜଣ ବିଶ୍ୱାସ କରନ୍ତି ଯେ,ଭାଲେଣ୍ଟାଇନ ଜେଲରେ ଥିବା ସମୟରେ ଜେଲରଙ୍କ ଝିଅର ପ୍ରେମରେ ପଡ଼ିଥିଲେ। ମୃତ୍ୟୁପୂର୍ବରୁ ସେ ସେହି ଝିଅ ପାଖକୁ ଏକ ଚିଠି ଲେଖିଥିଲେ, ଯେଉଁଥିରେ ଉଲ୍ଲେଖ ରହିଥିଲା 'ପ୍ରେରକ ଭାଲେଣ୍ଟାଇନ'। ତେବେ ଅନ୍ୟ କେତେକ ଐତିହାସିକ କହନ୍ତି,ରୋମାନ ଉତ୍ସବ ଓ ଭାଲେଣ୍ଟାଇନ ଡେ' ମଧ୍ୟରେ କିଛି ସମ୍ପର୍କ ନାହିଁ। ଏପରିକି କବି ଚାଉସରଙ୍କ ସମୟ ପୂର୍ବରୁ ସେଣ୍ଟ ଭାଲେଣ୍ଟାଇନ ଏବଂ ପ୍ରଣୟ ନିବେଦନର ସମ୍ପର୍କ ନ ଥିଲା। ଏହି ସିଦ୍ଧାନ୍ତ ସୂଚାଉଛି, ଆଧୁନିକ ଭାଲେଣ୍ଟାଇନ ପରମ୍ପରା ସୃଷ୍ଟି କରିବାରେ ଚାଉରସ ହିଁ ଦାୟୀ। ଏହି ଦିନରେ ପକ୍ଷୀ ଯୁଗଳ ମିଳନ ଆରମ୍ଭ କରିବାର ଏକ ପୁରୁଣା ବିଶ୍ୱାସ ରହିଥିଲା , ଯାହାକୁ ଆଧାର କରି ଉକ୍ତ ଦିବସର ପରିକଳ୍ପନା କରାଯାଇଛି, ଯାହା ତାଙ୍କ 'ଦି ପାର୍ଲାମେଣ୍ଟ ଅଫ୍ ଫୋଲେସ'କବିତାରେ ରହିଛି।

ଇତିହାସ କହେ, ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭିକ ବର୍ଷରେ ଆଧୁନିକ ଭାଲେଣ୍ଟାଇନ ଡେ' ଆରମ୍ଭ ହୋଇଥିଲା। ଏହାର ମୂଳ ପାଶ୍ଚାତ୍ୟରେ ରହିଛି ଯାହା ଅସ୍ୱୀକାର ହେବ ନାହିଁ। ଗ୍ରୀଟିଂ କାର୍ଡ ଓ ଉପହାର ଉତ୍ପାଦକମାନେ ଏବେ ଏହାକୁ ଆହୁରି ଲୋକପ୍ରିୟ କରିଛନ୍ତି। ତେବେ ଶୀତ ଧରା ଛାଡ଼ି ଯାଉଥିବାବେଳେ ଓ ବସନ୍ତର ଆଗମନକାଳରେ ପ୍ରେମ ଉତ୍ସବ ମନାଇବାର ବିଚାର ଭାରତୀୟ ସଂସ୍କୃତି ସହ ମେଳ ଖାଉଛି। ଭାଲେଣ୍ଟାଇନ ଡେ'ର ସମୟ ପୁରାତନ ଯୁଗର ବସନ୍ତ ଓ ପ୍ରେମର ପର୍ବ ବସନ୍ତ ଉତ୍ସବ ଓ ମଦନ ଉତ୍ସବ ସମୟ ସହିତ ମିଶିଯାଉଛି। କିନ୍ତୁ ବର୍ତ୍ତମାନ ସର୍ବତ୍ର ପାଳନ ହେଉଥିବା ଭାଲେଣ୍ଟାଇନ ଡେ'ସହିତ ଲୋହରି, ମକର ସଂକ୍ରାନ୍ତି, ଶିବରାତ୍ରି ଏବଂ ହୋଲିର କିଛି ବି ସମ୍ପର୍କ ନାହିଁ।

ଏବେ କାମଦେବ ଥିଲେ ବି ତାଙ୍କୁ କେହି ପୂଜା କରୁନାହାନ୍ତି। ତାଙ୍କ ସଙ୍କେତକୁ ସୂର୍ଯ୍ୟ ଓ ଚନ୍ଦ୍ର ଦେବ ନେଇଯାଇଥିବା ମନେହେଉଛି। ଭକ୍ତି ଯୁଗରେ କାମଦେବ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ପୁତ୍ର ଭାବେ ଦୃଶ୍ୟମାନ ହୋଇଛନ୍ତି। କାମ ଦେବଙ୍କ ଭଳି ବିଷ୍ଣୁ ମଧ୍ୟ ଶୁଆ, ମହୁମାଛି, ପ୍ରଜାପତି, ଫୁଲ, ଆଖୁ, ସୌନ୍ଦର୍ଯ୍ୟ ଏବଂ ସ୍ମିତ ହସ ସହ ଜଡ଼ିତ। କୃଷ୍ଣ ଭଗବାନ ମଦନ ମୋହନ ହୋଇଥିବାରୁ ସେ ବଂଶୀ ବାଦନ କରି ଯମୁନା ତଟ ବୃନ୍ଦାବନରେ ରାଧାଙ୍କୁ ତାଙ୍କ ନୃତ୍ୟ କରିବାକୁ ଆମନ୍ତ୍ରଣ କରି ସେଠାରେ ପ୍ରେମକୁ ପୁଣି ସାମ୍ନାକୁ ଅଣାଯାଇଛି। କିନ୍ତୁ ଗାଁ ବାହାରେ ରାତିରେ ଏବଂ ଗୁପ୍ତରେ ଏମିତିକା ପ୍ରେମ ଆମକୁ ସ୍ମରଣ କରିଦିଏ ଯେ, ପ୍ରେମ ଯେତେ ସତ୍ୟ ତଥା ଶାଶ୍ୱତ ହୋଇଥାଉ ନା କାହିଁକି ଏହା ବହୁସମୟରେ ସମାଜରେ ଏକ କଠିନ ସ୍ଥିତିରେ ରହିଥାଏ।

–devduttofficial@gmail.com

# ଋତୁସ୍ରାବ ଛୁଟି



ରୋଜାଲିନ ମହାପାତ୍ର

ସମ୍ପ୍ରତି କେରଳ ସରକାର ମହିଳାଙ୍କୁ ମାସିକ କିଛି ଦିନ ପାଉଣାଯୁକ୍ତ ଅବକାଶ ଦେବାର ବ୍ୟବସ୍ଥା ନିମନ୍ତେ ଯୋଜନା କରିଛନ୍ତି। ନାରୀକୁ ଅବଳା, ଦୁର୍ବଳା ବୋଲି ସମ୍ବୋଧନ କରାଗଲେ ମଧ୍ୟ ସେ ଯେଉଁ କାର୍ଯ୍ୟ କରିପାରେ ସେୟା ପୁରୁଷ ଏବଂ ତୃତୀୟ ଲିଙ୍ଗୀ ବ୍ୟକ୍ତି କରିପାରନ୍ତି ନାହିଁ। ନାରୀ କଷ୍ଟ ସହ ଜନ୍ମଦିଏ ଜୀବନକୁ, ଯିଏ ସାଜେ ଦେଶର ମାନବ ସମ୍ବଳ। ଆଉ ଏହି ସୃଜନ କର୍ମ ନିମନ୍ତେ ମାସିକ ଋତୁସ୍ରାବ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହା ନାରୀକୁ ଗର୍ଭଧାରଣ ନିମନ୍ତେ ପ୍ରସ୍ତୁତ କରାଏ। ଋତୁସ୍ରାବ ସମୟରେ ଶାରୀରିକ ସୁସ୍ଥତା ତଥା ଅନ୍ୟ ବିଷୟ ସବୁର ସ୍ୱତନ୍ତ୍ର ଯତ୍ନ ନେବାକୁ ହୁଏ। ତେବେ ଓଡ଼ିଶା ସରକାରଙ୍କ ଖୁସି ଯୋଜନା ଏହି ଦିଗରେ ଅନେକଙ୍କୁ ସହାୟତା କରୁଛି, କିନ୍ତୁ ଏଥିରୁ ପାଦେ ଆଗକୁ ବଢ଼ି କେରଳ ସରକାର ଦେୟଯୁକ୍ତ ଛୁଟି ପ୍ରଦାନ କରୁଛନ୍ତି। ବିଶ୍ୱର ଅନେକ ସ୍ଥାନରେ ଏହିଭଳି ଅବକାଶ ପ୍ରଦାନ କରାଯାଏ। ତେବେ ଏହି ଯୋଜନା କେତେଦୂର ଆବଶ୍ୟକ ତଥା ଏହାର ପ୍ରଭାବ କାର୍ଯ୍ୟକ୍ଷେତ୍ରରେ କିଭଳି ପଡ଼ିବ ତାହାକୁ ନେଇ ଆଜିର ନିବନ୍ଧ।

ଋତୁସ୍ରାବ ଛୁଟି ଏକ ଯୋଜନା, ଯାହାଦ୍ୱାରା ମହିଳାଗଣ ନିଜର ସାଧାରଣ ଆକସ୍ମିକ ଛୁଟି ସହ କିଛି ଦିନ ପାଆନ୍ତି। ଏୟା ସାଧାରଣ ଅବଧାରଣା ଯେ, ଯେଉଁମାନେ ଭୀଷଣ ଯନ୍ତ୍ରଣାର ସମ୍ମୁଖୀନ ହୁଅନ୍ତି, ସେହିମାନେ ଛୁଟି ନିଅନ୍ତି। କିନ୍ତୁ ଏହି ପ୍ରକ୍ରିୟାରେ କିଛି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶିତ ଦିବସ ନ ଥାଏ, ଯେଉଁ ନିମନ୍ତେ ଅବକାଶ ମିଳେ। କେତେକ ସ୍ଥାନରେ ଏହା ଦେୟଯୁକ୍ତ ହୋଇଥିବା ସ୍ଥଳେ କିଛି ସ୍ଥାନରେ ଦେୟବିହୀନ। କିଛି ସ୍ଥାନରେ କଟକଣା ସେତେଦୂର ପ୍ରଭାବୀ ନ ହୋଇ, ସେମାନଙ୍କୁ ଘରେ ରହି କାର୍ଯ୍ୟ କରିବାର ଅନୁମତି ମିଳେ। ବହୁ ଦଶନ୍ଧି ପୂର୍ବରୁ ରୁଷିଆ ଓ ଚାଇନାରେ ଉତ୍ପାଦନ କ୍ଷମତାକୁ ସଂରକ୍ଷିତ ରଖିବା ନିମନ୍ତେ ଏହା ଅନୁସୃତ ହୋଇଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ବିଭିନ୍ନ ସ୍ଥାନରେ ଏଥି ନିମନ୍ତେ ଆନ୍ଦୋଳନ ହେବା ସହ ଜଣେ କର୍ମଚାରୀ କିଭଳି ଏହାଦ୍ୱାରା ପ୍ରଭାବିତ ହେବେ ନାହିଁ ସେଥିପାଇଁ ଯୋଜନା କରାଯାଉଛି। ଜାପାନ, ଇଣ୍ଡୋନେସିଆ, ମେକ୍ସିକୋରେ ଏହି ବ୍ୟବସ୍ଥା ପରିପାଳନ ହେଉଥିବା ସ୍ଥଳେ ଆମେରିକାର କେତେକ ସ୍ଥାନରେ ଏହା ଦେଖିବାକୁ ମିଳେ। କିଛି ସ୍ଥାନରେ ଏଥିନିମନ୍ତେ ଜାତୀୟ ନିୟମ ନ ଥିବା ସ୍ଥଳେ, ସେମାନେ ନିଜ ନିଜ ମଧ୍ୟରେ ସଂକଳ୍ପ ନେଇ ଏହି ବ୍ୟବସ୍ଥାର ପ୍ରାରମ୍ଭ କରିଛନ୍ତି। ଜଣେ ପରିଚାଳକଙ୍କ ସ୍ୱାକ୍ଷର ସହ ଏହା କିଛି ସ୍ଥାନରେ ମାସିକ ଦିନଟିଏ ଦିଆଯାଏ। କିଛି ସ୍ଥାନରେ ଘରୁ କାମ କରିବାକୁ ଅନୁମତି ଦେବା ବଦଳରେ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପ୍ରକୋଷ୍ଠମାନ ଏହି ଦିନମାନଙ୍କ ନିମନ୍ତେ ଖୋଲାଯାଇଥାଏ। ଗର୍ଭାଶୟ ଯୁକ୍ତ ମହିଳାଙ୍କୁ କେତେକ ଦେଶ ଏଥିନିମନ୍ତେ ବାର୍ଷିକ ଅଗଣିତ ଅବକାଶ ପ୍ରଦାନ କରନ୍ତି, ଯାହା ଦେୟଯୁକ୍ତ। ୨୦୦୯ରେ ଆମେରିକାରେ ୬୦୦ କର୍ମଚାରୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା, ଯେଉଁଥିରେ ୪୫ ପ୍ରତିଶତ ଅବକାଶ ସପକ୍ଷରେ ମତ ବାଢ଼ିଥିଲେ।

କୋଚିନସ୍ଥିତ ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଭାରତରେ ପ୍ରଥମେ ଋତୁସ୍ରାବ ଛୁଟି ପ୍ରାରମ୍ଭ କରାଯାଇଥିଲା। ଛାତ୍ରସଂଘର ଦାବି ଫଳରେ ବାର୍ଷିକ ୨୪ ଦିନ ଅଧିକ ଛୁଟିର ବ୍ୟବସ୍ଥା କରାଯାଇଥିଲା। ଆନୁଷ୍ଠାନିକ ଭାବେ ଭାରତ ସରକାରଙ୍କ କୌଣସି ଘୋଷିତ ନୀତି ନାହିଁ ଯାହା ଋତୁସ୍ରାବ ଛୁଟିକୁ ପ୍ରଶ୍ରୟ ଦିଏ। କିନ୍ତୁ କିଛି ନିର୍ଦ୍ଦିଷ୍ଟ ବୈଶ୍ୱିକ ପ୍ରତିଷ୍ଠାନ ଯଥା– ସ୍ୱିଗି, ମାଗଟେରେ, ଗୁରୁପ, ଜମାଟୋ ଆଦି ସେମାନଙ୍କ ମହିଳା କର୍ମଚାରୀମାନଙ୍କୁ ଛୁଟି ପ୍ରଦାନ କରନ୍ତି। ୨୦୧୬ରେ ସ୍ପେନରେ ଏହି ପ୍ରଥା ପ୍ରାରମ୍ଭ ହୋଇଥିବା ସ୍ଥଳେ ଆଜି ବି ଅନେକ ୟୁରୋପୀୟ ରାଷ୍ଟ୍ର ଏଥିରେ ମୋହର ଲଗେଇ ନାହାନ୍ତି।

ବର୍ତ୍ତମାନ ସମୟରେ କେରଳ ସରକାର ୧୮ ବର୍ଷରୁ ଊର୍ଦ୍ଧ୍ୱ ଝିଅମାନଙ୍କ ପାଇଁ ଅବକାଶ ଦେବାର ବ୍ୟବସ୍ଥା ନିମନ୍ତେ ଯୋଜନା କରିଛନ୍ତି। ଏହି ନିଷ୍ପତ୍ତି କ୍ରମେ ୧୮ ବର୍ଷରୁ ଅଧିକ ମହିଳା ଗଣ ବାର୍ଷିକ ୬୦ଟି ଛୁଟି ନେଇପାରିବେ। କେନ୍ଦ୍ର ସରକାର ନତୁବା ରାଜ୍ୟ ସରକାର ଏହି କ୍ଷେତ୍ରରେ ସମୁଚିତ ବ୍ୟବସ୍ଥା କରିବା ବିଧେୟ। ଭାରତରେ ମହିଳାଙ୍କୁ କର୍ମକ୍ଷେତ୍ରରେ ଉପଯୁକ୍ତ ସୁବିଧା ପ୍ରଦାନ କରାଗଲେ ଅନେକେ କର୍ମକ୍ଷେତ୍ରରେ ଯୋଗଦେବେ। ବର୍ତ୍ତମାନ ଭାରତୀୟ ଅର୍ଥନୀତି ବିକଶିତ ହୋଇ ନ ଥିବାର ଏକ ପ୍ରମୁଖ କାରଣ ହେଉଛି, ଅର୍ଦ୍ଧାଧିକ ମହିଳା କର୍ମକ୍ଷେତ୍ରରେ ଉପସ୍ଥିତ ନାହାନ୍ତି। ଦୀର୍ଘକାଳରେ ସେୟା ସମ୍ଭବ କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଯୋଜନାକାରୀ ଏଥିନିମନ୍ତେ ସଚେତନ ହେବା ବିଧେୟ।

ଜୁନିୟର୍ ଟାଇପିଷ୍ଟ, ଝାରସୁଗୁଡ଼ା କୋର୍ଟ
ମୋ:୯୭୭୬୭୩୦୦୨୦

## ଏଇ ଭାରତରେ

ପତିଙ୍କ ମୃତ୍ୟୁ ପରେ ପତ୍ନୀ ତାଙ୍କୁ ମନେରଖିବା ଲାଗି ଆମ୍ବୁଲାନ୍ସ ସେବା ଚଳାଇବା ନିଶ୍ଚିତ ଭାବେ ପ୍ରେରଣାଦାୟକ। ରାଜକୋଟର ସଙ୍ଗୀତା ହରେଶ ଶାହା ଉକ୍ତ ସେବା ଚଳାଇଛନ୍ତି। ସହରରେ ଯେକୌଣସି ଗରିବ ତଥା ଅସହାୟ ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି। ତାଙ୍କ ସ୍ୱାମୀ ରାଜକୋଟରେ ଏକ ଚାକିରି କରିଥିଲେ। କରୋନା ମହାମାରୀ ସମୟ ୨୦୨୧ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ସଞ୍ଚିତ ଅର୍ଥକୁ ସଙ୍ଗୀତା ନିଜ କାମରେ ନ ଲଗାଇ ଗରିବ ଲୋକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ନିଜ ଅର୍ଥରେ ଏକ କାର୍ କିଣି ତାହାକୁ ଆମ୍ବୁଲାନ୍ସ କରିଛନ୍ତି। ଅନ୍ୟପକ୍ଷରେ ସକ୍ଷମ ବ୍ୟକ୍ତିମାନେ କେବଳ ଡ୍ରାଇଭର ଓ ଡିଜେଲ ଖର୍ଚ୍ଚ ଦେଇ ଆମ୍ବୁଲାନ୍ସ ସେବା ବି ପାଇପାରୁଛନ୍ତି। ଏହି ଆମ୍ବୁଲାନ୍ସ ରାଜକୋଟ ସିଭିଲ୍ ହସ୍ପିଟାଲ ନିକଟରେ ରହୁଛି ଓ ଏହାକୁ ଆଖପାଖ ଗାଁର ଲୋକେ ଜରୁରୀ ଚିକିତ୍ସା ଲାଗି ନେଉଛନ୍ତି। ଏହି ଆମ୍ବୁଲାନ୍ସରେ ସଙ୍ଗୀତା ନିଜ ପତିଙ୍କ ଫଟୋ ଲଗାଇଛନ୍ତି। ଏହି କାର୍ଯ୍ୟରେ ଲୋକଙ୍କ ସହଯୋଗ ମିଳିଲେ ସେ ଆଗାମୀ ଦିନରେ ଅଧିକ ଆମ୍ବୁଲାନ୍ସ କିଣିବା ପାଇଁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଫେବୃୟାରୀ ୧୯୯୮

- ଶ୍ରୀଲଙ୍କାର କିଲିନୋଚି ନିକଟବର୍ତ୍ତୀ ଉତ୍ତର ପାରାନ୍ଥନ ଅଞ୍ଚଳଠାରେ ଏଲ୍‌ଟିଟିଇ ଉଗ୍ରପନ୍ଥୀ ଏବଂ ସିଂହଳୀ ସୈନ୍ୟମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୩୦୦ରୁ ଊର୍ଦ୍ଧ୍ୱ ଗେରିଲା ଓ ୨୦ ସୈନ୍ୟ ନିହତ।
- ରାମଜନ୍ମଭୂମି ଏବଂ ବାବ୍ରୀ ମସ୍‌ଜିଦ୍ ଆନ୍ଦୋଳନ ସଂକ୍ରାନ୍ତ ଅନେକ ବିଚାରଧୀନ ମକଦ୍ଦମାକୁ ପ୍ରତ୍ୟାହାର କରିନେବା ପାଇଁ ଉତ୍ତର ପ୍ରଦେଶ ସରକାରଙ୍କ ନିର୍ଦ୍ଦେଶ।
- ଡି.ଆର୍. କାର୍ତ୍ତିକେୟନ ସିବିଆଇର ନୂତନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | | 9 | 2 |
| 3 | 4 | | | 5 | | | | |
| | 2 | | 6 | | 7 | | | |
| | | | | | 4 | | 6 | |
| | | | 7 | | | | | |
| | 7 | 9 | | | | | 2 | 1 |
| 6 | | 5 | | 9 | | | | 8 |
| | | | 5 | | | | | |
| | 8 | | 1 | 3 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 7 | 2 | 6 | 5 | 4 | 1 | 9 |
| 4 | 5 | 6 | 3 | 1 | 9 | 7 | 8 | 2 |
| 9 | 2 | 1 | 8 | 4 | 7 | 5 | 3 | 6 |
| 2 | 4 | 9 | 5 | 3 | 8 | 6 | 7 | 1 |
| 3 | 1 | 8 | 9 | 7 | 6 | 2 | 5 | 4 |
| 6 | 7 | 5 | 4 | 2 | 1 | 3 | 9 | 8 |
| 7 | 6 | 3 | 1 | 8 | 4 | 9 | 2 | 5 |
| 5 | 8 | 4 | 7 | 9 | 2 | 1 | 6 | 3 |
| 1 | 9 | 2 | 6 | 5 | 3 | 8 | 4 | 7 |

ଗତକାଲିର ଉତ୍ତର

# ବିହନ ବୁଣାରୁ ଅମଳଯାଏ ସଂଘର୍ଷ



ସୁଧୀର କୁମାର ନାୟକ

ପ୍ରତ୍ୟେକ ବର୍ଷ ଧାନ ବିକ୍ରି ପାଇଁ ଚାଷୀଙ୍କ ସମସ୍ୟା ବଢ଼ିଯାଉଛି। ଧାନକିଣା ସମୟରେ ଚାଷୀଙ୍କୁ ଯେଉଁଭଳି ହଇରାଣ ହରକତ ହେବାକୁ ପଡ଼ିଥାଏ, ତାହା ନୂଆ କଥା କିଛି ନ ହେଲେ ବି କିଣା ପୂର୍ବରୁ ଯେଉଁ ନୀତି ନିୟମ ନିର୍ଦ୍ଧାରଣ କରାଯାଇଥାଏ, ତାହାର ମୂଲ୍ୟ ସତେ ଯେମିତି କିଛି ନାହିଁ। କହିବାକୁ ଗଲେ ମିଲର୍ସଙ୍କ ହାତମୁଠାରେ ମଣ୍ଡିସବୁ କାମ କରୁଛି। ଧାନ ସଂଗ୍ରହ ବେଳେ ସ୍ୱଚ୍ଛତା ରହୁନାହିଁ। କେତେକ ମଣ୍ଡିରେ ୩ରୁ ୫ କିଲୋଗ୍ରାମ କଟ୍‌ନିଛଟ୍‌ନିରେ ଧାନ କାଟି ଦିଆଯାଉଛି ତ, ୫ ରୁ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ କୋରାପୁଟ ଭଳି ଅନେକ ସ୍ଥାନରେ ମଣ୍ଡିଗୁଡ଼ିକରେ କଟାଯାଉଛି। ଏହା ଏକ ଖୋଲା ଦୁର୍ନୀତି କହିଲେ ଭୁଲ ହେବ ନାହିଁ। ଏହା ମଧ୍ୟରେ ପୁଣି ଟୋକନ ସମସ୍ୟା ରହୁଛି। ଧାନବସ୍ତା ଧରି ମଣ୍ଡିଗୁଡ଼ିକରେ ଚାଷୀମାନେ ଦିନ ଦିନ ଧରି ପଡ଼ି ରହୁଛନ୍ତି। ବହୁ କୃଷକ ସଙ୍ଗଠନ ଏହା ବିରୋଧରେ ଆନ୍ଦୋଳନ କଲେ ବି ସୁଫଳ ମିଳୁନାହିଁ। ପ୍ରତିଥର ଶୀତକାଳୀନ ଅଧିବେଶନରେ ବିଧାନସଭାରେ ଧାନ କିଣା ବିକା କଟ୍‌ନିଛଟ୍‌ନି ଟୋକନ ସମସ୍ୟାକୁ ନେଇ ଆଲୋଚନା ହେଉଛି। ତଥାପି ସମସ୍ୟାର ଅନ୍ତ ଘଟୁନାହିଁ। ଧାନ ବିକ୍ରୟ ସମସ୍ୟାକୁ ସମାଧାନ କରିବା ପାଇଁ ପ୍ରଥମେ ଓଡ଼ିଶାରେ ୧୯୬୫ରେ ଧାନ କ୍ରୟ ବିକ୍ରୟ ଆଇନ ସରକାର ପ୍ରଣୟନ କରିଥିଲେ ମଧ୍ୟ ଚାଷୀ ତା'ର ଉତ୍ପାଦର ଠିକ୍ ମୂଲ୍ୟ ପାଇଲା ନାହିଁ। ପରେ ୧୯୭୮ରେ ସରକାର ପୁନର୍ବାର ଏକ ଆଇନ କରିହାରାହାରି ଭଲ ମାନ ଥିବା ଧାନ କେନ୍ଦ୍ରକୁ ବିକ୍ରି କରୁଛନ୍ତି। ରାଜ୍ୟରେ ଲେଭି ବ୍ୟବସ୍ଥା ଉଚ୍ଛେଦ କରି କଷ୍ଟମ ମିଲିଂରେ ଧାନ ସଂଗ୍ରହ କରାଯାଉଛି। ଏଥିରେ ମିଲରଙ୍କ ଭୂମିକା ପ୍ରତ୍ୟକ୍ଷ ଭାବେ ନାହିଁ। ଯୋଗାଣ ବିଭାଗ ନିଜ ମାର୍କେଟିଂ ଏଜେନ୍ସି ଜରିଆରେ ଧାନ କିଣୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ମିଲରଙ୍କ ଇଙ୍ଗିତରେ ମଣ୍ଡିଗୁଡ଼ିକରେ ଧାନ କିଣାବିକା ହେଉଛି ବୋଲି ଚାଷୀ ସର୍ବଦା ଅଭିଯୋଗ କରୁଛନ୍ତି।

ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ତଥ୍ୟ ଅନୁସାରେ ଧାନ ସଂଗ୍ରହ ପାଇଁ ଚଳିତ ବର୍ଷ ୧୬ ଲକ୍ଷ ୫୪ ହଜାର ୩୦ ଜଣ ଚାଷୀଙ୍କୁ ପଞ୍ଜିକୃତ କରାଯାଇଛି। ମକର ସଂକ୍ରାନ୍ତି ପୂର୍ବରୁ ୬ ଲକ୍ଷ ୧୫ ହଜାର ୫୮୮ ଜଣ ଚାଷୀ ମୋଟ୍ ୨ କୋଟି ୯୨ ଲକ୍ଷ ୧୫ ହଜାର ୯୩୬ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି ବୋଲି ସରକାରୀ ତଥ୍ୟ କହୁଛି। ରାଜ୍ୟରେ ଚଳିତବର୍ଷ ୨୧୦୭ଟି କୃଷି ସମବାୟ, ଲ୍ୟାମ୍ପ ଏବଂ ୫୧୭ଟି ଏସ୍‌ଏଚ୍‌ଜିଙ୍କ ଜରିଆରେ ଧାନ ସଂଗ୍ରହ କାର୍ଯ୍ୟ ଚାଲୁଛି। ଦୁଃଖର ବିଷୟ, ବହୁ ପଞ୍ଜିକୃତ ଚାଷୀ ଏବେ ବି ଟୋକନ ପାଇବାରୁ ବଞ୍ଚିତ । ଧାନ ସଂଗ୍ରହ ପାଇଁ ଝୋଟ ଅଖା ବ୍ୟବହାର ନିୟମ ଥିବାବେଳେ ଠିକ୍ ସମୟରେ ମଣ୍ଡି ଅଖା ଯୋଗାଇ ପାରୁନାହିଁ। ବଜାରରେ ଝୋଟ ଅଖାର ମୂଲ୍ୟ ବୃଦ୍ଧି ଯୋଗୁ ଚାଷୀ କିଣି ପାରୁନାହାନ୍ତି। ଧାନର ଅଭାବୀ ବିକ୍ରି ସହାୟକ ମୂଲ୍ୟ ବୃଦ୍ଧି ସହିତ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଚାଷୀଙ୍କଠାରୁ ସିଧାସଳଖ ଧାନ ସଂଗ୍ରହ ପାଇଁ ୨୦୦୨ରେ ରୁଜୁ ହୋଇଥିବା ଏକ ମାମଲାର ପୂର୍ଣ୍ଣାଙ୍ଗ ବିଚାର କରି ୨୦୨୨ ଅଗଷ୍ଟରେ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଧାନ ସଂଗ୍ରହରେ କଟ୍‌ନିଛଟ୍‌ନି ଉଚ୍ଛେଦ ସହ ଯୋଗାଣ ବିଭାଗ ପ୍ରତ୍ୟକ୍ଷ ଦାୟିତ୍ୱ ନେଇ ମଣ୍ଡିଗୁଡ଼ିକରେ ଦେଖାଯାଉଥିବା ସମସ୍ୟାଗୁଡ଼ିକୁ ସମାଧାନ କରୁ। ଚଳିତବର୍ଷ ଆରମ୍ଭରୁ ହିଁ ମଣ୍ଡିଗୁଡ଼ିକରେ କଟ୍‌ନୀଛଟ୍‌ନୀ ଚାଲିଛି। ଯଦି ଏକ୍ୟୁ ମାନ ତଳକୁ



ଅଛି, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଆଳ ଦେଖାଇ ମଣ୍ଡିରେ କଟ୍‌ନିଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିଲା ୨୦୧୫–୧୬ ପ୍ରଧାନ ମହାଲେଖାକାର ତଥା ମହାସମୀକ୍ଷକ (ଏ.ଜି.)ଙ୍କ ଅଡିଟ୍ ରିପୋର୍ଟ; ଯାହାକୁ ନେଇ କେବଳ ଆମ ରାଜ୍ୟ ନୁହଁ, ଜାତୀୟ ସ୍ତରରେ ଏହି ଖବର ଚର୍ଚ୍ଚା ହୋଇଥିଲା। ବର୍ତ୍ତମାନ ସମୀକ୍ଷାରେ ତାହା ଦର୍ଶାଯାଉଛି। ସି.ଏ.ଜି. ତାଙ୍କ ରିପୋର୍ଟରେ ଧାନକିଣା ସମ୍ପର୍କରେ ଅନେକ ଅସଙ୍ଗତି ଏବଂ ଚାଷୀ କ୍ଷତି ଉପସ୍ଥାପନ କରିଥିଲେ। ସେ ଲେଖିଥିଲେ ପ୍ରତି କ୍ୱିଣ୍ଟାଲ ଧାନ ମିଲିଂରେ ୬୮ କିଲୋଗ୍ରାମ ଚାଉଳ (ଉଷୁନା) ମିଳିଥାଏ। ସେହିପରି ଅରୁଆ ଚାଉଳ ୬୫ ରୁ ୬୭ କି.ଗ୍ରା. ମିଳିଥାଏ। ମଣ୍ଡିରୁ ଧାନ ମିଲରଙ୍କୁ ଦେବା ଏବଂ ତାଙ୍କଠାରୁ ଚାହିଦା ମୁତାବକ ଚାଉଳ ଆଣିବା ସରକାରଙ୍କ କାମ। ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ୨୫ ଲକ୍ଷ କ୍ୱିଣ୍ଟାଲ ଚାଉଳ ବର୍ଷକୁ ଖର୍ଚ୍ଚ ହେଉଥିବା ବେଳେ ଅବଶିଷ୍ଟ ଚାଉଳ ଏଫ୍.ସି.ଆଇ. ନେବାର ବ୍ୟବସ୍ଥା ଥାଏ। ମଣ୍ଡିରୁ ଧାନ ମିଲକୁ ଯିବା, ଧାନକିଣା, ମିଲିଂ ଏବଂ ପ୍ୟାକିଂ ଖର୍ଚ୍ଚ ତାହା କେନ୍ଦ୍ର ସରକାର ସମୟକୁ ସମୟ ଧାର୍ଯ୍ୟ କରି ବିନିଯୋଗ ପତ୍ର ମାଧ୍ୟମରେ ମିଲରମାନଙ୍କୁ ଟଙ୍କା ଦେଇଥାଆନ୍ତି। ମିଲରମାନଙ୍କର କୌଣସି ଆର୍ଥିକ କ୍ଷତି ହୁଏ ନାହିଁ ବୋଲି ସରକାର କୁହନ୍ତି। ତେବେ ଧାନମିଲିଂରୁ ବାହାରୁଥିବା ଉପ–ଦ୍ରବ୍ୟ ଅର୍ଥାତ୍ ଖୁଦ, କୁଣ୍ଡା, ରାଇସ୍ ବ୍ରାନ୍, ଭଙ୍ଗା ଚାଉଳ ଆଦି କେତେ ବାହାରୁଛି, କିଏ ନେଉଛି, ସରକାର ବୁଝନ୍ତି ନାହିଁ। ଏସବୁ ଚାଷୀଙ୍କ ଧାନରୁ ବାହାରୁଥିଲେ ବି ଚାଷୀଙ୍କୁ ଦିଆଯାଏ ନାହିଁ କିମ୍ବା ସରକାରଙ୍କୁ ମିଲରମାନେ ଏହାର ବିକ୍ରିଅର୍ଥ ପୈଠ କରନ୍ତି ନାହିଁ। ହିସାବରୁ ଜଣାଯାଇଛି ଯେ, ଗୋଟାଏ କ୍ୱିଣ୍ଟାଲ ଧାନରୁ ମିଲିଂ ପରେ ଚାଉଳକୁ ବାଦ୍ ଦେଲେ ପ୍ରାୟ ୭ କିଲୋଗ୍ରାମ୍ ଯାଏ ରାଇସ୍ ବ୍ରାନ୍, ୫ କି.ଗ୍ରା. ଖୁଦ ଓ ୨୦ କି.ଗ୍ରା. ଯାଏ କୁଣ୍ଡା ବାହାରିଥାଏ। ଏହିସବୁ ଉପ–ଦ୍ରବ୍ୟର ମାନ ନେଇ ବଜାରରେ ମିଲରମାନେ ବିକ୍ରି କରିଥାଆନ୍ତି, ଯାହାକି ରାଇସ୍ ବ୍ରାନ୍‌ରୁ ଖାଇବା ତେଲ, ଇଥାନଲ ଭଳି ଇନ୍ଧନ ପ୍ରସ୍ତୁତ କରାଯାଏ। କୁଣ୍ଡା ଗୋଖାଦ୍ୟ ପାଇଁ ଏବଂ ଖୁଦ ଚାଉଳ ବିଭିନ୍ନ ଜଳଖିଆ ପାଇଁ ହୋଟେଲଗୁଡ଼ିକୁ ବିକ୍ରି କରାଯାଏ। ମୋଟାମୋଟି ଭାବେ ଧାନର ଚାଉଳ ମୂଲ୍ୟକୁ ବାଦ୍ ଦେଲେ ମିଲରମାନେ କ୍ୱିଣ୍ଟାଲ ପିଛା ୪୭୦ ଟଙ୍କା ପାଉଛନ୍ତି। ଏହାସତ୍ତ୍ୱେ ଚାଷୀଙ୍କଠାରୁ ଧାନ କିଣିଲା ବେଳେ କ୍ଷତି ହେବାର ଆଳ ଦେଖାଇ କଟ୍‌ନୀଛଟ୍‌ନୀ କରି ଧାନ କାଟୁଛନ୍ତି। ଏଠି ଚାଷୀର ସ୍ୱାର୍ଥକୁ ବଳି ପକାଇ ମିଲରଙ୍କ ପେଟଆଉଁଶା କଥା ହେଉଛି। ତେବେ ବିଶେଷ ସୂତ୍ରରୁ ଜଣାଯାଇଛି ଯେ, ଏହି ଉପ–ଦ୍ରବ୍ୟ ମୂଲ୍ୟ ହିସାବ କରାଗଲେ ବର୍ଷକୁ ବ୍ୟବସାୟ ହେଉଛି ପାଖାପାଖି ୩ ହଜାର କୋଟି ଟଙ୍କା। ଏଠି କୁହାଯାଇପାରେ କେନ୍ଦ୍ର ସରକାର, ଏ.ଜି. ରିପୋର୍ଟକୁ ଗୁରୁତ୍ୱ ଦେଇ ଧାନର ମିଲିଂ ଉପ–ଦ୍ରବ୍ୟ ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ। ସେ ଅର୍ଥକୁ ଚାଷୀଙ୍କ ଯୋଜନାରେ ଖର୍ଚ୍ଚ କରାଯାଉ।

ସୁନା କିଣିଲାବେଳେ ଆମେ ଯାହା ମୂଲ୍ୟ ଥାଏ, ତାକୁ ଠିକ୍‌ଠାକ୍ ପୈଠ କରୁ। ଯଦି ଚାଷୀଠାରୁ ପରିବା କିଣୁ, ମୂଲଚାଲ କରି କିଛି ଟଙ୍କା କାଟିଲେ ଆମେ ଖୁସି ହେଉ। ଏହା ଆମ ଖାଉଟିମାନଙ୍କର ମାନସିକତା। କିନ୍ତୁ ବୁଝିବାକୁ ହେବ ଚାଷୀକୁ ବିହନ ବୁଣାରୁ ଅମଳ, ବିପଣନ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥାଏ।

ଶ୍ୟାମପୁର, ଧାମନଗର, ଭଦ୍ରକ
ମୋ: ୯୯୩୮୦୮୦୨୯୪

## ପାଠକ ଶ୍ରେଷ୍ଠ ବିଚାରକ

### ଠକ ସଂସ୍ଥାର ଶୋଷଣ

ମହାଶୟ,

ମୁଁ ଥରେ ଖବରକାଗଜରୁ ଏକ ଫାଇନାନ ସଂସ୍ଥା ସମ୍ପର୍କରେ ଜାଣିଲି। ସେମାନେ ଦେଇଥିବା ଫୋନ୍ ନମ୍ବରରେ ସଂସ୍ଥା ସହ ଯୋଗାଯୋଗ କଲି। ଜଣେ ମୋ ଫୋନ୍ ଗ୍ରହଣ କରି କହିଲେ, ଯଦି ଆପଣ ଆପଣଙ୍କ ବ୍ୟବସାୟ ସମ୍ପର୍କୀୟ ସମସ୍ତ କାଗଜପତ୍ର ଡାକ ମାଧ୍ୟମରେ ଆମ ପାଖକୁ ପଠାନ୍ତି, ତେବେ ତାହା ଦେଖି କେତେ ଟଙ୍କା ଋଣ କରିହେବ, ତାହା ଆମେ ଜଣାଇଦେବୁ। ସେ ଦେଇଥିବା ଠିକଣାରେ ମୋ ବ୍ୟବସାୟ ସମ୍ପର୍କିତ କାଗଜପତ୍ର ପଠାଇଦେଲି। ସେମାନେ ତାହା ପାଇଲା ପରେ ମୋତେ କହିଲେ, ଆମ ହେଡ୍ ଅଫିସ କୋଲକାତାରେ। ଆମେ ଆପଣଙ୍କ ତଥ୍ୟ ସବୁ ନେଟ୍ ମାଧ୍ୟମରେ ଦେଖିସାରିଛୁ। ଆପଣଙ୍କର ୨୫ଲକ୍ଷ ଟଙ୍କା ଋଣ ହୋଇପାରିବ। କାଗଜପତ୍ର ଭେରିଫିକେଶନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରଥମେ ୧୦ ହଜାର ଟଙ୍କା ପଠାଇଲେ ଆପଣଙ୍କର ଋଣ ମଞ୍ଜୁର ହେବ ବୋଲି କହିଲେ। ମୁଁ ୧୦ ହଜାର ପଠାଇଲି। ପରେ ତାଙ୍କ କହିବାନୁସାରେ ଆଉ ୭ ହଜାର ବି ପଠାଇଲି । ଆଉ ୨୫ ହଜାର ଟଙ୍କା ପଠାଇଲେ ଏସ୍‌ବିଆଇ ଆକାଉଣ୍ଟରେ ୨୩ ଲକ୍ଷ ଜମା କରିଦେବେ ବୋଲି କହିଲେ ଓ ମୁଁ ତାହା ପଠାଇଲି। ପରେ ସେମାନେ ସବୁ ଫୋନ୍ ନଂ ବ୍ଲକ କରିଦେଲେ। ମୁଁ ଏମିତି ଠକାମିର ଶିକାର ହୋଇଛି ।

–ରମେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନେ କା'ର ନାହିଁ ପଲକ
ସକଳ ଦେହେ ଭରେ ଲୋତକ
ବରଷା ବାରି ପୂରଇ ଯଥା ବିଶ୍ୱେ
ସ୍ୱରଗ–ଭୂତି କରଇ ଦାନ ନିଃସ୍ୱେ।

–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ (ଡି.ଏନ.ଏ.): ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ମଣ୍ଡୁଆମ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ଯଶୋମତୀ ଗଡ଼ତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଞ୍ଜାଗୋଲା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର ସିଆର୍‌ସିସି ଲୋକନାଥ ସାମଲ, ଅବସରପ୍ରାପ୍ତ ପ୍ରାଧାପକ ଡ. ଦୀପେନ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ବଜରଙ୍ଗ ରିଫ୍ରାକ୍ଟୋରିରେ କର୍ମଚାରୀଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**କୁଆଁରମୁଣ୍ଡା,୧।୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ହାତୀବାରି ରୋଡରେ ଥିବା ବଜରଙ୍ଗ ରିଫ୍ରାକ୍ଟୋରିରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ କର୍ମଚାରୀ ଜଣଙ୍କ ହେଲେ ତେଲିପୋଷ କେନ୍ଦୁଟୋଲାର ମାସି ଭେଙ୍ଗ୍ରା (୩୮)। ମଙ୍ଗଳବାର ବିଳମ୍ବିତ ରାତିରେ ମାସି ଉକ୍ତ କାରଖାନାରେ କାର୍ଯ୍ୟ କରିଥିଲାବେଳେ ହଠାତ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୋଲିସ ବୁଧବାର ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ସୂଚନା ଦେଇଛି। ଅନ୍ୟପକ୍ଷରେ କାରଖାନା ପକ୍ଷରୁ ମୃତଙ୍କ ସ୍ତ୍ରୀଙ୍କୁ ଉକ୍ତ କାରଖାନାରେ ସ୍ଥାୟୀ ନିଯୁକ୍ତିର ପ୍ରତିଶ୍ରୁତି ସହ ୪ଲକ୍ଷ ୪୦ ହଜାର ଅନୁକମ୍ପାମୂଳକ ସହାୟତା ଓ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

### ପୋଲରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ବଡ଼ଗାଁ, ୧।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ବିରବିରା ଗାଁ ନିକଟ ଏକ ପୋଲରେ ପିଟି ହୋଇ ଜଣେ ବାଇକ୍ ଚାଳକ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେ ହେଲେ ବଡ଼ଗାଁ ଥାନା ଅଧୀନ ଟିକିଲିପଡା ନିକଟ ତାଲଡିହି ଗ୍ରାମର ବିଲସନ ଚାମ୍ପିଆ (୧୮)। ସୂଚନା ଅନୁଯାୟୀ ମଙ୍ଗଳବାର ଏକ ବିବାହ କାର୍ଯ୍ୟରେ ଯୋଗ ଦେବାପାଇଁ ଜଣେ ବ୍ୟକ୍ତିଙ୍କ ବାଇକ୍ ମାଗି ବିଲସନ ବିରବିରା ନିକଟ ମେଢା ଶିବ ମନ୍ଦିରକୁ ଯାଇଥିଲେ। ସେଠାରୁ ରାତି ନଟାରେ ଘରକୁ ଫେରୁଥିବାବେଳେ ନିୟନ୍ତ୍ରଣ ହରାଇ ପୋଲରେ ପିଟି ହୋଇଥିଲେ।

# ଜଳସେଚନର ସଦୁପଯୋଗ ଉପରେ ଗୁରୁତ୍ୱ

### ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

**ସୁନ୍ଦରଗଡ଼,୧।୨(ଡି.ଏନ.ଏ.)**



ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ସୁନ୍ଦରଗଡ ଜଳସେଚନ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି।ବୁଧବାର ଉଦଯାପନୀ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାଷ ଜମିକୁ ଜଳସେଚନର ସଦୁପଯୋଗ, କେନାଲର ରକ୍ଷଣାବେକ୍ଷଣ, ଜଳର ସୁବଣ୍ଟନ, ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତଳସରା ଜଳସେଚନ ପ୍ରକଳ୍ପର ପାଣି ପଞ୍ଚାୟତ ଅଧ୍ୟକ୍ଷ ବେହେରା, ସରଫଗଡ ପାଣି ପଞ୍ଚାୟତର ଅଧ୍ୟକ୍ଷ ରାଜକୁମାର ପଟେଲଙ୍କ ସମେତ ଅନ୍ୟାନ୍ୟ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀମାନେ ଯୋଗ ଦେଇଥିଲେ। ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇ.ହେମନ୍ତ କୁମାର ପାଣ୍ଡବ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଇ.ଗିରିଧାରୀ ବେଟୀସଭା ପରିଚାଳନା କରିଥିଲେ। ଏହି ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପୂର୍ବରୁ ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବ।

## ଆରଏସ୍‌ପିର ରୋଶନି ସକ୍ଷମ ସାଥୀ ଉଦ୍‌ଘାଟିତ

**ରାଉରକେଲା ଅଫିସ,୧।୨:** ରାଉରକେଲା ଇସ୍ପାତ କାରଖାନାରୁ ଅବସର ନେଉଥିବା କର୍ମଚାରୀମାନ ଜୀବନସାଥୀମାନଙ୍କ ପାଇଁ ଏକ ପରାମର୍ଶ କର୍ମଶାଳା ରୋଶନି-ସକ୍ଷମ ବୁଧବାର ସେକ୍ଟର-୧୯ ସ୍ଥିତ ସିଭିକସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ଏଥିରେ କାର୍ମିକ ବିଭାଗର ଜିଏମ ଇନଚାର୍ଜ ବିରେନ୍ଦ୍ର କୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାର୍ମିକ ବିଭାଗର ଜିଏମ ଜି.ଆର ଦାଶ ଓ କାରଖାନାର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳାକୁ ଆର୍‌ଏସ୍‌ପିର ବିତ୍ତ ଓ ଲେଖା ବିଭାଗର ଜିଏମ୍ ଆର.ଆର ଷଡଙ୍ଗୀ, ସ୍ୱାସ୍ଥ୍ୟ ବିଭାଗର ଏସିଏମଓ ଡକ୍ଟର ଶିବାଲକର ତଥ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜି.ଆର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାକୁ ଶ୍ରମ ନୀରିକ୍ଷକ ଖଗେଶ୍ୱର ପଣ୍ଡା ସଂଯୋଜନା କରିଥିଲେ। ଶେଷରେ କାର୍ମିକ ବିଭାଗର ସିନିୟର ମ୍ୟାନେଜର ଜ୍ୟୋତି ଓରେୟା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ପାର୍ଶ୍ୱରେ ଅଟକିଥିବା ଟ୍ରକ୍‌ରୁ ଡିଜେଲ ଚୋରି

**ବଡ଼ଗାଁ, ୧।୨(ଡି.ଏନ୍.ଏ.)**

ବଡ଼ଗାଁ ଥାନା ଗରିଆମାଲ ଛକ ନିକଟରେ ମଙ୍ଗଳବାର ରାତିରେ ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଏକ ଟ୍ରକରୁ ଦୁର୍ବୃତ୍ତମାନେ ଡିଜେଲ ଚୋରି କରିନେଇଛନ୍ତି। ପୁରୀ ଜିଲା ପିପିଲି ଥାନା ଅଧୀନ ପାଣିଦୋଲ ଗ୍ରାମର ତ୍ରିନାଥ ମାନସିଂହ ଓ ତାଙ୍କ ସହଯୋଗୀ ରାଜଗାଙ୍ଗପୁରରୁ ରାତି ୧୨ଟାରେ ଗୋପାଳପୁର ଅଭିମୁଖେ ବାହାରିଥିଲେ। ରାସ୍ତାରେ ଏକ ପେଟ୍ରୋଲ ପମ୍ପରୁ ୨୨ଶହ ଟଙ୍କାର ଡିଜେଲ ଭର୍ତ୍ତି କରିଥିଲେ। ନିଦ ଲାଗିବାରୁ ଗରିଆମାଲ ଛକ ନିକଟରେ ଟ୍ରକ ଅଟକାଇ ଗାଡ଼ି ଭିତରେ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟ୍ରକର ତେଲ ଟାଙ୍କି ଖୋଲି ସମସ୍ତ ଡିଜେଲ ନେଇଯାଇଛନ୍ତି। ସକାଳେ ଡ୍ରାଇଭର ତ୍ରିନାଥ ମାନସିଂହ ପୋଲିସରେ ଜଣାଇବା ପରେ ସବ୍‌ଇନ୍ସପେକ୍ଟର ବିଜୟ କୁମାର ତଦନ୍ତ ଆରମ୍ଭ କରିଛନ୍ତି।

## ବିଭାଜନ ସ୍ତରୀୟ ପାଣିପଞ୍ଚାୟତ ପକ୍ଷ ଉଦ୍‌ଘାଟିତ

**ଦେବଗଡ଼,୧।୨(ଡି ଏନ ଏ)**

ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଦେବଗଡ଼ କ୍ଷୁଦ୍ର ଜଳ ସେଚନ ବିଭାଜନ କାର୍ଯ୍ୟାଳୟ ପରିସରରେ ଡିଭିଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ବୁଧବାର ଶୁଭାରମ୍ଭ ହୋଇଛି। ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଓ ଜିଲାପାଳ ସୋମେଶ ଉପାଧ୍ୟାୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅଧିକ୍ଷଣ ଯନ୍ତ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହ ପାଣି ପଞ୍ଚାୟତରେ ମହିଳାଙ୍କ ସହଭାଗିତା, ପାଣି ପଞ୍ଚାୟତ ସହଯୋଗରେ ଜଳ ସେଚନର ସୁସମ ବଣ୍ଟନ ଚାଷୀଙ୍କୁ ସୁଦୃଢ କରିଥିବା ପ୍ରକାଶ କରିଥିଲେ । ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ବୁଢ଼ିବିଲ ପାଣି ପଞ୍ଚାୟତ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁ, ପାଲକୁଦର୍ ପାଣି ପଞ୍ଚାୟତର ଅଧ୍ୟକ୍ଷା ରୀନା ଦ୍ୱିବେଦୀ, ଉପେନ୍ଦ୍ର କୁମୁରା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଭୁବନେନ୍ଦ୍ର ଆଚାର୍ଯ୍ୟ, ଜିଲା ମୁଖ୍ୟ କୃଷି ଅଧିକାରୀ କେ.ରାମ ଶଙ୍କର ରାଓ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜ୍ୟୋତିନ୍



@ ଭକ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମଦ ଦୋକାନ ମ୍ୟାନେଜରଙ୍କ ଘରୁ ଚୋରି ଘଟଣା: ୨ ଗିରଫ

**ଦେବଗଡ଼,୧।୨(ଡି.ଏନ.ଏ.)**

ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଭଡାଘରେ ରହୁଥିବା ଦେବଗଡ଼ ବିଦେଶୀ ମଦ ଦୋକାନର ମ୍ୟାନେଜର ଗଣେଶ ପ୍ରସାଦଙ୍କ ଘରୁ ତାଲା ଭାଙ୍ଗି ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ସଫଳ ହୋଇଛି। ଏହି ଘଟଣାର ତଦନ୍ତ କରି ପୋଲିସ ସହରର ଆର୍‌ସିଏମ୍‌ଏସ୍ ସାହିର ଶିବା ମୁଖି ଓ ଦିଲ୍ଲୀପ ମୁଖି (୩୩)ଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ ନଗଦ ୧ଲକ୍ଷ ୧୨ ହଜାର ଟଙ୍କା, ଚୋରି ଟଙ୍କାରୁ କ୍ରୟ କରିଥିବା ସାମଗ୍ରୀ ଓ ୧ଲକ୍ଷ ୨୭ ହଜାର ଟଙ୍କା ବଦଳରେ ଆଶୀର୍ବାଦ ଫାଇନାନ୍ସ ବନ୍ଧକରୁ (ଗୋଲ୍ଡ ଲୋନ)ମୁକୁଳାଇଥିବା ସୁନା ଚେନକୁ ଜବତ କରିଥିବା ଜଣାପଡିଛି। ଚୋରି କାର୍ଯ୍ୟରେ ସେମାନେ ବ୍ୟବହାର କରିଥିବା ଏକ ହାତୁଡି, ଏକ ଇଲେକ୍ଟ୍ରିକ କଟର୍ ମେଶିନ, ଏକ ବାଇକ୍ ଓ ପିନ୍ଧିଥିବା ଏକ ଜ୍ୟାକେଟକୁ ମଧ୍ୟ ଜବତ କରିଛି। ଶିବା ଉକ୍ତ ବିଦେଶୀ ମଦ ଦୋକାନରେ କାମ କରୁଥିବାବେଳେ ସେ ଯୋଜନାବଦ୍ଧ ଭାବେ ଏହି ଚୋରି କରିଥିଲେ। ଏହି ଘଟଣା ସହରରେ ବେଶ ଚର୍ଚ୍ଚା ହୋଇଛି।ଗତ ୨୨ ତାରିଖ ରାତିରେ ଦେବଗଡ଼ ପ୍ରଧାନପାଟ ନିକଟସ୍ଥ ବଡବଗିଚାଠାରେ 'ଉତ୍ସବ ପ୍ରଧାନପାଟ' ପାଳିତ ହେଉଥିବାବେଳେ ଦେବଗଡ଼ ସହରର ଏକମାତ୍ର ବିଦେଶୀ ମଦ ଦୋକାନରେ ଗହଳି ଲାଗି ରହିଥିଲା। ଏଣୁ ମଦ ଦୋକାନର ମ୍ୟାନେଜର ଗଣେଶ ପ୍ରସାଦ ଦୋକାନରେ ବ୍ୟସ୍ତ ଥିବାବେଳେ ଏହାର ସୁଯୋଗ ନେଇ ଶିବା ଓ ଦିଲ୍ଲୀପ କଟର ସହାୟତାରେ କାଠ ଗ୍ରିଲ ଓ ଲୁହା ଆଲମାରୀ କାଟି ତହିଁରୁ ନଗଦ ୨ଲକ୍ଷ ୪୫ ହଜାର ଟଙ୍କା ଚୋରି କରି ନେଇଥିଲେ। ଘରକୁ ଫେରି ଗଣେଶ ଏକଥା ଜାଣିବାପରେ ଦେବଗଡ଼ ଆଦର୍ଶ ଥାନାରେ ଏନେଇ ଲିଖିତ ଏତଲା ଦେଇଥିଲେ।

## ଲହୁଣୀପଡ଼ାକୁ ହରାଇ ବଣାଇ ଚାମ୍ପିୟନ



ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

### ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣୀପଡ଼ା,୧।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଖେଳପଡ଼ିଆରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୪ତମ ପାଞ୍ଚଦିନିଆ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଡିଏକ୍ସ ଲହୁଣୀପଡ଼ା ଦଳକୁ ୫ ଉଇକେଟରେ ହରାଇ ବଣାଇ ଦଳ ଚଳିତବର୍ଷ ଚାମ୍ପିୟନ ହୋଇଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ନିଗେସ ଚନ୍ଦ୍ର ଚୌରାସିଆ, ଦିଲୀପ ଖଟୁଆ ଯୋଗଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନର ସଭାପତି ବିକାଶ ଜୟସ୍ୱାଲ ଅଧ୍ୟକ୍ଷତା କରିଥିଲେ। ନିକୁଞ୍ଜ ସିଂ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୁବୁନ ବେହେରା ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ କମିଟିର କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିବା ସହିତ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ମଣ୍ଟୁ ମାହାନ୍ତ, ରିଙ୍କୁ ମାରାଣ୍ଡି, ବାପି ଖଟୁଆ, ସୁଦର୍ଶନ ହାଁସଦା, ଆଶୀଷ ଜୟସ୍ୱାଲ, ଅଜୟ ସା, ଚନ୍ଦନ ଜୟସ୍ୱାଲ ଶାନ୍ତିଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ। ଏମ୍‌ଡି ଛୋଟୁ, ଅବିନାଶ ପ୍ରଧାନ,ଏମ୍‌ଡି ଉମର, ସଞ୍ଜୟ ସୋନାର, ଏମ୍‌ଡି ଅମିନ, ଏମ୍‌ଡି ରିଣ୍ଟୁ, ରଞ୍ଜନ ଦଲେଇ, ଏମ୍‌ଡି କୈଫ, ପୃଥ୍ୱୀ ମହାକୁଡ଼ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏସନର କର୍ମକର୍ତ୍ତାମାନେ କ୍ରିକେଟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ସିକେପି-ଏଚ୍‌ଭି-ଜେଏସ୍‌ଜି-୧୧, ତାରିଖ: ୩୧।୦୧।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଦୁଇ ବର୍ଷ ଅବଧି ପାଇଁ ଯେକୌଣସି ସମୟରେ କ୍ରିଉ ଏବଂ ଗାର୍ଡଙ୍କୁ ସେମାନଙ୍କ ଜିନିଷପତ୍ର ସହିତ ଜେଏସ୍‌ଜି କ୍ରିଉ ଲବିରୁ ଏମ୍‌ଆଇଡିଏଚ୍, କେଏସ୍‌ଜି ରିଲିଫ୍ ୟାର୍ଡ, ଡିଟିଭି, ବିଇଏଚ୍, ଡିଆଇଏଚ୍ ଏବଂ ବିଏମ୍‌ବି ପର୍ଯ୍ୟନ୍ତ ନେବା ଆଣିବା ଲାଗି ତିନି (୦୩) ଗୋଟି ଅଣ-ଏସି ସଡ଼କ ବାହନ (ଟାଟା ସୁମୋ/ବୋଲେରୋ କିମ୍ବା ସମାନ ଧରଣର ଗାଡ଼ି) ଭଡ଼ା ସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୧,୫୨,୫୧,୫୬୦.୮୦ । **ବିଡ୍ ଅମାନତ:** ₹୨,୨୬,୩୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଇଇ (ଓପି)/ସିକେପି, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୨।୨୦୨୩ରିଖ ୧୫.୩୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୨।୦୨।୨୦୨୩ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-1067)**

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୩/୬, ତାରିଖ: ୨୪।୦୧।୨୦୨୩**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧. | ୦୩୨୨୧୪୬୯ସି | ବିଓଏକ୍ସଏନ୍ ୱାଗନ୍ ପାଇଁ ଡୋର୍ ଚେକ୍ ସ୍ପ୍ରିଙ୍ଗ୍ | ୨୦।୦୨।୨୦୨୩ | ୯୫୫୦ ଗୋଟି |
| ୨. | ୦୩୨୨୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ପାଇଁ ଲକିଂ ବ୍ୟବସ୍ଥା ନିମନ୍ତେ କିଟ୍ | ୨୧।୦୨।୨୦୨୩ | ୨୬୩୪୭ ସେଟ୍ |
| ୩. | ୦୩୨୩୩୧୮୩ | ବିଓବିଆର୍‌ଏନ୍ ୱାଗନ୍ ପାଇଁ ମୋଡିଫାଏଡ୍ ଫୋର୍ଜଡ୍ ଡୋର୍ ହିଞ୍ଜ୍ | ୨୨।୦୨।୨୦୨୩ | ୫୩୮୯ ଗୋଟି |
| ୪. | ୦୫୨୩୫୦୦୧ | ଅଣ୍ଡରଗ୍ରାଉଣ୍ଡ ଜେଲି ପୂର୍ଣ୍ଣ କ୍ୱାଡ୍ କେବୁଲ, ସାଇଜ୍: ୬ କ୍ୱାଡ୍ x ୦.୯ ମିମିର ଯୋଗାଣ ନିମନ୍ତେ ଦର ଚୁକ୍ତି ଲାଗି ଟେଣ୍ଡର, ୧ ବର୍ଷ ପାଇଁ ଯାହା ୨ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧନଯୋଗ୍ୟ | ୨୨।୦୨।୨୦୨୩ | ୨୧୦୦ କିମି |
| ୫. | ୦୩୨୨୧୩୬୮ବି | ବିୟରିଂ ପିସ୍ ୱାଶର୍ସ, ସେଫ୍‌ଟି ଷ୍ଟ୍ରାପ୍ ଓ ପିନ୍‌ର ଆସେମ୍ବ୍ଲି | ୨୩।୦୨।୨୦୨୩ | ୨୫୩୫୧ ଗୋଟି |

**ଟେଣ୍ଡର ସମାପ୍ତି/ଖୋଲାଯିବାର ସମୟ: ୧୦.୩୦ ଘଟିକାରେ**

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/432 *ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ବିଳାସପୁରଙ୍କ ପାଇଁ*

South East Central Railway @secrail

**OFFICE OF THE MEDICAL SUPERINTENDENT FAKIR MOHAN MEDICAL COLLEGE AND HOSPITAL, BALASORE**

**NOTICE INVITING EXPRESSION OF INTEREST (EOI)**

**No. 350/S FMMC&HB** **Date: 31.01.2023**

No. E-868: F.M. Medical College & Hospital, Balasore invites 'Expression of Interest' from reputed and experienced Odisha based Chartered Accountant Firms empanelled with C&AG for the FY 2021-22 for conducting statutory audit of Swastya Vikash Samiti (SVS), Niramaya & NIDAAN Account of F.M. Medical College & Hospital, Balasore for the Financial Year 2019-20, 2020-21, 2021-22. The EOI along with all the documents can be submitted by the interested frims through Speed Post/Registered Post only to **"Medical Superintendent, F.M. Medical College & Hospital, At/P.O.: Balasore, Odisha, PIN - 756001"** by 20.02.2023 upto 5.00 P.M. and the same will be opened on 21.02.2023, 12.00 Noon at office chamber of Superintendent, FMMC&H, Balasore. Application form as well as other details will be available and downloaded from District website **www.baleswar.nic.in** & College Website: **www.blsmch.nic.in**. Authority reserves every right to reject all or any of the tender without asigning any reason thereof.

**Sd./- Medical Superintendent FMMC&H, Balasore**

OIPR-10134/11/0009/2223

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ**
**ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ**
ଓଡ଼ିଶା ସରକାର

**OFFICE OF THE PROJECT ADMINISTRATOR, ITDA, PHULBANI**
**ST & SC DEVELOPMENT DEPARTMENT**
**GOVERNMENT OF ODISHA**
**Tel.: (06842) 254149, E-Mail: itdaphulbani@gmail.com**

**No. 183** **Date: 21.01.2023**

**TENDER CALL NOTICE**

No. CAD-4690: Sealed tenders are invited from intending firms/ companies having valid registration PAN/GSTIN No. for supply & installation of 100 Kg. to 200 Kg. per day **Tamarind Cake Making Unit (Tamarind Fruit De-huller, De-seeder, Tamarind Press (250gm 500gm & 1000gm) & Packing Machine** in the Phulbani, Khajuripada & Phiringia town under ITDA, Phulbani in Kandhamal District, with specification mentioned in the Detailed Tender Call Notice which can be downloaded from district website **www.kandhamal.nic.in**. The sealed tenders complete in all respects must reach the Office of the Project Administrator, ITDA, Phulbani, Dist.: Kandhamal, Odisha, PIN - 765001 latest by 09.02.2023 by 5.00 P.M. through Register/Courier/Speed Post. The tender will be opened on 10.02.2023 at 11.00 A.M. in presence of the Technical Committee. The tender paper can be obtained in the Office of the PA, ITDA in any working day during the office hours on payment of Rs.3000/- (Rupees Three thousand) only or can be downloaded from the District website. The bidders those who download tender paper online should pay the tender paper cost in shape of DD in favour of Project Administrator, ITDA, Phulbani payable at Phulbani.

**Sd./- Project Administrator ITDA, Phulbani**

OIPR-19069/11/0009/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, JAJPUR**
ଓଡ଼ିଶା ସରକାର
AT/Po- Dala, Near I.G. Women's College, Jajpur Road, Dist- Jajpur
E mail Id- deijajpur-od@gov.in

**No.54/Dated Jajpur, the 1st February, 2023**

**TENDER CALL NOTICE NO.- 02/2022-23**

**No.AA-32:**Sealed tenders are invited from interested reputed Travel Agencies/Tour Operators or private individuals having GST number for providing One No. TUV 300/Bolero/Sumo Gold/Ertiga/ equivalent vehicle for official use in the Office of the SE-cum- Dy. Electrical Inspector, Jajpur.

1) The vehicle must be in Road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Pollution Control Certificate, Fitness Certificate, valid Contract Carriage Permit, proof of up-to-date tax payment etc. which are mandatory for plying of vehicle on road.
2) The vehicle shall be required to perform field visits inside the State of Odisha as and when necessary.
3) A sum of **Rs.5,000/-** shall be deposited by the intending bidders in shape of Account Payee Bank Draft drawn in favour of the ACE-cum-EI, Bhadrak drawn on any nationalized bank payable at Bhadrak and submitted along with the tender as security deposit. After completion of tender process, the amount will be refunded to unsuccessful bidders.
4) The monthly rate of hire charge needs to be quoted separately in the general bid information (excluding fuel and lubricants).
5) The Quotation completed in all respect should reach the undersigned on or before **13.02.2023 by 1.00 PM** and shall be opened on the same day at **03.00 PM** in the presence of the bidders or their authorized representatives if any.
6) The application form of quotation / tender containing General Bid Information & Terms and conditions for Hiring of Vehicle etc. will be available with SE-cum-DEI, Jajpur on payment of **Rs.100/-** (Rupees One hundred) only under the head of account **'0043-00-800-0097-01026-000' (From 06.02.2023 to 13.02.2023 by 01.00PM.)**
7) The initial period of contract is up to March 2023 from the date of agreement. It may be extended for a further period of one year if felt necessary subject to satisfactory performance.

**Sd./- Superintending Engineer-Cum-Deputy Electrical Inspector, Jajpur**

**OIPR-04051/11/0005/2223**

**ASSISTANT DIRECTOR OF HORTICULTURE, JHARSUGUDA**

**No. 129/HORT** **Dated: 31.01.2023**

**EXPRESSION OF INTEREST NOTICE**

| | | |
|---|---|---|
| 1 | ADH, Jharsuguda is inviting 2nd time Expression of Interest from all eligible participants fulfilling the eligibility criteri mentioned in the DTCN for "CONDUCTING END-TO-END WHOLE CHAIN ANAYSIS ON RED CHILLI CROP AND PROMOTION OF CLUSTERS BY EXPANDING BENEFITS AND AVOIDING OVERLAPPING OF ASSISTANCES UNDER DIFFERENT SCHEMES IN LAIKERA BLOCK OF JHARSUGUDA DISTRICT". Eligible participants may download the DTCN and submit their proposals through Speed Post/Normal Post/Drop Box set up in the Office of ADH, Jharsuguda, OMP Line, Jharsuguda - 768204 as per the following deadline. (For details visit website: **www.jharsuguda.nic.in**). | |
| 2 | Date of Bid Document available in the Website | 01.02.2023 11.00 A.M. to 20.02.2023 5.00 P.M. |
| 3 | Date of Pre-Bid Meeting | 10.02.2023 at 11.00 A.M. in the Office Chamber of ADH, Jharsuguda |
| 4 | Last date for receipt of Proposals (Sealed Envelope) | 21.02.2023, 05.00 P.M. |
| 5 | Date of Opening of Technical and Financial Bid | 22.02.2023, 11.00 A.M. |

**Sd./- ADH, Jharsuguda**

**OFFICE OF THE LIQUIDATOR**
**SHREE SARALA WEAVERS' COOPERATIVE SPINNING MILLS LTD., NAUSIRA, TIRTOL, DIST.: JAGATSINGHPUR, PIN - 754137**

**TENDER CALL NOTICE**

**REF. No. 115** **Date: 25.01.2023**

No. CAD-4684: To act in accordance with the Order Dtd.14.10.2022 of the Hon'ble Court of DRT, Cuttack, Odisha, the Liquidator, Shree Sarala Weavers' Cooperative, Spinning Mills Ltd., proclaiming sell of the movable assets of the Mill on "as is where is" basis and invites sealed tenders from the interested parties/agencies/firms to participate in the Bid process. The bid application with details of the terms and conditions is available at websites of **https://textiles.odisha.gov.in / https://www.boyanika.com**.

The tender documents are to be submitted in two bid system (a) Technical Bid and (b) Financial Bid in the prescribed format, in two separate sealed cover marked with **"Technical Bid for SARSPIN"** and the other one as **"Financial Bid for SARSPIN"** respectively and both are to be submitted in one sealed non-transparent envelope superscribed as **"BID SARSPIN"**, duly signed by the bidder along with processing fee (Non-refundable) of Rs.5,000/- (Rupees five thousand) only in shape of Demand Draft/Bankers Cheque from a scheduled Commercial Bank payable at **Bhubaneswar** drawn in favour of **"Liquidator, Shree Sarala Weaver's Cooperative Spinning Mills Ltd."**.

The tender, complete in all respect should reach by 4.00 P.M. of 28th February' 2023 through Speed Post/Regd. Post in the following address - LIQUIDATOR, SARSPIN, C/o. Managing Director, SPINFED, At: Office of the Assistant Director of Sericulture, near Sikharchandi Temple, Post: KIIT, Bhubaneswar, District: Khurda, Odisha, PIN - 751024. In no case delivery by hand/courier will be accepted. The authority shall not be responsible for any postal delay. The application received in incomplete form in any respect shall not be considered and rejected.

The tender for Technical Bid shall be opened at 1.00 P.M. and the Financial Bid at 3.00 P.M. on Dt.10.03.2023 in O/o. the Managing Director, SPINFED, At: Office of the Assistant Director of Sericulture, Near Sikharchandi Temple, Bhubaneswar - 751024, in presence of the Bidders or their authorized representatives. Any addendum/corrigendum and cancellation of the bid process can also be seen in the aforesaid websites.

The authority reserves the rights to accept or reject any or all the bids without assigning any reasons thereof.

**Sd./- Liquidator, SARSPIN**

**OIPR-31002/11/0007/2223**

## ଭବାନୀପାଟଣାରେ ମାଣିକେଶରୀ ମହୋତ୍ସବ

ଭବାନୀପାଟଣା,(ସ୍ୱ.ପ୍ର.): ଭବାନୀପାଟଣା ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ଭବାନୀ ଟାଉନ ହଲରେ ବୁଧବାର ମାଣିକେଶରୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହୋତ୍ସବ ଆବାହକ ଜଗନ୍ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମପି ଅର୍କ କେଶରୀ ଦେଓ, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ମୋନାଲିସା ପଣ୍ଡା, ଶିକ୍ଷାବିତ୍ ଡା ଅଜୟ କୁମାର ମିଶ୍ର, ଗୁରୁ ପ୍ରଭାସ ମିଶ୍ର, ଭୀମସେନ ସାହୁ ମଞ୍ଚାସୀନ ହୋଇଥିଲେ। ମାଣିକେଶରୀ ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ସଂକ୍ଷେପରେ

### ଛତିଶଗଡ଼ରୁ ଯୁବକ ଗିରଫ
#### ନାବାଳିକାଙ୍କୁ ଅପହରଣ ଘଟଣା

ନୂଆପଡ଼ା ଅଫିସ,୧।୨: ନୂଆପଡା ଜିଲା କୋମନା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ବୁଧବାର କୋମନା ପୋଲିସ ଛତିଶଗଡର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଛତିଶଗଡ ପିଥୋରା ଥାନା ଅଧୀନ ପୁଟୁପରା ଗାଁର ଟିକେଲାଲ ସାହୁ (୨୬)। ସୂଚନା ମୁତାବକ ସମ୍ପୃକ୍ତା ନାବାଳିକାଙ୍କ ସହ ଛତିଶଗଡର ଟିକେଲାଲଙ୍କ ବର୍ଷେ ହେବ ପ୍ରେମ ସମ୍ପର୍କ ରହି ଆସିଥିଲା। ଗତ ୨୬ ତାରିଖ ରାତ୍ରିରେ ଟିକେଲାଲ ନାବାଳିକାଙ୍କୁ କଥାରେ ଭୁଲାଇ ନିଜ ଗ୍ରାମକୁ ନେଇ ଯାଇଥିଲେ। ନାବାଳିକାଙ୍କ ପରିବାରବର୍ଗ ଖୋଜାଖୋଜି କରି କୌଣସି ସୂତ୍ରରୁ ଖବର ପାଇଁ ଝିଅକୁ ପାଇ ଯାଇଥିଲେ। ପୂର୍ବରୁ କୋମନା ଥାନାରେ ନାବାଳିକା ନିଖୋଜ ବୋଲି ଲିଖିତ ଅଭିଯୋଗ କରିଥିଲେ। ଏ ନେଇ କୋମନା ଥାନାରେ ଏକ ମାମଲା ନଂ.୩୪/୨୩) ରୁଜୁ କରି ତଦନ୍ତ ଜାରି ରହିଥିଲା। ନାବାଳିକା ମିଳିବା ପରେ ଯୁବକଙ୍କୁ ଗିରଫ କରି ଡାକ୍ତରି ମାଇନା କରି କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚାଲିଛି ବୋଲି ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ସୂଚନା ଦେଇଛନ୍ତି।

### ଆପେ ଆପେ ଜଳୁଛି ନିଆଁ, ଦେଖିବା ପାଇଁ ଲୋକଙ୍କ ଭିଡ଼

ଖଡ଼ିଆଳ,୧।୨(ଡି.ଏନ.ଏ.): ଆପେ ଆପେ ନିଆଁ ଜଳୁଛି। ଗୋଟିଏ ଜାଗାରେ ନିଆଁ ଲିଭାଇଲେ ଅନ୍ୟ ଜାଗାରେ ଜଳୁଛି। କୌଣସି ଜଳନ୍ତ ଦ୍ରବ୍ୟ ନ ଥିବା ବେଳେ ହଠାତ ନିଆଁ ଲାଗିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି। ବିଶ୍ୱାଳ ଯୋଗ୍ୟ ନ ହେଲେବି ଏହା ସତ୍ୟ ଘଟଣା। ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମପଞ୍ଚାୟତ ଭିମାଖୋଲ ଗାଁର ହଳଧର ଛାତ୍ରିଆ ଘରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। କୌଣସି କାରଣ ନ ଥାଇ ହଠାତ ନିଆ ଲାଗିଯାଉଛି। ଗୋଟିଏ ଜାଗାରେ ନିଆଁ ଲିଭାଇଲେ ଅନ୍ୟ ଜାଗାରେ ଜଳୁଛି। ଏ ନେଇ ପରିବାର ଲୋକେ ଭୟଭିତ ହେବା ସହ ଅନ୍ୟମାନେ ଆଶ୍ଚର୍ଯ୍ୟ ହେଉଛନ୍ତି। ଘର ସମସ୍ତ ଆସବା ପତ୍ର, ଲୁଗାପଟା, ଆଲମାରିରେ ଥିବା କୋଡିଏ ହଜାର ଟଙ୍କା ପୋଡି ପାଉଁଶ ହୋଇ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏପରି କୋଡିଏ ଜାଗାରେ ନିଆଁ ଜଳୁଛି ଓ ଘର ସଦସ୍ୟ ନିଆଁ ଲିଭାଉଛନ୍ତି। ପରିବାର ଲୋକେ ଭୟ ପାଇଁ ପୂଜାର୍ଚ୍ଚନା ମଧ ଆରମ୍ଭ କଲେଣି। ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ତଥା ରସାୟନ ବିଜ୍ଞାନ ବିଭାଗ ଅଧାପକ ଡ଼ା ତରୁଣ କୁମାର ପ୍ରଧାନଙ୍କୁ ପଚାରିବାରୁ କୌଣସି ରାସାୟନିକ ପ୍ରକ୍ରିୟାରୁ ଏସବୁ ଘଟୁଥିବା ପ୍ରକାଶ କରିଛନ୍ତି।

### ପ୍ରକାଶ ପାଇଲା ପରୀକ୍ଷା କାର୍ଯ୍ୟସୂଚୀ
#### ଅର୍ଥନୀତି ସମ୍ମାନ ଡିଏସ୍ଇ ପରୀକ୍ଷା ବାତିଲ ଘଟଣା

ଲୋଇସିଂହା,୧।୨(ଡି.ଏନ.ଏ): ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଡିଗ୍ରୀ କଲେଜରେ ଯୁକ୍ତ ୩ପଞ୍ଚମ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହେଉଛି। ତେବେ ଗତ ସୋମବାର କଳା ବିଭାଗ ପରୀକ୍ଷାର ତୃତୀୟ ଦିବସରେ ବ୍ୟତିକ୍ରମ ଦେଖାଯାଇଥିଲା। ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ଯୋଗାଣ ଯୋଗୁ ଅର୍ଥନୀତି ସମ୍ମାନ ଡିଏସ୍ଇ ପ୍ରଥମ ବିଷୟର ପବ୍ଲିକ ଇକୋନୋମିକ୍ସ ବଦଳରେ ଇଣ୍ଡିୟାନ ଇକୋନୋମକ୍ସି ପ୍ରଶ୍ନପତ୍ର ଦିଆଯାଇଥିଲା। ଏହାପରେ କଣ୍ଟ୍ରୋଲର ପରୀକ୍ଷାକୁ ବାତିଲ କରିଥିଲେ। ଏବେ ନୂତନ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆସନ୍ତା ୧୩ ଫେବୃୟାରୀରେ ଡିଏସ୍ଇ ପ୍ରଥମ ବିଷୟ ଏବଂ ୧୫ରେ ଡିଏସ୍ଇ ଦ୍ୱିତୀୟ ବିଷୟ ପରୀକ୍ଷା ହେବ ବୋଲି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜେନ୍ଦ୍ର ବିଶ୍ୱାବିଦ୍ୟାଳୟ ଅଧୀନ ଡିଗ୍ରୀ କଲେଜରେ ୨୪ ଜାନୁୟାରୀରୁ ପରୀକ୍ଷା ଆରମ୍ଭ ହୋଇ ୩ ଫେବୃୟାରୀରେ ସରିବ। ଜାନୁୟାରୀ ୩୦ରେ କଳା ବିଭାଗ ପରୀକ୍ଷାର ତୃତୀୟ ଦିବସରେ ଅର୍ଥନୀତି ସମ୍ମାନ ଡିଏସ୍ଇ ପ୍ରଥମ ବିଷୟର ପବ୍ଲିକ ଇକୋନୋମିକସ ବିଷୟ ପରୀକ୍ଷା ରହିଥିଲା। ହେଲେ ସେହିଦିନ ଲୋଇସିଂହା କଲେଜରେ ପରୀକ୍ଷା ଦେଉଥିବା ୨୫ ଜଣ ଛାତ୍ରୀଛାତ୍ରଙ୍କୁ ଇଣ୍ଡିୟାନ ଇକୋନୋମିକ୍ସ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ ବିଶ୍ୱବିଦ୍ୟାଳୟ କଣ୍ଟ୍ରୋଲରଙ୍କୁ ଜଣାଇଥିଲେ। ଏହାପରେ ଅର୍ଥନୀତି ସମ୍ମାନ ଡିଏସଇ ପ୍ରଥମ ବିଷୟ ଏବଂ ୨ ଫେବୃୟାରୀରେ ହେବାକୁ ଥିବା ପବ୍ଲିକ ଇକୋନୋମିକ୍ସ ବିଷୟ ପରୀକ୍ଷା ବାତିଲ କରାଯାଇଥିଲା।

# ବଢ଼ୁଛି ଅପରାଧ, ରୋକିପାରୁନି ପୋଲିସ

ବଲାଙ୍ଗୀର ଅଫିସ, ୧।୨

**ବଲାଙ୍ଗୀର ସହର**
- ଅପରାଧୀ ବେଫିକର, ଘରେ ପଶି କରୁଛନ୍ତି ଆକ୍ରମଣ
- ଶାନ୍ତିପଡାରେ ୩ ଜଣଙ୍କୁ ହାଣି ଫେରାର ମାରିଲା ଦୁର୍ବୃତ୍ତ
- ଚିନ୍ତାରେ ବୁଦ୍ଧିଜୀବୀ, ଚୁପ୍ ପଡିଛନ୍ତି ରାଜନେତା

ବଲାଙ୍ଗୀର ସହର ଏବେ ଅପରାଧର ସହର ହୋଇଗଲାଣି। ଘରରେ ପଶି ହାଣିବା ଏବେ ନୂଆ ଟ୍ରେଣ୍ଡ ପାଲିଟି ଗଲାଣି। ସୋମବାର ରାତିରେ ସହର ଶାନ୍ତିପଡାର ସୁଶୀଲ ମେହେରଙ୍କ ଘରେ ପଶି ଜଣେ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିଲେ। ସୁଶୀଲଙ୍କ ସ୍ତ୍ରୀ ମମତା, ଶାଳୀ ଆରାଧନା ଓ ଦୁଇବର୍ଷର ଝିଅ ଶ୍ରୀୟା ଆକ୍ରମଣର ଶିକାର ହୋଇଛନ୍ତି। ଏକ ଲୁହାରଡ୍‌ରେ ଆକ୍ରମଣକାରୀ ସେମାନଙ୍କୁ ଆକ୍ରମଣ କରିଥିବା କୁହାଯାଇଛି। ଗୁରୁତର ଆହତ ଅବସ୍ଥାରେ ତିନିଜଣଙ୍କୁ ଉଦ୍ଧାର କରି ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ସ୍ଥାନାନ୍ତର କରାଯାଇଛି। ସୁଶୀଲ ମେହେର ଏହି ଆକ୍ରମଣ ପଛରେ ଦେଷଣ୍ଡ ଗ୍ରାମର ସ୍ୱାଧୀନ ସାହୁଙ୍କ ହାତ ଥିବା ସନ୍ଦେହ କରୁଛନ୍ତି। ପୂର୍ବରୁ ଉଭୟ ସୁଶୀଲ ଓ ସ୍ୱାଧୀନ ମିଳିତ ଭାବେ ବ୍ୟବସାୟ କରୁଥିବା କୁହାଯାଇଛି। ତେବେ ଆକ୍ରମଣ ପରେ ସ୍ୱାଧୀନ କୁଆଡେ ଫେରାର ହୋଇଯାଇଥିବା କୁହାଯାଉଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ ମଧ ବୁଧବାର ରାତି ସୁଦ୍ଧା ଧରି ପାରିନାହିଁ। ସୂଚନା ମୁତାବକ ଅଭିଯୁକ୍ତ ସ୍ୱାଧୀନଙ୍କୁ ଧରିବା ପାଇଁ ପୋଲିସ ଏକ ଟିମ୍ ଗଠନ କରାଯାଇଛି।

ପ୍ରାୟ ୧୫ ଦିନ ତଳେ ସହରର ଶାସ୍ତ୍ରୀନଗର ଠାରେ ସମାନ ଢ଼ଙ୍ଗରେ ଠିକାଦାର ଭବାନୀ ଦୀପଙ୍କ ଘରେ ସନ୍ଧ୍ୟାବେଳେ ପଶି ଦୁର୍ବୃତ୍ତମାନେ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେତେବେଳେ ଏହି ଘଟଣା ସହରରେ ହଇଚଇ ସୃଷ୍ଟି କରିଥିଲା। ସହରରେ କିଛି ଦିନ ଭିତରେ ଅନେକ ସଙ୍ଗୀନ ହତ୍ୟାକାଣ୍ଡ ଘଟିଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଚେରୀ ନିକଟରେ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିଲା। ଏକ ବୁକୁଥରା ଭିଡିଓ ଭାଇରାଲ ହେବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ବିଜାଖମନ ଡମ୍ପିଂୟାର୍ଡ ରାସ୍ତାରେ ଜଣେ ମ୍ୟୁନିସିପାଲିଟି ମହିଳା କର୍ମଚାରୀଙ୍କୁ ହତ୍ୟା କରାଯାଇଥିଲା।

ସହରରେ ସଟ୍ଟା, ନିଶା ଓ ଡ୍ରଗ୍ସ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି। ପୋଲିସ, ଅବକାରୀ ଏବଂ ଡ୍ରଗ୍ସ ବିଭାଗ ମୂକ ଦର୍ଶକ ସାଜିଛନ୍ତି। ସବୁଠୁ ବଡ ଅଭିଯୋଗ ହେଉଛି ଯେ, ଅସାମାଜିକ ବ୍ୟକ୍ତି, ଅପରାଧିମାନେ ପୋଲିସକୁ ତିଳେମାତ୍ର ଭୟ କରୁନାହାନ୍ତି। ପୋଲିସ ବିଭାଗର ଅନେକ ଅଧିକାରୀ ଓ କର୍ମଚାରୀ ଅସାମାଜିକ ଗୋଷ୍ଠୀଙ୍କ ସହ ମିଶିଥିବା ଅଭିଯୋଗ ହୋଇଆସୁଛି। ବିଶେଷକରି ଜମି କିଣାବିକା ମାମଲାରେ ପୋଲିସ ଅନେକାଂଶରେ ପାର୍ଟନର ସାଜିଥିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲାପାଳ ଓ ଏସ୍‌ପିଙ୍କୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଶେଷ କରିବା ଦାୟିତ୍ୱ ଦିଆଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ଏହି ଉଭୟ ଅଧିକାରୀ ଅନ୍ୟକ୍ଷେତ୍ରକୁ ସେତେଟା ସମୟ ଦେଇ ପାରୁ ନ ଥିବାରୁ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି। ସମଗ୍ର ଜିଲାରେ ମଧ ଅନେକ ସଙ୍ଗୀନ ଆପରାଧିକ ଘଟଣା ଚିନ୍ତାର କାରଣ ପାଲଟିଛି। ପ୍ରଶାସକ, ପୋଲିସ ସମେତ ଜିଲାର ଜନପ୍ରତିନିଧିମାନେ ରାଜ୍ୟ ପ୍ରସଙ୍ଗରେ ଯେତେ ମୁଖର ହେଉଛନ୍ତି ଜିଲାରେ ବୃଦ୍ଧି ପାଉଥିବା ଅପରାଧ ଓ ବିଶୃଙ୍ଖଳା ଦିଗରେ ବିଶେଷ ଚିନ୍ତା କରୁଥିବା ଭଳି ମନେ ହେଉନାହିଁ। ଏନେଇ ଏସ୍‌ଡିପିଓ ତୋଫାନ ବାଗଙ୍କୁ ପଚାରିବାରୁ ଅପରାଧ ନିୟନ୍ତ୍ରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପଦକ୍ଷେପ ନିଆଯାଉଛି। ପୂର୍ବରୁ ଘଟିଥିବା ବହୁ ଅପରାଧର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି।

## ଶିକ୍ଷା ସହ ସଂସ୍କାର ଜରୁରୀ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୧।୨(ଡି.ଏନ.ଏ.)

**ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ**

ବଲାଙ୍ଗୀର ଜିଲା ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଯୋଗେଶ୍ୱର ବିହାରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ନିଜସ୍ୱ ପାଣ୍ଠିରୁ ୧୦ହଜାର ଟଙ୍କାର ଚେକ୍ ଦେବା ସହ ପ୍ରତ୍ୟେକ ବର୍ଷ ୧୦ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ। ଅନ୍ୟତମ ଅତିଥି ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ନାୟକ, ସଂକୁଳ ସଂଯୋଜକ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶିକ୍ଷାର ମାନବୃଦ୍ଧି ଉପରେ ନିଜର ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ଼.ଛାୟାକାନ୍ତ ଷଡଙ୍ଗୀ ଯୋଗଦେଇ ଶିକ୍ଷା ସହ ସଂସ୍କାର ଜରୁରୀ ବୋଲି କହିଥିଲେ। ଶିଶୁମନ୍ଦିର ପ୍ରଧାନଗୁରୁଜୀ ସୁମାନନନ୍ଦ ଖମାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସାଧାରଣ ସମ୍ପାଦକ ଭାରତ ଦାଶ ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାର କୃତି ପ୍ରତିଯୋଗୀ, ନବୋଦୟ, ପଠାଣି ସାମନ୍ତ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ର ଓ ଅଭିବାହକଙ୍କ ମଧରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ଗୋବିନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା କମିଟି ଉପସଭାପତି ରାଜୀବ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# କୋଶଲି ଧନୁଯାତ୍ରା ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୧।୨

ସ୍ଥାନୀୟ ସାଂସ୍କୃତିକ ରଙ୍ଗମଞ୍ଚ ପଡିଆରେ ବୁଧବାର ୮ତମ କୋଶଲି ଧନୁଯାତ୍ରା ଉଦଘାଟିତ ହୋଇଯାଇଛି। ଛତିଶଗଡ ସୀମାନ୍ତ ନୂଆପଡା ଜିଲାରେ କୋଶଲି ଭାଷାର ପ୍ରଚଳନ ହୋଇଥାଏ ଓ ଏହି ଜିଲାରୁ କୋଶଲି ଭାଷାର ଗବେଷଣା କରାଯାଇଥିଲା ବୋଲି ଧନୁଯାତ୍ରା କୋଶଲି ଭାଷାରେ ଅନୁଷ୍ଠିତ ହୋଇଥାଏ। ପ୍ରଥମ ରଜନୀରେ ଖୋଲା ରଙ୍ଗମଞ୍ଚରେ ଉଗ୍ରେସନଙ୍କ ରାଜୁତି ଚାଲିଥିବା ବେଳେ ଦୁର୍ମିଳାସୁର ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଖୋଲା ରଙ୍ଗମଞ୍ଚରେ ମଞ୍ଚସ୍ଥ କରିବା ପାଇଁ ଜିଲା ତଥା ଜିଲା ବାହାର କଳାକାରମାନେ ଯୋଗଦେଇଛନ୍ତ। କୋଶଲି ଧନୁଯାତ୍ରାରେ କୋମନା ବ୍ଲକ ଠିକପାଲି ପଞ୍ଚାୟତ ସଲଙ୍ଗିପଡା ଗାଁର ଶିକ୍ଷକ ମଧୁସୁଦନ ପାଣିଗ୍ରାହୀ କଂସ ଭୂମିକାରେ ଅଭିନୟ କରୁଛନ୍ତି। ସାଂସ୍କୃତିକ ରଙ୍ଗମଞ୍ଚ ମଥୁରା ନଗର ସାଜିଥିବା ବେଳେ ମହୁଲଭଟା ଗୋପନଗରୀ ହୋଇଛି। ୨ ବର୍ଷ କରୋନା ଯୋଗୁ



ଜଣେ ଶିଶୁକଳାକାରଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

ହୋଇ ନ ଥିବାରୁ ଚଳିତବର୍ଷ ପ୍ରବଳ ଭିଡ ହେବା ନେଇ ପ୍ରଥମ ଦିନରୁ ଜଣାପଡୁଛି। ବିଶେଷ ଆକର୍ଷଣ ମିନା ବଜାର, ଆକାଶ ଦୋଳି, ଡ୍ରାଏଗନ ତଥା ଅନ୍ୟାନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦର୍ଶକମାନେ ମନଭରି ଉପଭୋଗ କରୁଛନ୍ତି। ମଞ୍ଚ ପରିଚାଳନା ଜୟଶ୍ରୀ ଦଣ୍ଡସେନା କରୁଛନ୍ତି। ଧନୁଯାତ୍ରା ମକିଟି ସଭାପତି ପ୍ରସନ୍ନ କୁମାର ପାଢୀ, ଉପ ସଭାପତି ଅବନୀ ରଞ୍ଜନ ଯୋଶୀ, ଯାଜ୍ଞସେନୀ ମହାପାତ୍ର, ସମ୍ପାଦକ ହରିଶ୍ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୟ ପାଢୀ, ସୁବଳ ପଣ୍ଡା, ମୁରଲିଧର ସୁନା, କୃଷ୍ଣ ସିଂ, ଓମିଲାଲ ଶବର, ଲୋକନାଥ ରଥ, ହେମନ୍ତ ଦଣ୍ଡସେନା, ମଳୟ ରଞ୍ଜନ ମଣ୍ଡଳ, ଫକିର ପାଢୀ, ସୁରଜିତ ସିଂ ମହାରଥା, ପ୍ରତିଭା ହୋତା ପ୍ରମୁଖ ସହଯୋଗ କରୁଛନ୍ତି।

### ଜୁନାଗଡ଼, କେସିଙ୍ଗାରେ ଖୋଲିବ ୨ଟି ସହରାଞ୍ଚଳ ଡାକ୍ତରଖାନା

ଭବାନୀପାଟଣା,୧।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ଜୁନାଗଡ଼ ଓ କେସିଙ୍ଗା ସହରରେ ଗୋଟିଏ ଲେଖାଏଁ ସହରାଞ୍ଚଳ ଡାକ୍ତରଖାନା ଖୋଲିବା ନେଇ ସରକାରୀ ନିର୍ଦ୍ଦେଶ ନାମା ପ୍ରକାଶ ପାଇଛି। ଜୁନାଗଡ଼ ସହରର ୧ ନମ୍ବର ୱାର୍ଡସ୍ଥିତ ହିଞ୍ଜଳୀବାହାଲିରେ ଓ କେସିଙ୍ଗା ବୋରିଙ୍ଗ ପଦରଠାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ରାଜ୍ୟ ନିର୍ଦ୍ଦେଶିକା ଡ଼. ବୃନ୍ଦା ଡିଙ୍କ ପତ୍ର ନଂ.୧୧୨୮ ତା ୩୦।୧।୨୩ରେ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୁନାଗଡ଼ ସହରରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ନିଷ୍ପତ୍ତିକୁ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ସ୍ୱାଗତ କରିଛନ୍ତି।

### କଳାହାଣ୍ଡିର ତପନ ଏସିଆନ କରାଟେ ଚାମ୍ପିୟନଶିପରେ ୨ୟ

ରୁପ୍ରାରୋଡ,୧।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମର ତପନ ଗଉଡ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଆଇଏମଏଏସ ଏସିଆନ କରାଟେ ଚାମ୍ପିୟନଶିପ-୨୦୨୩ ପ୍ରତିଯୋଗିତରେ ତପନ ୨ୟ ସ୍ଥାନରେ ରହି ସିଲଭର ମେଡାଲ ହାସଲ କରିଛନ୍ତି। ଭାରତୀୟ ମାର୍ସାଲ ଆର୍ଟସେ ସଂସ୍ଥାନ ପକ୍ଷରୁ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଭାରତ ସମେତ ନେପାଳ, ଶ୍ରୀଲଙ୍କା ଆଦି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ବୁଢ଼ୀପଦର ଗ୍ରାମର ସଞ୍ଜୁ ଗଉଡ଼ ଓ ସ୍ୱର୍ଗତ ଭୁରିଗଉଡ଼ଙ୍କ ୨୫ ବର୍ଷିୟ ପୁଅ ତପନ ଗଉଡ଼ ୨୦୨୨ରେ ମାର୍ସାଲ ଆର୍ଟସଗଟ ଟେଲେଣ୍ଟ ୱାର୍ଲ୍ଡଚାମ୍ପିୟନ ହୋଇଥିବା ବେଳେ ବର୍ତ୍ତମାନ ଆଇଏମଏଏସ ଏସିଆନ କରାଟେ ଚାମ୍ପିୟନଶିପରେ ୨ୟ ହୋଇ ଓଡିଶା ତଥା ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ସେ ଏସବୁର ଶ୍ରେୟ ନିଜ ପିତାମାତା, ଜନ୍ମମାଟି ବୁଢ଼ୀପଦର ଓ ସେଠ ହରେଶ ଭାଇ ଏମ ଧୋକିଆଙ୍କୁ ଦେଇଛନ୍ତି। ତପନଙ୍କ ଏହି କୃତିତ୍ୱରେ ଜନ୍ମମାଟି ବୁଢ଼ୀପଦର ସହ ଜିଲାରେ ଖୁସିର ଲହରୀ ଖେଳିଯାଇଛି।

# ତରବୋଡ ଦେସୀ ବୟଜ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ନୂଆପଡ଼ା ଅଫିସ,୧।୨

**୧୬ତମ ନିଉଇୟର କପ୍ କ୍ରିକେଟ**

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ରାଜିବ ଗାନ୍ଧି ମିନିଷ୍ଟାଡିୟମରେ ଚାଲିଥିବା ୧୬ତମ ନିଉଇୟର କପ କ୍ରିକେଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ଘୋଟସରକୁ ହରାଇ ତରବୋଡ ଦେସି ବୟଜ ଦଳ ଚାମ୍ପିୟନ ହୋଇଛି। ୫ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୬ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ତରବୋଡ ଦେସି ବୟଜ ଓ ଘୋଟସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଘୋଟସର ଦଳ ଟସଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୯ ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ ସଂଗ୍ରହ କରିଥିଲା। ଜବାବରେ ତରବୋଡ ୮.୫ ଓଭରରେ ୭ ଉଇକେଟ ହରାଇ ୭୯ ରନ କରି ବିଜୟୀ ହୋଇଥିଲା। ତରବୋଡ ଦେସୀ ବୟଜ ଦଳ ଚାମ୍ପିୟନ ହୋଇଥିବା ବେଳେ ଘୋଟସର ଦଳ ରନର୍ସ ଅଫ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ତରବୋଡ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, ସାମାଜିକ କର୍ମୀ ମାଧୋ ପ୍ରସାଦ ସାହୁ, ଗୁପ୍ତେଶ୍ୱର କୁମ୍ଭାର, କେଶବ ନିଆଲ, ମୁସ୍ତାଫା ଖାନ, ସୁବୋଧ ଭୋଇ, ଭୁବନେ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅଫ ଦଳକୁ ପୁରସ୍କୃତ କରିଥିଲେ। ସ୍କୋର ଦାୟିତ୍ୱରେ ବିବେକ ପ୍ରଧାନି ଥିବା ବେଳେ କେଶବ ସାହୁ ଓ ସୁମିତ ଭାଷାଣି ଓଡିଆ ହିନ୍ଦିରେ ଧାରାବିବରଣି ଶୁଣାଉଥିଲେ। ବାଲକୃଷ୍ଣ ରଣା ଓ ଉମେଶ ଅଦା ଖେଳ ପରିଚାଳନା କରିଥିଲେ। ଦେସି ବୟଜ କ୍ରିକେଟ ଆସୋସିଏଶନ ଆୟୋଜନ କରିଥିବା ବେଳେ ଅନୁଷ୍ଠାନ ସଭାପତି ଅଜୟ ଗହିର, ସମ୍ପାଦକ ଦୁଷ୍ମନ୍ତ ପୂଝାରୀ, କୋଷାଧ୍ୟକ୍ଷ ହେମନ୍ତ ଚିରାଙ୍ଗୁଲ, ନିର୍ମଳ ଗହିର, ପିକେଶ ଅହିର, ଦୀପକ ଦଣ୍ଡସେନା, ଅନନ୍ତ ବେମାଲ, ସୁମିତ ଦୁରିଆ, ଗୋପି ଅହିର, ଅର୍ଜୁନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ: ତୁକୁଲା ଚାମ୍ପିୟନ

ଖଡ଼ିଆଳ,୧।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ାଠାରେ ଚାଲିଥିବା ସପ୍ତମ ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୈଦେହୀ ସାଗର ଖେଳ ପଡିଆରେ ଚାଲିଥିବା ଟୁର୍ନାମେଣ୍ଟରେ ଅଞ୍ଚଳର ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ତୁକୁଲା ଦଳ ଦମାପଲା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ବସନ୍ତ ଶବର ଓ ସୁଶାନ୍ତ ଜଗତ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡା ଶିବ ପ୍ରସାଦ ବେହେରା, ଚିନ୍ଦାଗୁଡା



ଅତିଥିଙ୍କ ଗହଣରେ ଖେଳାଳିମାନେ।

ସରପଞ୍ଚ ଜେମାମଣି ରଣା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକମାନଙ୍କ ମଧ୍ୟରେ ସ୍ୱର୍ଗତ ଭଗବାନ ଦୁରିଆଙ୍କ ବଂଶଜ କ୍ଷେତ୍ରମୋହନ ଦୁରିଆ, ଆୟୋଜକ ସଭାପତି ପିଙ୍ଗଳ ମାଝି, ଜତୀନ୍ଦ୍ର ବିଶି, ଶିଖି ମାଝି, ହରେକୃଷ୍ଣ ବାରିକ, ପ୍ରଦୀପ ବାଗ, ରୋଷନ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

# ଉନ୍ନୟନ କାମ ତଦାରଖ କଲେ ଜିଲାପାଳ

ଖପ୍ରାଖୋଲ,୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ମନ୍ଦିର ପରିସରରେ ଚାଲିଥିବା ଉନ୍ନୟନ କାମର ତଦାରଖ କରିଛନ୍ତି ଜିଲାପାଳ ଚଞ୍ଚଳ ରାଣା। ମନ୍ଦିର ପରିସରରେ ମାଟି ଖୋଳା କାମ ଶେଷ ହୋଇଥିବା ବେଳେ ନିର୍ମାଣ ଆରମ୍ଭ ହେବ। ସେହିପରି ତଳେ କୋଠା କାମ ଚାଲିଛି। କାମଗୁଡିକ ପୂର୍ତ୍ତ ବିଭାଗ ଦ୍ୱାରା ହେଉଛି। ଆଗକୁ ନୃସିଂହ ଚତୁର୍ଦ୍ଦଶୀ ତଥା ବୈଶାଖ ମେଳା ଥିବାରୁ କାମକୁ ତୁରନ୍ତ ଶେଷ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ବେହେରା, ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବିଡ଼ିଓ ରଶ୍ମି ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ହରିଶଙ୍କରରେ ଉନ୍ନୟନ କାମର ତଦାରଖ କରୁଛନ୍ତି।

# ଅବଧି ସରିଲା, ଧାନ ଉଠିଲାନି

ଟିଟିଲାଗଡ,୧।୨(ଡି.ଏନ.ଏ.)

- ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ
- ଟୋକନ ପାଇଥିବା ଚାଷୀଙ୍କ ଧାନକ୍ରୟ ପ୍ରତିଶ୍ରୁତି ପରେ ଧାରଣା ହଟିଲା

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ମଣ୍ଡିରେ ଧାନକିଣା ଟାର୍ଗେଟ ସରିଯାଇଛି। ଏହିଭଳି କୁହାଯାଇ ଚାଷୀଙ୍କ ଧାନ କିଣାଯାଉନାହିଁ। ଏହାର ପ୍ରତିବାଦ କରି ଚାଷୀମାନେ ବୁଧବାର ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ମାସେ ପୂର୍ବରୁ ପ୍ରଶାସନ ଧାନବିକ୍ରି କରିବାକୁ ଟୋକନ ଜାରି କରିଥିଲା। ବୁଧବାର ଟୋକନ ଅବଧି ସରିଲା। ହେଲେ ଏବେ ବି ମଣ୍ଡିରେ ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାକୁ ପଡି ରହିଛି। ଚାଷୀ ଟୋକନ ଧରି ବସିଛନ୍ତି। ଯଦି ଚାଷୀଙ୍କ ଧାନ ବିକ୍ରି ନହେବ ତେବେ ସେମାନେ କାହାକୁ ବିକିବେ ବୋଲି ଧାରଣାରେ ବସିଥିବା ବିଜେପୁର ସରପଞ୍ଚ ହୃଷିକେଶ ବାଗ ଓ ଅନ୍ୟ



ବିଜେପୁର ମଣ୍ଡିରେ ବିକ୍ରି ନ ହୋଇ ପଡିରହିଥିବା ଧାନ।

ଚାଷୀ କହିଛନ୍ତି। ପୂର୍ବରୁ ମଧ ଟୋକନ ପାଇଥିବା ଚାଷୀଙ୍କ ଟୋକନ ଲାପ୍ସ ଭୟ ଦେଖାଇ ୧୦ ରୁ ୧୫କେଜି କଟନି ଛଟନି କରାଯାଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ସହାୟକ ଜିଲାପାଳ ଚନ୍ଦ୍ର ଦେହୁରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ ଟିଟିଲାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୋଇ, ଯୋଗାଣ ନିରୀକ୍ଷକ ପଦ୍ମଲୋଚନ ମାଝୀ ଧାରଣାସ୍ଥଳକୁ ଯାଇ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ଧାରଣାରତ ଚାଷୀଙ୍କ ସହ ତହସିଲଦାର ପ୍ରେମଲାଲ ହିଆଲ ଏବଂ ଯୋଗାଣ ବିଭାଗ ଅଧିକାରୀ ମଣ୍ଡିକୁ ଯାଇ ଗଚ୍ଛିତ ଧାନର ସ୍ଥିତି ନିରୀକ୍ଷଣ କରିଥିଲେ। ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ଧାନ ପ୍ରଶାସନ କିଣିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଓହରି ଥିଲେ। ଦେଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଶିଶୁ ମନ୍ଦିର ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ

ପାଇକମାଳ, ୧।୨(ଡି.ଏନ.ଏ.)
ବରଗଡ ଜିଲା ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଓ ପଞ୍ଚମ ମେଧାବୃତ୍ତିରେ ସଫଳତା ହାସଲ କରିଥିବା ୬ଜଣ ବିଦ୍ୟାର୍ଥୀଙ୍କୁ ଶିଶୁ ମନ୍ଦିରରେ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ତୃତୀୟ ଶ୍ରେଣୀ ଛାତ୍ର ବୃତ୍ତିରେ ଅନ୍ୱେଷା କାଳିଆ, ହିତେଶ ବାରିକ, ଅନିଶ ଭୋଇ, ଶାଶ୍ୱତା ପ୍ରଧାନ ଓ ପଞ୍ଚମ ଶ୍ରେଣୀରେ ଅଙ୍କିତ ସାହୁ, ଶ୍ରେୟାଶୀ ଭୋଇ। ପରିଚାଳନା କମିଟି ସଦସ୍ୟ, ଗୁରୁଜୀ ଗୁରୁମା, ଅଭିଭାବକ ଓ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଥିଲେ ।

### ଅତାବିରା ପଞ୍ଚାୟତ ସମିତି ବୈଠକ

ଜାମଟିକ୍ରା, ୧।୨(ଡି.ଏନ.ଏ.)
ବରଗଡ ଜିଲା ଅତାବିରା ପଞ୍ଚାୟତ ସମିତିର ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷା ଗୀତାଞ୍ଜଳି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଏବିଡିଏ ଗିରିନ୍ଦ୍ର ସାହୁ, ବ୍ଲକ ଉପାଧକ୍ଷ ଅନନ୍ତ ମେହେର, ସହକାରୀ ଯନ୍ତ୍ରୀ ମନାସିବା ମହାପାତ୍ର ଯୋଦେଇଥିଲେ । ଏମ୍‌ପି ପ୍ରତିନିଧି ଯୁବରାଜ ପଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାଃ ରବିନାରାୟଣ ମିଶ୍ର , ଏବିଓ ତପନ ଦାସ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ପାନୀୟ ଜଳ, ଶିକ୍ଷା, କୃଷି, ମହିଳା ସମନ୍ୱିତ ଶିଶୁ ବିକାଶ ଆଦ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।

### ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଜାମଟିକ୍ରା, ୧।୨(ଡି.ଏନ.ଏ.)
ବରଗଡ ଜିଲା ଅତାବିରା ବ୍ଲକ ପାହାଡଶ୍ରୀଗୀଡା ଲାଲ ଡୋଲେଶ୍ୱର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶୀଲ କୁମାର ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାହାଡଶ୍ରୀଗୀଡା ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ମୁଖ୍ୟ ଅତିଥି, ଆଞ୍ଚଳିକ କଲେଜ ଅଧକ୍ଷ ରାମକୃଷ୍ଣ ସାହୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ସାହୁ , ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜୟଦେବ ନାଏକ, ଆଞ୍ଚଳିକ ଆଦିବାସୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ତପସ୍ୱିନି ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଝାଁକରପାଲିକୁ ହରାଇ ସେମିରେ ଖଲିଆପାଲି

#### ପୃଥ୍ୱୀରାଜ-ଚିତ୍ତ ସ୍ମାରକୀ କ୍ରିକେଟ

ପଦ୍ମପୁର, ୧।୨(ଡି.ଏନ.ଏ.)
ବରଗଡ଼ ଜିଲା ପଦ୍ମପୁର ବ୍ଲକ ବାଦିମାଲଠାରେ ଏମଏଲସିସି ଆୟୋଜିତ ୧୯ତମ ପୃଥ୍ୱୀରାଜ ଓ ଚିତ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗୁଡ୍ଡୁ ଅଗ୍ରୱାଲ ମୁଖ୍ୟଅତିଥି ଓ ସୁଦାମ ମେହେର ଓ ଲକ୍ଷ୍ମୀ ନାରାୟଣ ବନଛୋର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଦିନରେ ଖଲିଆପାଲି ଦଳ ଝାଁକରପାଲି ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ଝାଁକରପାଲି ଦଳ ନିର୍ଦ୍ଧାରିତ ୭ ଓଭରରେ ୩ ଉଇକେଟରେ ୫୩ରନ ସଂଗ୍ରହ କରିଥିଲା। ଜବାବରେ ଖଲିଆପାଲି ଦଳ ୫ ଓଭରରେ ୨ଉଇକେଟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରାଜୁ ମେହେର ଅତିଥିଭାବେ ଯୋଗଦେଇ ଖଲିଆପାଲି ଦଳର ସୁଦାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।

### ପାଣି ପଞ୍ଚାୟତ ପକ୍ଷ ପାଳିତ

ପଦ୍ମପୁର ୧।୨(ଡି.ଏନ.ଏ.)
ବରଗଡ଼ ଜିଲା ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସାପଲହର ଜଳ ସେଚନ ପ୍ରକଳ୍ପଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଏସ୍‌ଡିଓ ହେମନ୍ତ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପଦ୍ମପୁର ଏନଏସି ଅଧକ୍ଷା ସାବିତ୍ରୀ ବାଗ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଳ ସେଚନର ଉନ୍ନତି ଓ କୃଷି କୃଷକର ପ୍ରଗତି ବିଷୟରେ ଆଲୋଚନା କରିଥିଲେ। ବିଧାୟିକା ବରିହା କମ୍ ପାଣିରେ ଚାଷ ହେଉଥିବା ଫସଲ କରିବାକୁ ଚାଷୀଙ୍କୁ ଅନୁରୋଧ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ଜଳ ସମ୍ପଦ ପ୍ରସଙ୍ଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ ପଦ୍ମପୁର ନାଳା ଜଳ ବିଭାଜିକା ସଭାପତି ସରୋଜ ବହିଦାର ଧନ୍ୟବାଦ ଦେଇଥିଲେ।

# ସମାନୁପାତିକ ଜଳ ବଣ୍ଟନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧।୨:


ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ପାଣି ପଞ୍ଚାୟତ ଭବନରେ ବୁଧବାର ଜଳର ସଦ୍‌ବ୍ୟବହାର ଏବଂ ସୁପରିଚାଳନା ମାଧ୍ୟମରେ ଶସ୍ୟ ଉତ୍ପାଦନ କ୍ଷେତ୍ର ବୃଦ୍ଧି କରିବାର ଉଦ୍ଦେଶ୍ୟ ନେଇ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଉଠା ଜଳସେଚନ ବରଗଡ଼ ବିଭାଜନ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଜିଲାପାଳ ମୋନିଷା ବାନାର୍ଜୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜଳସେଚନ ସାମର୍ଥ୍ୟ ସୃଷ୍ଟି ଓ ବ୍ୟବହାର ମଧ୍ୟରେ ତାରତମ୍ୟକୁ ଦୂର କରିବା, ସେଚାଞ୍ଚଳରେ ସମାନୁପାତିକ ଜଳ ବଣ୍ଟନ ବ୍ୟବସ୍ଥା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଆଚାର୍ଯ୍ୟ କହିଥିଲେ, ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଇବା ଉଦ୍‌ବେଗଜନକ । ଏହା ଆମ ଭବିଷ୍ୟତ ପୀଢ଼ି ପାଇଁ ବିପଦ ସୃଷ୍ଟି କରିବ। ତେଣୁ ଜଳର ସୁପରିଚାଳନା ମାଧ୍ୟମରେ ସୁବିନିଯୋଗ କରିବାକୁ ସେ ନିଜ ବକ୍ତବ୍ୟରେ କହିଥିଲେ। ଜଳସେଚନ ପରିଚାଳନା ମାଧ୍ୟମରେ କୃଷକମାନଙ୍କ ମଧ୍ୟରେ ଫସଲ ବିବିଧିକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ସମ୍ମାନିତ ଅତିଥି ଜିଲାପାଳ ବାନାର୍ଜୀ ପରାମର୍ଶ ଦେଇଥିଲେ। ଚାଷୀ ପ୍ରତିନିଧି କିଶୋର ଦେବତା ଜଳ ବଣ୍ଟନ ପରିଚାଳନାରେ ରହିଥିବା ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତ ନୋଡ଼ାଲ ଅଧିକାରୀ ସରୋଜ ରଞ୍ଜନ ମହାପାତ୍ର, ଗ୍ରାମାଞ୍ଚଳ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀ ଅନୁପମ ଦାଶ, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ସେହିପରି ଜିଲାର ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତା, ସଦସ୍ୟବୃନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସାନ ଅମ୍ଲିପାଲିରେ ଟସର ଚାଷୀମେଳା

ବରଗଡ଼ ଅଫିସ୍,୧।୨:


ଟସର ଚାଷୀମେଳାରେ ଜିଲାପାଳ ଜଣେ ମହିଳା ଚାଷୀଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ସାନ ଅମ୍ଲିପାଲି ଗ୍ରାମରେ ବୁଧବାର ଟସର ଚାଷୀମାନଙ୍କୁ ନେଇ ଚାଷୀମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ଓରମାସର ସିଇଓ ରାଜଗୋପାଳ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଏବଂ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଟସର ଚାଷର ଗୁରୁତ୍ୱ ଏବଂ ଏହି ଚାଷ କରି ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି କିଭଳି ଲାଭାନ୍ୱିତ ହୋଇ ପାରିବେ ସେ ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଚାଷୀଙ୍କୁ ଟର୍ଚ୍ଚ ଲାଇଟ୍, ଜୋତା ଏବଂ ଅନ୍ୟ ଚାଷ ଉପକରଣ ପ୍ରଦାନ ସହିତ ଉତ୍ସାହିତ କରାଯାଇଥିଲା।

ରେଶମ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ ଟସର ଚାଷ ପାଇଁ ରହିଥିବା ସରକାରୀ ପ୍ରୋତ୍ସାହନ ଉପରେ ସୂଚନା ପ୍ରଦାନ କରିଥିଲେ। ବିଭାଗ ତରଫରୁ ଚାଷୀଙ୍କୁ ମାଗଣା ଲାର୍ଭା, ଅଣ୍ଡା ଦିଆଯିବା ସହିତ ଆବଶ୍ୟକ ପ୍ରଶିକ୍ଷଣ, କ୍ରୟସଂସ୍ଥା ଦ୍ୱାରା ଘର ପାଖରୁ ଉଚିତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା ରହିଥିବା ନେଇ ମଲ୍ଲିକ ସୂଚନା ଦେଇଥିଲେ। ସାହାଜ, ଅର୍ଜୁନ, ଜଙ୍ଗଲୀ ଗଛ ସହିତ ଜଡ଼ା ଗଛରେ ଚାଷୀମାନେ ଘରବାଡ଼ିରେ ମଧ୍ୟ ଏହି ଚାଷ କରି ଲାଭାନ୍ୱିତ ହୋଇ ପାରିବେ ବୋଲି ସେ କହିଥିଲେ। ସାନ ଅମ୍ଲିପାଲି ଗ୍ରାମର ୧୬ପରିବାର ଏହି ଚାଷ କରି ଖୁସିରେ ଥିବା ସହିତ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣି ପାରିଛନ୍ତି ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଜୟନ୍ତୀ ବରିହା କହିଥିଲେ । ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଗ୍ରାମର ଟସର ଉତ୍ପାଦନ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ ।

# ବିଲୁପ୍ତ ବୃକ୍ଷଲତାର ସୁରକ୍ଷା ନେଇ ଆଲୋଚନା

ଅମରପଲି,୧।୨(ଡି.ଏନ.ଏ.):


ଆୟୁର୍ବେଦିକ ମହାସଂଘ ବୈଠକରେ ଉପସ୍ଥିତ କବିରାଜ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଟିଁପିଲି ରାଧେଶ୍ୟାମ ମଠ ପରିସରରେ ଜିଲା ଆୟୁର୍ବେଦିକ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଉପେନ୍ଦ୍ର ମେହେରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ସାମାଜିକ କର୍ମୀ ମୀନକେତନ ମହାକୁର ମୁଖ୍ୟଅତିଥି ତଥା ରାଧାକାନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ବିଲୁପ୍ତ ପ୍ରାୟ ବୃକ୍ଷଲତାଗୁଡ଼ିକର ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ମହାସଂଘ ପାଇଁ ଏକ ଗୋଷ୍ଠୀ ଗୃହ ବ୍ୟବସ୍ଥା, ବନୌଷଧି ଅନ୍ୱେଷଣ ଶିବିର ଆୟୋଜନ ଓ ଉଫୁଲା ଗ୍ରାମ ପଞ୍ଚାୟତରେ ଏକ ଆୟୁର୍ବେଦିୟ ସ୍ୱାସ୍ଥ୍ୟ ସେବା ଶିବିର କରିବା ନେଇ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ । ଏହି ଅବସରରେ ମହାସଂଘର ପୁରାତନ ସଦସ୍ୟ କବିରାଜ

**ଟିଁପିଲିରେ ଜିଲା ଆୟୁର୍ବେଦିକ ମହାସଂଘର ବୈଠକ**

ଗାର୍ଗିବ ସାହୁଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କଳାହାଣ୍ଡି ଜିଲାର ଜଣେ କବିରାଜଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧି ପ୍ରଦାନ କରି ସମ୍ମାନିତ କରିଥିବାରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ମହାସଂଘର ସଭାପତି ଉପେନ୍ଦ୍ର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକକୁ ସମ୍ପାଦକ ଗଦାଧର ବାଦୀ ପରିଚାଳନା କରିଥିଲେ । କବିରାଜ ଜିଲ୍ଲା ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କବିରାଜ ପୂର୍ଣ୍ଣଚନ୍ଦ୍ର ମେହେର, କାର୍ତ୍ତିକେଶ୍ୱର ପାତ୍ର, କମ୍ବୁପାଣି ସାହୁ, ପ୍ରଫୁଲ୍ଲ ସାହୁ, ବେଦବ୍ୟାସ ମେହେର, କୋଷାଧକ୍ଷ ଲିଙ୍ଗରାଜ ମେହେରଙ୍କ ସମେତ ୩୫ ଜଣ କବିରାଜ ଯୋଗ ଦେଇଥିଲେ ।

### ଚିଚୋଲି ଧନୁଯାତ୍ରା: ମଥୁରାରେ କଂସଙ୍କ ରଙ୍ଗସଭା

ଅମ୍ବାଭୋନା,୧।୨(ଡି.ଏନ.ଏ):
ବରଗଡ ଜିଲା ଅମ୍ବାଭୋନା ବ୍ଲକ ଚିଚୋଲିରେ ଚାଲିଥିବା ଧନୁଯାତ୍ରାର ବୁଧବାର ଷଷ୍ଠ ଦିବସ ଥିଲା। ମଥୁରା ନଗରୀରେ ରଙ୍ଗସଭା, ଆସନ୍ନ ଯୁଦ୍ଧ ପାଇଁ ଆଲୋଚନା, ଗୋପୀଙ୍କ ଦହିବିକା ଆଦି ଦୃଶ୍ୟାଭିନୟ ଅଭିନୀତ ହୋଇଥିଲା। ଗୋପପୁରରେ କୃଷ୍ଣ, ବଳରାମଙ୍କୁ ଧରି ଅକ୍ରୁରଙ୍କ ମଥୁରା ପ୍ରତ୍ୟାବର୍ତ୍ତନ, ରାଧାଙ୍କ ସହିତ ଗୋପୀଙ୍କ ବିଳାପ ଆଦି ଦୃଶ୍ୟାଭିନୟକୁ ଦର୍ଶକମାନେ ଉପଭୋଗ କରିଥିଲେ। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ବିଜେଡ଼ି ବ୍ଲକ ସଭାପତି ରଘୁନାଥ ପଟେଲ, ଦ୍ୱାରୀ ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ଭୁକ୍ତା ସରପଞ୍ଚ ବଳରାମ ଦିଶର ପ୍ରମୁଖ କଂସ ଦରବାରରେ ରାଜ ଅତିଥିଭାବେ ଯୋଗ ଦେଇଥିଲେ।

### ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ, ରାସ୍ତାରୋକୋ

ଭେଡେନ,୧।୨(ଡି.ଏନ.ଏ.):
ବରଗଡ ଜିଲା ଗୋଡଭଗା-ସୋନପୁର ୫୪ନମ୍ବର ରାଜ୍ୟ ରାଜପଥର ମହୁଲପାଲି ବଜାର ନିକଟରେ ବୁଧବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଣ୍ଡତୁରୁମର କହ୍ନାଇ ପଧାନ (୫୨)। ବ୍ରାହ୍ମଣତୁରୁମର ସତ୍ୟନାରାୟଣ ପାଣ୍ଡେ(୬୫) ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଛି। ମହୁଲପାଲି ସାପ୍ତାହିକ ବଜାରକୁ ଉଭୟ ସାଇକେଲରେ ଗୋଡଭଗା ଅଭିମୁଖେ ଯାଉଥିବା ବେଳେ ଓଡି ୧୫ୟୁ ୩୮୮୯ ନମ୍ବର ବିଶିଷ୍ଟ ହାଇୱା ପଛପଟରୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଭେଡେନ ଥାନା ଏବଂ ରୁଷୁଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗାଡିର ମାଲିକ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ଗାଡି ନ ଛାଡିବା ପାଇଁ ଲୋକେ ଜିଦ୍ ଧରିଥିଲେ । ଖବର ଲେଖା ଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଛି ।

# ଆମ ପୋଲିସ ସମିତି ବୈଠକ

ଡୁଙ୍ଗୁରିପାଲି,୧।୨(ଡି.ଏନ.ଏ.):
ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏସଆଇ ଲକ୍ଷ୍ମୀଧର ପାତ୍ର ଉପସ୍ଥିତ ଥିଲେ । ଡୁଙ୍ଗୁରିପାଲି ସହରରେ ଟ୍ରାଫିକ ସମସ୍ୟା ଦୂର କରିବା, ରାସ୍ତା ଉପରୁ ପାର୍କିଂ ଦୂର କରିବା, ଅଭିଯୋଗ ନେଇ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ଗ୍ରାମାଞ୍ଚଳରେ ଥିବା ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବା, ରାସ୍ତା ଉପରେ ଲୁହା ଲଙ୍ଗଳ ଟ୍ରାକ୍ଟର ଚଳାଇବା ବନ୍ଦ କରିବା, ଅଧିକାଂଶ ସମୟରେ ରାସ୍ତାରେ ଯିବା ବେଳେ ଯାତ୍ରୀଙ୍କ ଠାରୁ ମୋବାଇଲ ଲୁଟ ହେଉଥିବାରୁ ଲୋଟେରାମାନଙ୍କୁ ଦମନ କରିବା ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଥିଲା । ଏହାଛଡା ଡୁଙ୍ଗୁରିପାଲି ବ୍ଲକର ହରିହରନଗର ଗାଁରେ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ବିଶୃଙ୍ଖଳା ସୃଷ୍ଟି ହେଉଥିବା ନେଇ ଗ୍ରାମର ବୃଷଭ ସାହୁ ଅଭିଯୋଗ କରିଥିଲେ । ରାସ୍ତାରେ ଦ୍ରୁତ ଗତିରେ ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ଉପରେ କଟକଣା ଲଗାଇବାକୁ ବୈଠକରେ ଉପସ୍ଥିତ ସମିତି ସଦସ୍ୟମାନେ ଦାବି କରିଥିଲେ । ପୋଲିସ ଓ ଜନ ସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହିଲେ ଏହିସବୁ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆମ ପୋଲିସ ସମିତିର ସଦସ୍ୟ ଉପସ୍ଥିତ ଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ


ନାମଯଜ୍ଞରେ ସଙ୍କୀର୍ତ୍ତନ୍ୟ ମଣ୍ଡଳୀ ।

ବାଉଁଶୁଣୀ,୧।୨(ଡି.ଏନ.ଏ.):
ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତ ଅନ୍ତର୍ଗତ ବରାହପଥର ଭମରପଡ଼ାଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳୁ ଗ୍ରାମବାସୀ ନଦୀରୁ କଳସରେ ପାଣି ନେଇ ଶୋଭାଯାତ୍ରାରେ ଯାଇ ନାମ ମଣ୍ଡପରେ ସ୍ଥାପନ କରିଥିଲେ। ନାମଯଜ୍ଞରେ କର୍ତ୍ତା ଭାବେ ଦୁଃଶାସନ ମେହେର ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମେହେର ଦାୟିତ୍ୱ ତୁଲାଇଥିଲେ । ପୂଜକ ଭାବରେ ଶ୍ରୀନାଥ ପଣ୍ଡା ପୂଜା କାର୍ଯ୍ୟ କରିଥିଲେ। ଏଥିରେ ଝାରମୁଣ୍ଡା, ପୁତୁଖାଲ, ଅଇଁଲାଝୁଲି, ସଂଗ୍ରାମପୁର ସମେତ ୧୫ଟି ସଙ୍କୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେବେ ବୋଲି କମିଟି ତରଫରୁ ଜଣାପଡିଛି । ଯଜ୍ଞ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

# ଲରମ୍ବା କଲେଜର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଅତାବିରା,୧।୨(ଡି.ଏନ.ଏ):
ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା କଲେଜର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କାମଦେବ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। କଲେଜ ପରିଚାଳନା କମିଟି ସଭାପତି ରବି ନାରାୟଣ ପଣ୍ଡା, ଉପାଧ୍ୟକ୍ଷ ଡଃ ଅମୃତା ସାମନ୍ତ, ଛାତ୍ର ସଂସଦ ଉପସଭାପତି ଦିଗମ୍ବର ଚାନ୍ଦ, ସହକାରୀ ଉପଦେଷ୍ଟା ପ୍ରଫେସର ଅଶୋକ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ବାର୍ଷିକୋତ୍ସବରେ ବ୍ରଜମୋହନ ସାହିତ୍ୟ ସଂସଦ ଦ୍ୱାରା ସାହିତ୍ୟିକ କୁମାର ହସନଙ୍କୁ ଚଳିତବର୍ଷର ବ୍ରଜମୋହନ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଶରତ ପୂଜାରୀ ସାଂସ୍କୃତିକ କଳା ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରର ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରମାନେ ନାଟକ ବୈଷ୍ଣବ ଜନତୋ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଜୟକୁମାରୀ ମିଶ୍ର, ମନରଞ୍ଜନ ତ୍ରିପାଠୀ, ପ୍ରମୋଦ ସେଠ, ପବିତ୍ର ମାହାଣା, କାଦମ୍ବିନୀ ଗୁରୁ, ପବିତ୍ର ମାହାଣା, ହରିଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଡ ଶାନ୍ତିଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବରପାଲି, ୧।୨ (ଡି.ଏନ.ଏ.):
ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟର ସପ୍ତମ ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ବରପାଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ବ୍ଲକ ଅଧକ୍ଷା ରୀନା ଥଇତ, ନଗରପାଳ ଦିନେଶ ଗହୀର, କଲେଜ ପରିଚାଳନା କମିଟି ସଭାପତି ସତ୍ୟ ନାରାୟଣ ଦାଶ ଓ ମୁଖ୍ୟବକ୍ତା ଭାବେ କେଶ ରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। କେତେକ ସମାଜସେବୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧାପକ ଯତୀନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ, ଅଧାପକ ସୁଧାଂଶୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥି।

# ବହଳପଦରକୁ ହରାଇ ଦେଉଳମୁଣ୍ଡା ଚାମ୍ପିୟନ

ଅମରପାଲି,୧।୨(ଡି.ଏନ.ଏ.):


ଅତିଥିଙ୍କ ସହିତ ଚାମ୍ପିୟନ ଦଳ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟେଲା ପଞ୍ଚାୟତର ଦାଦରପାଲିଠାରେ ଜିବିଏନବି କ୍ରିକେଟ କ୍ଲବ ଆନୁକୂଲ୍ୟରେ ହେଉଥିବା ୪ର୍ଥ ଦାଦରପାଲି କ୍ରିକେଟ କପ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବହଳପଦରକୁ ହରାଇ ଦେଉଳମୁଣ୍ଡା ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବହଳପଦର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୩ ରନ କରିଥିଲା। ଜବାବରେ ଦେଉଳମୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୮୭ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବହଳପଦର ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୬୨ରନ କରିଥିଲା। ଜବାବରେ ଦେଉଳମୁଣ୍ଡା ଦଳ ୬.୫ ଓଭରରେ ୩ ଉଇକେଟ ହରାଇ ୬୫ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ତୃତୀୟ ଫର୍ମାଟ ଖେଳା ଯାଇଥିଲା। ତୃତୀୟ ଫର୍ମାଟରେ ବହଳପଦର ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ହରାଇ ୩୬ରନ କରିଥିବା ବେଳେ ଦେଉଳମୁଣ୍ଡା ଦଳ ୪ ଓଭରରେ ୩ ଉଇକେଟ ହରାଇ ୩୯ରନ କରିଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ଦେଉଳମୁଣ୍ଡା ଚାମ୍ପିୟନ ହୋଇଛି। ଲମ୍ବୋଦର ମହାକୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସମିତି ସଭ୍ୟା ଇତିଶ୍ରୀ ପଧାନ, ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ବହଳପଦର ସମିତିସଭ୍ୟା ସୁଗନ୍ଧା ଘିବିଲା, ବହଳପଦର ସେବା ସମବାୟ

**୪ର୍ଥ ଦାଦରପାଲି କ୍ରିକେଟ କପ**

ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା,ନାଏବ ସରପଞ୍ଚ ସୁରେଶ ପଧାନ,ବହଳପଦର ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅମୟ ଲୁହାଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଗୌରାଙ୍ଗ ମହାକୁରଙ୍କୁ ମ୍ୟାନ ଅଫ ଦି ସିରିଜ, ସରୋଜ ସେଠୀଙ୍କୁ ଶ୍ରେଷ୍ଠ ବୋଲର, କୁମର ମୁଦୁଲିଙ୍କୁ ଶ୍ରେଷ୍ଠ ସିକ୍ସର ଓ ଚନ୍ଦ୍ର ଶେଖର ମେଣ୍ଡିଲିଙ୍କୁ ଏମରଜିଙ୍ଗ ପ୍ଲେଆର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦେଉଳମୁଣ୍ଡା ଦଳକୁ ନଗଦ ୧୨ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ବହଳପଦର ଦଳକୁ ନଗଦ ୮ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଅନନ୍ତ ମେଣ୍ଡିଲି ଓ କାଳିଆ କଲତା ପରିଚାଳନା କରିଥିଲେ । ଶ୍ୟାମ ସୁନ୍ଦର ନାୟକ ସ୍କୋରିଂ ଏବଂ ସନତ କୁମାର ମହାକୁର ଓ ବିହାରୀ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।

**ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ**

**ରେଙ୍ଗାଲି (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଘିଚାମୁରାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ସମାପନ ହୋଇଛି। ବିଭିନ୍ନ ଦିନରେ କଳସ ଯାତ୍ରା, ଯଜ୍ଞ ମଣ୍ଡପ ପୂଜା, ଦେବତା ମହାସ୍ନାନ, ପ୍ରାଣ ପ୍ରତିଷ୍ଠା, ରାମ ସହସ୍ର ନାମ ଜପ, ବିଷ୍ଣୁ ସହସ୍ର ନାମ ଜପ ହୋଇଥିଲା। ସେହିପରି ବୁଧବାର ପାର୍ଶ୍ୱ ଦେବତା ପୂଜା, ଶ୍ରୀରାମଙ୍କ ମନ୍ଦିର ପ୍ରବେଶ ନୀତି ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ହିମାଂଶୁ ଶେଖର ମିଶ୍ର ଓ ତାଙ୍କ ସ୍ତ୍ରୀ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ମୁଖ୍ୟ କର୍ତ୍ତା ଥିଲେ। ସୁରେନ୍ଦ୍ର ମିଶ୍ର ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇଥିଲେ। ଉତ୍ସବ ପରିଚାଳନା କମିଟି ସଭାପତି ନିରୋଜ କୁମାର ଭୋଇ, ଉପସଭାପତି ପଦ୍ମାବତୀ ମାଝି, ସମ୍ପାଦକ ଜୟନ୍ତ ବିଜାର ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**ରେଢାଖୋଲ,୧।୨(ଡି.ଏନ.ଏ.):** ଚାରମାଳ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଭଗବାନ ପ୍ରଧାନ (୨୧)। ସୂଚନା ଅନୁଯାୟୀ ପ୍ରାୟ ୧ବର୍ଷ ହେଲା ଭଗବାନ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏହି ସମୟରେ ସେ ନିଜ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରିଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ କିଛିଦିନ ତଳେ ଭଗବାନ ଉକ୍ତ ଭିଡିଓ ଭାଇରାଲ କରିଦେଇଥିଲେ। ଘଟଣା ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଚାରମାଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଆଇପିସି ଦଫା ୩୭୬, ୫୦୬, ପୋକ୍‌ସୋ ଆକ୍ଟର ଧାରା ୬ରେ ଏକ ମାମଲା (ନଂ.୧୭/୨୩) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଝାରସୁଗୁଡାରେ ଯୋଗଦେଲେ ନୂତନ ଏସ୍‌ପି



**ଝାରସୁଗୁଡ଼ା ଅଫିସ,୧।୨:** ସୁରକ୍ଷା ଅବହେଳାକୁ ନେଇ ରାଜ୍ୟ ସରକାର ଝାରସୁଗୁଡ଼ା ଏସ୍‌ପି ରାହୁଲ ଜୈନଙ୍କୁ କଟକ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ବରଗଡ ଏସ୍‌ପି ପରମାର୍ ସ୍ମିତ ପାର୍‌ସୋତମ ଦାସଙ୍କୁ ଝାରସୁଗୁଡା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ନୂତନ ଏସ୍‌ପି ଦାସ ବୁଧବାର ଝାରସୁଗୁଡାରେ ପହଞ୍ଚି ଜୈନଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଆଶ୍ରମ ସ୍କୁଲରେ ଆତ୍ମରକ୍ଷା ତାଲିମ

**ଜମନକିରା,୨୩।୧(ଡି.ଏନ.ଏ.):** ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଜାମୁମାଲ ଆଶ୍ରମ ସ୍କୁଲରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଶୁଭାରମ୍ଭ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୨ ଛାତ୍ରୀ ତାଲିମ ନେଇଥିଲେ। ଟାଙ୍ଗରାଣୀ ସ୍କୁଲର ଶିକ୍ଷୟିତ୍ରୀ ନମିତା ନାୟକ ଓ ଜମନକିରା କଲେଜ ଛାତ୍ରୀ ସୀମା ମତାରି ତାଲିମ ପ୍ରଦାନ ଦେଇଥିଲେ।

### ନାଗ ନାଗୁଣୀ ମୂର୍ତ୍ତି ସ୍ଥାପନ

**ବ୍ରଜରାଜନଗର, ୧।୨(ଡି.ଏନ.ଏ.):** ଗୌଡ଼ମାଲ ପଞ୍ଚାୟତ ମଧୁପୁର ମଧୁଝରଣସ୍ଥିତ ବାବା ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିରରେ ନାଗ ନାଗୁଣୀ ମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମହାଦେବଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ପରେ ଏକ ଭବ୍ୟ ଶୋଭାଯାତ୍ରାରେ ନାଗ ନାଗୁଣି ମୂର୍ତ୍ତିକୁ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇ ସ୍ଥାପନ କରାଯାଇଥିଲା। ନିଳାମ୍ବର ଭୋଇ ଓ ବାସନ୍ତି ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ମଧୁପୁର, ବଡ଼ଯୋବ, ଛାପଲଡ଼ିହି, ଜଳହରି ପଡା ସମେତ ସୀମାନ୍ତ ସୁନ୍ଦରଗଡ ଜିଲାର ଅନେକ ଗ୍ରାମବାସୀ ଯୋଗ ଦେଇଥିଲେ। ପୌଲସ୍ତି ଭୋଇ, ଜନାର୍ଦ୍ଦନ ଭୋଇ, ପ୍ରଧାନ ବୋଧରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଘାଟିତ

**କୁଚିଣ୍ଡା,୧।୨ (ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ମୁକ୍ତାକାଶ ରଙ୍ଗମଞ୍ଚରେ ୩୦ତମ ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ୫ଦିନ ଧରି ହେବାକୁ ଥିବା ଧନୁଯାତ୍ରା ଆସନ୍ତା ୫ତାରିଖରେ ଉଦ୍‌ଯାପିତ ହେବ। ଖଣ୍ଡୋକଟା ଗ୍ରାମ ମଝି ମଣ୍ଡପକୁ ଗୋପପୁର ଭାବେ ନାମିତ କରାଯାଇ କଳସ ଶୋଭାଯାତ୍ରା ପୂର୍ବକ କୃଷ୍ଣ ବଳରାମଙ୍କ ପ୍ରତିଷ୍ଠା ହୋମଯଜ୍ଞ ଆରମ୍ଭ ହୋଇଥିଲା। ସେହିପରି ମଥୁରା ନଗରୀରେ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ରାଜ ଅଭିଷେକ, ସିଂହାସନ ଆରୋହଣ, ଦେବକୀ ବସୁଦେବ ବିବାହ, ଶୂନ୍ୟବାଣୀ, ଦେବକୀ ବସୁଦେବ ବନ୍ଦୀ, ନାରଦଙ୍କ ଆଗମନ ଆଦି ନାଟ୍ୟାଭିନୟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଧନୁଯାତ୍ରା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଏସ୍‌ଡିପିଓ ରାଜକିଶୋର ମିଶ୍ର, ଏସ୍‌ଡିଏମ୍‌ଓ ଡା. ସୁବୋଧ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଆଦିବାସୀ ଜମି ହଡ଼ପ କରି ପଥର ଉତ୍ତୋଳନ

**ସମ୍ବଲପୁର,୧।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ହାତିବାରି ମୌଜାରେ ଦୁଇଜଣ ଆଦିବାସୀ ପରିବାରଙ୍କ ଜମି ହଡ଼ପ କରି ଏକ କମ୍ପାନୀ ପଥର ଉତ୍ତୋଳନ କରୁଛି। ଅସାମାଜିକ ବ୍ୟକ୍ତିଙ୍କୁ ନିୟୋଜିତ କରି ଏଭଳି କାର୍ଯ୍ୟ କରାଯାଉଛି। ଏହାକୁ ବିରୋଧ କରିବାକୁ ଗଲେ ପୋଲିସ ଲଗାଇ ଧମକଚମକ ଦିଆଯାଉଛି। ଏ ନେଇ ତହସିଲ ଅଫିସରେ ଅଭିଯୋଗ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଥାନା ପୋଲିସ ମଧ୍ୟ ହାତ ଟେକି ଦେଉଛି ବୋଲି ଜାମଟାଲ ଗ୍ରାମର ନବୀନ ଏକ୍କା ଓ ବୃନ୍ଦାବନ ବଗର୍ତ୍ତି ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ଓ ପୋଲିସ ଗରିବ ଆଦିବାସୀ ପରିବାରଙ୍କୁ ନ୍ୟାୟ ନ ଦେବ ସେମାନେ କୁଆଡେ ଯିବେ ବୋଲି କହିଛନ୍ତି।

ନବୀନ ଏକ୍କାଙ୍କ ଅଭିଯୋଗ କ୍ରମେ ତାଙ୍କ ଜମିର ପ୍ଲଟ ନଂ. ୧୦୪, ୧୦୬, ୧୦୮ ଓ ୭୦୬ରୁ ଜାତୀୟ ରାଜପଥ



ଜାମଟାଲ ଗ୍ରାମରେ ରୟତିଜମିରୁ ପଥରଖାଦାନ ପାଇଁ ଗଛ କାଟି ଦିଆଯାଇଛି ।

ନିର୍ମାଣ କରୁଥିବା କମ୍ପାନୀ ଏଆଇପିଏଲ ପଥର ଉତ୍ତୋଳନ କରୁଛି। ଏଥିଯୋଗୁ ପାଖରେ ଥିବା ଅନ୍ୟ ଚାଷଜମି ପ୍ରଭାବିତ ହେଉଛି। ତେଣୁ ପଥରଖାଦାନକୁ ବନ୍ଦ କରି ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପଟେ ବୃନ୍ଦାବନ ମଧ୍ୟ ଅନୁରୂପ ଭାବେ ଅଭିଯୋଗ କରିଛନ୍ତି। ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ୫ରୁ ୬ ଗୋଟି ବଡ ମହୁଲ ଗଛ ରହିଥିଲା। ମହୁଲ ଫୁଲ ସଂଗ୍ରହ କରି ବର୍ଷକୁ ୪୦ରୁ ୫୦ ହଜାର ଟଙ୍କା ରୋଜଗାର ହେଉଥିଲା। ହେଲେ ଏବେ କମ୍ପାନୀ ତାଙ୍କ ଜମି ନିକଟରେ ପଥର ଖାଦାନ କରିଛି। ଉକ୍ତ ଖାଦାନରେ ପଥର ଉତ୍ତୋଳନ କାମ ଚାଲିଛି। ଉକ୍ତ କମ୍ପାନୀ ପଥରଖାଦାନ ପାଇଁ ରୟତି ଜମିକୁ ଦଖଲ କରିନେଇଛି। ମାଟି ଖୋଳିଦେଇଥିବାରୁ ଚାଷ କରିବା ମଧ୍ୟ ସମ୍ଭବ ନୁହେଁ। ପୋଲିସ ଲଗାଇ ଆମକୁ ଭୟଭୀତ କରାଯାଉଛି। ବାରମ୍ବାର ଅଭିଯୋଗ କରିବା ପରେ ପୋଲିସ ଓ କମ୍ପାନୀ କର୍ମଚାରୀ ପହଞ୍ଚିଥିଲେ। ଜମି ମାପଚୁପ କରିବା ପରେ ପଥର ଉତ୍ତୋଳନ କରିବାକୁ ପୋଲିସ ମଧ୍ୟ ପରାମର୍ଶ ଦେଇଥିଲା। ହେଲେ ତାହା ହୋଇପାରିଲା ନାହିଁ। ଜିଲାପାଳ ଓ ବରିଷ୍ଠ ପୋଲିସ ଅଧିକାରୀ ଏ ନେଇ ପଦକ୍ଷେପ ଗ୍ରହଣ କରି ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦୁଇ ଅଭିଯୋଗକାରୀ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସଦର ଉପଜିଲାପାଳ ପ୍ରଭାଶ ଡନସେନା କହିଛନ୍ତି, ତଦନ୍ତ ହୋଇଥିବା ରିପୋର୍ଟ ସ୍ଥାନୀୟ ତହସିଲଦାର ଦାଖଲ କରିନାହାନ୍ତି। ରିପୋର୍ଟ ହେବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମମତା ନନ୍ଦଙ୍କୁ ପଚାରିବାକୁ ଅଭିଯୋଗକୁ ନେଇ ମୁଁ ଅବଗତ ନୁହେଁ। ତହସିଲଦାର ଛୁଟିରେ ଥିବାରୁ ୨ଦିନ ହେଲା ଦାୟିତ୍ୱ ନେଇଛି। ହେଲେ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

# ‘ପୁସ୍ତକ ପଢ଼ନ୍ତୁ, ଆଗକୁ ବଢ଼ନ୍ତୁ’



## ୨୮ତମ ପୁସ୍ତକ ମେଳା ଆରମ୍ଭ

**ରାଉରକେଲା ଅଫିସ୍, ୧।୨**

ରାଉରକେଲା ଆଦର୍ଶ ପାଠାଗାର ଆନୁକୂଲ୍ୟରେ ଭବନ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ୨୮ତମ ପୁସ୍ତକ ମେଳା ଶୁଭାରମ୍ଭ ହୋଇଛି। ଏହା ଆସନ୍ତା ୧୦ ଯାଏଁ ଚାଲିବ। ସମାରୋହରେ ମୁଖ୍ୟଅତିଥି ଭାବେ ରାଉରକେଲା ଚାମ୍ବର ଅଫ୍ କମର୍ସର ସଭାପତି ଶୁଭ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଆଦର୍ଶ ପାଠାଗାରର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର। ପରେ ମୁଖ୍ୟଅତିଥି ଅଭିଭାଷଣରେ ପୁସ୍ତକ ପଢନ୍ତୁ ଓ ଆଗକୁ ବଢନ୍ତୁ ଉଦଘୋଷ ଦେଇଥିଲେ। ମେଳାରେ ସମୁଦାୟ ୬୬ ବୁକ୍ ଷ୍ଟଲ୍ ପ୍ରଦର୍ଶିତ ହେଉଛି। ରାଜ୍ୟର କଟକ, ଭୁବନେଶ୍ୱର, ଜଟଣୀ ବୁକ୍ ଷ୍ଟଲରେ ଓଡିଆ ପୁସ୍ତକ ଓ ରାଜ୍ୟ ବାହାର ଦିଲ୍ଲୀ ଏବଂ ନେପାଳର ଓଶୋ ଏକ୍କା ଆଦି ବୁକ ଷ୍ଟଲରେ ଅନ୍ୟଭାଷୀୟ ପୁସ୍ତକ ପ୍ରଦର୍ଶିତ ହେଉଛି। ଅତିଥିଗଣ ସମସ୍ତ ବୁକ ଷ୍ଟଲମାନ ପରିଦର୍ଶନ କରିଥିଲେ। ମେଳା ନେଇ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦ୍ୟାଶା ଦାଶଙ୍କ ଦ୍ୱାରା ଓଡିଶୀ ନୃତ୍ୟ ଓ ଅପୂର୍ବା ମହାନ୍ତିଙ୍କ ଦ୍ୱାରା ଭାରତ ନାଟ୍ୟମ ନୃତ୍ୟ ପରିବେଷଣ ହୋଇଥିଲା।

# ସମ୍ବଲପୁରରେ ଖୋଲିବ ଭର୍ଚୁଆଲ ହାଇକୋର୍ଟ କ୍ୟାବିନ

**ସମ୍ବଲପୁର,୧।୨(ବ୍ୟୁରୋ)**

ଲୋକଙ୍କ ପାଖରେ ଆଇନସେବା ପହଞ୍ଚାଇବାକୁ ଯୋଜନା କରି ପ୍ରତି ଜିଲାରେ ହାଇକୋର୍ଟର ଭର୍ଚୁଆଲ କୋର୍ଟ କ୍ୟାବିନ ଖୋଲାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ଫେବୃୟାରୀ ୩ ତାରିଖରେ ଏହା ଉଦ୍‌ଘାଟନ ହେବ। ଏଥିମଧ୍ୟରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ ଜିଲାର ରାଉରକେଲା, କଳାହାଣ୍ଡି ଜିଲାର ଭବାନୀପାଟଣା ରହିଛି। ଏ ନେଇ ବିଧିବଦ୍ଧ ଭାବେ ହାଇକୋର୍ଟରୁ ଚିଠି କରଯାଇଛି। ଉକ୍ତ ଜିଲାର ମାମଲାଗୁଡିକ ପରିଚାଳନା, ହାଜର ହେବା ଭଳି କାମ ଭର୍ଚୁଆଲ ମାଧ୍ୟମରେ

**ଭର୍ଚୁଆଲ ହାଇକୋର୍ଟ କ୍ୟାବିନ ଲୋଗୋ**




ହେବ। ଏହା ଦ୍ୱାରା ପରିଚାଳନା କରୁଥିବା ଓକିଲ ଓ ମହକିଲମାନଙ୍କ ପାଇଁ ସୁବିଧା ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ପ୍ରାୟ ୬୦ ବର୍ଷ ହେବ ଆନ୍ଦୋଳନ ହୋଇଆସୁଛି। ଗତ ଡିସେମ୍ବରରେ ଏହି ଆନ୍ଦୋଳନ ଉଗ୍ରରୂପ ନେଇଥିଲା। କୋର୍ଟ ପରିସରରେ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିବା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ୩୦ଜଣ ଓକିଲ, ୮ କିନ୍ନର ଓ ଜଣେ ସାଧାରଣ ଲୋକଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଛି। ଏମାନଙ୍କର ୩ଥର ଜାମିନ ଆବେଦନ ଖାରଜ ହୋଇଛି। ଏଭଳି ପରିସ୍ଥିତିରେ ସମ୍ବଲପୁର କୋର୍ଟ ପରିସରରେ ଏକ ଅତ୍ୟାଧୁନିକ କ୍ୟାବିନ ଖୋଲାଯାଉଛି। ଏହା କେତେ ସଫଳ ହେବ ଖୋଲିବା ପରେ ଜଣାପଡିବ ବୋଲି ଆଲୋଚନା ହେଉଛି।

# ଅଭିଯୁକ୍ତଙ୍କ ଭାଇଙ୍କ ବନ୍ଦ ହୋଟେଲକୁ ନେଇ ଚର୍ଚ୍ଚା



ଅଭିଯୁକ୍ତ ଗୋପାଳ ଦାସଙ୍କ ବଡଭାଇ ସତ୍ୟନାରାୟଣଙ୍କ ହୋଟେଲ।

**ଝାରସୁଗୁଡ଼ା ଅଫିସ,୧।୨**

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାରୀ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ବଡଭାଇ ସତ୍ୟନାରାୟଣ ଦାସ ବ୍ରହ୍ମପୁରରୁ ଆସି ବ୍ରଜରାଜନଗର ଗାନ୍ଧୀଛକସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ହୋଟେଲ କରିଥିଲେ। ହୋଟେଲ ଖୋଲିଥିବା ଘର ମାଲିକ ବାବୁଲି ମାଝି କହନ୍ତି, ବ୍ରହ୍ମପୁର ହୋଟେଲ ନାମରେ ଏଠାରେ ଏହା ମାସେ ହେଲା ଖୋଲିଥିଲା। ସତ୍ୟନାରାୟଣ ଏହା ପୂର୍ବରୁ ବ୍ରହ୍ମପୁର ପୌରପରିଷଦରେ ଚାକିରି କରୁଥିଲେ। ଚାକିରିରୁ ଅବସର ପରେ ଘରେ ରହିଥିଲେ। ସାନଭାଇ ଗୋପାଳ ଗାନ୍ଧୀଛକରେ ଏକ ହୋଟେଲ ଖୋଲି ବଡଭାଇଙ୍କୁ ବସାଉଥିଲେ। ହୋଟେଲରେ ଖାଇବାପାଇଁ ଗୋପାଳ ଗ୍ରାହକ ମଧ୍ୟ ଖୋଜିଦେଉଥିଲେ। କେତେବେଳେ କେମିତି ସେ ହୋଟେଲରେ ଖାଇ ରହିଯାଉଥିଲେ। ଗତ ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ଉପରକୁ ଏଏସ୍‌ଆଇ ଗୋପାଳ ଗୁଳିମାଡ଼ କରିଥିଲେ। ଏହିଦିନ ତାଙ୍କ ବଡଭାଇଙ୍କ ହୋଟେଲ ବନ୍ଦ ରହିଥିଲା। ହୋଟେଲ ବନ୍ଦକରି ବଡଭାଇ ବ୍ରହ୍ମପୁର ଚାଲିଯାଇଛନ୍ତି। ଏହାକୁ ନେଇ କ୍ରାଇମବ୍ରାଞ୍ଚର ସନ୍ଦେହ ବଢ଼ିବାରେ ଲାଗିଛି। କ୍ରାଇମବ୍ରାଞ୍ଚ ପୋଲିସ ଅଭିଯୁକ୍ତ ଗୋପାଳଙ୍କ ବଡଭାଇଙ୍କୁ ବ୍ରହ୍ମପୁରରୁ ଆଣି ପଚରାଉଚରା ଚଳାଇଛି। ଘଟଣା ସମ୍ପର୍କରେ ବଡଭାଇ କୁଆଡେ ଆଗରୁ ଜାଣିପାରି ହୋଟେଲ ବନ୍ଦକରି ଘରକୁ ଚାଲିଯାଇଥିଲେ ବୋଲି ଚର୍ଚ୍ଚା ହେଉଛି।

# ନବ ଦାସଙ୍କ ପରିବାରକୁ ଭେଟିଲେ ପୂର୍ବତନ ଏମ୍‌ପି

**ସମ୍ବଲପୁର,୧।୨(ବ୍ୟୁରୋ)**

ସମ୍ବଲପୁରର ପୂର୍ବତନ ଏମ୍‌ପି ଅମର ପ୍ରଧାନ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ପରିବାରକୁ ତାଙ୍କ ବାସଭବନରେ ଭେଟି ସମବେଦନା ଜଣାଇଥିଲେ। ତାଙ୍କ ଝିଅ, ପୁଅ ଓ ସ୍ତ୍ରୀଙ୍କୁ ଧୈର୍ଯ୍ୟ ଧରିବାକୁ କହିଥିଲେ। ଏହାସହ ସମ୍ବଲପୁର ଅଇଁଠାପାଲିଠାରେ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା କ୍ରିଷ୍ଣା ପଟେଲଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

# ନବ ଦାସଙ୍କ ଗାଡ଼ି ଯାଞ୍ଚ କଲା କ୍ରାଇମବ୍ରାଞ୍ଚ



**ଝାରସୁଗୁଡ଼ା ଅଫିସ,୧।୨**

ବ୍ରଜରାଜନଗର ଗାନ୍ଧୀ ଛକସ୍ଥିତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନିଜସ୍ୱ ଗାଡି ଯାଇଥିବାବେଳେ ପଛରେ ତାଙ୍କର ସରକାରୀ ଗାଡି ରହିଥିଲା। ଏହି ସମୟରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସ ମନ୍ତ୍ରୀ ବସିଥିବା ଗାଡିକୁ ଗୁଳିମାଡ଼ କରିଥିଲେ। ପଛରେ ଥିବା ସରକାରୀ ଗାଡିରେ ମଧ୍ୟ ଗୁଳି ବାଜିଥିଲା। ଏଥିରେ ପଛଗାଡିରେ କ୍ଷତି ହୋଇଥିଲା। ଉଭୟ ଗାଡିକୁ ପୋଲିସ୍ ଜବତକରି ବଡମାଲ ଥାନା ପରିସରରେ ରଖିଥିବାବେଳେ କ୍ରାଇମବ୍ରାଞ୍ଚର ସାଇଣ୍ଟିଫିକ୍ ଟିମ୍ ବୁଧବାର ଥାନାରେ ପହଞ୍ଚି ଗାଡି ଯାଞ୍ଚ କରିଛି। ଗାଡିରେ କେତୋଟି ଗୁଳି ବାଜିଥିଲା ତାହାର ତଦନ୍ତ ଚଳାଇଛି ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ



ସମାବେଶରେ ଯୋଗଦେଇଥିବା ଅତିଥିମାନେ।

**ରେଢାଖୋଲ,୧।୨(ଡି.ଏନ.ଏ.)**

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ରେଢାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ବିଭାଜନ ସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି। ଉତ୍ତରାଞ୍ଚଳ କ୍ଷୁଦ୍ର ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. କନ୍ଦର୍ପ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ରେଢାଖୋଲ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଓ ରେଢାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପଜିଲାପାଳ ପବିତ୍ର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମନ୍ତ୍ରୀ ପୂଜାରୀ ସରକାର ଚାଷୀମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ପ୍ରତ୍ୟେକ ଚାଷଜମିକୁ ଜଳ ଯୋଗାଇ ଦେବାକୁ ସରକାର ଉଦ୍ୟମ କରୁଥିବା ପ୍ରକାଶ କରିଥିଲେ। ସମାବେଶରେ ଉପଖଣ୍ଡର ୨୬ ପାଣିପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ। ଏ ଅବସରରେ ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରେମାନନ୍ଦ ସାମଲ ସ୍ୱାଗତ ଭାଷଣ ଓ ରେଢାଖୋଲ ସହକାରୀ ଯନ୍ତ୍ରୀ ହେମନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମାନେଶ୍ୱର ବ୍ଲକ ଗସ୍ତକରି ସମସ୍ୟା ବୁଝିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ

**ସମ୍ବଲପୁର,୧।୨(ବ୍ୟୁରୋ)**

ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ବୁଧବାର ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତଥା ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମକୁ ପରିଦର୍ଶନ କରି ସଭା କରିଥିଲେ। ଦେଓଗାଁ, ଲରାସରା, ଗନପୁରା, କୁଡ଼ାପଡ଼ା, ଗୌରଗୋଡ଼, ଦେଓଗାଁ ଆଦି ଗ୍ରାମକୁ ଯିବା ସମୟରେ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଗ୍ରାମବାସୀ ବିଭିନ୍ନ ସମସ୍ୟା ଜଣାଇବା ପରେ ମନ୍ତ୍ରୀ ଏହାର ସମାଧାନ କରିବାକୁ ବିଡିଓଙ୍କୁ କହିଥିଲେ। ମନ୍ତ୍ରୀଙ୍କ ସହ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣ୍ଡେ, ସରପଞ୍ଚ ସରସ୍ୱତୀ ରାଉତ, ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା, ମହିଳା ସଭାନେତ୍ରୀ ବୀଣାପାଣି ବେହେରା, ଧମା ସରପଞ୍ଚ ଲଳିତା ପଧାନ, ଛାତ୍ର ସଭାପତି ମାନସ ମହାପାତ୍ର, ଯୁବ ସଭାପତି ସମୀର ପାଢ଼ୀ ଉପସ୍ଥିତ ଥିଲେ।

# ନାଟକ ନବକଳେବର ପରିବେଷିତ

**ରାଉରକେଲା ଅଫିସ୍,୧।୨**

ରାଉରକେଲା ଭବନ ପ୍ରେକ୍ଷାଳୟରେ ବୁଧବାର ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ଶ୍ରୀ ଜଗନ୍ନାଥଙ୍କର ଐତିହାସିକ କଥାବସ୍ତୁ ଆଧାରିତ ନବକଳେବର ନାଟକ ପରିବେଷଣ ହୋଇଯାଇଛି। ନାଟକ ଉଦ୍‌ଘାଟନୀ ସମାରୋହରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଷ୍ଟିଲପ୍ଲାଣ୍ଟ ଡିଆଇସି ଅତନୁ ଭୌମିକ, ମୁନିସିପାଲ କମିଶନର ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୋ ପ୍ରମୁଖ ସାମିଲ ହୋଇ ଉଦ୍‌ଘାଟନ କରିଥିଲେ। ନାଟକରେ ଶ୍ରୀଜଗନ୍ନାଥ ମନ୍ଦିରକୁ ମୋଗଲମାନେ କିଭଳି ଭାବରେ ୧୫ ଥରରୁ ଊର୍ଦ୍ଧ୍ୱ ଥର ଆକ୍ରମଣ କରିଥିଲେ। କେଉଁ ପରିସ୍ଥିତିରେ ଗଜପତି ଓ ସେବାୟତମାନେ ଜଗନ୍ନାଥଙ୍କୁ ସ୍ଥାନାନ୍ତରିତ କରି ଓଡ଼ିଆ ଜାତିର ସମ୍ମାନ ରକ୍ଷା କରିଥିଲେ। ସେ ବିଷୟରେ ଅଙ୍କ ରହିଥିବା ଓଡ଼ିଆ ନାଟ୍ୟପ୍ରେମୀମାନଙ୍କୁ ନାଟକ ଜରିଆରେ ବାସ୍ତବିକ ସତ୍ୟ ଉପସ୍ଥାପନା ଉଦ୍ଦେଶ୍ୟରେ ନାଟକ ପରିବେଶିତ ହୋଇଥିଲା। ବୁଧବାର ରାତିରେ ଭବନ ପ୍ରେକ୍ଷାଳୟରେ ନବକଳେବର ନାଟକ ଦେଖିବା ପାଇଁ ବହୁ ଓଡିଆ ନାଟ୍ୟପ୍ରେମୀଙ୍କ ଭିଡ଼ ଜମିଥିବା ପରିଲକ୍ଷିତ ହୋଇଥିଲା।



ପ୍ରେକ୍ଷାଳୟ ମଞ୍ଚରେ ଅତିଥିମାନେ ସମ୍ମିଳିତ ରହିଛନ୍ତି।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

## ଶିକ୍ଷୟିତ୍ରୀଙ୍କ ବଦଳି ଦାବି

**ନାକଟିଦେଉଳ,୧।୨(ଡି.ଏନ.ଏ.)**

ଶିକ୍ଷାଦାନରେ ଅବହେଳା କରୁଥିବା ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବୁଧବାର ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ବ୍ରାହ୍ମଣୀ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଚିତ୍ର ଦେଖିବାକୁ ମିଳିଛି।

ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଏହି ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୨୮ଜଣ ପିଲା ପଢୁଥିବା ବେଳେ ଦୁଇ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ଅଛନ୍ତି। ୧୫ବର୍ଷ ହେବ ଏଠାରେ ଜଣେ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ନିକଟରେ ତାଙ୍କ ଘର ହୋଇଥିବାରୁ ବିଦ୍ୟାଳୟ ସମୟ ଅନୁସରଣ ନ କରି ନିଜ ଇଚ୍ଛା ଅନୁସାରେ ଯିବା ଆସିବା କରୁଛନ୍ତି। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଏପରି କି କୌଣସି




ସ୍କୁଲ ଆଗରେ ଧାରଣାରେ ସାମିଲ ହୋଇଥିବା ଗ୍ରାମବାସୀ।

ବିଷୟ ଠିକ୍ ଭାବରେ ପଢାଉ ନ ଥିବାରୁ ଗ୍ରାମର କେତେଜଣ ଛାତ୍ରୀଛାତ୍ର ଅନ୍ୟ ବିଦ୍ୟାଳୟ ମୁହାଁ ହେଉଛନ୍ତି। ଅନ୍ୟପକ୍ଷରେ ଅଭିଭାବକଙ୍କୁ ନେଇ ମାସିକ ବୈଠକ ମଧ୍ୟ ଡ଼କାଉ ନାହାନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ପୋଷାକ ଅର୍ଥକୁ ସେ ଦିଗରେ ବ୍ୟୟ କରୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଇଓ ଓ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହା ଆଧାରରେ ଗତ ୨୦ତାରିଖରେ ବିଇଓ ଏବଂ ଏବିଇଓ ବ୍ରାହ୍ମଣୀ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପୂର୍ବ ନିଷ୍ପତ୍ତିକ୍ରମେ ସେମାନେ ସ୍କୁଲ ଫାଟକରେ ତାଲା ପକାଇଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ତାଲା ଝୁଲି ରହିବ ବୋଲି ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଚେତାବନୀ ଦେଇଛନ୍ତି। ପରିଚାଳନା କମିଟି ଉପସଭାନେତ୍ରୀ ସୁମି ବେହେରା, ରୁନି ସାହୁ, ରମ୍ଭା ଦେହୁରି, ତପି ଦେହୁରି, ଲଳିତା ଦେହୁରି, ୱାର୍ଡ଼ ସଭ୍ୟା ଦୀପାଞ୍ଜଳି ଷଣ୍ଢ, କପିଳ ଚୌଧୁରୀ, ନିଳାଦ୍ରି ବଣିଛୋଟ, କୈବଲ୍ୟ ବେହେରା, ଚୁନି ଷଣ୍ଢ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ନାଲ୍‌କୋରେ ଯୋଗଦେଲେ ପଙ୍କଜ କୁମାର

ଭୁବନେଶ୍ୱର,୧।୨

ନବରତ୍ନ ଉଦ୍ୟୋଗ ନାଲ୍‌କୋର ନୂତନ ନିର୍ଦ୍ଦେଶକ (ଉତ୍ପାଦନ) ଭାବେ ପଙ୍କଜ କୁମାର ଶର୍ମା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶର୍ମା ଏନ୍‌ଏମ୍‌ଡିସିର ରାୟପୁରସ୍ଥିତ ବିଶ୍ୱ ଅନ୍ୱେଷଣ କେନ୍ଦ୍ରଠାରେ ମୁଖ୍ୟ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଏପରିକି ସେ ଏନ୍‌ଏମ୍‌ଡିସି ଓ ସିଏମ୍‌ଡିସିର ମିଳିତ ଉଦ୍ୟୋଗ ତଥା ବସ୍ତର ରେଲୱେ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ସେହିଭଳି ଶର୍ମା ବିଏଚ୍‌ୟୁ-ଆଇଆଇଟିରୁ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ ସହ ୧୯୯୨ରେ ସେ ଏନ୍‌ଏମ୍‌ଡିସିଠାରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ଓପନ କାଷ୍ଟ ମାଇନିଂ ଇଣ୍ଡଷ୍ଟ୍ରିର ବିଭିନ୍ନ ଦିଗରେ କାର୍ଯ୍ୟ କରିବାରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତା ରହିଛି। କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ ସିପିଏସ୍‌ଇ,ଏନ୍‌ଏମ୍‌ଡିସିରେ ଶର୍ମା ଦୀର୍ଘ ୩ଦଶନ୍ଧିରୁ ଅଧିକ ସମୟ କାର୍ଯ୍ୟ କରିବା ସହ ବିଭିନ୍ନ ପଦପଦବୀରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶର୍ମାଙ୍କୁ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଅଭିନନ୍ଦନ ଜଣାଇବା ସହ ତାଙ୍କ ଯୋଗଦାନ ଦ୍ୱାରା ନାଲ୍‌କୋ ବୋର୍ଡ ଆହୁରି ମଜଭୁତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।



ନାଲ୍‌କୋର ନୂତନ ନିର୍ଦ୍ଦେଶକ(ଉତ୍ପାଦନ) ଭାବେ ପଙ୍କଜ କୁମାର ଶର୍ମା ଦାୟିତ୍ୱ ଗ୍ରହଣ ଅବସରରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି

# ଗ୍ଲେନ୍‌ମାର୍କ ଅକିନଜିଓ ଆଇଭିର ଶୁଭାରମ୍ଭ

**ଭୁବନେଶ୍ୱର,୧।୨:** ଅନ୍ତଃରାଷ୍ଟ୍ରୀୟ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ସ ଭାରତରେ ପ୍ରଥମ ଥର ଆଇଭି ଇଞ୍ଜେକ୍ସନ ସୂତ୍ର ଅକିନଜିଓର ଶୁଭାରମ୍ଭ କରିଥିବା ଜଣାପଡିଛି। ଏପରିକି ପ୍ରତ୍ୟେକ କେମୋଥେରାପି ସାଇକ୍ଲେଟଥ ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ଏହାର ଏକକ ଇନ୍‌ଫ୍ୟୁଜନ୍ ଭାବେ ବ୍ୟବହୃତ ହୋଇଥାଏ। ସିଆଇଏନ୍‌ଭିର ଉଭୟ ତୀବ୍ର ଏବଂ ବିଳମ୍ବିତ ପର୍ଯ୍ୟାୟକୁ ରୋକିବାରେ ସାହାଯ୍ୟ କରେ ବୋଲି କୁହାଯାଇଛି।

# ନୂତନ ଯୁଗର ବଜେଟ

ଭୁବନେଶ୍ୱର,୧।୨

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଚଳିତ ଥରର ୟୁନିୟନ ବଜେଟ ଲାଇଭ୍ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ମେହୁଲ ମୋହନକା କହିଛନ୍ତି, ୟୁନିୟନ ବଜେଟ ୨୦୨୩-୨୪କୁ ବେଶ୍ ପ୍ରଶଂସା କରାଯାଇପାରେ। କାରଣ ଏହା ଏକ ସନ୍ତୁଳିତ ଏବଂ ଭବିଷ୍ୟତ ବଜେଟ୍ ହୋଇଥିବା ବେଳେ ଶ୍ରମ ବୃଦ୍ଧି କରିବାର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିଛି। ଏପରିକି ମେକ୍ ଇନ୍ ଇଣ୍ଡିଆ ସହ ସନ୍ତୁଳନ କରିବାକୁ ଚେଷ୍ଟା ସହ ତୀବ୍ର ଅଭିବୃଦ୍ଧି ଏବଂ ଘରୋଇ ଉତ୍ପାଦନ ହେବ ବୋଲି କୁହାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜିଡିପିର ଆକଳନ ୫.୯%ରେ ରହିବାର ଆଶା କରାଯାଉଛି।

# ଏସ୍‌ପିପିଏଲ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୧।୨

ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ବାଲେଶ୍ୱର ଜିଲାର ବସ୍ତା ନିକଟସ୍ଥ ସିଙ୍ଗଲାସ୍ଥିତ ପାଠଦୁର୍ଗା ସଂସ୍କୃତ କଲେଜ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏପରିକି ଉକ୍ତ ଶିବିରରେ ମୋଟ ୮୬୦ ରୋଗୀ ଅଂଶ ଗ୍ରହଣ କରି ମେଡିକାଲ ଯାଞ୍ଚ ଓ ଚିକିତ୍ସା ସୁବିଧା ହାସଲ କରିଛନ୍ତି। ଏହି ଅବସରରେ ସିଙ୍ଗଲା ସରପଞ୍ଚ ବିପିନ ବିଶ୍ୱାଳ ଓ ଏସ୍‌ପିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକାଶ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପିପିଏଲ୍, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ବରିଷ୍ଠ ଅଧିକାରୀ ଏବଂ ସିଙ୍ଗଲାର ସଂସ୍କୃତ କଲେଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏସ୍‌ପିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକାଶ ସିଂହ କହିଛନ୍ତି, ବାଲିଆପାଳ ଓ ବସ୍ତାର ପାରିପାର୍ଶ୍ୱିକ ଅଞ୍ଚଳର ବାସିନ୍ଦାଙ୍କୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ନିଶ୍ଚିତ କରିବା ଆମ ପାଇଁ ସୌଭାଗ୍ୟର ବିଷୟ। ଏହା ହେଉଛି ଆମେ ଆୟୋଜନ କରିଥିବା ଚତୁର୍ଥ ସ୍ୱାସ୍ଥ୍ୟ ଶିବିର ଏବଂ ଆଗାମୀ ଦିନରେ ଆମେ ଏଭଳି ଆହୁରି ଅଧିକ ଶିବିର ଆୟୋଜନ କରିବୁ।



# ସବୁ ପକ୍ଷ ସହ ସମନ୍ୱୟ ରକ୍ଷାକୁ ଗୁରୁତ୍ୱାରୋପ



ଭୁବନେଶ୍ୱର,୧।୨

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ବୁଧବାର ରେଲୱେର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ପାରାଦୀପ ଗସ୍ତରେ ଯାଇ କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳମାର୍ଗ ନିରୀକ୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଓ ତାଙ୍କ ଟିମ୍ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଥିବାବେଳେ ଟ୍ରାଫିକ ସୁବିଧା ସହ ବିନା କୌଣସି ପ୍ରତିବନ୍ଧକରେ ଟ୍ରେନ ଚଳାଚଳ ଏବଂ ରେଳପଥର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ଶର୍ମା ମଧ୍ୟ ପାରାଦୀପ ଅଞ୍ଚଳରେ ରେଳପଥର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିଭଳି ଉକ୍ତ ସମୀକ୍ଷା ଓ ନିରୀକ୍ଷଣ କାର୍ଯ୍ୟକ୍ରମରେ ସେ ସବୁ ପକ୍ଷଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ବେଶ୍ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସହ ରେଳପଥର ଅନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଶର୍ମା ରେଳପଥର ପଣ୍ୟ ଲୋଡିଂ ଓ ଅନ୍‌ଲୋଡିଂ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ରେଳ ସାଇଡିଂ ପରିଦର୍ଶନ କରିଥିଲେ। ସେହିପରି ଦେଶର ରାଜସ୍ୱ ବୃଦ୍ଧି ପାଇଁ ପାରାଦୀପ ପୋର୍ଟ ପ୍ରାଧିକରଣ ଏବଂ ଅନ୍ୟାନ୍ୟ ଷ୍ଟେକ୍ ହୋଲ୍‌ଡର ଓ ଉଦ୍ୟୋଗଗୁଡିକ ସହ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ଶର୍ମା ରେଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସିଧାସଳଖ ଦେଶ ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି।

---

No.AA-30

ଓଡ଼ିଶା ସରକାର

**GOVERNMENT OF ODISHA**

## OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA

**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

ନଂ. 503 ତା– 30.01.2023

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଏକକାଳୀନ ସମାଧାନ (OTS) ଯୋଜନା ମାଧ୍ୟମରେ କ୍ୟାପ୍ଟିଭ୍ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ୩୧.୦୩.୨୦୨୨ ସୁଦ୍ଧା ଥିବା ବକେୟା ବିଦ୍ୟୁତ୍ ଶୁଳ୍କର (Electricity Duty) ଆପୋଷ ସମାଧାନ ନିମନ୍ତେ ୩୦.୧୧.୨୦୨୨ ତାରିଖରେ ଏକ ରିଜୋଲ୍ୟୁସନ (No. ENG-BUD-ED-0005-2019/11797) ପ୍ରକାଶ କରାଯାଇଥିଲା । ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା ଏକ ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines) ତା-୦୭.୧୨.୨୦୨୨ରେ ଜାରି କରିଥିଲେ । ଏଥି ନିମନ୍ତେ ତା୧୦.୧୨.୨୦୨୨ରେ ଉଭୟ ଇଂରାଜୀ ଏବଂ ଓଡ଼ିଆ ପତ୍ରିକାରେ ସୂଚନା ପ୍ରକାଶ କରାଯାଇଥିଲା । **ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାର ଅବଧି ୦୬.୦୨.୨୦୨୩ରେ ସମାପ୍ତ ହୋଇଯିବ** । ଏହି ରିଜୋଲ୍ୟୁସନ ଏବଂ ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines)ର ସମ୍ପୂର୍ଣ୍ଣ ସୂଚନା ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କ ୱେବ୍‌ସାଇଟ୍ https://eicelectricityodisha.nic.inରେ ଉପଲବ୍ଧ ।

ଏହି ସୂଚନା ମାଧ୍ୟମରେ ବକେୟା ବିଦ୍ୟୁତ୍ ଶୁଳ୍କରୁ ଲାଭ ପାଇବାକୁ ଚାହୁଁଥିବା କ୍ୟାପ୍ଟିଭ୍ ଉପଭୋକ୍ତାମାନଙ୍କୁ ଧାର୍ଯ୍ୟ ସମୟସୀମା (**୦୬.୦୨.୨୦୨୩**) ମଧ୍ୟରେ ଆବେଦନ କରିବାକୁ ଶେଷଥର ପାଇଁ ଅନୁରୋଧ କରାଯାଉଛି ।

**ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଓଡ଼ିଶା**

OIPR-04068/11/0013/2223

---

**GOVERNMENT OF ODISHA**
**e-PROCUREMENT NOTICE**
## WORKS DEPARTMENT
**Bid Identification No. S.E. CBT (R&B) 25/2022-23**
No.B-1200: **charbatiadivision1@gmail.com**

i. Name of the work : Building works - 06 Nos
ii. Estimated cost : Rs. 6,47,878/- to Rs. 77,81,038/-
iii. Period of completion : 01 month to 06 months (30 Days to 180 Days)
iv. Date & time of availability of Bid documents in the portal : From 10.00 AM of 01.02.2023 to 15.02.2023 up to 5.00 PM for "online" bidding
v. Last date/ time for receipt of Bids in the portal : 15.02.2023 up to 5.00 PM.
vi. Name and address of the officer inviting bid : Superintending Engineer, Charbatia (R&B) Division, Choudwar

Further details can be seen from the e-procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Superintending Engineer**
**Charbatia (R&B) Division, Choudwar**
**OIPR-34092/11/0019/2223**

---

**GOVERNMENT OF ODISHA**
## OFFICE OF THE DEPUTY DIRECTOR, GEOLOGY
**GROUND WATER DEVELOPMENT DIVISION, BHAWANIPATNA**
**At/PO-Paramanandapur,Dist-Kalahandi,Pin-766002.Ph/Fax No.06670-232836/291159,**
**e-mail:srgeologistbhawanipatna@gmail.com**
**NATIONAL COMPETITIVE BIDDING THROUGH e-Procurement**
**Identification No.17/GWBPTN/AR/2022-23**
**No.A-1088:**
**e-Procurement Notice**

Name of the Work: Different works under Artificial Recharge scheme in Upper Silda Nalla Watershed, Nuapada Block, Nuapada District. Total No. of Works: 04 (Four). Estimated Cost: Rs.10.5 lakhs to 39.68 Lakhs. Class of Contractor: C & D Class Contractor. Period of Completion: 01 Calendar Month.

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of Opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Deputy Director,Geology Ground Water Development Division, Bhawanipatna | 17/GWBPTN/ AR/ 2022-23 | 04 (Four) | 28.01.2023 | 07.02.2023 | 07.02.2023 |

For details can be seen from the Government website www.tendersorissa.gov.in.

**Sd./- Deputy Director, Geology**
**OIPR-32470/11/0009/2223**

---

## OFFICE OF THE EXECUTIVE ENGINEER NATIONAL HIGHWAY DIVISION, BOLANGIR
No. b-45
**E-Mail ID: eenhbolangir@gmail.com**
## TENDER CALL NOTICE
**Bid Identification No. 12/EE NH (BGR) of 2022-23**

**No. 167** **Dated: 30.01.2023**

1. The Executive Engineer, N.H. Division, Bolangir invites **percentage rate bids in Single Cover System on Online Mode** for construction of works as detailed in the table below from eligible contractors as mentioned in Col.-7 registered with the State and Contractors of equivalent Grade or Clas registered with Central/other State Government/MES/Railways for execution of Civil Works, on production of difinite proof from the appropriate authority.

| Sl. No. | Name of the Work | Concerned NH Division | Approximate Value of work in INR (Excl. GST) | Bid Security/ E.M.D. in INR (Offline) | Cost of Tender Documents in INR (Online) | Class of Eligible Contractor | Period of Completion in Months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | FDR to NH-353 such as construction of RCC drain from Km 68/120 to 68/244 Km for the year 2022-23 | N.H. Division, Bolangir | 8,70,310.00 | 8,800.00 | 4,000.00 | 'D' & 'C' | 3 (Three) Calendar Months |
| 2 | FDR to N.H.-26 such as construction of R.C.C. Drain from Km 76/190 to 76/570 Km (RHS) for the year 2022-23 | N.H. Division, Bolangir | 27,59,227.00 | 27,600.00 | 6,000.00 | 'C' & 'B' | 3 (Three) Calendar Months |
| 3 | FDR to N.H.-26 such as construction of Toe Wall from Km 122/303 to 122/405 Km (RHS), from Km 123/102 to 123/140 Km (RHS) & Construction of Toe Wall of Bridge approach at 121/400 Km for the year 2022-23 | N.H. Division, Bolangir | 16,90,842.00 | 17,000.00 | 6,000.00 | 'D' & 'C' | 3 (Three) Calendar Months |

2. Bid documents with detailed terms and conditions will be available online on e-tendering portal of MoRT&H **https://eprocure.gov.in** from 03.02.2023 11.00 A.M. to 12.02.2023 5.00 P.M. for Online bidding. Bids must be submitted online only at e-tendering portal of MORTH **https://eprocure.gov.in** by BID due date i.e. on or before 12.02.2023 upto 5.00 P.M. Bids received on "Online" shall be opened at 11.00 A.M. on 13.02.2023 in the office chamber of the Executive Engineer, NH Division, Bolangir.
3. Bidders shall make payment in electronic mode only in PAOs Bank Account towards cost of Tender Documents as mentioned in Col.-6 through NTRP portal i.e. **www.bharatkosh.gov.in**. The bidder shall furnish bid security/E.M.D. as mentioned in Col.-5 in offline mode in shape of N.S.Cs/Post Office Savings Bank Account/Post Office Time Deposit Account/Kisan Vikas Patra/Term Deposit Receipt pledged in favour of Executive Engineer, NH Division, Bolangir/Bank Guarantee in favour of the Executive Engineer, NH Division, Bolangir from any Nationalized/Scheduled Bank in India.

Further details can be seen from the MORTH website **https://eprocure.gov.in**.

**Sd./- Executive Engineer, Bolangir NH Division**
**OIPR-34101/11/0001/2223**

---

## ODISHA LIFT IRRIGATION CORPORATION LIMITED
**(A GOVERNMENT OF ODISHA UNDERTAKING)**
## OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE
**E-mail - eelidvnbls@yahoo.com**
**e - Procurement Notice**
**Bid Identification No: 05/2022-23 /DT. 27.01.2023**

**No.CAD-4659:** 1.Name of the Tender Inviting Officer-Executive Engheer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work- Revival of defunct CLIP in Sadar Block of Balasore District.
3. No.of Package:- 01 No. (State Plan - 2022-23)
4. Cost of Tender Amount :- Rs.1486770/-
5. Date and time of availability of bid document in portal for on-line bidding from 06.02.2023 at 11.00 hrs to dated.20.02.2023 at 17.00 hrs.
6. Last date and time of receipt of bid in the portal dated 20.02.2023 upto 17.00 hrs.
7. Last date & time to seek clarification dated 17.02.2023 upto 17.00 hrs.
8. Date of opening of Technical bid (Cover-1) dated 21.02.2023 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent corrigendum/addendum if required shall be available in above portal.

**Sd./- Er. S.K. Choudhary**
OIPR-32150/11/0003/2223 **Executive Engineer, L.I.Division, Balasore**

---

## OFFICE OF THE MUNICIPAL COUNCIL, BARBIL
No.C-2360
**TENDER CALL NOTICE NO. 231 DATE. 31.01.2023**

1. Name of the work:- Civil construction works as mentioned in website of Barbil Municipality.
2. No. of work:- 27 (Twenty seven)
3. Bid value:- Rs.26,000/- to Rs.1,99,900/-
4. Period of completion:- 30 days
5. Period of availability of tender paper:- From Dt.01.02.2023 to Dt.13.02.2023 upto 11.00 A.M.
6. Last date & time for submission of tender paper- Dt.13.02.2023 upto 1.00 P.M.
7. Date & time of opening of Technical Bid:- Dt.13.02.2023 at 3.30 P.M.
8. Name and address of the officer inviting bid:- EXECUTIVE OFFICER, BARBIL MUNICIPALITY

Details can be seen from Barbil Municipality website:-**www.barbilmunicipality.in**

**Sd/- Executive Officer,**
**Barbil Municipality**
**OIPR-13108/11/0023/2223**

---

**Government of Odisha** No.MM-442:
## "e" procurement Notice
## OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL
**Bid Identification No. - 17-DFO/DKL of 2022-23**

1. Name of the work : 1. Construction of Concrete Check Dam (SMC Structure) in Bhodua Nallah at Sunajhari RF under Bhuban Range. 2. Construction of WHS with Cement Concrete Outlet & Inlet near Nagarvan Pltn. inside Charkhola RF under Dhenkanal Range 3. Construction of Concreted Check Dam on Nallah No. 1, 2 & 3 inside Charkhola RF under Dhenkanal Range of Dhenkanal Forest Division.
2. Estimated Cost: Rs.8,40,788 to Rs.33,62,626/- (Approximate)
3. Period of Completion : 40 days
4. Date & Time of availability of the bid documents in the portal : 10.00 A.M. of 31.01.2023 to 5.00 P.M. of 09.02.2023.
5. Last date/time of receipt of the bid in Portal : 09.02.2023 upto 5.00 P.M.
6. Date of Opening : 10.02.2023 at 11.00 A.M.
7. Name and Address of the Office: Office of the Divisional Forest Officer, Dhenkanal Division, Dhenkanal.

Further details can be seen from the e-Procurement Portal https:// tendersorissa.gov.in.

**Sd./- Conservator of Forests**
**I/c Dhenkanal Division**
**OIPR-08037/11/0051/2223**

---

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022
**Tender Call Notice No.IDCO:H.O./P&C/EST/E-3609/03/2016/Vol-V/2367, dated 24.01.2023**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**No.CAD-4664:** 1.Name of the Work: Repairing and Strengthening of Road from IOCL Depot Main Gate to TT Parking Area at IID Centre, Somnathpur, Balasore, Odisha (305.00 Mtr. length).
2. Estimated Cost: Rs.46.85 Lakh
3. Period of Completion : 02 (Two) Calendar Months.
4. Other details:

| Procurement Officer | Bid ID/Tender reference No. | Availability of Tender Online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No.P&C/ EST/E-145/ 2022-23 | 02.02.2023 at 17.00 Hrs. | 16.02.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

**Sd./-**
**Chief General Manager (P&C)**
**IDCO, Bhubaneswar**
**OIPR-14003/11/0279/2223**

# ସ୍କୁଲରେ ବିସ୍ଫୋରଣ, ୩ ଛାତ୍ର ଗୁରୁତର


ହସ୍ପିଟାଲରେ ଦୁଇ ଆହତ ଛାତ୍ର।

**ଫୁଲବାଣୀ ଅଫିସ/ବାଲିଗୁଡ଼ା, ୧।୨**

କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ ରଡୁଙ୍ଗିଆ ପଞ୍ଚାୟତରେ ଥିବା ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ବୁଧବାର ଅଘଟଣ ଘଟିଛି। ଜଣେ ଛାତ୍ର ଆଣିଥିବା ଅଜଣା ବସ୍ତୁ ବିସ୍ଫୋରଣ ଘଟି ୩ ଜଣ ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ବୋଉଡୁରାଙ୍ଗ ଗ୍ରାମର ଯୋଶ ନାୟକ, କମ୍ବାଡ଼ି ଗ୍ରାମର ଆଶିଷ ନାୟକ ଓ ଡୋଙ୍ଗେଇମିଲା ଗ୍ରାମର ନିହାଲ ନାୟକ।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ସ୍କୁଲ ହଷ୍ଟେଲରେ ରହି ୩ଜଣ ପିଲା ୭ମ ଶ୍ରେଣୀରେ ପଢୁଥିଲେ। ସକାଳେ ସ୍କୁଲକୁ ପଢ଼ିବାକୁ ଯାଇଥିଲେ। ରିକ୍ରେସନ ସମୟରେ ଜଣେ ଛାତ୍ର କେଉଁଠୁ ଏକ ଅଜଣା ବସ୍ତୁ ଆଣି ଦୁଇ ସାଥୀ ପିଲାଙ୍କୁ ଦେଖାଇଥିଲେ। ଏହି ସମୟରେ ହଠାତ୍ ବିସ୍ଫୋରଣ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଆହତ ୩ଜଣଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନିହାଲ ନାୟକଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଇଛି। ଗୁରୁତର ଥିବା ଯୋଧ ନାୟକଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ଆଶିଷ ନାୟକଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ତେବେ ହଷ୍ଟେଲରେ ରହୁଥିବା ଛାତ୍ରଜଣକ ଏହି ଅଜଣା ବସ୍ତୁ କେଉଁଠୁ ଆଣିଲେ ଏବଂ ତାହା ବିସ୍ଫୋରକ ସାମଗ୍ରୀ କି ନୁହେଁ ଜଣାପଡିନାହିଁ। ବାଲିଗୁଡ଼ା ଏସ୍‌ଡିପିଓ ରୋହିତ ବର୍ମା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସ୍କୁଲ୍ କର୍ତ୍ତୃପକ୍ଷ ଏ ବିଷୟରେ ମୁହଁ ଖୋଲୁ ନାହାନ୍ତି। ଘଟଣାକୁ ନେଇ ଅଭିଭାବକଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଛି।

# ଭଦ୍ରକ ମୁଖ୍ୟ ଚିକିତ୍ସାଳୟରୁ ନକଲି ଡାକ୍ତର ଗିରଫ


ଗିରଫ ନକଲି ଡାକ୍ତର।

**ଭଦ୍ରକ ଅଫିସ, ୧।୨**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବୁଧବାର ଜଣେ ନକଲି ଡାକ୍ତରଙ୍କୁ ଟାଉନ ପୋଲିସ ଗିରଫ କରିଛି। ଗିରଫ ଯାଜପୁର ଜିଲାର ରାଜୀବ ବୋଲି ଜଣାପଡ଼ିଛି। ତାଙ୍କ ପାଖରୁ ଏକ ନକଲି ପରିଚୟପତ୍ର ମଧ୍ୟ ପୋଲିସ ଜବତ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଉକ୍ତ ଯୁବକ ବୁଧବାର ମେଡିକାଲରେ ପ୍ରବେଶକରି ନିଜକୁ ଡାକ୍ତର ବୋଲି ପରିଚୟ ଦେଇଥିଲେ। ନୂଆ ନିଯୁକ୍ତି ହୋଇଛି, ଓଟି କେଉଁଠି ବୋଲି ସିକ୍ୟୁରିଟି ଗାର୍ଡଙ୍କୁ ପଚାରି ମେଡିକାଲର ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗ ୱାର୍ଡ ଭିତରକୁ ଯାଉଥିଲେ। ଏହି ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର ସେହି ୱାର୍ଡରୁ ବାହାରକୁ ବାହାରୁଥିଲେ। ଷ୍ଟେଥୋସ୍କୋପ୍ ବେକରେ ପକାଇ ଯାଉଥିବା ଯୁବକଙ୍କୁ ଦେଖି ତାଙ୍କର ସନ୍ଦେହ ହେବାରୁ ପରିଚୟ ପଚାରିଥିଲେ। ସନ୍ତୋଷଜନକ ଉତ୍ତର ଦେଇ ନ ପାଇବାରୁ ତାଙ୍କୁ ମେଡିକାଲରେ ଥିବା ପୋଲିସ ସହାୟତା କେନ୍ଦ୍ରକୁ ନେଇ ପଚରାଉଚରା କରିବାରୁ ସେ ନକଲି ଡାକ୍ତର ବୋଲି ଜଣାପଡ଼ିଥିଲା। ଟାଉନ ପୋଲିସ ପହଞ୍ଚି ଯୁବକଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ଉମା ଶଙ୍କର ନାଏକ କହିଛନ୍ତି।

# ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର, ୧।୨(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ସକାଳ ୯ଟା ୩୦ରୁ ଛାତ୍ରୀଛାତ୍ର ଲ୍ୟାବ ମଧ୍ୟକୁ ପ୍ରବେଶ କରିଥିଲେ। ପ୍ରଥମ ସିଟିଂ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ୧୦ ତାରିଖ ମଧ୍ୟରେ ସମସ୍ତ ପ୍ରାକ୍ଟିକାଲ ପରୀକ୍ଷା ଶେଷ କରିବା ପାଇଁ ପୂର୍ବରୁ ପରିଷଦ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ସେମାନଙ୍କ ସୁବିଧା ଅନୁସାରେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରିବେ। ପ୍ରାକ୍ଟିକାଲ ପରୀକ୍ଷା ଶେଷ ହେବା ପରେ ୧୭ ତାରିଖ ସୁଦ୍ଧା ପ୍ରାକ୍ଟିକାଲ ଉତ୍ତର ଖାତା ଏବଂ ମାର୍କ ସିଏଚ୍‌ଏସ୍‌ଇରେ କଲେଜ କର୍ତ୍ତୃପକ୍ଷ ପୈଠ କରିବାକୁ କୁହାଯାଇଛି। ଏହାପରେ ଅର୍ଥାତ୍ ମାର୍ଚ୍ଚ ୧ରୁ ଯୁକ୍ତ୨ ଲିଖିତ ପରୀକ୍ଷା ଆରମ୍ଭ ହୋଇ ଏପ୍ରିଲ ୫ରେ ଶେଷ ହେବ।

## ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣା

# ୪ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ଏଏସ୍‌ଆଇ

- ଗୁଳିମାଡ଼ରେ ହୃତ୍‌ପିଣ୍ଡ ନଷ୍ଟ ହେବାରୁ ମୃତ୍ୟୁ- ବ୍ୟବଚ୍ଛେଦ ରିପୋର୍ଟ
- ଅଭିଯୁକ୍ତଙ୍କ ମେଡିକାଲ ଟ୍ରିଟ୍‌ମେଣ୍ଟ ଓ ଅର୍ଥନୈତିକ କାରବାର ଯାଞ୍ଚ
- ସିଏଫ୍‌ଏସ୍‌ଏଲ୍ ବିଶେଷଜ୍ଞଙ୍କ ଦ୍ୱାରା ହେବ ଅତ୍ୟାଧୁନିକ ପରୀକ୍ଷା


ଅଭିଯୁକ୍ତ ଏଏସ୍‌ଆଇଙ୍କୁ ସବ୍‌ଜେଲ୍‌ରୁ ରିମାଣ୍ଡରେ ଅଣାଯାଉଛି।

**କଟକ ଅଫିସ, ୧।୨**

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତ ପ୍ରକ୍ରିୟା ଆଗକୁ ବଢାଇବା ପାଇଁ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଟିମ୍ ଦ୍ୱାରା ଅଭିଯୁକ୍ତଙ୍କୁ ମାରାଥନ ଜେରା କରାଯାଉଛି। ସେହିପରି ମନ୍ତ୍ରୀଙ୍କ ଗାଡ଼ି ଓ ଗୁଳିକାଣ୍ଡ ସ୍ଥଳରେ ତଦନ୍ତ ଜାରି ରହିଛି। ସାଇଣ୍ଟିଫିକ ଅଫିସର ଓ ବାଲିଷ୍ଟିକ ବିଶେଷଜ୍ଞଙ୍କ ସହାୟତାରେ ଫାରୋ ୩-ଡି ସ୍କାନର ବ୍ୟବହାର କରି ଅତି ସୂକ୍ଷ୍ମ ପ୍ରମାଣ ସଂଗ୍ରହ କରାଯାଉଛି। ଗତ ୨୯ ତାରିଖରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ମନ୍ତ୍ରୀ ଦାସଙ୍କ ସମର୍ଥକ ଓ ପ୍ରତ୍ୟକ୍ଷଦର୍ଶୀମାନଙ୍କୁ ପଚରାଉଚରା କରାଯାଉଛି।

କ୍ରାଇମବ୍ରାଞ୍ଚର ଅନ୍ୟ ଏକ ଟିମ୍ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଅଭିଯୁକ୍ତ ଗୋପାଳକୃଷ୍ଣ ଦାସଙ୍କ ମେଡିକାଲ ଟ୍ରିଟ୍‌ମେଣ୍ଟ ଓ ଅର୍ଥନୈତିକ କାରବାର ସମ୍ପର୍କିତ ଦିଗକୁ ଯାଞ୍ଚ କରୁଛି। ଏଥିସହ ଅଭିଯୁକ୍ତଙ୍କ ପୈତୃକ ଗ୍ରାମରେ ପଡ଼ୋଶୀ ଓ ନିକଟସ୍ଥ ଗ୍ରାମର ଅଧିବାସୀଙ୍କୁ ପଚରାଉଚରା କରାଯାଉଛି।

ନୂଆଦିଲ୍ଲୀର ସେଣ୍ଟ୍ରାଲ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ସିଏଫ୍‌ଏସ୍‌ଏଲ୍) ବିଶେଷଜ୍ଞଙ୍କ ଦ୍ୱାରା ଅଭିଯୁକ୍ତଙ୍କ ଫୋରେନ୍‌ସିକ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଓ ସ୍ୱର ପରୀକ୍ଷା ଜରିଆରେ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରାଯିବାକୁ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ହତ୍ୟା ମାମଲାରେ କେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି, ତାହା ଜାଣିବାରେ ସହାୟକ ହୋଇପାରିବ। ଅପରପକ୍ଷରେ ମନ୍ତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ଗୁଳିମାଡରେ ହୃତ୍‌ପିଣ୍ଡ ନଷ୍ଟ ହୋଇଯିବାରୁ ମନ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ତେବେ ବିଭିନ୍ନ ପ୍ରମାଣ ଯୋଗାଡ଼ କରିବା ଓ ରହସ୍ୟ ଉନ୍ମୋଚନ କରିବାରେ କ୍ରାଇମବ୍ରାଞ୍ଚର ୩ଟି ତଦନ୍ତକାରୀ ଦଳ ସମସ୍ତ ପ୍ରକାର ଉଦ୍ୟମ ଚଳାଇଛନ୍ତି। କ୍ରାଇମବ୍ରାଞ୍ଚର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି।

## ରିମାଣ୍ଡ ପରେ ଜେରା

**ଝାରସୁଗୁଡ଼ା ଅଫିସ, ୧।୨:** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ପୋଲିସ୍ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ପୋଲିସ୍ ୭ଦିନିଆ ରିମାଣ୍ଡ ପାଇଁ ଝାରସୁଗୁଡା ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଥିଲା। ଏହାର ବିଚାର କରି କୋର୍ଟ ୪ଦିନ ରିମାଣ୍ଡ ଦେଇଛନ୍ତି। ଏହି ଅର୍ଡର ବୁଧବାର ପ୍ରକାଶିତ ହେବାପରେ ଅଭିଯୁକ୍ତ ଗୋପାଳଙ୍କୁ ୧୦ଟା ୪୫ରେ ଝାରସୁଗୁଡା ସବ୍‌ଜେଲ୍‌ରୁ କଡାସୁରକ୍ଷା ମଧ୍ୟରେ ଅଣାଯାଇଛି। ତାଙ୍କୁ ସ୍ଥାନୀୟ ଓଏମ୍‌ପିସ୍ଥିତ ଓଏସ୍‌ଏପି ୨ୟ ବାଟାଲିୟନ ରିଜର୍ଭ ପୋଲିସ୍ କ୍ୟାମ୍ପରେ ରଖାଯାଇ କ୍ରାଇମବ୍ରାଞ୍ଚ ତରଫରୁ ତୁହାକୁ ତୁହା ଜେରା ଚାଲିଛି। ଏଏସ୍‌ଆଇ ଦାସ ମନ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିଥିବା କ୍ରାଇମବ୍ରାଞ୍ଚ ପୋଲିସ୍ ନିକଟରେ ମାନିଥିବାବେଳେ କାହିଁକି ମାରିଲେ ଏହାର କାରଣ ଜାଣିବାପାଇଁ ପୋଲିସ ତନାଘନା ଚଳାଇଛି। ଏ ନେଇ କ୍ରାଇମବ୍ରାଞ୍ଚ ପୋଲିସ୍ ବ୍ରଜରାଜନଗର ଗାନ୍ଧୀଛକ ଗୁଳିକାଣ୍ଡ ସ୍ଥଳ ଓ ଗୁଳିକାଣ୍ଡରେ ନଷ୍ଟ ହୋଇଥିବା ମନ୍ତ୍ରୀଙ୍କ ଗାଡି ନିକଟକୁ ଅଭିଯୁକ୍ତଙ୍କୁ ନେବାପାଇଁ ଯୋଜନା କରୁଥିବା ଜଣାପଡିଛି।

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତର ତଦାରଖ କରିବେ ଜଷ୍ଟିସ ଜେ.ପି. ଦାସ

**କଟକ ଅଫିସ, ୧।୨**

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତର ତଦାରଖ କରିବେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ. ପି. ଦାସ। ଏନେଇ ହାଇକୋର୍ଟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର ଜଣେ ସିଟିଂ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦାରଖ କରାଇବାକୁ ହାଇକୋର୍ଟଙ୍କୁ ଚିଠି ଲେଖି ରାଜ୍ୟ ସରକାର ଅନୁରୋଧ କରିଥିଲେ। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ହାଇକୋର୍ଟ ଜଷ୍ଟିସ ଦାସଙ୍କୁ ଏଥିପାଇଁ ନିଯୁକ୍ତ କରିଛନ୍ତି। ଏବେ କ୍ରାଇମବ୍ରାଞ୍ଚର ୩ଟି ଟିମ୍ ମାମଲାର ତଦନ୍ତ କରୁଥିବା ସମଗ୍ର ତଦନ୍ତର ଦିଗକୁ ଜଷ୍ଟିସ୍ ଦାସ ତଦାରଖ କରିବେ ବୋଲି ଜଣାପଡିଛି।

# ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଝାରସୁଗୁଡ଼ା ଅଫିସ, ୧।୨**

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିକରି ହତ୍ୟା ଘଟଣାରେ ସରକାର କାର୍ଯ୍ୟରେ ଅବହେଳା ଦର୍ଶାଇ ଜଣକ ପରେ ଜଣେ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ମଙ୍ଗଳବାର ଝାରସୁଗୁଡା ଏସ୍‌ପି ରାହୁଲ ଜୈନଙ୍କୁ କଟକସ୍ଥିତ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟ ଓ ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ରାଜ୍ୟ ପୋଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଛି। ବରଗଡ ଏସ୍‌ପି ପରମାର ସ୍ମିତ ପାର୍‌ସୋତମ ଦାସଙ୍କୁ ଝାରସୁଗୁଡା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କୁ ବ୍ରଜରାଜନଗର ଏସ୍‌ଡିପିଓ ଭାବେ ଅବସ୍ଥାପିତ ହୋଇଛନ୍ତି। ଏହାର ଗୋଟିଏ ଦିନ ପରେ ବୁଧବାର ବ୍ରଜରାଜନଗର ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ସମ୍ବଲପୁର ଓ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଶଶୀଭୂଷଣ ପୋଢଙ୍କୁ ସୋନପୁର ବଦଳି କରାଯାଇଛି। ବ୍ରଜରାଜନଗର ଥାନାରେ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କୁ ଅବସ୍ଥାପିତ କରାଯାଇଛି।

# ଗୋପାଳଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପଚରାଉଚରା

**ବ୍ରହ୍ମପୁର ଅଫିସ, ୧।୨**

## ବ୍ରହ୍ମପୁରରେ ଦ୍ୱିତୀୟ ଦିନରେ କ୍ରାଇମବ୍ରାଞ୍ଚର ତଦନ୍ତ

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସଙ୍କ ଘରକୁ ୨ଦିନ ହେଲା କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆସି ପଚରାଉଚରା କରୁଛି। ବୁଧବାର କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ଗୋପାଳଙ୍କ ଜଳେଶ୍ୱରଖଣ୍ଡିସ୍ଥିତ ପୈତୃକ ବାସଭବନ ଅଞ୍ଚଳର ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରିଥିବା ବେଳେ ପଞ୍ଚଶୀଳ ମାର୍ଗସ୍ଥିତ ଘରେ ସ୍ତ୍ରୀ, ଝିଅ ଓ ଜଣେ ପୁତୁରାଙ୍କୁ ଜେରା କରିଛି।

ସକାଳେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଗୋପାଳଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ରଗୁଡ଼ିକ ନେଇ ଏମ୍‌କେସିଜି ମେଡିକାଲ କଲେଜକୁ ଯାଇଥିଲା। ଏମ୍‌କେସିଜି ଆଉଟଡୋର ଟିକେଟରେ ଲେଖାଥିବା ରେଜିଷ୍ଟ୍ରେସନ ନମ୍ବର ଠିକ ଅଛି କି ନାହିଁ, କେଉଁ ଡ଼ାକ୍ତର ତାଙ୍କୁ ଚିକିତ୍ସା କରିଥିଲେ ଓ ପ୍ରେସ୍କ୍ରିପ୍‌ସନ୍ ପ୍ରକାରେ ଗୋପାଳଙ୍କୁ କେଉଁ ରୋଗ ହୋଇଥିଲା ସେସବୁ ତଦନ୍ତ କରାଯାଇଥିଲା। ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ରଙ୍କ ସହିତ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଗୋପାଳଙ୍କ ମାନସିକ ରୋଗ ସମ୍ପର୍କିତ ଚିକିତ୍ସା ସମ୍ପର୍କରେ କଥା ହୋଇଥିବା ଜଣାପଡ଼ିଛି। ଏଥିସହିତ ଗୋପାଳଙ୍କୁ ଚିକିତ୍ସା କରିଥିବା ମାନସିକ ରୋଗ ବିଭାଗର ପ୍ରଫେସର ଡା. ଚନ୍ଦ୍ରଶେଖର ତ୍ରିପାଠୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଅପରାହ୍ନରେ କ୍ରାଇମବ୍ରାଞ୍ଚ ଟିମ୍ ଶିଳ୍ପାଞ୍ଚଳ ପଞ୍ଚଶୀଳ ମାର୍ଗରେ ପହଞ୍ଚି ଗୋପାଳଙ୍କ ସ୍ତ୍ରୀ ଜୟନ୍ତୀ ଦାସ, ତାଙ୍କ ଝିଅ ଓ ଜଣେ ପୁତୁରାଙ୍କୁ ଜେରା କରିଥିଲା। ସେମାନଙ୍କ ନାଁରେ କେଉଁ ବ୍ୟାଙ୍କରେ କେତୋଟି ଆକାଉଣ୍ଟ ରହିଛି ଓ ସେହି ଆକାଉଣ୍ଟ ଜରିଆରେ କେତେ ଟଙ୍କା ଦେଣନେଣ ହୋଇଛି ତାହା ମଧ୍ୟ ଯାଞ୍ଚ କରିଥିଲା। ଗୋପାଳ ଜଣେ ପୋଲିସ ଏଏସଆଇ ଥିବା ବେଳେ ତାଙ୍କ ଭାଇ ସତ୍ୟନାରାୟଣ କାହିଁକି ବ୍ରଜରାଜନଗରରେ ହୋଟେଲ ଖୋଲିଥିଲେ ଓ ସେଠାରେ ଗୋପାଳ କାହାକୁ ଥଇଥାନ କରିଥିଲେ ସେ ସମ୍ପର୍କରେ ମଧ୍ୟ ଜୟନ୍ତୀଙ୍କୁ ପଚରାଯାଇଥିଲା। ପ୍ରାୟ ୨ଘଣ୍ଟା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗ ଉପରେ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ମଙ୍ଗଳବାର ଉଠାଇ ନେଇଥିବା ଗୋପାଳଙ୍କ ବଡ଼ଭାଇ ସତ୍ୟନାରାୟଣଙ୍କୁ ଲଗାତାର ଜେରା ଚାଲିଛି। ସତ୍ୟନାରାୟଣଙ୍କ ହୋଟେଲରେ ଜଳେଶ୍ୱରଖଣ୍ଡିର ୩ ଜଣ ଲୋକ କାମ କରୁଥିଲେ। ନବ ଦାସ ହତ୍ୟାକାଣ୍ଡର ଦିନକ ପୂର୍ବରୁ ସମସ୍ତେ ବ୍ରହ୍ମପୁର ଫେରି ଆସିଥିଲେ। ତେବେ କାହିଁକି ସେମାନେ ଫେରି ଆସିଥିଲେ, ସେ ନେଇ କ୍ରାଇମବ୍ରାଞ୍ଚ ତନାଘନା କରିଥିଲା। ସେହି ୩ ଜଣଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗାଁରୁ ଉଠାଇ ନେଇ ଜେରା କରିବା ପରେ ରାତିରେ ଘରେ ଛାଡ଼ି ଦେଇଥିବା ଜଣାପଡିଛି।


ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ବୁଧବାର ଉଦ୍‌ଘାଟିତ ସପ୍ତଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ମନ୍ତ୍ରୀ ରିତା ସାହୁ, ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନଙ୍କ ସହ କଳା ଓ ସଂସ୍କୃତି କ୍ଷେତ୍ରରେ ଅବଦାନ ଲାଗି 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପାଇଥିବା ବିଶିଷ୍ଟ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ବେଣୁଧର ମହାପାତ୍ର ଓ ଦେବେନ୍ଦ୍ର ମିଶ୍ର।

# କଣ୍ଟାବାଞ୍ଜି ବିଧାୟକଙ୍କ ପୁଅ ଗିରଫ

**ବଲାଙ୍ଗୀର ଅଫିସ/ବେଲପଡା, ୧।୨ (ଡି.ଏନ୍.ଏ.)**

କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପୁଅ ସେଜି ସିଂଙ୍କୁ ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ବୁଧବାର ରାତିରେ ଗିରଫ କରିଛି। କଣ୍ଟାବାଞ୍ଜି-ବେଲପଡା ରାସ୍ତାରେ ଥିବା ଆଲିସାନ୍ ସିନେମା ହଲର ମାଲିକଙ୍କ ଅଭିଯୋଗ ଅନୁସାରେ ତାଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ସିନେମା ହଲରେ କୌଣସି କଥାକୁ ନେଇ ସେଜି ସିଂ ଏବଂ ସିନେମା ହଲ ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ୧୦/୧୨ ଜଣ ଯୁବକଙ୍କ ସହ ମିଶି ସେଜି ସିନେମା ହଲ ମାଲିକଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଘଟଣାସ୍ଥଳକୁ ପୋଲିସ ପହଞ୍ଚିଥିଲା। ତେବେ ପୋଲିସକୁ ଧକ୍କା ଦେଇ ସେଠାରେ ଥିବା ୧୦/୧୨ ଜଣ ଯୁବକ ଫେରାର ହୋଇଯାଇଥିଲେ। ବେଲପଡା ଥାନାରେ ଏନେଇ ଏକ ମାମଲା (୨୪/୨୩) ରୁଜୁ କରି ପୋଲିସ ସେଜି ସିଂଙ୍କୁ ଧରିଛି। ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ାଉ ଅଭିଯାନ ଜାରି ରହିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ଅନ୍ୟ ୨ଜଣଙ୍କୁ କାବୁ କରିଛି। ଚଢ଼ାଉ ବେଳେ ବିଭିନ୍ନ ସ୍ଥାନରୁ ୧୫ ଲକ୍ଷ ଟଙ୍କା ଓ ବ୍ୟାପକ ମଦ ଜବତ କରାଯାଇଛି। ଏସପି ନୀତିନ କୁଶଳକରଙ୍କୁ ପଚରାଯିବାରୁ ଆଲିସାନ୍ ସିନେମା ହଲ ମାଲିକଙ୍କ ଅଭିଯୋଗ ମୁତାବକ ବେଲପଡା ଥାନାରେ ମାମଲା ରୁଜୁ କରାଯାଇ ସେଜି ସିଂଙ୍କୁ ଗିରଫ କରାଯାଇଛି ବୋଲି କହିଛନ୍ତି।

# ଅଭିନେତା ପିଣ୍ଟୁ ନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**ଭୁବନେଶ୍ୱର, ୧।୨(ବ୍ୟୁରୋ)**


ପିଣ୍ଟୁ ନନ୍ଦ

- ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତରଙ୍କ ପରାମର୍ଶ
- ଖର୍ଚ୍ଚ ହେବ ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ
- ସହାୟତା ଲୋଡ଼ିଲେ ପରିବାର ସଦସ୍ୟ

ଓଲିଉଡର ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କ ଅବସ୍ଥା ଗୁରୁତର ରହିଛି। ସେ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଅଛନ୍ତି। ଲିଭର ଖରାପ ହେବା ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ଗୁରୁତର ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାସାଧିକ କାଳ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବାରୁ ଡାକ୍ତର ତାଙ୍କର ଲିଭର ପ୍ରତିରୋପଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ୫୦ଲକ୍ଷରୁ ଅଧିକ ଟଙ୍କାର ଆବଶ୍ୟକତା ରହିଛି। ତେଣୁ ଏହାକୁ ନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ପରିବାର ଲୋକେ ଓ ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିବା ସହ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ଏଥିପାଇଁ ସୋସିଆଲ ମିଡିଆରେ ନିବେଦନ କରାଯାଇଛି।

ପିଣ୍ଟୁଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ଅଭିନେତା ଶ୍ରୀତମ୍ ଦାସ କହିଛନ୍ତି, ଜଣ୍ଡିସ୍‌ରେ ଆକ୍ରାନ୍ତ ହେବା ପରେ ସେ କିମ୍‌ସରେ ଚିକିତ୍ସିତ ହେଉଥିଲେ। ଆବଶ୍ୟକ ପରୀକ୍ଷା ପରେ ତାଙ୍କ ଲିଭର ଖରାପ ହୋଇଯାଇଥିବା ଜଣାପଡିଥିଲା। ତାଙ୍କ ଚିକିତ୍ସା କରୁଥିବା ପଦ୍ମଶ୍ରୀ ଡ. ସୁବ୍ରତ କୁମାର ଆଚାର୍ଯ୍ୟ ତାଙ୍କୁ ଯେତେଶୀଘ୍ର ସମ୍ଭବ ଲିଭର ଟ୍ରାନ୍ସପ୍ଲାଣ୍ଟ କରିବାକୁ କହିଛନ୍ତି। ହାଇଦ୍ରାବାଦ କିମ୍ବା ଦିଲ୍ଲୀ ନେବାକୁ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ପିଏଙ୍କୁ ମଧ୍ୟ ମୁଁ ଚିଠି ଲେଖିଛି। ସବୁ ପ୍ରକାର ଚେଷ୍ଟା ଜାରି ରହିଛି। ଗୁରୁବାର ଓଡ଼ିଶା ସିନେ ଆର୍ଟିଷ୍ଟସ୍ ଆସୋସିଏଶନ ପକ୍ଷରୁ ବୈଠକ ବସିବ। ସଦସ୍ୟମାନେ ମିଶି ଆଲୋଚନା କରି କେମିତି ଟଙ୍କା ଯୋଗାଡ଼ ହୋଇପାରିବ ସେ ନେଇ ନିଷ୍କର୍ଷ ବାହାର କରିବୁ ବୋଲି ଶ୍ରୀତମ୍ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିନେତା ପିଣ୍ଟୁ କେତେବେଳେ ଖଳନାୟକ, ସହନାୟକ ଓ କମେଡିଆନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଜୟ ଜଗନ୍ନାଥ, ବାହୁଡ଼ିବେ ମୋ ଜଗାବଳିଆ, ଆଇ ଲଭ୍ ମାଇଁ ଇଣ୍ଡିଆ, ସାଥୀରେ, ପ୍ରେମ ପାଇଁ ମହାଭାରତ, କଥା ଦେଲି ମଥା ଛୁଇଁ, ଲଭ୍ ମାଷ୍ଟର, ଦୋସ୍ତି, ପ୍ରେମ ଋତୁ ଆସିଲା ରେ, ହାତ ଧରି ଚାଲୁଥା, ରଙ୍ଗନମ୍ବର ଓ 'ଲଭ ଏକ୍ସପ୍ରେସ' ଆଦି ହେଉଛି ତାଙ୍କର ଲୋକପ୍ରିୟ ଚଳଚ୍ଚିତ୍ର। ତାଙ୍କ ଅଭିନୀତ ଆଲବମ୍ ଏ ଗଉରା ତାଙ୍କୁ ସର୍ବାଧିକ ଲୋକପ୍ରିୟ କରାଇଥିଲା।

# ଆରମ୍ଭ ହେଲା ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ପକ୍ଷ

**ଭୁବନେଶ୍ୱର, ୧।୨(ବ୍ୟୁରୋ)**

## ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ

ରାଜ୍ୟରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ରାଜ୍ୟ ଜଳସମ୍ପଦ ବିଭାଗ ତରଫରୁ ବୁଧବାରଠାରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳ ସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକମାନ ବୃଦ୍ଧି ଆଦି ପରିପ୍ରେକ୍ଷୀରେ ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଚଳିତ ବର୍ଷ ପାଣି ପଞ୍ଚାୟତ ପକ୍ଷ ଫେବୃୟାରୀ ୧ରେ ସମସ୍ତ ଡିଭିଜନ ସ୍ତରରେ, ଫେବୃୟାରୀ ୮ ରେ ସମସ୍ତ ଜିଲା ଏବଂ ଫେବୃୟାରୀ ୧୫ରେ ରାଜ୍ୟସ୍ତରରେ ଏହିପରି ୩ଟି ସ୍ତରରେ ପାଳନ କରାଯିବ। ରାଜ୍ୟର ୧୧୭ଟି ଡିଭିଜନ ସ୍ତରରେ ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ବାର୍ତ୍ତା ନେଇ ପରିକ୍ରମା କରୁଥିବା ସଚେତନତା ରଥ ସବୁକୁ ବିଭିନ୍ନ ଡିଭିଜନରେ ସ୍ଥାନୀୟ ମନ୍ତ୍ରୀ, ବିଧାୟକ ଓ ଜିଲାପାଳମାନେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କଟକରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପତାକା ଦେଖାଇ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ କରିଥିବା ବେଳେ ରାୟଗଡ଼ାଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଅନୁଗୋଳଠାରେ ଉପବାଚସ୍ପତି ରଜନୀକାନ୍ତ ସିଂ ରଥର ଶୁଭାରମ୍ଭ କରିଛନ୍ତି। ଏହାଛଡା ଭଦ୍ରକ, ବରଗଡ, ତଳସରା, ଚିତ୍ରକୋଣ୍ଡା, ପାଲଲହଡ଼ା, ଦଶପଲ୍ଲା, ଚମ୍ପୁଆ, ଘସିପୁରା, ଡାବୁଗାଁ, ଉମରକୋଟ ବିଧାୟକ ପ୍ରମୁଖ ନିଜ ନିଜ ନିର୍ବାଚନମଣ୍ଡଳୀ ଅଧୀନ ପାଣି ପଞ୍ଚାୟତ ଡିଭିଜନରେ ପତାକା ଦେଖାଇ ପାଣି ପଞ୍ଚାୟତ ପାଳନ ପକ୍ଷ କାର୍ଯ୍ୟକ୍ରମ ଓ ରଥ ପରିକ୍ରମାର ଶୁଭାରମ୍ଭ କରିଛନ୍ତି। ସେହିପରି ବିଭିନ୍ନ ଜିଲାରେ ଜିଲାପାଳମାନେ ମଧ୍ୟ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଡିଭିଜନ ସ୍ତରରେ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ପେଣ୍ଟିଂ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଭିନ୍ନ ସ୍ତରରେ ପ୍ରଦର୍ଶନୀ ଓ ପାଣି ପଞ୍ଚାୟତ ସମାବେଶ ଆୟୋଜନ କରାଯାଇଛି। ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ମାଧ୍ୟମରେ ଜଳର ଉପଯୁକ୍ତ ବିନିଯୋଗ ନେଇ ସାମାଜିକ-ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ସଚେତନତା ସଭା ଓ ପାଣି ପଞ୍ଚାୟତ ରଥ ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ବ୍ୟାନର, ଲୋଗୋ, ସ୍ଲୋଗାନ, ସଙ୍ଗୀତ, ଶପଥପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ଜିଲା ପାଇଁ ଜଳ ପ୍ରଭାରୀ ଭାବେ ନିୟୋଜିତ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ସବୁ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି।

# ଆସିବ ମାଇକେଲ୍ ଜ୍ୟାକ୍ସନଙ୍କ ବାୟୋପିକ୍

**ନୂଆଦିଲ୍ଲୀ:** ଦିବଂଗତ ଆମେରିକୀୟ ପପ୍ ସିଙ୍ଗର ଭାବେ ମାଇକେଲ୍ ଜ୍ୟାକ୍ସନ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ତେବେ ତାଙ୍କ ଜୀବନୀକୁ ନେଇ ଏକ ଚଳଚ୍ଚିତ୍ର ନିର୍ମାଣ ହେବାକୁ ନିଷ୍ପତ୍ତି ହୋଇଛି। ଏଥିରେ ତାଙ୍କ ପୁତୁରା ଜାଫର୍ ଜ୍ୟାକ୍ସନ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏନେଇ ଗ୍ରାହମ୍ କିଙ୍ଗ୍ (ଜିକେ) ଷ୍ଟୁଡିଓ ସୋମବାର ବାୟୋପିକ୍‌ରେ ଜାଫର୍‌ଙ୍କୁ ମୁଖ୍ୟ ଅଭିନେତା ଭାବେ ଘୋଷଣା କରିଛନ୍ତି। ଆଣ୍ଟୋନି ଫୁକ୍ୱାଙ୍କ ନିର୍ଦ୍ଦେଶନାରେ ଉକ୍ତ ଫିଲ୍ମଟି ନିର୍ମାଣ ହେବ। ଜାଫର୍ ନିଜକୁ ମାଇକେଲ୍ ଜ୍ୟାକ୍ସନଙ୍କ ଭଳି ପ୍ରସ୍ତୁତ କରୁଥିବା ନେଇ ସେ ତାଙ୍କ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ମାଇକେଲ୍ ଜ୍ୟାକ୍ସନଙ୍କ ବାୟୋପିକ୍‌ରେ କାମ କରି ଜାଫର୍ ନିଜକୁ ଗର୍ବିତ ମନେ କରୁଥିବା କହିଛନ୍ତି। ଫଳରେ ସେ ତାଙ୍କ ଜୀବନୀକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରିବେ ବୋଲି କହିଛନ୍ତି।





# ଇବ୍ରାହିମ୍‌ଙ୍କ ବଲିଉଡ୍ ଡେବ୍ୟୁ

ମୁମ୍ବାଇ: ବଲିଉଡ୍‌ରେ ବର୍ତ୍ତମାନ ଅନେକେ ନୂଆ ଚେହେରାଙ୍କୁ ଦେଖିବାକୁ ମିଳୁଛି। ଫିଲ୍ମରେ ଡେବ୍ୟୁ କରି ଅନେକେ ତାଙ୍କ କ୍ୟାରିୟର ଆରମ୍ଭ କଲେଣି। ସେହିପରି ବଲିଉଡ୍ ଅଭିନେତା ସୈଫ୍ ଅଲି ଖାଁଙ୍କ ପୁଅ ଇବ୍ରାହିମ୍ ଅଲି ଖାଁ ବଲିଉଡ୍ ସିନେମା କ୍ୟାରିୟର ଆରମ୍ଭ କରିଛନ୍ତି। କରନ ଜୋହରଙ୍କ ନୂତନ ପ୍ରୋଜେକ୍ଟରେ ସେ କାୟୋଜ ଇରାନୀଙ୍କୁ ତାଙ୍କ ଫିଲ୍ମର ନିର୍ଦ୍ଦେଶକ ଭାବେ ଚୟନ କରିଛନ୍ତି। ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ପୃଥ୍ୱୀରାଜ ସୁକୁମାରନ୍ ଏବଂ କାଜୋଲ ନଜରକୁ ଆସିବେ। ଇବ୍ରାହିମ୍ ଏହି ଫିଲ୍ମ ଜରିଆରେ ନିଜର ବଲିଉଡ୍ ଡେବ୍ୟୁ କରାଉଛନ୍ତି। ଚଳଚ୍ଚିତ୍ରଟି ଏକ ଇମୋଶନାଲ ଥ୍ରୀଲର ଉପରେ ଆଧାରିତ, ଯାହାର ନାମ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଏହି ଫିଲ୍ମର ଶୁଟିଂ ଚଳିତ ଫେବୃୟାରୀରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଇବ୍ରାହିମ୍ ଆଲିଆ ଭଟ୍ଟ ଏବଂ ରଣବୀର ସିଂଙ୍କ ଆଗାମୀ ରୋମାଣ୍ଟିକ କମେଡି ସିନେମା 'ରକି ଅର୍ ରାନୀ କି ପ୍ରେମ କାହାନୀ'ରେ କରନ ଜୋହରଙ୍କ ସାଙ୍ଗରେ କାମ କରିଛନ୍ତି। ବର୍ତ୍ତମାନ ତାଙ୍କ ବଲିଉଡ୍ ଡେବ୍ୟୁକୁ ନେଇ ସେ ବେଶ୍ ଉତ୍ସାହିତ ଅଛନ୍ତି। ସେ ଏଥିପାଇଁ ନିଜ ବଡ଼ି ପ୍ରସ୍ତୁତ କରୁଛନ୍ତି।



# ୧୫ ଇଞ୍ଚ ଦାଢ଼ି ଥିବା ମହିଳାଙ୍କ ୫ ବୟଫ୍ରେଣ୍ଡ

ୱାଶିଂଟନ: ଜଣେ ୩୭ ବର୍ଷୀୟା ମହିଳା ଜେସିକା ଡି ସିଜରୱିନସ୍କି ତାଙ୍କ ଜୀବନୀକୁ ନେଇ କିଛି ଖୁଲାସା କରିଛନ୍ତି। ଏହି ଆମେରିକୀୟ ମହିଳା ଜେସି ଦି ବିୟର୍ଡ ଲେଡି ହିସାବରେ ବେଶ୍ ପରିଚିତ। ସେ କହିଛନ୍ତି, ତାଙ୍କ ୫ ବୟଫ୍ରେଣ୍ଡଙ୍କ ସହ ସେ ଖୁସିରେ ଜୀବନ ବିତାଉଛନ୍ତି। ଜେସିକାଙ୍କ ୧୫ ଇଞ୍ଚ ଲମ୍ବର ଦାଢି ରହିଛି, ଯାହାକୁ ସେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ଦେବାକୁ ଚାହୁଁଛନ୍ତି। ରିପୋର୍ଟ ମୁତାବକ, ଜେସିକା ବର୍ତ୍ତମାନ ୫ ଜଣଙ୍କ ସହ ପୋଲ୍ୟାମୋରି ରିଲେଶନଶିପ୍‌ରେ ଅଛନ୍ତି। ଆଇନ ଅନୁସାରେ ସେ ବର୍ତ୍ତମାନ ଜଣଙ୍କୁ ବିବାହ କରିଛନ୍ତି। ରିଲେଶନଶିପ୍‌ରେ ଥିବା ଜଣେ ବ୍ୟକ୍ତି ୭୧ ବର୍ଷୀୟ ରିଟାୟର୍ଡ ଆମେରିକା ସୈନିକ ଅଟନ୍ତି। ସେ କହିଛନ୍ତି, ତାଙ୍କ ଯୁବାବସ୍ଥା ବେଳେ ଅନେକ ନିର୍ଯାତନା ସହିବାକୁ ପଡିଥିଲା। ଫଳରେ ସେ ଘର ଲୋକଙ୍କ କହିବା ଅନୁସାରେ ବିବାହ କରିଥିଲେ। ହେଲେ ତାଙ୍କ ଜୀବନ ବହୁତ ଭଲରେ ଚାଲିଛି। ଜେସିକା ପଲିସାଇଟ୍ରିକ୍ ଓଭାରି ସିଣ୍ଡ୍ରୋମ୍ ରୋଗରେ ପୀଡିତ ଅଛନ୍ତି, ଯେଉଁଥିପାଇଁ ତାଙ୍କର ମେଲ୍ ହରମୋନ୍ ଅଧିକ ରହୁଛି। ତେବେ ସେ ତାଙ୍କ ଦାଢ଼ିକୁ ନେଇ ବିଶ୍ୱ ରେକର୍ଡ କରିବାକୁ ପ୍ରୟାସ ଜାରି ରଖିଛନ୍ତି।



# ଆର୍ଦ୍ରଭୂମିର ବିକାଶ ଜରୁରୀ

## ବିଶ୍ୱ ଆର୍ଦ୍ରଭୂମି ଦିବସ

ବିଶ୍ୱ ଆର୍ଦ୍ରଭୂମି ଦିବସ ହେଉଛି ଏକ ପରିବେଶ ସମ୍ବନ୍ଧୀୟ ଉତ୍ସବ, ଯାହା ୧୯୭୧ ମସିହାରୁ ଆରମ୍ଭ ହୋଇଥିଲା। ସେତେବେଳେ ଅନେକ ପରିବେଶବିତ୍ ଆର୍ଦ୍ରଭୂମିର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଏକତ୍ରିତ ହୋଇଥିଲେ, ଯାହା ଉଦ୍ଭିଦ, ପରିବେଶ ଏବଂ ଜଳ ମଧ୍ୟରେ ଥିବା ପ୍ରାଣୀଙ୍କ ପାଇଁ ଏକ ପରିବେଶ ସୃଷ୍ଟି କରିଥାଏ। ଆର୍ଦ୍ରଭୂମିର ବିକାଶ ଜରୁରୀ।

ଏ ନେଇ ସଚେତନତା ସୃଷ୍ଟି ଲାଗି ବିଶ୍ୱ ଆର୍ଦ୍ରଭୂମି ଦିବସ ପ୍ରତିବର୍ଷ ଫେବୃୟାରୀ ୨ରେ ପାଳନ କରାଯାଇଥାଏ। ଆର୍ଦ୍ରଭୂମି କେବଳ ଲୋକଙ୍କ ନୁହେଁ, ପୃଥିବୀରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପରିବେଶକୁ ଭଲ ପାଉଥିବା ଲୋକେ ଏହି ଦିନ ଏକତ୍ରିତ ହୋଇ ଉତ୍ସବ ମାଧ୍ୟମରେ ପ୍ରକୃତି ପ୍ରତି ଥିବା ପ୍ରେମକୁ ପ୍ରଦର୍ଶନ କରି ଏହି ଦିବସ ପାଳନ କରିଥାନ୍ତି। ଯାହା କେବଳ ଆମମାନଙ୍କ ପାଇଁ ନୁହେଁ, ବରଂ ଏହି ଦୁନିଆରେ ସମସ୍ତ ପ୍ରକାରର ପ୍ରାଣୀଙ୍କ ଲାଗି ଆର୍ଦ୍ରଭୂମି କ'ଣ କରିଛି ସେନେଇ ସଚେତନତା ସୃଷ୍ଟି କରାଯାଇଥାଏ। ଆର୍ଦ୍ରଭୂମି ଉପରେ ପ୍ରଭାବ ପକାଉଥିବା ବିଭିନ୍ନ ପରିବେଶ ସମସ୍ୟା ସୃଷ୍ଟି କରିଥାଏ। ଅଧିକ ଜନସଂଖ୍ୟା ଏବଂ ନିର୍ମାଣ ପରିବେଶ ସଂରକ୍ଷଣରେ ହ୍ରାସ ଘଟାଇଛି ଏବଂ ମୋଟାମୋଟି ଏହି ଜମିଗୁଡ଼ିକରେ ସମସ୍ୟା ବଢ଼ିବାରେ ଲାଗିଛି। ଅନେକ ଆର୍ଦ୍ରଭୂମି ହଜିଯାଉଛି ଏବଂ ପରିବେଶବିତ୍‌ମାନେ ଦାବି କରିଛନ୍ତି ଯେ ବିଶ୍ୱର ଏକ ପ୍ରାକୃତିକ ଫିଲ୍ଟର ଭାବେ ଆର୍ଦ୍ରଭୂମି କାର୍ଯ୍ୟ କରିଥାଏ। ଏହାର ସଂରକ୍ଷଣ ଜରୁରୀ।

# ଅବସରପ୍ରାପ୍ତ ବିଚାରପତିଙ୍କ ତଦାରଖରେ ତଦନ୍ତକୁ ବିରୋଧୀଙ୍କ ନାପସନ୍ଦ

ଭୁବନେଶ୍ୱର,୧୨(ବ୍ୟୁରୋ)

## ନବ ଦାସ ହତ୍ୟା ଘଟଣା

- ଭାଜପାର ଗୋଟିଏ ଦାବି ସିବିଆଇ ତଦନ୍ତ: ପୃଥ୍ୱୀରାଜ
- କ୍ରାଇମବ୍ରାଞ୍ଚଠାରୁ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ ଭଲ: ସାଲୁଜା
- ପୃଥ୍ୱୀରାଜ ରାଜଧାନୀରେ ୱାର୍ଡ ସଦସ୍ୟ ଭାବେ ବି ଜିତିପାରି ନ ଥିଲେ: ବିଜେଡି

ବିଜେଡିର ପ୍ରଭାବଶାଳୀ ମନ୍ତ୍ରୀ ନବକିଶୋର ଦାସଙ୍କୁ ଜଣେ କାର୍ଯ୍ୟରତ ପୋଲିସ ଅଧିକାରୀ ରାଜରାସ୍ତାରେ ଗୁଳିକରି ହତ୍ୟାକଲେ । ସ୍ୱର୍ଗତ ଦାସଙ୍କୁ କିଏ ଓ କାହିଁକି ମାରିଲା ଏବଂ ବାସ୍ତବରେ ଏହି ହତ୍ୟାର ଷଡ଼ଯନ୍ତ୍ର ପଛରେ କିଏ ସବୁ ଅଛନ୍ତି, ସେନେଇ ରାଜ୍ୟ ସରକାର ଜାଣିବାକୁ ଚାହୁଁନାହାନ୍ତି। ପ୍ରଥମରୁ ଏହା ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଥିବା ନେଇ ରାଜ୍ୟବାସୀ ଅନୁଭବ କରୁଥିବାବେଳେ ରାଜ୍ୟ ସରକାର କାଳ ବିଳମ୍ବ ନ କରି କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତର ନିର୍ଦ୍ଦେଶ ଦେଲେ। ଏହାପରେ ଏହି ଅଭାବନୀୟ ଘଟଣାର ତଦନ୍ତକୁ ଜଣେ ହାଇକୋର୍ଟ ଜଜ୍‌ଙ୍କ ଦ୍ୱାରା ମନିଟରିଂ କରିବା ପାଇଁ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ । ଏହି କ୍ରମରେ ବୁଧବାର ଜଣେ ଅବସରପ୍ରାପ୍ତ ଜଜ୍ ଜେ.ପି. ଦାସଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରୁ ଯାହା ବୁଝାପଡୁଛି ସତେ ଯେପରି ଏହି ଘଟଣାରେ ରାଜ୍ୟ ସରକାର ନିଜକୁ କ୍ଲିନ୍‌ଚିଟ୍ ଦେବାକୁ ପ୍ରୟାସ ଆରମ୍ଭ କରିଦେଇଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ନବ ଦାସଙ୍କ ହତ୍ୟା ପଛରେ ବିରାଟ ଷଡ଼ଯନ୍ତ୍ର ଥିବା ବିଷୟ ଦିନକୁ ଦିନ ଘନୀଭୂତ ହେଉଥିବାବେଳେ ରାଜ୍ୟ ସରକାର ଏହାର ସତ୍ୟାସତ୍ୟକୁ ଚାପିଦେବାର ଅପପ୍ରୟାସ କରୁଛନ୍ତି । ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦାରଖ କରି ରାଜ୍ୟ ସରକାର ଏହି ସନ୍ଦେହକୁ ଆହୁରି ଘନୀଭୂତ କରିଛନ୍ତି । ଅତୀତରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣା ହେଉ କି କୁନ୍ଧୁଲି ଘଟଣାରେ ରାଜ୍ୟ ସରକାର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଇଥିଲେ। ଏହାର ଫଳାଫଳ ବିରାଟ ଶୂନ ହୋଇ ରହିଗଲା । ଆମ ରାଜ୍ୟରେ ପ୍ରଥମ ଥର ପାଇଁ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ହତ୍ୟା କରାଯିବା ପରେ ବର୍ତ୍ତମାନ ରାଜ୍ୟବାସୀ ଅସୁରକ୍ଷିତ ମନେକରୁଛନ୍ତି । ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ ବୋଲି ଭାଜପା ପୁନର୍ବାର ଦାବି କରିଛି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଯାହା ବି ହେଉ ମାନ୍ୟବର ହାଇକୋର୍ଟ ରାଜ୍ୟ ସରକାରଙ୍କ ଅନୁରୋଧରେ ରାଜି ହୋଇଛନ୍ତି। ତେଣୁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଲେ କ୍ରାଇମବ୍ରାଞ୍ଚଠାରୁ ଭଲ ହେବ ଏବଂ ନିରପେକ୍ଷ ହେବ ବୋଲି ସେ ଭାବୁଛନ୍ତି। ହେଲେ ଏସ୍‌ଆଇଟି ଦ୍ୱାରା ତଦନ୍ତ ହୋଇଥିଲେ ଆହୁରି ଭଲ ହୋଇଥାଆନ୍ତା। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନବକିଶୋର ଦାସ ମହାମାରୀ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ଯେଉଁଥିପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇଥିଲା। ଭାଜପା କେବେ ତାଙ୍କ ଅବଦାନକୁ ସ୍ୱୀକାର କରିଛି ଏବଂ କେବେ ଭଲ କଥା କହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସଫଳତାକୁ ପ୍ରଶଂସା କରିବାକୁ ପଛଘୁଞ୍ଚା ଦେଉଥିବା ଭାଜପା ଏବେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଏତେ ଡରୁଛି କ'ଣ ପାଇଁ କହୁ। ପୃଥ୍ୱୀରାଜ ଅତ୍ୟଧିକ ହତାଶ ହୋଇ ଗଣମାଧ୍ୟମରେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି । ଯେହେତୁ ସେ ଭୁବନେଶ୍ୱର ପୌରପାଳିକାର ୱାର୍ଡ ସଦସ୍ୟ ଭାବେ ଜିତିପାରି ନ ଥିଲେ, ତେଣୁ ସେ ନିରାଶ ହୋଇପଡ଼ିଥିଲେ। ଯେତେବେଳେ ହାଇକୋର୍ଟଙ୍କ ଦ୍ୱାରା ମନୋନୀତ ଅବସରପ୍ରାପ୍ତ ବିଚାରପତି ଘଟଣାର ସିଧାସଳଖ ମନିଟରିଂ କରୁଛନ୍ତି ସେତେବେଳେ ନ୍ୟାୟପାଳିକା ପ୍ରତି ଭାଜପାର କିଛି ସମ୍ମାନ ରହିବା ଆବଶ୍ୟକ ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି ।

# ତଦନ୍ତ ପାଇଁ ଜିଲାଜଜ୍‌ଙ୍କୁ ଚିଠି ଲେଖିଲେ ଏସ୍‌ପି

## ପୋଲିସ ହେପାଜତରେ ଅଭିଯୁକ୍ତ ମୃତ୍ୟୁ ଘଟଣା

**କେନ୍ଦୁଝର,୧୨(ସ୍ୱ.ପ୍ର.):** ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କେନ୍ଦୁଝର ପୋଲିସ ଜିଲାଜଜ୍‌ଙ୍କୁ ଚିଠି କରିଛି। ଏଥିସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ମିତ୍ର ଭାନୁ ମହାପାତ୍ର କହିଛନ୍ତି। ମୃତ୍ୟୁବରଣ କରିଥିବା ଅଭିଯୁକ୍ତ ମିଲୁ ବାରିକଙ୍କ ଘର ସୁନ୍ଦରଗଡ଼ ଜିଲାରେ ହୋଇଥିବା ବେଳେ ସେ କିଛି ବର୍ଷ ହେଲା ରୁଗୁଡ଼ି ଥାନା ଅଞ୍ଚଳରେ ରହୁଥିଲେ। ବଲାଣି ଥାନା ଅଞ୍ଚଳରେ ଗତ କିଛି ମାସ ତଳେ ଘଟିଥିବା ଡବଲ ମର୍ଡର ଘଟଣାରେ ଅଭିଯୁକ୍ତ ଥିଲେ ବୋଲି ପୋଲିସ କହିଛି। ତାଙ୍କୁ ବଡ଼ବିଲ ଥାନା ପୋଲିସ ରବିବାର ସନ୍ଧ୍ୟାରେ ଧରି ରୁଗୁଡି ଥାନାରେ ପଚରାଉଚରା ବେଳେ ଅସୁସ୍ଥ ହେବାରୁ ରାତିରେ ଯୋଡ଼ା ସ୍ଥିତ ଘରୋଇ ମେଡ଼ିକାଲକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ପୋଲିସ କହିଛି। ପରିବାର ପକ୍ଷରୁ ହୋଇଥିବା ହତ୍ୟା ଅଭିଯୋଗକୁ ପୋଲିସ ଅସ୍ୱୀକାର କରିଛି। ମାତ୍ର ଏହାକୁ ନେଇ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ ହୋଇଛି।

ରାଜ୍ୟ ଖବର

# କଳରାପତରିଆ ବାଘଛାଲ ଜବତ

- ୮ ଅଭିଯୁକ୍ତ ଅଟକ
- ଦେଢ଼ ମାସ ମଧ୍ୟରେ ଜବତ ହେଲାଣି ୩ ଛାଲ

ବାରିପଦା ଅଫିସ,୧୨

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱ ଜଳଡିଙ୍ଗାସ୍ଥିତ କତରା ପୋଲ ଟାୱାର ନିକଟସ୍ଥ ଢାବାରୁ ବୁଧବାର ଏକ କଳରାପତରିଆ ବାଘ ଛାଲ ପୋଲିସ ଜବତ କରିଛି। ଛାଲକୁ ବିକ୍ରି କରିବାକୁ ଆସିଥିବା ୮ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଅଭିଯୁକ୍ତମାନେ ହେଲେ ବିଶୋଇ ଥାନା ଅନ୍ଧାରଝରୀ ଗ୍ରାମର ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ବାଙ୍ଗିରିପୋଷି ଥାନା ଅଧୀନ ଲବଣିଆ ଗ୍ରାମର ଶରତ ଚନ୍ଦ୍ର ହେମ୍ବ୍ରମ, ଗୋଲମୁଣ୍ଡାକଟା ଗ୍ରାମର ସୁଧୀର ଚନ୍ଦ୍ର ଦିଗାର ଓ ଲେମ୍ବୁ ଦିଗାର, ବୁଢ଼ିଖମାରୀ ଗ୍ରାମର ଅଜିତ ମହାନ୍ତ, ବାରିପଦା ସଦର ଥାନା ବଜ୍ରତୁଣ୍ଡି ଗ୍ରାମର ଗୋବର୍ଦ୍ଧନ ମହାନ୍ତ, ଖାରପୋଖରିଆ ଥାନା ଦାନାଦର ଗ୍ରାମର ଲକ୍ଷ୍ମୀଧର ଦେହୁରୀ ଓ ଆମ୍ବଡିହା ଗ୍ରାମର ରେଣ୍ଟା ମାଝି। ବାଘଟିର ବୟସ ୭/୮ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଛାଲର ଲମ୍ବ ୭୭ ଇଞ୍ଚ ଏବଂ ଓସାର ୧୩ ଇଞ୍ଚ ବୋଲି ଜଣାପଡ଼ିଛି। ବାଘଟିକୁ ୪/୫ମାସ ପୂର୍ବେ ଶିକାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିବାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ କହିଛନ୍ତି। ତେବେ ୪୫ଦିନ ମଧ୍ୟରେ ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ୩ ବାଘ ଛାଲ ଜବତ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ବାରିପଦା ବନଖଣ୍ଡ ବାଙ୍ଗିରିପୋଷି ରେଞ୍ଜରେ ଏକ କଳରାପତରିଆ ବାଘ ଛାଲ ବିକ୍ରି ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ଏସ୍‌ପି ଖିଲାରୀ ୧୦ଜଣଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ରୂପରେଖ ପ୍ରସ୍ତୁତ କରିଥିଲେ।



ସ୍ୱତନ୍ତ୍ର ଟିମ୍ ଦ୍ୱାରା ଜବତ କଳରାପତରିଆ ବାଘଛାଲ।


## ODISHA PUBLIC SERVICE COMMISSION, CUTTACK

**NOTICE**

**No. 1036/PSC Dt.01.02.2023**

**PF-1E-11-2021/22 (DR-III)**

No. D-307: It is for information of all concerned that, pursuant to Advt. No. 24 of 2021-22, **89 (Eighty Nine)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Odia**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 13.02.2023, 14.02.2023, 15.02.2023, 16.02.2023 & 17.02.2023 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 13.02.2023 | 10.30 A.M. | 00124993, 00114081, 00120530, 00122725, 00081597, 00114350, 00133539, 00102567, 00115993 & 00114767 = **10 Candidates** |
| | | 2.30 P.M. | 00126594, 00119633, 00125854, 00080498, 00081357, 00132463, 00132308 & 00125176 = **08 Candidates** |
| 2 | 14.02.2023 | 10.30 A.M. | 00028921, 00100950, 00118363, 00122471, 00125046, 00133057, 00087743, 00125023, 00121206 & 00131758 = **10 Candidates** |
| | | 2.30 P.M. | 00117351, 00067669, 00101181, 00104220, 00032798, 00062448, 00102965 & 00062659 = **08 Candidates** |
| 3 | 15.02.2023 | 10.30 A.M. | 00127045, 00124017, 00102963, 00121117, 00121213, 00122533, 00124108, 00117104, 00103306 & 00102706 = **10 Candidates** |
| | | 2.30 P.M. | 00126856, 00127763, 00122099, 00034627, 00120652, 00123524, 00125005 & 00102771 = **08 Candidates** |
| 4 | 16.02.2023 | 10.30 A.M. | 00063171, 00125531, 00126117, 00100312, 00117269, 00125663, 00133432, 00070321, 00117974 & 00035850 = **10 Candidates** |
| | | 2.30 P.M. | 00063808, 00025732, 00117754, 00021561, 00101987, 00041926, 00048006 & 00101623 = **08 Candidates** |
| 5 | 17.02.2023 | 10.30 A.M. | 00118397, 00117310, 00124397, 00123495, 00115811, 00046818, 00039088, 00122732, 00100445 & 00048976 = **10 Candidates** |
| | | 2.30 P.M. | 00103279, 00104126, 00016091, 00121231, 00100595, 00123697 & 00115997 = **07 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the commission for the purpose.

**OIPR-12002/11/0263/2223** **Sd./- Secretary**



## OFFICE OF THE MUNICIPAL COUNCIL, PARADEEP

**EXPRESS OF INTEREST (EOI)**

**Notice No.533, Dt.01.02.2023**

**No.C-2368:** Executive Officer, Paradeep Municipality Paradeep invites sealed Expression of Interest (Eol) from intrested/ intending eligible Firms/ Agencies/ Owners for "Hiring of tractor with water tanker 4KL & above capacity for supply of safe drinking water within Paradeep Municipality jurisdiction". DTCN alongwith terms & conditions can be obtained in the office of the Municipal Council, Paradeep during office hours on payment of Rs.1,000.00 (Rupees:- One thousand) only and also available on office website www.paradeepmunicipality.org from dt. 03.02.2023 to dt. 13.02.2023 Paper cost shall be paid as per the same method noted in DTCN downloaded online. The firms/ agencies/ owners must be accompanied with photo copy of valid (i) PAN (ii) GSTIN clearance (iii) Complete Organisation details and other documents as per DTCN. The sealed Eol and other documents will be received offline on or before dt.15.02.2023 upto 1.00 PM and will be opened on the same day at 4.30 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

**Sd./- Executive Officer**
**Paradeep Municipality**

**OIPR-13120/11/0027/2223**



## DISTRICT PROJECT OFFICE SAMAGRA SHIKSHA, SUNDARGARH, ODISHA

**In front of B.S.High School, At/Po/Dist-Sundargarh, Pin-770001**
**E-mail:dpcsndgssa.opepa@nic.in, Phone:06622273718**
**No.243, Pdg/Date:01.02.2023**

## NOTICE INVITING TENDER (NIT)

Sealed tenders are invited from the reputed & credible printers/ firms/agencies for printing & supply of "Question cum Answer Sheets, Answer Key & Oral Questions" for SA-II 2022-23 for Class I to VIII Students of all Govt. & Govt. Aided Schools of Sundargarh district in two bid systems (Technical & Commercial Bid) through Speed Post/ Registered Post only as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2022-23 for Class-I to VIII Students | Rs.1000/- | Rs.50,000/- | 16.02.2023 by 5.00 PM | 17.02.2023 at 10.30 AM |

The detailed BID document is available in the website www.sundergarh.nic.in & www.osepa.odisha.gov.in. Interested and eligible agency/ firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender inviting Authority (TIA) reserves the right to accept/reject any full or part/ all BID/ cancel the entire selection process at any stage without assigning any reason thereof.

**By the Order of Collector-cum-Chairperson, Sundargarh**
**Sd./- District Project Coordinator, SS, Sundargarh**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କୌଷ୍ଟଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍‌ରେ ଟେନିସ ଏକାଡେମୀ ଉଦ୍‌ଘାଟିତ

**ଜର୍ମାନୀର ପୂର୍ବତନ ଗ୍ରାଣ୍ଡ ସ୍ଲାମ୍ ତାରକା ଆଲେକଜାଣ୍ଡର ୱାସକେ ତାଲିମ ଦେବେ**

ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟରେ ଟେନିସକୁ କ୍ୟାରିୟର କରୁଥିବା କିମ୍ବା କରିବାକୁ ଚାହୁଁଥିବା ଖେଳାଳିଙ୍କ ପାଇଁ ଏକ ଭଲ ଖବର। ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଉଚ୍ଚ ମାନର ଟେନିସ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଏହାର ନାମ ରଖାଯାଇଛି କିଟ୍-ଆଲେକଜାଣ୍ଡର ୱାସ୍‌କେ-ଅଲ୍‌ଟେଭୋଲ ଟେନିସ୍ ଏକାଡେମୀ। ଜର୍ମାନୀର ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଟେନିସ୍ ତାରକା ତଥା ଆଲେକଜାଣ୍ଡର ୱାସ୍‌କେ ଟେନିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଆଲେକଜାଣ୍ଡର ୱାସ୍‌କେ, ଅହମଦାବାଦସ୍ଥିତ ଅଲଟେଭୋଲ ଟେନିସ୍ ଏକାଡେମୀ ଏବଂ କିଟ୍ ସହଯୋଗରେ ଏହା ସମ୍ଭବ ହୋଇପାରିଛି। କିଟ୍ ଟେନିସ୍ ଗ୍ରାଉଣ୍ଡରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା, କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଆର. ଭିନିଲ୍ କ୍ରିଷ୍ଣା, ଆଲେକଜାଣ୍ଡର ୱାସକେ, ଅଲଟେଭୋଲ ଟେନିସ୍ ଏକାଡେମୀର ପ୍ରତିଷ୍ଠାତା ଚିରାଗ ପଟେଲ୍ ଓ ନିର୍ଦ୍ଦେଶକ ଶ୍ରୀମଲ୍ ଭଟ୍ଟ ପ୍ରମୁଖ ଯୋଗ ଦେଇଥିଲେ। ଟେନିସ ଏକାଡେମୀ ପ୍ରତିଷ୍ଠାରେ ସହଯୋଗ କରିଥିବାରୁ ଆଲେକଜାଣ୍ଡର ୱାସ୍‌କେ ଏବଂ ଅଲଟେଭୋଲ ଟେନିସ୍ ଏକାଡେମୀର ପ୍ରତିଷ୍ଠାତାଙ୍କୁ ଅଚ୍ୟୁତ ଧନ୍ୟବାଦ ଜଣାଇଥିଲେ।




ଟେନିସ ଏକାଡେମୀ ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

## ତିନି ବର୍ଗରେ ଦିଆଯିବ ତାଲିମ

"ଓଡ଼ିଶା ଏବଂ ଭାରତର ଅନ୍ୟ ରାଜ୍ୟରେ ବହୁ ପ୍ରତିଭାବାନ୍ ଖେଳାଳି ଅଛନ୍ତି। ଏହି ଏକାଡେମୀ ଓଡ଼ିଶାରେ ଟେନିସ୍ ଖେଳର ପ୍ରସାର ସହ ଆଗାମୀ ଦିନର ଗ୍ରାଣ୍ଡ ସ୍ଲାମ୍ ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ" ବୋଲି ଏକାଡେମୀ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୱାସ୍‌କେ ସୂଚନା ଦେଇଛନ୍ତି। ଏଠାରେ ଉପସ୍ଥିତ ଥିବା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ୍ କହିଲେ ଯେ, "ଆଲେକଜାଣ୍ଡର ୱାସ୍‌କେ-ଅଲ୍‌ଟେଭୋଲ ଟେନିସ୍ ଏକାଡେମୀ ଏବଂ କିଟ୍‌ର ମିଳିତ ସହଯୋଗରେ ଏହି ଏକାଡେମୀରେ ଟେନିସ୍ ଖେଳ ପ୍ରତି ଆଗ୍ରହ ଥିବା ପିଲାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିରେ କିଟ୍ ଓ କିସ୍ ସମେତ ଅନ୍ୟ ପିଲାମାନେ ମଧ୍ୟ ଟେନିସ୍ ପ୍ରଶିକ୍ଷଣ ନିମନ୍ତେ ଆବେଦନ କରି ନାମ ଲେଖାଇପାରିବେ। ଏହି ବିଶ୍ୱବିଦ୍ୟାଳୟରେ ରାଜ୍ୟ ତଥା ଦେଶ ବିଦେଶର ପିଲାମାନେ ପଢୁଥିବାରୁ ସେମାନଙ୍କ ପାଇଁ ଏହି ଏକାଡେମୀ ବିଶେଷ ସହାୟକ ହେବ। ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ଟ୍ରେନିଂ ବ୍ୟବସ୍ଥା ରହିବ। ପ୍ରଥମ ପର୍ଯ୍ୟାୟରେ ଟେନିସ୍ ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଇ ତାଲିମ ପ୍ରଦାନ କରାଯିବ, ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଟେନିସ୍ ଖେଳାଳିଙ୍କ ପାଇଁ ତାଲିମ୍ ବ୍ୟବସ୍ଥା ରହିବ ଏବଂ ତୃତୀୟ ପର୍ଯ୍ୟାୟରେ ଅଭିଜ୍ଞ ଟେନିସ୍ ଖେଳାଳିଙ୍କୁ ହାଇ-ପରଫର୍ମାନ୍ସ ତାଲିମ୍ ପ୍ରଦାନ କରାଯାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି ପାଇଁ ଉଦ୍ୟମ କରାଯିବ। ଏଠାରେ ତାଲିମ ପାଇଁ ଅନ୍ତର୍ଜାତୀୟସ୍ତରର ୧୫ଜଣ କୋଚ ଏବଂ ଫିଜିଓ ବ୍ୟବସ୍ଥା ରହିବ। ଏହା ବ୍ୟତୀତ ସମୟକୁ ସମୟ ୱାସ୍‌କେ ଓଡ଼ିଶା ଆସି ତାଲିମ ପ୍ରଦାନ କରିବେ। ଅନ୍ୟ ସମୟରେ ସେ ଭର୍ଚୁଆଲରେ ତାଲିମ୍ ପାଇଁ ଉପଲବ୍ଧ ରହିବେ। ଫଳରେ ଆଗାମୀ ଦିନରେ ଏକାଡେମୀରୁ ଅନ୍ତର୍ଜାତୀୟ ସ୍ତରର ଟେନିସ୍ ଖେଳାଳି ବାହାରିବେ ବୋଲି ଗଗନେନ୍ଦୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲଟେଭୋଲ୍ ଟେନିସ୍ ଏକାଡେମୀ ପ୍ରତିଷ୍ଠାତା ଚିରାଗ ପଟେଲ, ନିର୍ଦ୍ଦେଶକ ଶ୍ରୀମୟ ଭଟ୍ଟ ଏବଂ ପ୍ରକାଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖା ବନ୍ଦର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଭୁବନେଶ୍ୱର, ୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ବାଲେଶ୍ୱରର ବାଲିଆପାଳ ଶାରୀରିକ ଶିକ୍ଷା କଲେଜ (ବିପିଇ)ରେ ପ୍ରଥମ ସୁବର୍ଣ୍ଣରେଖା ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣରେଖା ପୋର୍ଟ ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ବାଲିଆପାଳର ୬ ଓ ବସ୍ତା ବ୍ଲକର ୪ଟି ଦଳ ସାମିଲ। ବାଲିଆପାଳର ଟିମ୍ ବଡାସ୍ ଓ ନିଖିରା ଏବଂ ବସ୍ତାର ନୋହାଞ୍ଜୋରା ଓ ଚାଷୀପଡ଼ା ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ବିଜୟୀ ହୋଇ ନିଖିରା ଓ ବଡାସ ଫାଇନାଲରେ ପ୍ରବେଶ କରିଥିଲେ। ଶେଷରେ ନିଖିରା ଦଳ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ଦାସ, ପଞ୍ଚାୟତ ସମିତି ସଦସ୍ୟା ଝୁନାରାଣୀ ପାତ୍ର, ବିପିଇର ଅଧ୍ୟକ୍ଷ ସୁଶାନ୍ତ ଦେ, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# କ୍ୱାର୍ଟର ଫାଇନାଲରେ କଳପଡ଼ା, ଘାଟିକିଆ

**ପୁରୁଣା ଭୁବନେଶ୍ୱର, ୧।୨ (ଡି.ଏନ.ଏ.):** ମା' ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ବୁଧବାର ୧୨ତମ ଜଗବନ୍ଧୁ ସ୍ୱାଇଁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚଟି ଖୋର୍ଦ୍ଧାର ପାନବରଜ ଏବଂ ଭୁବନେଶ୍ୱରର ଘାଟିକିଆ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାନବରଜ ଦଳ ୧୫ ଓଭରରେ ୫ ଉଇକେଟ ହରାଇ ୧୫୧ ରନ କରିଥିଲା। ଜବାବରେ ଘାଟିକିଆ ଦଳ ୧୪.୨ ଓଭରରେ ୬ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ କଟକର କଳପଡ଼ା ଓ ଭିଙ୍ଗାରପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା କଳପଡ଼ା ଦଳ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ କରିଥିଲା। ୧୮୪ ରନ ବିଜୟ ଲକ୍ଷ୍ୟରେ ଭିଙ୍ଗାରପୁର ଦଳ ୧୩ ଓଭରରେ ୮୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟ ହାସଲ କରିଥିବା କଳପଡ଼ା ଓ ଘାଟିକିଆ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବଡ଼ଗଡ଼ ଥାନା ଆଇଆଇସି ସ୍ମୃତି ରଞ୍ଜନ ନାୟକ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ କବିରାଜ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

CLASSIFIED DISPLAY ALL EDITION - BW (Everyday)
MORE SPACE • SAME PRICE
For Booking Contact: 0674-2580385

## ଜଗନ୍ନାଥ ଫାଇନାନ୍ସ

(ସରକାରୀ ପଞ୍ଜୀକୃତ)

କମ୍ପାନୀ ଦ୍ୱାରା ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍ଚର, ଏଜୁକେଶନ, ଆଧାର କାର୍ଡ, ହୋମ୍ ଲୋନ୍ 36 ଘଣ୍ଟାରେ, 2% ସୁଧ, 50% ରିହାତି। ଖରାପ ସିବିଲଧାରୀ ମଧ୍ୟ ଋଣ ପାଆନ୍ତୁ।

ଏଜେଣ୍ଟ ଆମନ୍ତ୍ରିତ

**7589086693**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମୁମ୍ବାଇର ବୋଲିଂ କୋଚ୍ ହେଲେ ଝୁଲଣ ଗୋସ୍ୱାମୀ

**ନୂଆଦିଲ୍ଲୀ,୧।୨(ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳର ପୂର୍ବତନ ଖେଳାଳି ଝୁଲଣ ଗୋସ୍ୱାମୀଙ୍କୁ ଆଗାମୀ ମହିଳା ଆଇପିଏଲ ବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ)ରେ ଏକ ନୂତନ ଭୂମିକାରେ ଦେଖିବାକୁ ମିଳିବ। ଡବ୍ଲୁପିଏଲର ପ୍ରଥମ ସଂସ୍କରଣ ପାଇଁ ବିଶ୍ୱର ସର୍ବାଧିକ ଉଇକେଟ ହାସଲକାରୀ ଝୁଲଣ ଗୋସ୍ୱାମୀଙ୍କୁ ବୋଲିଂ କୋଚ୍ ଭାବରେ ନିଯୁକ୍ତ କରିଛି ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜି। ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି ଏହା ପ୍ରକାଶ କରିଛନ୍ତି। ବିସିସିଆଇ ସଭାପତି ପଦରୁ ଓହରିବା ପରେ ଦିଲ୍ଲୀ କ୍ୟାପିଟାଲ୍ସର ଡିରେକ୍ଟର ଭାବରେ ଫେରିଛନ୍ତି ଗାଙ୍ଗୁଲି। କ୍ୟାପିଟାଲ୍ସ ଝୁଲଣଙ୍କୁ ସାଇନ୍ କରିବା ପାଇଁ ଆଗ୍ରହୀ ଥିଲା, ମାତ୍ର ଝୁଲଣ ମୁମ୍ବାଇରେ ଯୋଗ ଦେଉଥିବା କଥା ସ୍ପଷ୍ଟ କରିଛନ୍ତି ଗାଙ୍ଗୁଲି। ୪୦ ବର୍ଷୀୟା ଗୋସ୍ୱାମୀ ୨୦୨୨ରେ ଇଂଲଣ୍ଡ ଗସ୍ତ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ୩୫୫ ଅନ୍ତର୍ଜାତୀୟ ଉଇକେଟ ସହିତ ସେ ମହିଳା କ୍ରିକେଟରଙ୍କ ମଧ୍ୟରେ ସର୍ବାଧିକ ଉଇକେଟ ଅକ୍ତିଆର କରିଛନ୍ତି। ଏହା ପୂର୍ବରୁ ଭାରତୀୟ ଅଧିନାୟିକା ମିଥାଲି ରାଜ ଅହମ୍ମଦାବାଦ ଫ୍ରାଞ୍ଚାଇଜିର ମେଣ୍ଟର ଭାବରେ ଚୁକ୍ତି ସ୍ୱାକ୍ଷର କରିଥିଲେ।

# ଓଡ଼ିଶା ଆଥ୍‌ଲେଟିକ୍ସ ଦଳ ଘୋଷଣା



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ମନୋନୀତ ଓଡ଼ିଶା ଆଥଲେଟିକ୍ସ ଦଳ।

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି)

ମଧ୍ୟପ୍ରଦେଶର ବିଭିନ୍ନ ସହରରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୫ମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାର ଆଥ୍‌ଲେଟିକ୍ସ ଇଭେଣ୍ଟ ପାଇଁ ବୁଧବାର ଓଡ଼ିଶା ଆଥ୍‌ଲେଟିକ୍ସ ଦଳ ଘୋଷିତ ହୋଇଛି। ଆଥ୍‌ଲେଟିକ୍ସ ଇଭେଣ୍ଟ ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୫ ବାଳିକା ଓ ୧୧ ବାଳକ ଅଂଶଗ୍ରହଣ କରିବେ। ବାଳକ ବିଭାଗର ୧୦୦ ମିଟରରେ ଦଣ୍ଡପତି ମୃତ୍ତି ଜୟରାମ, ୧୧୦ ମିଟର ହର୍ଡଲ୍ସରେ ରାଜେନ୍ଦ୍ର ସିଧୁ ଓ ନୀତୀଶ କୁଲି, ଟ୍ରିପଲ ଜମ୍ପରେ ସ୍ୱାଗତ ବେହେରା, ୨୦୦ ମିଟରରେ ମହମ୍ମଦ ରେୟାଦ ବାସା ଓ ୮୦୦ ମିଟରରେ ପଙ୍କଜ ମଣ୍ଡଳ ଭାଗନେବେ। ସେହିପରି ବାଳିକା ୧୦୦ ମିଟର ହର୍ଡଲ୍ସ ଓ ଲଙ୍ଗଜମ୍ପରେ ସବିତା ଟପ୍ପୋ, ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା କିଷାନ, ଲଙ୍ଗଜମ୍ପରେ ଯମୁନା ଟୁଡୁ, ଜାଭେଲିନ ଥ୍ରୋରେ ଜ୍ୟୋତ୍ସ୍ନା ପ୍ରିୟଦର୍ଶିନୀ ସାହୁ ଓ ଟ୍ରିପଲ ଜମ୍ପରେ ମେରୀ ମୁକ୍ତା ସୋରେଙ୍ଗ ଅଂଶଗ୍ରହଣ କରିବେ।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୧୫ ପଦକ



ପଦକ ସହ କୃତୀ ପ୍ରତିଯୋଗୀମାନେ।

**ପୂର୍ବାଞ୍ଚଳ ଖେଲୋ ଇଣ୍ଡିଆ ମହିଳା ଲିଗ୍/ର୍‍ୟାଙ୍କିଙ୍ଗ୍ ଜୁଡୋ**

ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), ଜୁଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଓ ପଶ୍ଚିମବଙ୍ଗ ଜୁଡୋ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଲିକତାର ସାଇ ଆଇଟିସି ହଲ୍‌ରେ ଗତ ୨୭ରୁ ୩୧ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଖେଲୋ ଇଣ୍ଡିଆ ମହିଳା ଲିଗ୍/ର୍‍ୟାଙ୍କିଙ୍ଗ୍ ଜୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ମୋଟ ୩୩ ଜୁଡୋକା ଏବଂ ୪ ଅଫିସିଆଲ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ବର୍ଗରେ ୧୫ଟି ପଦକ ମିଳିଛି। ସବ୍‌ଜୁନିୟର ବର୍ଗରେ ଡଲି ହୋ' ରୌପ୍ୟ, ଅଞ୍ଜଳି ମାଝି, ଅନନ୍ୟା ବେହେରା ଓ ସରିତା ମଲିକ ବ୍ରୋଞ୍ଜ, କ୍ୟାଡେଟ୍ ବର୍ଗରେ ଜି.ବଂଶିକା ସ୍ୱର୍ଣ୍ଣ, ନମ୍ରତା ଦର୍ଜି ରୌପ୍ୟ ଏବଂ ସୋନିଆ ଗମାଙ୍ଗୋ, ରାଇମଣି ସୋରେନ, ଡୁଲି ମୁର୍ମୁ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଜୁନିୟର ବର୍ଗରେ ଜି. ବଂଶିକା ରୌପ୍ୟ, ସିନିୟର ବର୍ଗରେ ଅଞ୍ଜଳି ସାହୁ ଓ ସୁଚେତା ମୁଣ୍ଡା ରୌପ୍ୟ ଏବଂ ଅଶ୍ରହିଲ କିସପଟା, ଡୁଲି ମୁର୍ମୁ, ପୁନୁଗି ମୁର୍ମୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳ ସହିତ କୋଚ୍ ଭାବେ ବିଶ୍ୱଜିତ ମାହାରି, ଲୋପାମୁଦ୍ରା ପତି ଓ ମ୍ୟାନେଜର ଭାବେ ଦେବେନ ଜାନି, ଅଫିସିଆଲ ଭାବେ କନ୍ଦନ ମୁର୍ମୁ କଲିକତା ଯାତ୍ରା କରିଥିଲେ। ପଦକ ବିଜେତା ପ୍ରତିଯୋଗୀମାନେ ଖେଲୋ ଇଣ୍ଡିଆ ଜାତୀୟ ଜୁଡୋ ଟୁର୍ନାମେଣ୍ଟ ପାଇଁ ମନୋନୀତ ହୋଇଛନ୍ତି। କୃତୀ ଜୁଡୋକାଙ୍କୁ ଓଡ଼ିଶା ରାଜ୍ୟ ଜୁଡୋ ସଂଘ ମୁଖ୍ୟ କାର୍ଯ୍ୟନିର୍ବାହୀ ଗୀତାଞ୍ଜଳି ପଣ୍ଡା, ସାଧାରଣ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଓ ବୈଷୟିକ ସମ୍ପାଦକ କନ୍ଦନ ମୁର୍ମୁ ଅଭିନନ୍ଦନ ଜଣାଇଛନ୍ତି।


# Classified Everyday
0674-2580101, 2549949



AUTOMOBILE

**HIRE**

41 Seated White Tata Bus within 5years for monthly hire purpose, wanted immediately. Contact: 7077714312. D-2635



REAL ESTATE

**SALE**

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା-ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980. D-74187

ଭୁବନେଶ୍ୱର ହଂସପାଳଠାରୁ 9 K.M. ଭିଙ୍ଗାରପୁରଠାରେ Demarcated 30ft. road, ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ sqft.-700/- ପ୍ଲଟ୍ ବିକ୍ରି ହେଉଛି। 9437114429, 9090809945. D-74808

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/- ରେ ମିଳୁଛି। 9937391249, 6371915941. D-74195

Duplex sale at Bhubaneswar @ 45 Lakhs only- Contact: 9777433701. D-74199

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ 100 ଫୁଟ୍ ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। 9692848825. D-74804




Newly open health benefits SPA special Offer @ 999, Nayapalli. 7846814019. D-73679

Relax, Refresh your body, Mind at Saikrupa Spa with best therapies. 8984068077. D-2586

Newly open SPA positively health benefits with expert therapist. 7849011931. D-73677

Full body massage, refresh, relaxed by expert lady therapist. Contact: 8480939300. D-2644

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74633


## LEGAL NOTICE

**NOTICE U/O-5 RULE 20 OF CPC IN THE COURT OF ADDITIONAL SENIOR CIVIL JUDGE, DHENKANAL**

**CS No.28/14**

Himadree Kumar Mallik & other ... ... Plaintiffs

Vrs

Swarupananda Bihari & others ... ... Defendants

Take notice that the above plaintiffs have filed this above suit against Swarupananda Bihari and others in respect of the land situated at Vill.- Banamali Prasad, P.S. Sadar, Dist.- Dhenkanal under Khata No. 535 / 1845 and 535 / 1844 pertaining to Plot No. 2061 / 2200 / 3840 and 2061 / 2200 / 3840 / 4869 respectively to an extent of A0.08 dec. each for declaration of right, title and interest and mandatory injuction as well as permanent injuction. But despite repeated notice you Sri Amulyananda Bihari, S/o Late Nityananda Bihari and legal heirs (if any) of Late Sri Arupananda Bihari, S/o Late Nityananda Bihari of Gandhi Mandir Road, near Dhenkanal Tahasil Office, P.O./ Dist.- Dhenkanal are avoiding the summons, however it is invited that if anyone having their claim over the aforesaid plots may appear personally / through counsel positively on 28th of Feb., 2023 at 10.30 A.M. before the above court, failing which necessary order will be passed in your absence.

This notice is given under my seal and signature on this 24th day of January 2023.

**Sd./- COURT OF ADDITIONAL SENIOR CIVIL JUDGE, DHENKANAL**

D-74041

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଗୌରଚନ୍ଦ୍ର ପାଢ଼ୀ**

ତିରୋଧାନ: ୨୨।୦୧।୨୦୨୩

ଆପଣଙ୍କ ଆଦର୍ଶ, ସ୍ନେହ, ପରୋପକାରିତା ଏବଂ କାର୍ଯ୍ୟନିଷ୍ଠା ଆମ ପାଇଁ ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ**

ଧ-୨୬୫୦

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଉମା ପାଢ଼ୀ (ରୀନା)**

ଆବିର୍ଭାବ- ୦୮।୧୦।୧୯୭୮
ତିରୋଧାନ- ୧୪।୦୧।୨୦୨୩

ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ଅସମୟରେ ଆରପାରିକୁ ଚାଲିଗଲ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଏବଂ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହେଉ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ପୁତ୍ର- ପ୍ରାଚେତସ୍ ଓ ଭାର୍ଗବ, ସ୍ୱାମୀ, ଦେଢ଼ଶୁର, ଯାଆ, ନନା, ବୋଉ, ବୁବୁନା, ବୁବୁଲ୍, କାହ୍ନା, ରାଣୀ, ଅନ୍ୟାନ୍ୟ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

ଧ-୨୬୪୯


**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରେମରେ..ପ୍ରେମରେ


ଆଶୁତୋଷ-ପୂଜା

ଏକ ଭିନ୍ନଧରଣର ଟିନ୍ ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରେମ ଲେଖିଦେଲି ତୋ ନାଁରେ'। ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ଯୋଡ଼ି ସଚ୍ଚିକାନ୍ତ ଜେନା ଏବଂ ବିନ୍ନି ପଟ୍ଟନାୟକ ଏହାର ପ୍ରଯୋଜନା କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସତ୍ୟରଞ୍ଜନ ମିଶ୍ର। ଖାସ୍ କଥା ହେଲା, କିଛି ବର୍ଷର ଗ୍ୟାପ୍ ପରେ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'କାହାଣୀ ଅନୁସାରେ ଏଥିରେ ରୋମାଣ୍ଟିକ୍ ଗୀତ ପରିକଳ୍ପନା କରାଯାଇଛି। ତାହା କିପରି ଉଭୟ ଶ୍ରୋତା ଏବଂ ଦର୍ଶକଙ୍କୁ ପ୍ରଭାବିତ କରିପାରିବ ସେ ନେଇ ମ୍ୟୁଜିକ୍ କମ୍ପୋଜିଙ୍ଗ୍ ସମୟରେ ଯଥେଷ୍ଟ ଗୁରୁତ୍ୱ ଦେଇଛି।' ଏହି ଚଳଚ୍ଚିତ୍ରରୁ ନୂଆ ଯୋଡ଼ି ପ୍ରେମ୍-ସସ୍ମିତା ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏମାନଙ୍କ ବ୍ୟତୀତ ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଉକ୍ତ ସିନେମାରେ ପୂଜା, ଆଶୁତୋଷ, ରବି ମିଶ୍ର, ଦେବଦତ୍ତ ଏବଂ ତପସ୍ୱିନୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

# ଯଦି ଅଜୟ ରାଜି ହୋଇଥାଆନ୍ତେ...

ରାକେଶ ରୋଶନଙ୍କ ନିର୍ଦ୍ଦେଶିତ 'କରନ୍ ଅର୍ଜୁନ' ହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଶାହରୁଖ୍ ଖାଁ, ସଲମାନ ଖାଁ, କାଜୋଲ, ମମତା କୁଲକର୍ନି ଏବଂ ଅମରୀଶ ପୁରୀ ପ୍ରମୁଖ କଳାକାର ଅଭିନୟ କରିଥିଲେ। ହେଲେ ଏହି ଫିଲ୍ମରେ ଶାହରୁଖ୍‌ଙ୍କ ସହ ସେକେଣ୍ଡ ଲିଡ୍ ଲାଗି କାହାକୁ ସାଇନ୍ କରାଯିବ ସେନେଇ ରାକେଶ ବେଶ୍ ଚିନ୍ତା କରିଥିଲେ। ପ୍ରଥମେ ଏହି ଅଫର ଅଜୟ ଦେବଗନ୍‌ଙ୍କୁ ଦିଆଯାଇଥିଲା। ହେଲେ କେତେକ କାରଣରୁ ଅଜୟ ଏଥିରେ ଅଭିନୟ କରିପାରିବେ ନାହିଁ ବୋଲି ମନା କରିଦେଇଥିଲେ। ତା'ପରେ ସଲମାନଙ୍କ ସହ ଯୋଗାଯୋଗ କରିଥିଲେ ରାକେଶ। ଆଉ ସେ ଏଥିରେ ରାଜି ହୋଇଥିଲେ। ଯଦି ସେତେବେଳେ ଅଜୟ ରାଜି ହୋଇ ଥାଆନ୍ତେ, ତେବେ ହୁଏତ ଏହି ମାଇଲେଜ୍ ଅଜୟ ଦେବଗନ୍‌ଙ୍କୁ ଯାଇଥାଆନ୍ତା।


ରକୁଲ୍

# ରକୁଲ୍ ଯାହା ଖୋଜୁଥିଲେ..

ବର୍ତ୍ତମାନ ରକୁଲ୍ ପ୍ରୀତ ସିଂଙ୍କ ଖୁସି କହିଲେ ନ ସରେ। ପୁଣି ତା' ପଛରେ କାରଣଟା ମଧ୍ୟ ସେପରି ରହିଛି। କଥା କ'ଣ କି, ସେ ଅଭିନୟ କରିଥିବା 'ଛତ୍ରିୱାଲି' ଜାନୁୟାରୀ ୨୦ରେ ପରଦା ଉପରକୁ ଆସିଥିଲା। ପ୍ରଥମ ସପ୍ତାହରେ ହିଁ ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏଭଳି ସଫଳତା ବିଷୟରେ ରକୁଲ୍ କହନ୍ତି, 'ଏହି ଫିଲ୍ମର କାହାଣୀ ରୋମାଣ୍ଟିକ୍ କମେଡି ଉପରେ ଆଧାରିତ। ଏଥିରେ ମୋ ଭୂମିକାଟି ହେଲା 'ସାନ୍ୟା ଧିଙ୍ଗ୍ରା। ଯାହାହେଉ ଫିଲ୍ମଟି ହିଟ୍ ହେବା ପରେ ତାହା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ। ଏଣିକି କୌଣସି ସିନେମା ସାଇନ୍ କରିବା ପୂର୍ବରୁ ସତର୍କତା ଅବଲମ୍ବନ କରିବି।' 'ଛତ୍ରିୱାଲି' ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ତେଜସ୍ ଦେଓସ୍କର। ରକୁଲ୍‌ଙ୍କ ବ୍ୟତୀତ ଏହାର ବିଭିନ୍ନ ଭୂମିକାରେ ସୁମିତ୍ ବ୍ୟାସ, ସତୀଶ କୌଶିକ, ରାଜେଶ ତୈଲାଙ୍ଗ ଏବଂ ଡଲି ଆଲୁୱାଲିଆ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ରକୁଲ୍‌ଙ୍କ ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଗିଲି'ରୁ। ୨୦୧୩ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ତାଙ୍କର ଡେବ୍ୟୁ ହିନ୍ଦୀ ସିନେମା ଥିଲା 'ୟାରିୟାଁ'।



ସୁବାସ

# ଆରମ୍ଭରୁ ଚର୍ଚ୍ଚାରେ

ଜଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ସୁବାସ ବେହେରା। ଏଥର ଖଣ୍ଡଗିରି ଅପେରା ମେଳାରେ ପ୍ରାରମ୍ଭରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ସେ। ଅନ୍ୟତମ ଆଗଧାଡ଼ିର ଯାତ୍ରା ଅନୁଷ୍ଠାନ 'ଅପେରା ସୂର୍ଯ୍ୟମନ୍ଦିର' ପରିବେଷିତ ସୁପରହିଟ୍ ନାଟକ 'ଗୁମୁରି ଗୁମୁରି କାହାଣୀ କାନ୍ଦେ' ଏହି ମେଳାରେ ଦର୍ଶକଙ୍କୁ ଆକର୍ଷିତ କରିଛି। ନାଟକଟିକୁ ରଚନା କରିଛନ୍ତି ଗଣେଶ ରାଉତ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଗୁରୁ ପ୍ରସାଦ ମିଶ୍ର। ନିଗମ ମିଶ୍ରଙ୍କ ଚରିତ ଗୀତଗୁଡ଼ିକର ସ୍ୱର ଦେଇଛନ୍ତି ବିକାଶ ଶୁକ୍ଲା, ଯେଉଁଗୁଡ଼ିକ ଶ୍ରୁତିମଧୁର ହୋଇପାରିଛି। ସନାତନ ସେବା ସମିତି, ଖଣ୍ଡଗିରି ପେଣ୍ଡାଲରେ ଏହି ନାଟକ ଆରମ୍ଭରୁ ବାଜିମାତ୍ କରିଛି। ସୁବାସଙ୍କ ବ୍ୟତୀତ ଏହି ନାଟକରେ ନାୟିକା ଟିଙ୍କିନା, ଖଳନାୟକ ଶୁଭେନ୍ଦୁ, ହାସ୍ୟାଭିନେତା ବାପି-ଟୁକୁ ଏବଂ ଅନ୍ୟ କଳାକାରଙ୍କ ଅଭିନୟ ନାଟକଟିକୁ ସଫଳ କରିବାରେ ସାହାଯ୍ୟ କରିଛି। ଇଂ. ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଏହି ହାଇ-ବଜେଟ ପାର୍ଟିର ମୁଖ୍ୟ ପରିଚାଳକ ଦାୟିତ୍ୱ ତୁଲାଉଛନ୍ତି ସଞ୍ଜୟ କର (ଲୁଲୁବାବୁ)। ଏହି ପେଣ୍ଡାଲରେ ସୂର୍ଯ୍ୟମନ୍ଦିର ଜାନୁୟାରୀ ୩୦ରୁ ଚଳିତ ମାସ ୪ ତାରିଖ ପର୍ଯ୍ୟନ୍ତ ଅପେରା ପରିବେଷଣ କରିବ।

# ଝିଟିପିଟି ପାଇଁ..


ନୁସ୍‌ରତ

ଥରେ ନୁସ୍‌ରତ ଭରୁଚା ଏକ ଆଲବମ୍‌ର ଶୁଟିଂ କରୁଥାଆନ୍ତି। ଏହି ଗୀତଟି ପାଇଁ ଶଟ୍ ଦେବାକୁ ପ୍ରସ୍ତୁତ ହୋଇସାରିଥାଆନ୍ତି। ଏହି ସମୟରେ ତାଙ୍କ ସାମ୍ନାରେ ଏକ ଝିଟିପିଟି ପଡ଼ିଗଲା। ସେ ଏପରି ପାଟି କଲେ ଯେ ୟୁନିଟ୍‌ରେ ଉପସ୍ଥିତ ସମସ୍ୟ ସଦସ୍ୟ ଆସି ସେଠାରେ ହାଜର। ଏ ନେଇ ନୁସ୍‌ରତ କହନ୍ତି, 'ପିଲାଟି ଦିନରୁ ମୁଁ ଝିଟିପିଟି ଦେଖିଲେ ଡରେ। ସେଦିନ ମୁଁ ଶଟ୍ ପାଇଁ ପ୍ରସ୍ତୁତ ହୋଇସାରିଥିଲି। ହଠାତ୍ କୁଆଡୁ ଗୋଟିଏ ଝିଟିପିଟି ଆସି ମୋ ଆଗରେ ପଡ଼ିଗଲା। ତାକୁ ଦେଖି ମୁଁ ଜୋର୍‌ରେ ପାଟି କରିଥିଲି।' କିଛି ସମୟ ପରେ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲେ ନୁସରତ।

# ସାରା ଜୀବନ ମନେରହିବ

ସେତେବେଳେ କିଆରା ଆଡ୍‌ୱାନି କଲେଜରେ ପଢୁଥାଆନ୍ତି। ଏହି ସମୟରେ ଏକ ସ୍ମରଣୀୟ ଘଟଣା ଘଟିଥିଲା, ଯାହାକୁ ସେ ସାରାଜୀବନ ମନେରଖିବେ ବୋଲି କହନ୍ତି। ଏକଦା ଘରକୁ ଫେରୁଥିବା ସମୟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଯଦିଓ ସେ ଏଥିରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ, ହେଲେ ଏଭଳି ଘଟଣା ତାଙ୍କ ମନକୁ ବେଶ୍ କିଛି ମାସ ଧରି ଆନ୍ଦୋଳିତ କରିଥିଲା। ଏ ନେଇ କିଆରା କହନ୍ତି, 'ସେଦିନ ମୁଁ ବସ୍‌ରେ କଲେଜରୁ ଫେରୁଥାଏ। ହଠାତ୍, ସେହି ବସ୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ହେଲେ ସେଥିରେ କାହାର କିଛି କ୍ଷତି ହୋଇ ନ ଥିଲା। ଘଟଣାଟି ମୋତେ ଏତେ ପ୍ରଭାବିତ କରିଥିଲା ଯେ ସେଥିରୁ ମୁକୁଳିବାକୁ ମୋତେ କିଛି ମାସ ସମୟ ଲାଗିଥିଲା। ଏଭଳି କଥାକୁ ମୁଁ ସାରାଜୀବନ ମନେରଖିବି। ଅଭିନୟ ପୂର୍ବରୁ କିଆରା ଶିକ୍ଷାଦାନ ସହ ଜଡ଼ିତ ଥିଲେ। ବମ୍ବେସ୍ଥିତ ୟର୍ଲି ବାର୍ଡସ୍ ପ୍ଲେ ସ୍କୁଲ୍‌ରେ ତାଙ୍କ ମା' ଶିକ୍ଷୟିତ୍ରୀ ଭାବେ କାମ କରୁଥିଲେ। ସେଠାରେ କିଆରା କିଛିଦିନ ଶିକ୍ଷାଦାନ କରିବାର ସୁଯୋଗ ପାଇଥିଲେ। ମାସ୍ କମ୍ୟୁନିକେଶନରେ ସେ ଡିଗ୍ରୀ ହାସଲ କରିଛନ୍ତି।

# କିରିକ୍ ପାର୍ଟିରୁ ଆରମ୍ଭ

କଥାରେ ଅଛି, ତୁଳସୀ ଦୁଇପତ୍ରରୁ ବାସେ। ଠିକ୍ ସେହିପରି ଅଭିନୟ କ୍ଷେତ୍ରରେ ରଶ୍ମିକା ମାନ୍ଦାନା ପ୍ରାରମ୍ଭରୁ ହିଁ ନିଜ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। କନ୍ନଡ ଫିଲ୍ମ 'କିରିକ୍ ପାର୍ଟି'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ଏହାପୂର୍ବରୁ ସେ ମଡେଲିଂ ଏବଂ ବିଜ୍ଞାପନ ସହ ଜଡ଼ିତ ଥିଲେ। ଏକ ବିଜ୍ଞାପନରେ ରଶ୍ମିକାଙ୍କୁ ଦେଖିବା ପରେ ଏହି ଫିଲ୍ମର ପ୍ରଯୋଜକ ତାଙ୍କୁ ନାୟିକା ଭାବରେ ସୁଯୋଗ ଦେବାକୁ ସ୍ଥିର କରିଥିଲେ। ୨୦୧୮ରେ ତାଙ୍କୁ ତେଲୁଗୁ ଫିଲ୍ମ 'ଚଲୋ'ରେ ବ୍ରେକ୍ ମିଳିଥିଲା। ଉକ୍ତ ସିନେମାଟି ସୁପରହିଟ୍ ହେବା ସହ ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଥିଲା। ଠିକ୍ ସେହିବର୍ଷ ଆଉ ଏକ ତେଲୁଗୁ ସିନେମା 'ଗୀତ ଗୋବିନ୍ଦମ୍'ରେ ରଶ୍ମିକା ଅଭିନୟ କରିଥିଲେ। ଏହି ଫିଲ୍ମଟି ମଧ୍ୟ ବକ୍ସ ଅଫିସ୍‌ରେ ରେକର୍ଡ ସୃଷ୍ଟି କରିଥିଲା। ସେହି ବର୍ଷ ଅନ୍ୟ ଏକ ତେଲୁଗୁ ଫିଲ୍ମ 'ଚମକ୍' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ରଶ୍ମିକାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୨୨ରେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଗୁଡ୍‌ବାୟ'। ଚଳିତ ବର୍ଷ ଅଗଷ୍ଟ ୧୧ରେ ରିଲିଜ୍ ହେବାକୁ ଯାଉଥିବା ହିନ୍ଦୀ ଫିଲ୍ମ 'ଆନିମଲ'ରେ ସେ ରଣବୀର କପୁରଙ୍କ ନାୟିକା ସାଜିଛନ୍ତି।


କିଆରା


ରଶ୍ମିକା

# ସତ ହେଲା ସ୍ୱପ୍ନ

ଭାଇ-ଭଉଣୀର ସମ୍ପର୍କ ପବିତ୍ର। ଆଉ ସେହି ପବିତ୍ର ସମ୍ପର୍କର ନିଦର୍ଶନ ହେଉଛି ରାଖୀ। ସେଇଥିପାଇଁ ରାଖୀ ପୂର୍ଣ୍ଣିମା ଦିନ ନିଜର ସୁରକ୍ଷା ପାଇଁ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ଏଭଳି ଏକ ସତ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଏମ୍‌ଭି-୭୯ : ସପନ କୁଣ୍ଟୁ'। ମାଲକାନଗିରିର ଏକ ଗାଁର କ୍ରମିକ ନମ୍ବର ହେଉଛି ୭୯। ସେଠାରେ ଘଟିଥିବା ଏକ ଘଟଣାକୁ ନେଇ କାହାଣୀ ରଚନା କରାଯାଇଛି। ଏ.କେ. ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ଫିଲ୍ମରେ ଭାଇ ଭୂମିକାରେ ବିଶ୍ୱରୂପ ଅଭିନୟ କରିବେ। ସଂଳାପ ଜିତେନ୍ଦ୍ର ବରାଳ ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ସରୋଜକାନ୍ତ। ବିଶ୍ୱରୂପଙ୍କ ପ୍ରଥମ ଓଡ଼ିଆ ସିନେମାର ନିର୍ଦ୍ଦେଶନା ମଧ୍ୟ ସରୋଜକାନ୍ତ ଦେଇଥିଲେ।

# କେବଳ ସସ୍‌ପେନ୍ସ

'ଦମନ'ର ଆଶାତୀତ ସଫଳତା ପରେ ବାବୁସାନ ପୁଣିଥରେ କ୍ୟାମେରା ସାମ୍ନାକୁ ଓହ୍ଲାଇଛନ୍ତି। ବର୍ତ୍ତମାନ ସେ ପଣ୍ଡିଚେରୀରେ ଅଛନ୍ତି। ତାଙ୍କ ସହ ଅଛନ୍ତି ଚୁଲବୁଲି ନାୟିକା ଶିବାନୀ। ସେଠାରେ କେତୋଟି ଗୀତର ଶୁଟିଂ ଚାଲିଛି। ହେଲେ ଏହି ଗୀତ ଓଡ଼ିଆ ସିନେମାର ନା ମ୍ୟୁଜିକ ଆଲବମ୍‌ର ତାହା ଉପରେ ସସ୍‌ପେନ୍ସ ଲାଗି ରହିଛି। ଆମର ମ୍ୟୁଜିକ୍ ବ୍ୟାନରରେ ଏହାର ଶୁଟିଂ ଚାଲିଛି ଏବଂ ଠିକ୍ ସମୟରେ ଏ ବିଷୟରେ ସୂଚନା ଦିଆଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଏହା ପ୍ୟାନ୍ ଇଣ୍ଡିଆରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି। ଏହି ଗୀତର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଏବଂ କଣ୍ଠଦାନ କରିଛନ୍ତି ନିଜେ ବାବୁସାନ୍। ତେବେ ଏହି ସସ୍‌ପେନ୍ସ ପଛରେ କ'ଣ ରହିଛି ଦେଖିବାକୁ ବାକି ରହିଲା।


ଶିବାନୀ-ବାବୁସାନ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବ୍ରୁୟାରୀ ୨/୨୦୨୩ Bhubaneswar, Thursday, February 2/ 2023

# ଟି୨୦ ସିରିଜ୍ ଜିତିଲା ଭାରତ

**ଅହମଦାବାଦ,୧।୨**

ଶୁବମନ ଗିଲ୍‌ଙ୍କ ଅପରାଜିତ ୧୨୬ ରନ୍ ବଳରେ ଭାରତ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଅନ୍ତିମ ଟି୨୦ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୬୮ ରନରେ ପରାସ୍ତ କରିଛି। ରନ୍ ଦୃଷ୍ଟିରୁ ଟି୨୦ରେ ଭାରତର ଏହା ସର୍ବବୃହତ୍ ବିଜୟ। ଫଳରେ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଥିବା ଭାରତ ଏହି ବିଜୟ ସହ ଟି୨୦ ସିରିଜ୍‌କୁ ମଧ୍ୟ ୨-୧ରେ ଜିତିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୩୪ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୨.୧ ଓଭରରେ ୬୬ ରନକରି ଅଲଆଉଟ ହୋଇଥିଲା। କ୍ୟାରିୟରର ପ୍ରଥମ ଟି୨୦ ଶତକ ହାସଲ କରିଥିବା ଗିଲ୍ ୬୩ ବଲ୍ ଖେଳି ୧୨ ଚୌକା ଓ ୭ ଛକା ମାରି ଶେଷ ଯାଏ ଅପରାଜିତ ରହିଥିଲେ। ଗିଲ୍‌ଙ୍କ ବ୍ୟତୀତ ରାହୁଲ ତ୍ରିପାଠୀ ୪୪, ହାର୍ଦ୍ଦିକ ପାଣ୍ଡ୍ୟା ୩୦ ଓ ସୂର୍ଯ୍ୟକୁମାର ଯାଦବ ୨୪ ରନ୍ କରିଥିଲେ। ଏହି ମ୍ୟାଚରେ ୟୁଜବେନ୍ଦ୍ର ଚହଲଙ୍କ ସ୍ଥାନରେ ଉମ୍ରାନ୍ ମଲିକ୍ ଦଳକୁ ଫେରିଥିବା ବେଳେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଓପନର ଇଶାନ କିଶନ(୧) ଦଳୀୟ ସ୍କୋର ୭ ଥିବାବେଳେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରାହୁଲ ତ୍ରିପାଠୀ ଆକ୍ରମଣାତ୍ମକ ବ୍ୟାଟିଂ କରି ଦ୍ରୁତ ଇନିଂସ ଖେଳିଥିଲେ। ୨୨ ବଲର ତ୍ରିପାଠୀଙ୍କ ଇନିଂସରେ ୪ ଚୌକା ଓ ୩ ଛକା ସାମିଲ ଥିଲା। ଗିଲ୍‌ଙ୍କ ସହିତ ୮୦ ରନ୍ ଯୋଗ କରିବା ପରେ ତ୍ରିପାଠୀ ପ୍ୟାଭିଲିୟନ ଫେରିଥିଲେ। ଆରମ୍ଭରୁ ଗିଲ୍ ସାମାନ୍ୟ ଧିମା ବ୍ୟାଟିଂ କରିଥିଲେ। ତ୍ରିପାଠୀ ଏବଂ ସୂର୍ଯ୍ୟକୁମାର ଆକ୍ରମଣ କରିଥିବା ବେଳେ ଗିଲ୍ ଇନିଂସ ସମ୍ଭାଳିଥିଲେ। ତେବେ ସୂର୍ଯ୍ୟକୁମାର ଯାଦବ ୧୩ ବଲରୁ ୨୪ ରନ୍ କରି ଆଉଟ ହେବା ପରେ ଗିୟର ବଦଳାଇଥିଲେ ଗିଲ୍। ପ୍ରଥମ ୫୦ ରନ୍ ପାଇଁ ୩୫ ବଲ୍ ଖେଳିଥିବା ଗିଲ୍ ଦ୍ୱିତୀୟ ୫୦ ରନ୍ ପାଇଁ ମାତ୍ର ୧୯ ବଲ୍ ନେଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ସହିତ ସେ ୩୮ ରନ୍ ଯୋଡିଥିବା ବେଳେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୩୦)ଙ୍କ ସହିତ ଯୋଡିଥିଲେ ୧୦୩ ରନ୍। ମିଚେଲ ସାଣ୍ଟନର ଏବଂ ଅନ୍ତିମ ଓଭର ବୋଲିଂ କରିଥିବା ଡାରିଲ ମିଚେଲଙ୍କୁ ବାଦ୍ ଦେଲେ ନ୍ୟୁଜିଲାଣ୍ଡର ସମସ୍ତ ବୋଲରଙ୍କ ଇକୋନୋମି ୧୦ ଉପରେ ରହିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମାଇକେଲ ବ୍ରେସୱେଲ, ବ୍ଲେୟାର ଟିକ୍‌ନର, ଇସ୍ ସୋଧି ଓ ଡାରିଲ ମିଚେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବା ପରେ ହାର୍ଦ୍ଦିକ ପାଣ୍ଡ୍ୟା।


ଶତକ ହାସଲ ପରେ ଶୁବମନ ଗିଲ୍।

୨୩୫ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ଚାପରେ ରହିଥିଲା। ପ୍ରଥମ ଓଭରର ୫ମ ବଲରେ ୩ ରନ୍ କରି ଫିନ୍ ଆଲେନ୍ ଆଉଟ ହୋଇଥିଲେ। ପରବର୍ତ୍ତୀ ଓଭରରେ ଅର୍ଶଦୀପ ସିଂ ଦୁଇଟି ଉଇକେଟ ନେଇ ନ୍ୟୁଜିଲାଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ତୃତୀୟ ଓଭରରେ ପାଣ୍ଡ୍ୟା ନ୍ୟୁଜିଲାଣ୍ଡ ଉଇକେଟକିପର ଗ୍ଲେନ୍ ଫିଲିପ୍ସଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଓଭରରେ ମାଇକେଲ ବ୍ରେସୱେଲଙ୍କୁ ବୋଲ୍ଡ କରିଥିଲେ ଉମ୍ରାନ୍ ମଲିକ୍। ପାୱାର ପ୍ଲେ ଓଭର ଶେଷ ହେବା ସୁଦ୍ଧା ନ୍ୟୁଜିଲାଣ୍ଡ ୩୦ ରନରେ ୫ ଟପ୍ ଅର୍ଡର ବ୍ୟାଟରଙ୍କୁ ହରାଇ ସାରିଥିଲା। ଡାରିଲ ମିଚେଲ ସର୍ବାଧିକ ୩୫ ରନ୍ କରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୪ଟି ଏବଂ ଅର୍ଶଦୀପ, ଉମ୍ରାନ ମଲିକ ଓ ଶିବମ ମାଭି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡର ୯ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୩୪/୪ (ଶୁବମନ ଗିଲ୍-୧୨୬*, ରାହୁଲ ତ୍ରିପାଠୀ-୪୪, ହାର୍ଦ୍ଦିକ ପାଣ୍ଡ୍ୟା-୩୦, ଡାରିଲ ମିଚେଲ-୧/୬, ମାଇକେଲ ବ୍ରେସ୍‌ୱେଲ-୧/୮, ଇଶ ସୋଧି-୧/୩୪)। ନ୍ୟୁଜିଲାଣ୍ଡ ୧୨.୧ ଓଭରରେ ୬୬/ଅଲଆଉଟ (ଡାରିଲ୍ ମିଚେଲ୍-୩୫, ହାର୍ଦ୍ଦିକ ପାଣ୍ଡ୍ୟା-୪/୧୬, ଅର୍ଶଦୀପ ସିଂ-୨/୧୬, ଶିବମ ମାଭି-୨/୧୨, ଉମ୍ରାନ ମଲିକ୍-୨/୯)।

## ଟି୨୦ରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର

୧୨୬*: ଶୁବମନ ଗିଲ ବନାମ ନ୍ୟୁଜିଲାଣ୍ଡ, ଅହମଦାବାଦ, ୨୦୨୩
୧୨୨*: ବିରାଟ କୋହଲି ବନାମ ଆଫଗାନିସ୍ତାନ, ଦୁବାଇ, ୨୦୨୨
୧୧୮: ରୋହିତ ଶର୍ମା ବନାମ ଶ୍ରୀଲଙ୍କା, ଇନ୍ଦୋର, ୨୦୧୭

## ସବୁ ଫର୍ମାଟରେ ଗିଲ୍‌ଙ୍କ ଶତକ

ଅହମଦାବାଦରେ ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଭାରତର ଶୁବମନ ଗିଲ୍ ୧୨୬ ରନକରି ଅପରାଜିତ ରହିଛନ୍ତି। ଏଥିସହ ୫ମ ଭାରତୀୟ ଭାବେ ସେ ସବୁ ଫର୍ମାଟରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ସୁରେଶ ରାଇନା, ରୋହିତ ଶର୍ମା, ଲୋକେଶ ରାହୁଲ ଓ ବିରାଟ କୋହଲି ଏହି କ୍ଲବର ସଦସ୍ୟ ଥିଲେ।

## କ୍ରୀଡ଼ା ପାଇଁ ୭୦୦ କୋଟିର ଅତିରିକ୍ତ ବଜେଟ

**ନୂଆଦିଲ୍ଲୀ,୧।୨(ପି.ଟି.)**

ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ବଜେଟ ଉପସ୍ଥାପନ କରାଯାଇଛି। ଏହି ବଜେଟରେ କ୍ରୀଡା ପାଇଁ ଅତିରିକ୍ତ ୭୨୩.୯୭ କୋଟି ଟଙ୍କା ଘୋଷଣା କରାଯାଇଛି। ଚଳିତ ବର୍ଷ ଭାରତୀୟ କ୍ରୀଡାବିତ୍ ମାନେ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବେ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ମଧ୍ୟ ପ୍ରସ୍ତୁତି କରିବେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୨୩ କୋଟି ଟଙ୍କାର ଅତିରିକ୍ତ ଅର୍ଥ ଘୋଷଣା କରାଯାଇଛି। ବୁଧବାର କ୍ରୀଡା ପାଇଁ ୩୩୯୭.୩୨ କୋଟି ଟଙ୍କାର ବ୍ୟୟ ଅଟକଳ ଘୋଷଣା କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ କ୍ରୀଡା ପାଇଁ ୩୦୬୨.୬୦ କୋଟି ଟଙ୍କାର ବଜେଟ ରଖାଯାଇଥିବା ବେଳେ ଏଥିମଧ୍ୟରୁ ୨୬୭୩.୬୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୨୨-୨୩ରେ ଏସିଆନ୍ ଗେମ୍ସ ଅନୁଷ୍ଠିତ ହୋଇ ନ ଥିବା ବେଳେ ଚଳିତ ବର୍ଷ ହାଙ୍ଗଝୋଉରେ ଏହା ଅନୁଷ୍ଠିତ ହେବ। ସେହିପରି ବଜେଟରେ ଖେଲୋ ଇଣ୍ଡିଆକୁ ମଧ୍ୟ ପ୍ରାଧାନ୍ୟ ମିଳିଛି। ଜାତୀୟ ସ୍ତରରେ କ୍ରୀଡାକୁ ପ୍ରାଧାନ୍ୟ ଦେବା ପାଇଁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ଲାଗି ୪୩୯ କୋଟି ଟଙ୍କା ଅଧିକ ବ୍ୟବସ୍ଥା ରଖାଯାଇଛି। ବିଗତ ଆର୍ଥିକ ବର୍ଷରେ ୬୦୬ କୋଟି ଟଙ୍କା ବଜେଟ ରହିଥିବା ବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୧୦୪୫ କୋଟି ଟଙ୍କାରେ ପହଞ୍ଚିଛି। ଅଲିମ୍ପିକ୍ସ, ଏସିଆନ ଗେମ୍ସ ଓ ରାଜ୍ୟ ଗୋଷ୍ଠୀ କ୍ରୀଡା ପାଇଁ ପ୍ରତିଭା ସୃଷ୍ଟି କରିବାରେ ଏହି ଟୁର୍ନାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଆଥ୍‌ଲେଟମାନଙ୍କ ପାଇଁ ଜାତୀୟ କ୍ୟାମ୍ପ ଆୟୋଜନ କରୁଥିବା ଜାତୀୟ କ୍ରୀଡା ପ୍ରାଧିକରଣ(ସାଇ) ଲାଗି ବଜେଟରେ ପୂର୍ବବର୍ଷ ଅପେକ୍ଷା ୩୬.୦୯ କୋଟି ଟଙ୍କାର ଅଧିକ ବ୍ୟବସ୍ଥା କରାଯାଇଛି। ଗତ ବର୍ଷ ୭୪୯.୪୩ କୋଟି ଟଙ୍କାର ଘୋଷଣା କରାଯାଇଥିବା ବେଳେ ଚଳିତ ବର୍ଷ ୭୮୫.୫୨ କୋଟି ଟଙ୍କାର ଘୋଷଣା କରାଯାଇଛି। ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ ପାଇଁ ପୂର୍ବବର୍ଷ ୨୮୦ କୋଟି ଟଙ୍କାର ବ୍ୟବସ୍ଥା ରହିଥିବା ବେଳେ ଚଳିତ ବର୍ଷ ଏହାକୁ ୩୨୫ କୋଟି ଟଙ୍କାକୁ ବଢାଇ ଦିଆଯାଇଛି। ପୂର୍ବରୁ ସାଇ ନିକଟରୁ ଅର୍ଥ ଗ୍ରହଣ କରୁଥିବା ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ଏଣିକି କ୍ରୀଡା ମନ୍ତ୍ରଣାଳୟରୁ ସିଧାସଳଖ ଅର୍ଥ ଗ୍ରହଣ କରିବ। ପ୍ରଥମ ଥର ନାଡା ପାଇଁ ୨୧.୭୩ କୋଟି ଓ ଏନ୍‌ଡିଟିଏଲ୍ ଲାଗି ୧୯.୫୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ସମଗ୍ର ବିଶ୍ୱରେ ସ୍ପୋର୍ଟ୍ସ ସାଇନ୍ସର ଚାହିଦା ବଢୁଥିବା ବେଳେ ନ୍ୟାଶନାଲ ସେଣ୍ଟର ଅଫ୍ ସ୍ପୋର୍ଟ୍ସ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପାଇଁ ୧୩ କୋଟି ଟଙ୍କା ଘୋଷଣା କରାଯାଇଛି।




# ବର୍ତ୍ତିଗଲେ ଓଡ଼ିଶାର ସ୍ନୋ ଗର୍ଲ ରଞ୍ଜିତା

**ଗୁଲମାର୍ଗରେ ସ୍କିୟରଙ୍କ ଅଭ୍ୟାସ ସମୟରେ ହିମସ୍ଖଳନ**


ରଞ୍ଜିତା ବେହେରା

**ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଏକମାତ୍ର ସ୍ନୋ ଗର୍ଲ ଭାବେ ବିଶେଷ ପରିଚିତ ରଞ୍ଜିତା ବେହେରା ଏକ ଭୟଙ୍କର ବିପଦରୁ ଅଳ୍ପକେ ରକ୍ଷା ପାଇଛନ୍ତି। ବୁଧବାର ଅପରାହ୍ଣରେ ସେ ଜମ୍ମୁ-କଶ୍ମୀର ଗୁଲ୍‌ମାର୍ଗର ବରଫାବୃତ୍ତ ଆଫରୱତ୍ ଅଞ୍ଚଳରେ ଥିବା ସ୍କି ଗଡ଼ାଣିରେ ହଠାତ୍ ହିମସ୍ଖଳନ ବା ଆଭାଲାଞ୍ଚ୍ ଆସିବାରୁ ସେଠାରେ ଅଭ୍ୟାସରତ ଦୁଇ ପୋଲାଣ୍ଡ ଅଧିବାସୀ ମୃତ୍ୟୁବରଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଅନେକ ସ୍କିୟର ନିଖୋଜ ଅଛନ୍ତି। ସେଠାରେ ଅଭ୍ୟାସ କରୁଥିବା ଓଡ଼ିଶାର ରଞ୍ଜିତା ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଆଶ୍ଚର୍ଯ୍ୟଜନକଭାବେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ହିମସ୍ଖଳନକୁ ଅତି ନିକଟରୁ ଦେଖିବା ପରେ ସେ ଧୈର୍ଯ୍ୟହରା ନ ହୋଇ ନିଜ ବେଗକୁ ବଢ଼ାଇବା ସହିତ ବାମ ପାର୍ଶ୍ୱକୁ ଚାଲି ଯିବାରୁ ନିଜକୁ ବଞ୍ଚାଇ ପାରିଛନ୍ତି। ବାରମୂଳା ପୋଲିସ ଓ ସ୍ଥଳସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଛି। ଆକାଶ ମାର୍ଗରୁ ନିରୀକ୍ଷଣ କରାଯାଇ ନିଖୋଜଙ୍କୁ ଉଦ୍ଧାର କରାଯାଉଛି।

## 'ପୁନର୍ଜନ୍ମ ପାଇଲି'

ଆକସ୍ମିକ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ରଞ୍ଜିତା ବାକ୍‌ଶୂନ୍ୟ ହୋଇ ପଡ଼ିଛନ୍ତି। ''ମୁଁ ପୂର୍ବରୁ କେବଳ ଶୁଣିଥିଲି। ପୂର୍ବରୁ କେବେହେଲେ ଏଭଳି ଶବ୍ଦ ଶୁଣି ନ ଥିଲି କିମ୍ବା ନିକଟରୁ ଭୟଙ୍କର ହିମସ୍ଖଳନ ଦେଖି ନ ଥିଲି। ପାଗ ଟିକେ ଖରାପ ଥିଲା। ତଥାପି ଆମେ ବରଫ ଖସଡ଼ାରେ ଅଭ୍ୟାସ କରୁଥିଲୁ। ହଠାତ୍ କୁହୁଡ଼ି ଭଳି ଘୋଟିଗଲା। ଆଉ କିଛି ଦେଖାଗଲାନି। ତା' ପରେ ପରେ ଭୟଙ୍କର ଶବ୍ଦକରି ମାଡ଼ି ଆସିଲା। କିଛି ଦୂରରେ ଅଭ୍ୟାସ କରୁଥିବା ପୋଲାଣ୍ଡର ଦୁଇ ଅଧିବାସୀ ମୋ ଆଖି ସାମ୍ନାରେ ମୃତ୍ୟୁବରଣ କଲେ। ମୁଁ ବହୁତ ଭୟଭୀତ ହୋଇଗଲି। ହଠାତ କ'ଣ କରିବି ମୁଣ୍ଡରେ ପଶିଲାନି। ବେଗକୁ ବଢ଼ାଇ ବାମପଟକୁ ଚାଲିଗଲି। ମୋଠାରୁ କିଛି ଦୂରରେ ହିମସ୍ଖଳନର ସ୍ରୋତ ଚାଲିଗଲା। ଅନେକ ସ୍କିୟର ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଭଲପାଇବା ଯୋଗୁ ମୁଁ ଭୟାନକ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି'' ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି।

# ବିଶ୍ୱକପ୍ ବିଜୟୀ ଦଳକୁ ତେନ୍ଦୁଲକରଙ୍କ ସମ୍ବର୍ଦ୍ଧନା

**ଅହମଦାବାଦ,୧।୨(ପି.ଟି.)**

ବିଶ୍ୱକପ୍ ବିଜୟୀ ୧୯ ବର୍ଷରୁ କମ୍ ମହିଳା ଦଳକୁ ସମ୍ବର୍ଦ୍ଧିତ କରିଛନ୍ତି ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ଭାରତ-ନ୍ୟୁଜିଲାଣ୍ଡ ଅନ୍ତିମ ଟି୨୦ ମ୍ୟାଚ ପୂର୍ବରୁ ତେନ୍ଦୁଲକର ମହିଳା କ୍ରିକେଟରଙ୍କୁ ସମ୍ମାନିତ କରିଥିଲେ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଶେଫାଳି ବର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଭାରତୀୟ ଦଳର ଏହି ସଫଳତା ଅନେକ ବାଳିକା ଓ ମହିଳାଙ୍କୁ ନିଜର ସ୍ୱପ୍ନ ପୂରଣର ରାସ୍ତା ଦେଖାଇବ ବୋଲି କହିଛନ୍ତି ତେନ୍ଦୁଲକର। ଭାରତୀୟ ଦଳର ଏହି ସଫଳତା ପାଇଁ ମୁଁ ଦଳକୁ ଶୁଭେଚ୍ଛା ଜଣାଇବାକୁ ଚାହୁଁଛି। ମୋର କ୍ରିକେଟର ସ୍ୱପ୍ନ ୧୯୮୩ ବିଶ୍ୱକପ୍ ବିଜୟ ପରଠାରୁ ଆରମ୍ଭ ହୋଇଥିଲା। ଏହି ବିଶ୍ୱକପ୍ ବିଜୟ ସେମିତି ଲକ୍ଷ ଲକ୍ଷ ନୂତନ ସ୍ୱପ୍ନକୁ ଜନ୍ମ ଦେବ ବୋଲି କହିଛନ୍ତି ତେନ୍ଦୁଲକର। କେବଳ କ୍ରୀଡା ନୁହେଁ ବରଂ ବାସ୍ତବ ଜୀବନରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ସୁଯୋଗ ମିଳିବା ଉଚିତ। ଆଗାମୀ ଦିନରେ ଓମେନ୍ସ ପ୍ରିମିୟର ଲିଗ୍ ମହିଳା କ୍ରିକେଟକୁ ଏକ ନୂତନ ସୋପାନରେ ପହଞ୍ଚାଇବାରେ ସମର୍ଥ ହେବ ବୋଲି ସେ କହିଛନ୍ତି। ମହିଳା କ୍ରିକେଟର ବିକାଶ ପାଇଁ ବିସିସିଆଇ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଆଗାମୀ ଦିନରେ ମହିଳା କ୍ରିକେଟ ଆହୁରି ଉନ୍ନତି କରିବ ବୋଲି ସେ କହିଥିଲେ।



ବିଶ୍ୱକପ୍ ବିଜୟୀ ୧୯ ବର୍ଷରୁ କମ୍ ମହିଳା ଟି୨୦ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।





ମୁଁ ତିଳୋତ୍ତମା ଦେବୀ, ବୟସ 30 ବର୍ଷ, ଜିଲ୍ଲା ନାଳନ୍ଦା (ବିହାର)ର ବାସିନ୍ଦା । ବିଗତ ଅନେକ ଦିନ ଧରି ମୁଁ ଦୁର୍ବଳତା, ଥକ୍କାପଣ, ଚିଡ଼ିଚିଡ଼ାପଣ, କଠିନ ଯନ୍ତ୍ରଣା ଭଳି ସମସ୍ୟା କାରଣରୁ ବ୍ୟଥିତ ଥିଲି । ଦିନକୁ ଦିନ ମୋ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ବିଷୟରେ ଜାଣିବାକୁ ପାଇଲି। ତବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ 'ସଚ୍ଚୀ-ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି । ମାତ୍ର 1 ମାସର ବ୍ୟବହାର ଦ୍ୱାରା ହିଁ ମୋର ସମସ୍ତ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା । 'ସଚ୍ଚୀ ସହେଲୀ' ଉପରେ ମୁଁ ସମ୍ପୂର୍ଣ୍ଣ ଭରସା କରୁଛି ।


ମୋର ନାମ ମୀନାକ୍ଷୀ ମିଲିନ୍ଦୱାଲକେ, ବୟସ 52 ବର୍ଷ, ଜିଲ୍ଲା: ଚନ୍ଦ୍ରପୁର (ମହାରାଷ୍ଟ୍ର)ର ବାସିନ୍ଦା । ମୁଁ କିଛି ଦିନ ଧରି ଦୁର୍ବଳତା, ଥକ୍କାପଣ, ଅଣ୍ଟାବ୍ୟଥା ଓ ମାନସିକ ଚାପ କାରଣରୁ ଚିନ୍ତିତ ଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ରହୁଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ବିଷୟରେ ଜାଣିବାକୁ ପାଇଲି । ଯାହାର ନିର୍ଦ୍ଦେଶ ଅନୁସାରେ ସବୁଦିନ ବ୍ୟବହାର କରିବା ଦ୍ୱାରା ମୋତେ ଥକ୍କାପଣ, ଦୁର୍ବଳତା, ମାନସିକ ଚାପ ଓ ଅଣ୍ଟାବ୍ୟଥା ଭଳି ସମସ୍ୟାରୁ ଅନେକ ମାତ୍ରାରେ ଉପଶମ ମିଳିଲା ଓ ମୋର ଇମ୍ୟୁନିଟି ମଧ୍ୟ ବଢ଼ିଗଲା । ଏହାଦ୍ୱାରା ମୋତେ ନୂଆ ସ୍ଫୂର୍ତ୍ତିର ଅନୁଭୂତି ମିଳିଲା । ମୁଁ 'ସଚ୍ଚୀ ସହେଲୀ' ନିକଟରେ ଅତ୍ୟନ୍ତ କୃତଜ୍ଞ ।


ମୁଁ ଉଷା, ବୟସ 33 ବର୍ଷ, ଜିଲ୍ଲା ଯୋଧପୁର (ରାଜସ୍ଥାନ)ର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ ରକ୍ତହୀନତା, ଅଣ୍ଟାବ୍ୟଥା, ଚିଡ଼ିଚିଡ଼ାପଣ ଭଳି ସମସ୍ୟାରେ ଘେରି ହୋଇ ରହିଥିଲି । ସମୟ ସହିତ ମୋର ଅବସ୍ଥା ଆହୁରି ଖରାପ ହେବାକୁ ଲାଗିଥିଲା । ଦିନେ ମୁଁ ଏକ ଖବରକାଗଜରେ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକର ବିଜ୍ଞାପନ ଦେଖିଲି । ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମୁଁ 'ସଚ୍ଚୀ ସହେଲୀ' ଟନିକ 6 ମାସ ପାଇଁ ସେବନ କଲି । ଅଳ୍ପ କିଛି ଦିନ ପରେ ମୋର ଅଣ୍ଟାବ୍ୟଥା, ରକ୍ତହୀନତା ଓ ଚିଡ଼ିଚିଡ଼ାପଣ ଭଳି ସମସ୍ୟାରୁ ବହୁତ ଉପଶମ ମିଳିଲା ଓ ମୋ ଚେହେରାରେ କାନ୍ତି ମଧ୍ୟ ଦିଶିବାକୁ ଲାଗିଲା ।


ମୁଁ କୃଷ୍ଣା ଦେବୀ, ବୟସ 26 ବର୍ଷ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ କାମ କରୁଥିଲି । ଅନେକ ଦିନ ଧରି ମୋର ଅଣ୍ଟା ବ୍ୟଥା, କ୍ଳାନ୍ତି ଭଳି ସମସ୍ୟା ରହୁଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଏବଂ ଟାବ୍‌ଲେଟ୍ ବିଷୟରେ ଜାଣିବାକୁ ପାଇଲି । ଯାହାର ପ୍ରଦତ୍ତ ନିର୍ଦ୍ଦେଶ ଅନୁସାରେ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଏବଂ କ୍ୟାପ୍‌ସୁଲର ଏକ ମାସର ବ୍ୟବହାର ଦ୍ୱାରା ହିଁ ମୋର ଅଣ୍ଟାବ୍ୟଥା, କ୍ଳାନ୍ତି ଭଳି ସମସ୍ୟାରୁ ମୋତେ ବହୁତ ଉପଶମ ମିଳିଲା । ଅଳ୍ପ କିଛିଦିନରେ ହିଁ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲି । ଏବେ ମୋଠାରେ କିଛି ସମସ୍ୟା ନାହିଁ । ମୁଁ 'ସଚ୍ଚୀ ସହେଲୀ'କୁ ଧନ୍ୟବାଦ ଜଣାଉଛି ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ